ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୩/୨୦୨୪ (୧୮ ପୃଷ୍ଠା) | Bhubaneswar, Tuesday, February 13/2024 | Page 18 | ₹ 7.00 | SAMBALPUR
୫୦ଶ ଭାଗ ୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 81 | ମୂଲ୍ୟ₹୭/-










**ଆଜିର ସମ୍ପାଦକୀୟ** ଅଙ୍ଗଦାନ



# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୩/୨୦୨୪ | Bhubaneswar, Tuesday, February 13/2024 | ₹ 7.00





ଭୁବନେଶ୍ୱରସ୍ଥିତ ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟି ପରିସରରେ ଆୟୋଜିତ ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି।

# ‘ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛି ଯୁବଶକ୍ତି’

**ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)**

ସାମର୍ଥ୍ୟବାନ୍ ଯୁବଶକ୍ତି ବିକଶିତ ଭାରତର ସଂକଳ୍ପକୁ ସଶକ୍ତ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ଭୁବନେଶ୍ୱରରେ ଦ୍ୱାଦଶ ପର୍ଯ୍ୟାୟ ରାଷ୍ଟ୍ରୀୟ ରୋଜଗାର ମେଳାର ଶୁଭାରମ୍ଭ କରିବା ଅବସରରେ ଧର୍ମେନ୍ଦ୍ର ୩୮୪ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବିତରଣ କରି କହିଛନ୍ତି, କଠିନ ପରିଶ୍ରମ ପରେ ସଫଳତା ପାଇଥିବା କର୍ମଯୋଗୀ ବନ୍ଧୁମାନଙ୍କୁ ଶୁଭେଚ୍ଛା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରେରଣା ଓ ମାର୍ଗଦର୍ଶନରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ରୋଜଗାର ମେଳା ଯୁବତୀ, ଯୁବକମାନଙ୍କୁ ସଶକ୍ତୀକରଣ ଏବଂ ବିକଶିତ ଭାରତରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବା ପାଇଁ ସୁଯୋଗ ଦେଉଛି। ନିଯୁକ୍ତି ପାଇଥିବା ଯୁବଶକ୍ତିଙ୍କ ପରିଶ୍ରମ ହିଁ ଦେଶକୁ ବିକଶିତ କରିବ। ଏହି ଗୁରୁ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିବା ପାଇଁ ନିଯୁକ୍ତି ପାଇଥିବା ପ୍ରାର୍ଥୀଙ୍କୁ ଧର୍ମେନ୍ଦ୍ର ପରାମର୍ଶ ଦେବା ସହ ଧନ୍ୟବାଦ ଜଣାଇଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ମଜଭୁତ ସ୍ଥିତିରେ ପହଞ୍ଚିଛି। ଦେଶ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତି ରାଷ୍ଟ୍ରରେ ପରିଣତ ହୋଇଥିବା ବେଳେ ଆଗାମୀ ୩ ବର୍ଷ ମଧ୍ୟରେ ୩ ନମ୍ବର ଅର୍ଥନୀତି ହେବ। ବର୍ତ୍ତମାନ ସମୟରେ ସ୍କିଲିଂ, ରି-ସ୍କିଲିଂ ଓ ଅପ୍-ସ୍କିଲିଂ ନିତିଦିନିଆ କାର୍ଯ୍ୟରେ ପରିଣତ ହେଲାଣି। ସମୟ ସହ ନୂଆ ନୂଆ ଟେକ୍ନୋଲୋଜି ଆସୁଛି। ☞ପୃଷ୍ଠା-୧୧

# ଗମନାଗମନ ଅସୁବିଧା ଦୂର କରିଛି ‘ଲକ୍ଷ୍ମୀ’

## ଆଉ ୫ ଜିଲାରେ ଗଡ଼ିଲା ଲକ୍ଷ୍ମୀ ବସ୍



**■ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**
**■ ଫେବୃଆରୀ ଶେଷ ସୁଦ୍ଧା ସବୁ ଜିଲାରେ ଚାଲିବ**

**ଭୁବନେଶ୍ୱର,୧୨।୨(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବଲାଙ୍ଗୀର, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ୫ ଜିଲାର ୧୩୪୦ଟି ପଞ୍ଚାୟତରେ ୩୦୧ଟି ବସ୍ ଚାଲିଲା। ଏହାଦ୍ୱାରା ୮୩ ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ବଲାଙ୍ଗୀରର ୩୧୩ଟି ପଞ୍ଚାୟତରେ ୪୪ଟି ବସ୍ ଦ୍ୱାରା୧୬.୫୦ ଲକ୍ଷ, ବରଗଡ଼ର ୨୪୩ ପଞ୍ଚାୟତରେ ୬୦ଟି ବସ୍ ଦ୍ୱାରା ୧୪ ଲକ୍ଷ ୨୨ ହଜାର ଲୋକ, କେନ୍ଦୁଝରର ୧୫୮ପଞ୍ଚାୟତରେ ୨୫ଟି ବସ୍ ଦ୍ୱାରା ୧୦ ଲକ୍ଷ ୮୦ହଜାର ଲୋକ ଉପକୃତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲାର ୩୮୬ ପଞ୍ଚାୟତରେ ୧୦୭ ବସ୍ ଦ୍ୱାରା ୨୪ ଲକ୍ଷ ୨୦ ହଜାର ଏବଂ ସୁନ୍ଦରଗଡ଼ର ୨୪୦ଟି ପଞ୍ଚାୟତରେ ୬୫ ବସ୍ ଚାଲିବା ଦ୍ୱାରା ୧୭ ଲକ୍ଷ ୨୦ ହଜାର ଲୋକ ଉପକୃତ ହେବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡ଼ିଶା ସରକାର ଯୋଜନା କରନ୍ତି। ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି। ଗାଁର ଅର୍ଥନୀତିକୁ ମଜଭୁତ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଯୋଜନାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି।

ଗ୍ରାମାଞ୍ଚଳରେ ଗମନାଗମନର ବହୁ ସମସ୍ୟା ରହିଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ ଏ ବିଷୟରେ ଜାଣି ନିଷ୍ପତ୍ତିକ୍ରମେ ଏହି ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରାଯାଇଛି। ଗ୍ରାମାଞ୍ଚଳ ଲୋକମାନେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ତାଙ୍କର ଦୈନନ୍ଦିନ କାର୍ଯ୍ୟ ପାଇଁ ଘର ପାଖରୁ ଏହି ବସ୍‌କୁ ବ୍ୟବହାର କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବଲାଙ୍ଗୀରଠାରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ସୁନ୍ଦରଗଡରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ମୟୂରଭଞ୍ଜଠାରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତି ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳ ପରିବାରର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କରି ମୁଖ୍ୟମନ୍ତ୍ରୀ ଏହି ଲକ୍ଷ୍ମୀ ଯୋଜନା ଆରମ୍ଭ କରିଛନ୍ତି। ଗ୍ରାମାଞ୍ଚଳରେ ଭଲ ସଡ଼କ ନିର୍ମାଣ ହୋଇଛି। ଲକ୍ଷ୍ମୀ ବସ୍ ଦ୍ୱାରା ଗ୍ରାମାଞ୍ଚଳବାସୀଙ୍କର ଯାହା ଅଭାବ ଥିଲା ତାହା ପୂରଣ ହୋଇପାରିଛି ବୋଲି ମନ୍ତ୍ରୀମାନେ କହିଛନ୍ତି। କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ☞ପୃଷ୍ଠା-୧୧




DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୩/୨୦୨୪ | Bhubaneswar, Tuesday, February 13/2024 | ପୃଷ୍ଠା-୧



## ଦଶରଥଙ୍କ ଭୂମିକାରେ ନଜର ଆସିବେ ଅମିତାଭ

ନୀତୀଶ ତିୱାରୀଙ୍କ 'ରାମାୟଣ'ରେ ଅମିତାଭ ବଚ୍ଚନ ରାଜା ଦଶରଥଙ୍କ ଭୂମିକାରେ ଅଭିନୟ କରିପାରନ୍ତି। ଏନେଇ ବିଗ୍ ବି'ଙ୍କୁ ଆପ୍ରୋଚ କରାଯାଇଛି।

୧୨

୧୩

## ଗୁ ବିଙ୍ଗଫେଙ୍ଗଙ୍କ ଡବଲ୍ ଗୋଲ୍

ଗୁ ବିଙ୍ଗଫେଙ୍ଗଙ୍କ ଡବଲ୍ ଗୋଲ ବଳରେ ଚାଇନା ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକିରେ ଭାରତକୁ ପରାସ୍ତ କରିଛି।







ମଙ୍ଗଳବାର କୃଷକଙ୍କ 'ଦିଲ୍ଲୀ ଚଲୋ' ଅଭିଯାନ ପୂର୍ବରୁ ସିଂଘୁ ସୀମାରେ ପୋଲିସ ପକ୍ଷରୁ ରାସ୍ତା ଅବରୋଧ କରାଯାଉଛି।

# ୮ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କଲା କାତାର

**ଗୁପ୍ତଚାରୀ ଅଭିଯୋଗରେ କାତାର ଦ୍ୱାରା ଫାଶୀ ଦଣ୍ଡରେ ଦଣ୍ଡିତ ହୋଇଥିବା ଭାରତର ୮ ଜଣ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କରାଯାଇଛି। ୧୬ ମାସ ଧରି ସେଠାକାର ଜେଲ୍‌ରେ ଥିବା ଏହି ଅଧିକାରୀମାନଙ୍କୁ ମୁକ୍ତ କରିବା ପାଇଁ ଭାରତ ପକ୍ଷରୁ ଚାଲିଥିବା ପ୍ରୟାସ ସଫଳ ହୋଇଛି। ଏହାକୁ ଭାରତର ବଡ଼ କୂଟନୈତିକ ବିଜୟ ବୋଲି କୁହାଯାଉଛି।**

## ଭାରତର ବଡ଼ କୂଟନୈତିକ ବିଜୟ

ନୂଆଦିଲ୍ଲୀ,୧୨।୨

୨୦୨୨ ଅକ୍ଟୋବରରୁ ଗିରଫ ହୋଇ କାତାରରେ ବନ୍ଦୀ ଥିବା ଭାରତୀୟ ନୌସେନାର ୮ ଜଣ ପୂର୍ବତନ ଅଧିକାରୀଙ୍କୁ ମୁକ୍ତ କରିଦିଆଯାଇଛି। ସାମୁଦ୍ରିକ କାର୍ଯ୍ୟକ୍ରମରେ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଥିବା ଅଭିଯୋଗରେ କାତାରର ଏକ ଅଦାଲତ ସେମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ମୁକ୍ତ ହେବା ପରେ ସେମାନଙ୍କ ମଧ୍ୟରୁ ୭ ଜଣ ରବିବାର ରାତି ୨ଟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ ଜେଲରୁ ମୁକ୍ତ ହୋଇଥିଲେ ମଧ୍ୟ ଏବେ ଦୋହାରେ ଅଛନ୍ତି। କାଗଜପତ୍ର କାମ ସରିବା ପରେ ସେ ଖୁବ୍‌ଶୀଘ୍ର ଫେରିବେ ବୋଲି ଜଣାପଡ଼ିଛି। ମୃତ୍ୟୁଦଣ୍ଡ ପାଇଥିବା ନୌସେନା ଭେଟେରାନମାନଙ୍କୁ ଫେରାଇଆଣିବା ଭାରତ ପାଇଁ ଏକ ବଡ଼ କୂଟନୈତିକ ବିଜୟ। କୋର୍ଟ ବାହାରେ ମାମଲାର ସମାଧାନ ହୋଇଯାଇଛି। ଏହାର ସମସ୍ତ ଶ୍ରେୟ ଭାରତୀୟ କୂଟନୈତିକ ମିଶନ ଏବଂ ସରକାରଙ୍କୁ ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ କାତାର ଅମିରଙ୍କ ସହ କଥା ହୋଇଥିଲେ, ଯାହା କି କାମ ଦେଇଛି ବୋଲି ଏକ ସୂତ୍ରରୁ କୁହାଯାଇଛି। କାତାର ଜେଲରୁ ସେମାନଙ୍କୁ ମୁକ୍ତ କରାଇବା ଲାଗି ଦିଲ୍ଲୀର ଉଦ୍ୟମକୁ ନିଜେ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ତଦାରଖ କରୁଥିଲେ। ସେମାନେ ମୁକ୍ତ ହେବା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱର ପ୍ରମାଣ ଏବଂ ଭାରତ-କାତାର ସମ୍ପର୍କର ଶକ୍ତିକୁ ପ୍ରତିଫଳନ କରୁଛି ବୋଲି ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା କହିଛନ୍ତି।

### ୧୪ରେ କାତାର ଯିବେ ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ଦୁଇଦିନିଆ ୟୁଏଇ ଗସ୍ତ ଶେଷ କରି ଆସନ୍ତା ୧୪ ତାରିଖ ଅପରାହ୍ନରେ କାତାର ଯିବେ ବୋଲି କ୍ୱାତ୍ରା ସୂଚନା ଦେଇଛନ୍ତି। ବୁଧବାର ଆବୁଧାବୀରେ ପ୍ରଧାନମନ୍ତ୍ରୀ ପ୍ରଥମ ହିନ୍ଦୁ ମନ୍ଦିର ଉଦ୍‌ଘାଟନ କରିବେ। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ମଜଭୁତ କରିବା ପ୍ରଧାନମନ୍ତ୍ରୀଙ୍କ କାତାର ଗସ୍ତର ଲକ୍ଷ୍ୟ। ସେଠାରେ ସେ କାତାର ଅମିର ଶେଖ୍ ତମିମ ବିନ୍ ହମାଦ ଏବଂ ସେଠାର ଉଚ୍ଚ ପଦାଧିକାରୀମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ☞ପୃଷ୍ଠା-୧୧

# ଦେବାଶିଷ, ସୁଭାଶିଷ ବିଜେଡିର ରାଜ୍ୟ ସଭା ପ୍ରାର୍ଥୀ

## ତୃତୀୟ ଆସନ ନେଇ ଚର୍ଚ୍ଚା ବଢ଼ିଲା

ଭୁବନେଶ୍ୱର,୧୨।୨(ସୁନିତ୍ ମିଶ୍ର)

ଓଡ଼ିଶାର ୩ ରାଜ୍ୟ ସଭା ସାଂସଦ ଅମର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ ତାରିଖରେ ଶେଷ ହେଉଛି। ଏହି ୩ ଆସନ ଲାଗି ଆସନ୍ତା ୨୭ ତାରିଖରେ ନିର୍ବାଚନ ହେବ ବୋଲି ଗତ ୮ ତାରିଖରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ତେବେ ଏହି ୩ ଆସନ ଭିତରୁ ୨ଟି ଆସନ ଲାଗି ବିଜେଡି ପକ୍ଷରୁ ସୋମବାର ପ୍ରାର୍ଥୀ ଘୋଷଣା କରାଯାଇଛି। କଟକର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଏବଂ ପୁରୀର ଯୁବ ନେତା ଶୁଭାଶିଷ ଖୁଣ୍ଟିଆଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଦଳୀୟ ବିଜ୍ଞପ୍ତି ଜାରି କରିଛନ୍ତି। ରାଜ୍ୟ ସଭା ନିର୍ବାଚନ ଲାଗି ଆସନ୍ତା ୧୫ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଛି। ଯଦି ୩ରୁ ଅଧିକ ପ୍ରାର୍ଥୀ ରୁହନ୍ତି ତେବେ ଆସନ୍ତା ୨୭ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ☞ପୃଷ୍ଠା-୧୧



ଦେବାଶିଷ ସାମନ୍ତରାୟ



ଶୁଭାଶିଷ ଖୁଣ୍ଟିଆ

# ବ୍ୟାଗ୍‌କୁ ବିରୋଧ, ବ୍ୟାଗ୍ ଦେଲେ

## ରାଶନ ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ଫୁଲବାଣୀ ସହର ମାଷ୍ଟ୍ରପଡ଼ାଠାରେ ଏକ ରାଶନ ଦୋକାନରେ ୫-ଟି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ବ୍ୟାଗ୍ ବଣ୍ଟନକୁ ଭାଜପା କର୍ମୀ ବିରୋଧ କରିବାର ଦୃଶ୍ୟ ରବିବାର ଦେଖିବାକୁ ମିଳିଥିଲା। ଏହାର ଦିନକ ପରେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ସମସ୍ତ ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା ଲେଖାଏ ସହାୟତା ରାଶି ଏବଂ ୨ଟି ୧୦ ଓ ୨୦ କେଜିଆ ଝୋଟ ବ୍ୟାଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବଜାରରେ ଦରଦାମ୍ ବୃଦ୍ଧି ସମୟରେ ☞ପୃଷ୍ଠା-୧୧

### କ୍ୟାବିନେଟ ନିଷ୍ପତ୍ତି

- ଏମ୍ଏମ୍‌କେୱାଇରେ ଖର୍ଚ୍ଚ ହେବ ୪୪୮ କୋଟି
- ଉପକୃତ ହେବେ ୧୧ ହଜାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ
- ୨୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

## ବେକାରିଙ୍କ ପାଇଁ 'ସ୍ୱୟମ'

ଭୁବନେଶ୍ୱର,୧୨।୨(ଅନିଲ ଦାସ)

ବେକାରି ଯୁବତୀଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ରାଜ୍ୟ ସରକାର ନୂତନ ଯୋଜନା 'ସ୍ୱତନ୍ତ୍ର ଯୁବ ଉଦ୍ୟମୀ (ସ୍ୱୟମ)' ଆରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବାସ କରୁଥିବା ବେକାରି ☞ପୃଷ୍ଠା-୧୧

इंजीनियर्स इंडिया लिमिटेड (भारत सरकार का उपक्रम) | EIL | ENGINEERS INDIA LIMITED (A Govt. of India Undertaking)

**ଭୁବନେଶ୍ୱର, ଓଡ଼ିଶାଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ ପାଇଁ ଘରୋଇ ପ୍ରତିଯୋଗିତାମୂଳକ ବିଡିଂ**

ଇଆଇଏଲ୍, ଭାରତ ସରକାର (ଗ୍ରାହକ)ଙ୍କ ମାଲିକାନାଧୀନ ଏକ ଅଗ୍ରଣୀ ବିତ୍ତୀୟ ନିୟାମକ ସରକାରୀ ନିକାଶ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ଇ-ବିଡ୍ ଆହ୍ୱାନ କରାଯାଉଛି:

| ବର୍ଣ୍ଣନା | ୱେବ୍‌ସାଇଟ୍‌ରେ ବିଡିଂ ଦସ୍ତାବିଜ | ବିଡ୍ ଧାର୍ଯ୍ୟ ତାରିଖ ଏବଂ ସମୟ |
| --- | --- | --- |
| କାର୍ଯ୍ୟର ନାମ: ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଏବଂ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ କମ୍ପ୍ଲେକ୍ସ ପାଇଁ ଏମ୍ଇପି ଏବଂ ଆଇବିଏମ୍ଏସ୍ କାର୍ଯ୍ୟ ବିଡିଂ ଦସ୍ତାବିଜ ନଂ.: ଆର୍‌ସି/ବି୫୭୧-୦୦୧-ପିକେ-ଟି-୦୦୨୦/୧୦୦୫ | ତା୧୩।୦୨।୨୦୨୪ରିଖରୁ ତା୦୪।୦୩।୨୦୨୪ରିଖ। | ତା୦୪।୦୩।୨୦୨୪ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ |

ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ସମେତ ଅଣ-ପ୍ରଘଟନ ରାଜିନାମା (ଏନ୍‌ଡିଏ) ଇ-ଟେଣ୍ଡର ସାଇଟ୍ http://eprocure.gov.in/eprocure/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ। ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ବିଡରମାନେ ଏନ୍‌ଡିଏକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ସମସ୍ତ ସଂଶୋଧନ, ସମୟ ବିସ୍ତାରଣ, ସ୍ପଷ୍ଟୀକରଣ ଇତ୍ୟାଦି କେବଳ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ ଏବଂ ତାହାକୁ ଖବରକାଗଜରେ ପ୍ରକାଶନ କରାଯିବ ନାହିଁ। ସଦ୍ୟତମ ସୂଚନା ପାଇବା ପାଇଁ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ।

ଏସ୍‌ଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

କଂଗ୍ରେସରୁ ଅଶୋକ ଚଭନଙ୍କ ଇସ୍ତଫା: ପୃଷ୍ଠା-୧୨

# ଜାହାଜ ମୁକୁଳାଇବା ପାଇଁ ୧୧୦ କୋଟି ଟଙ୍କା ସର୍ତ୍ତ

### ୨୨୦ କୋଟି ଟଙ୍କାର କୋକେନ ଜବତ ଘଟଣା

କୁଜଙ୍ଗ,୧୨।୨ (ମନୋଜ ପ୍ରଧାନ)

ପାରାଦୀପ ବନ୍ଦର ପିଆଇସିଟି ବର୍ଥରେ ଲାଗିଥିବା ଏମ୍‌ଭି ଦେବୀ ନାମକ ଜାହାଜରୁ ୨୦୨୩ ନଭେମ୍ବର ୩୦ରେ ୨୨୦ କୋଟି ଟଙ୍କାର କୋକେନ ଜବତ ହୋଇଥିଲା। ଏନେଇ ଜାହାଜକୁ ଜବତ କରିବା ପାଇଁ କଷ୍ଟମ୍ସ ବିଭାଗ କୁଜଙ୍ଗ କୋର୍ଟରେ ଆବେଦନ କରାଯାଇଥିଲା। ତାହାକୁ ଖାରଜ କରିବା ପାଇଁ ଜାହାଜ ମାଲିକଙ୍କ କମ୍ପାନୀ ଏସିଆ ପାଶିଫିକ୍ ଶିପିଂର ୨ ଜଣ ଭିଏତ୍‌ନାମ ପ୍ରତିନିଧି ଡିସେମ୍ବର ୨୭ରେ କୁଜଙ୍ଗ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ପହଞ୍ଚି ଆବେଦନ କରିଥିଲେ। ସୋମବାର କୋର୍ଟ ଏହି ମାମଲାର ଶୁଣାଣି କରି ୧୦କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ସହ ୧୦୦ କୋଟି ଟଙ୍କାର ଇଣ୍ଡିମିଣ୍ଟି ବଣ୍ଡ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଶିଫିକ୍ ଶିପିଂ ଲିମିଟେଡ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ ମକଦ୍ଦମା ପରିଚାଳନା କରୁଥିବା ବେଳେ ଆଇନଜିବୀ ଆଶୁତୋଷ ମହାନ୍ତି, ସୌମ୍ୟଜିତ ବିଶ୍ୱାଳ ଓ ଯୁବ ଆଇନଜୀବୀ ବିକାଶ ନାଥ ସହାୟତା କରିଥିଲେ।

ସୂଚନାଯୋଗ୍ୟ, ଉକ୍ତ କୋକେନ ଘଟଣାରେ କଷ୍ଟମ୍ସ ବିଭାଗ ଏପର୍ଯ୍ୟନ୍ତ କୌଣସି ନାବିକଙ୍କୁ ଗିରଫ କରିନାହିଁ। ତେବେ ୨୮ ଜଣ ଭିଏତ୍‌ନାମ ନାଗରିକଙ୍କୁ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ୨୧ ଜଣ ନାବିକ ରହିଛନ୍ତି। ଏଥିସହ ଜାହାଜ ଅଟକ ରଖି ମାମଲା ( ନଂ.୨୬/୨୩) ରୁଜୁ କରିଛି। ପ୍ରାୟ ୨ ମାସ ହେଲା ଏନେଇ ତଦନ୍ତ ଜାରି ରହିଛି।

# ମୁଖାଗ୍ନି ପୂର୍ବରୁ ଜୁଇରେ ଆଖି ଖୋଲିଲେ ମହିଳା

## ପକ୍ଷାଘାତ ସ୍ତ୍ରୀଙ୍କୁ ବଞ୍ଚାଇବାକୁ ସ୍ୱାମୀଙ୍କ ନିବେଦନ

ବ୍ରହ୍ମପୁର,୧୨।୨(ତନୁଶ୍ରୀ ନାହାକ/ସ୍ମୃତି ରଞ୍ଜନ ମହାଲିକ)

କଥାରେ ଅଛି, ଦଣ୍ଡେ ନିମିଷେ ଥିଲେ ପ୍ରାଣ, ନେଇ ନ ପାରେ ଜମ୍ବୁରାଣ। ଠିକ୍ ଏମିତି ଏକ ସତ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ବ୍ରହ୍ମପୁରରେ। ଜୁଇରେ ନିଆଁ ଲାଗିବା ପୂର୍ବରୁ ମୃତ ମହିଳା ଜୀବିତ ହୋଇଛନ୍ତି। ବ୍ରହ୍ମପୁର ମହାନଗରର ୨୫ ନଂ. ୱାର୍ଡସ୍ଥିତ ବିଜିପୁର ଶ୍ମଶାନରେ ସୋମବାର ଏଭଳି ଅବିଶ୍ୱସନୀୟ ଘଟଣା ଘଟିଛି। ଜୁଇରୁ ମହିଳାଙ୍କୁ ଘରକୁ ନିଆଯାଇଛି। ସେ ପକ୍ଷାଘାତରେ ପୀଡ଼ିତ ଥିବାରୁ ତାଙ୍କୁ ବଞ୍ଚାଇ ଦେବାକୁ ଆର୍ଥିକ ଅନଟନରେ ଦିନ କାଟୁଥିବା ସ୍ୱାମୀ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ବ୍ରହ୍ମପୁର ମହାନଗରର ୨୮ନଂ ୱାର୍ଡସ୍ଥିତ ଗୁଡସରୋଡ ତ୍ରିନାଥ ମନ୍ଦିର ସାହିର ଶିବରାମ ପାଳ(୫୪) ଓ ସ୍ତ୍ରୀ ବୁଚି ଆମ୍ମା(୫୦) ରୁହନ୍ତି। ସେମାନଙ୍କର କୌଣସି ସନ୍ତାନ ନାହାନ୍ତି। ବୁଚି ଆମ୍ମା ୭ ବର୍ଷ ହେଲା ପକ୍ଷାଘାତରେ ପୀଡ଼ିତ। ଶିବରାମ ବ୍ରହ୍ମପୁର ରେଳ ଷ୍ଟେଶନରେ ଏକ ଜଳଖିଆ ଦୋକାନରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ସେଠାରୁ ମିଳୁଥିବା ପ୍ରାପ୍ୟ ସ୍ତ୍ରୀଙ୍କ ଚିକିତ୍ସା ବାବଦରେ ଖର୍ଚ୍ଚ ହୋଇଯାଏ। ଗତ ୧ ତାରିଖ ସନ୍ଧ୍ୟାରେ ବୁଚି ଆମ୍ମା ବହୁ କଷ୍ଟରେ ଉଠି ରୋଷେଇ ଘରକୁ ଚା' କରିବାକୁ ଯାଇଥିବା ବେଳେ କୌଣସି ପ୍ରକାରେ ଗ୍ୟାସ୍‌ରୁ ନିଆଁ ଲାଗି ପୋଡି ହୋଇ ଯାଇଥିଲେ। ପଡୋଶୀମାନେ ତାଙ୍କ ପାଟି ଶୁଣି ଶିବରାମଙ୍କୁ ଖବର ଦେଇଥିଲେ। ପରେ ବୁଚି ଆମ୍ମାଙ୍କୁ ଏମ୍‌କେସିଜି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରିବା ସହ ଇଞ୍ଜେକସନ ଦେଇଥିଲେ। ସାଲାଇନ ଲଗାଇବା ନିମନ୍ତେ ଶିରାପ୍ରଶିରା ଜଣା ନ ପଡ଼ିବାରୁ ଡାକ୍ତର ତାଙ୍କୁ ଘରକୁ ନେଇଯିବା ପାଇଁ କହିଥିଲେ। ତେଣୁ ଶିବରାମ ସ୍ତ୍ରୀଙ୍କୁ ଧରି ଘରକୁ ଆଣି ତାଙ୍କର ସମସ୍ତ ସେବା ଶୁଶ୍ରୂଷା କରୁଥିଲେ। ସୋମବାର ଭୋର ପ୍ରାୟ ସାଢ଼େ ୫ଟାରେ ☞ପୃଷ୍ଠା-୧୧

HONDA





Up to ₹82 000# Benefit on Honda Amaze | Up to ₹1 00 000# Benefit on Honda City e:HEV | Elevate now Available in CSD | Up to ₹88 600# Benefit on Honda City | Best Exchange Value of your existing car

Models available through GeM & CSD. T&C Apply. For more information contact your nearest Honda dealership today.

Honda SENSING INTELLIGENT ADAS TECHNOLOGY | 10 YEAR ANYTIME WARRANTY | Standard Warranty: 3 Year / UNLIMITED Kilometres | Extended Warranty: 4th & 5th Year / UNLIMITED Kilometres | Service Interval: 1 Year / 10 000 Kilometres (whichever is earlier) | Honda Auto Terrace CAR EXCHANGE | Honda ProCARE CUSTOMER SERVICE | 8 YEAR WARRANTY LITHIUM ION BATTERY | Scan now to Book or Buy Honda From Home

#Terms and conditions applicable. Benefits available for limited period on select model and in select cities. Stock without benefits is also available. Images and depictions shown above are computer generated/enhanced for illustrative and representational purpose only. Actual colour, feature and any other specification as shown may not be part of standard fitment and may differ from actual product. Appearance of black shade on glass of vehicle is due to lighting effect. All colours, features and specifications are grade specific and subject to change without prior notice. ¢Standard warranty on lithium-ion battery is 8 years/ 1 60 000 kms (whichever is earlier from the date of first sale of new car). Ω10 year Anytime Warranty is extendable up to the maximum age of 10 years/ 1 20 000 kilometers by renewing every year and is applicable from the date of purchase of car. *Honda SENSING is Honda's exclusive Advanced Driver Assistance System (ADAS) and available in select models/ variants only. Honda SENSING cannot substitute human acumen and vigilance. Honda Cars India Limited urges drivers to follow traffic rules which are meant to keep them safe on roads. For more information, please visit our authorized Honda car dealership or www.hondacarindia.com. For corporate sales enquiry please write to corporatesales@hondacarindia.com

**Central Honda - Showroom & Workshop: D-2/9,**
Bareipalli Industrial Estate Sambalpur-768006,
**PH: 7682857806, 7077732222**

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୩/୨୦୨୪ | Bhubaneswar, Tuesday, February 13/2024 | ପୃଷ୍ଠା-୧




## ଦଶରଥଙ୍କ ଭୂମିକାରେ ନଜର ଆସିବେ ଅମିତାଭ

ନୀତୀଶ ତିୱାରୀଙ୍କ 'ରାମାୟଣ'ରେ ଅମିତାଭ ବଚ୍ଚନ ରାଜା ଦଶରଥଙ୍କ ଭୂମିକାରେ ଅଭିନୟ କରିପାରନ୍ତି। ଏନେଇ ବିଗ୍ ବି'ଙ୍କୁ ଆପ୍ରୋଚ କରାଯାଇଛି।

୧୨

୧୩

## ଗୁ ବିଙ୍ଗଫେଙ୍ଗଙ୍କ ଡବଲ୍ ଗୋଲ୍

ଗୁ ବିଙ୍ଗଫେଙ୍ଗଙ୍କ ଡବଲ୍ ଗୋଲ ବଳରେ ଚାଇନା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକିରେ ଭାରତକୁ ପରାସ୍ତ କରିଛି।






ମଙ୍ଗଳବାର କୃଷକଙ୍କ 'ଦିଲ୍ଲୀ ଚଲୋ' ଅଭିଯାନ ପୂର୍ବରୁ ସିଂଘୁ ସୀମାରେ ପୋଲିସ ପକ୍ଷରୁ ରାସ୍ତା ଅବରୋଧ କରାଯାଉଛି।

# ୮ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କଲା କାତାର

**ଗୁପ୍ତଚାରୀ ଅଭିଯୋଗରେ କାତାର ଦ୍ୱାରା ଫାଶୀ ଦଣ୍ଡରେ ଦଣ୍ଡିତ ହୋଇଥିବା ଭାରତର ୮ ଜଣ ପୂର୍ବତନ ନୌସେନା ଅଧିକାରୀଙ୍କୁ ମୁକ୍ତ କରାଯାଇଛି। ୧୬ ମାସ ଧରି ସେଠାକାର ଜେଲ୍‌ରେ ଥିବା ଏହି ଅଧିକାରୀମାନଙ୍କୁ ମୁକ୍ତ କରିବା ପାଇଁ ଭାରତ ପକ୍ଷରୁ ଚାଲିଥିବା ପ୍ରୟାସ ସଫଳ ହୋଇଛି। ଏହାକୁ ଭାରତର ବଡ଼ କୂଟନୈତିକ ବିଜୟ ବୋଲି କୁହାଯାଉଛି।**

## ଭାରତର ବଡ଼ କୂଟନୈତିକ ବିଜୟ

ନୂଆଦିଲ୍ଲୀ, ୧୨।୨

୨୦୨୨ ଅକ୍ଟୋବରରୁ ଗିରଫ ହୋଇ କାତାରରେ ବନ୍ଦୀ ଥିବା ଭାରତୀୟ ନୌସେନାର ୮ ଜଣ ପୂର୍ବତନ ଅଧିକାରୀଙ୍କୁ ମୁକ୍ତ କରିଦିଆଯାଇଛି। ସାମୁଦ୍ରିକ କାର୍ଯ୍ୟକ୍ରମରେ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଥିବା ଅଭିଯୋଗରେ କାତାରର ଏକ ଅଦାଲତ ସେମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ମୁକ୍ତ ହେବା ପରେ ସେମାନଙ୍କ ମଧ୍ୟରୁ ୭ ଜଣ ରବିବାର ରାତି ୨ଟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ ଜେଲରୁ ମୁକ୍ତ ହୋଇଥିଲେ ମଧ୍ୟ ଏବେ ଦୋହାରେ ଅଛନ୍ତି। କାଗଜପତ୍ର କାମ ସରିବା ପରେ ସେ ଖୁବ୍‌ଶୀଘ୍ର ଫେରିବେ ବୋଲି ଜଣାପଡ଼ିଛି। ମୃତ୍ୟୁଦଣ୍ଡ ପାଇଥିବା ନୌସେନା ଭେଟେରାନମାନଙ୍କୁ ଫେରାଇଆଣିବା ଭାରତ ପାଇଁ ଏକ ବଡ଼ କୂଟନୈତିକ ବିଜୟ। କୋର୍ଟ ବାହାରେ ମାମଲାର ସମାଧାନ ହୋଇଯାଇଛି। ଏହାର ସମସ୍ତ ଶ୍ରେୟ ଭାରତୀୟ କୂଟନୈତିକ ମିଶନ ଏବଂ ସରକାରଙ୍କୁ ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ କାତାର ଅମିରଙ୍କ ସହ କଥା ହୋଇଥିଲେ, ଯାହା କି କାମ ଦେଇଛି ବୋଲି ଏକ ସୂତ୍ରରୁ କୁହାଯାଇଛି। କାତାର ଜେଲରୁ ସେମାନଙ୍କୁ ମୁକ୍ତ କରାଇବା ଲାଗି ଦିଲ୍ଲୀର ଉଦ୍ୟମକୁ ନିଜେ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ତଦାରଖ କରୁଥିଲେ। ସେମାନେ ମୁକ୍ତ ହେବା ପ୍ରଧାନମନ୍ତ୍ରୀଙ୍କ

### ୧୪ରେ କାତାର ଯିବେ ପ୍ରଧାନମନ୍ତ୍ରୀ

ନେତୃତ୍ୱର ପ୍ରମାଣ ଏବଂ ଭାରତ-କାତାର ସମ୍ପର୍କର ଶକ୍ତିକୁ ପ୍ରତିଫଳନ କରୁଛି ବୋଲି ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା କହିଛନ୍ତି। ପ୍ରଧାନମନ୍ତ୍ରୀ ଦୁଇଦିନିଆ ୟୁଏଇ ଗସ୍ତ ଶେଷ କରି ଆସନ୍ତା ୧୪ ତାରିଖ ଅପରାହ୍ନରେ କାତାର ଯିବେ ବୋଲି କ୍ୱାତ୍ରା ସୂଚନା ଦେଇଛନ୍ତି। ବୁଧବାର ଆବୁଧାବୀରେ ପ୍ରଧାନମନ୍ତ୍ରୀ ପ୍ରଥମ ହିନ୍ଦୁ ମନ୍ଦିର ଉଦ୍‌ଘାଟନ କରିବେ। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ମଜଭୁତ କରିବା ପ୍ରଧାନମନ୍ତ୍ରୀଙ୍କ କାତାର ଗସ୍ତର ଲକ୍ଷ୍ୟ। ସେଠାରେ ସେ କାତାର ଅମିର ଶେଖ୍ ତମିମ ବିନ୍ ହମାଦ ଏବଂ ସେଠାର ଉଚ୍ଚ ପଦାଧିକାରୀମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ☞ପୃଷ୍ଠା-୧୧

# ଦେବାଶିଷ, ସୁଭାଶିଷ ବିଜେଡିର ରାଜ୍ୟ ସଭା ପ୍ରାର୍ଥୀ

## ତୃତୀୟ ଆସନ ନେଇ ଚର୍ଚ୍ଚା ବଢ଼ିଲା

ଭୁବନେଶ୍ୱର, ୧୨।୨ (ସୁନିତ୍ ମିଶ୍ର)

ଓଡ଼ିଶାର ୩ ରାଜ୍ୟ ସଭା ସାଂସଦ ଅମର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ ତାରିଖରେ ଶେଷ ହେଉଛି। ଏହି ୩ ଆସନ ଲାଗି ଆସନ୍ତା ୨୭ ତାରିଖରେ ନିର୍ବାଚନ ହେବ ବୋଲି ଗତ ୮ ତାରିଖରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ତେବେ ଏହି ୩ ଆସନ ଭିତରୁ ୨ଟି ଆସନ ଲାଗି ବିଜେଡି ପକ୍ଷରୁ ସୋମବାର ପ୍ରାର୍ଥୀ ଘୋଷଣା କରାଯାଇଛି। କଟକର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଏବଂ ପୁରୀର ଯୁବ ନେତା ଶୁଭାଶିଷ ଖୁଣ୍ଟିଆଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏନେଇ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଦଳୀୟ ବିଜ୍ଞପ୍ତି ଜାରି କରିଛନ୍ତି। ରାଜ୍ୟ ସଭା ନିର୍ବାଚନ ଲାଗି ଆସନ୍ତା ୧୫ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିଛି। ଯଦି ୩ରୁ ଅଧିକ ପ୍ରାର୍ଥୀ ରୁହନ୍ତି ତେବେ ଆସନ୍ତା ୨୭ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ☞ପୃଷ୍ଠା-୧୧



ଦେବାଶିଷ ସାମନ୍ତରାୟ



ଶୁଭାଶିଷ ଖୁଣ୍ଟିଆ

କଂଗ୍ରେସରୁ ଅଶୋକ ଚଭନଙ୍କ ଇସ୍ତଫା: ପୃଷ୍ଠା-୧୨

# ବ୍ୟାଗ୍‌କୁ ବିରୋଧ, ବ୍ୟାଗ୍ ଦେଲେ

## ରାଶନ ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା

ଭୁବନେଶ୍ୱର, ୧୨।୨ (ଅନିଲ ଦାସ)

ଫୁଲବାଣୀ ସହର ମାଷ୍ଟ୍ରପଡ଼ାଠାରେ ଏକ ରାଶନ ଦୋକାନରେ ୫-ଟି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ବ୍ୟାଗ୍ ବଣ୍ଟନକୁ ଭାଜପା କର୍ମୀ ବିରୋଧ କରିବାର ଦୃଶ୍ୟ ରବିବାର ଦେଖିବାକୁ ମିଳିଥିଲା। ଏହାର ଦିନକ ପରେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ସମସ୍ତ ହିତାଧିକାରୀ ପରିବାରକୁ ୧୦୦୦ ଟଙ୍କା ଲେଖାଏ ସହାୟତା ରାଶି ଏବଂ ୨ଟି ୧୦ ଓ ୨୦ କେଜିଆ ଝୋଟ ବ୍ୟାଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବଜାରରେ ଦରଦାମ୍ ବୃଦ୍ଧି ସମୟରେ ☞ପୃଷ୍ଠା-୧୧

### କ୍ୟାବିନେଟ ନିଷ୍ପତ୍ତି

- ଏମ୍ଏମ୍‌କେୱାଇରେ ଖର୍ଚ୍ଚ ହେବ ୪୪୮ କୋଟି
- ଉପକୃତ ହେବେ ୧୧ ହଜାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ
- ୨୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

## ବେକାରିଙ୍କ ପାଇଁ 'ସ୍ୱୟମ'

ଭୁବନେଶ୍ୱର, ୧୨।୨ (ଅନିଲ ଦାସ)

ବେକାରି ଯୁବତୀଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ରାଜ୍ୟ ସରକାର ନୂତନ ଯୋଜନା 'ସ୍ୱତନ୍ତ୍ର ଯୁବ ଉଦ୍ୟମୀ (ସ୍ୱୟମ)' ଆରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବାସ କରୁଥିବା ବେକାରି ☞ପୃଷ୍ଠା-୧୧


इंजीनियर्स इंडिया लिमिटेड (भारत सरकार का उपक्रम) EIL ENGINEERS INDIA LIMITED (A Govt. of India Undertaking)

**ଭୁବନେଶ୍ୱର, ଓଡ଼ିଶାଠାରେ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ ପାଇଁ ଘରୋଇ ପ୍ରତିଯୋଗିତାମୂଳକ ବିଡିଂ**

ଇଆଇଏଲ୍, ଭାରତ ସରକାର (ଗ୍ରାହକ)ଙ୍କ ମାଲିକାନାଧୀନ ଏକ ଅଗ୍ରଣୀ ବିତ୍ତୀୟ ନିୟାମକ ସରକାରୀ ନିକାଶ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ଇ-ବିଡ୍ ଆହ୍ୱାନ କରାଯାଉଛି:

| ବର୍ଣ୍ଣନା | ୱେବ୍‌ସାଇଟ୍‌ରେ ବିଡିଂ ଦସ୍ତାବିଜ | ବିଡ୍ ଧାର୍ଯ୍ୟ ତାରିଖ ଏବଂ ସମୟ |
|---|---|---|
| **କାର୍ଯ୍ୟର ନାମ:** ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଏବଂ ସାଇବରସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ କମ୍ପ୍ଲେକ୍ସ ପାଇଁ ଏମ୍ଇପି ଏବଂ ଆଇବିଏମ୍ଏସ୍ କାର୍ଯ୍ୟ<br>ବିଡିଂ ଦସ୍ତାବିଜ ନଂ.: ଆର୍‌ସି/ବି୫୭୧-୦୦୧-ପିକେ-ଟି-୦୦୨୦/୧୦୦୫ | ତା୧୩।୦୨।୨୦୨୪ରିଖରୁ ତା୦୪।୦୩।୨୦୨୪ରିଖ। | ତା୦୪।୦୩।୨୦୨୪ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ |

ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ସମେତ ଅଣ-ପ୍ରଘଟନ ରାଜିନାମା (ଏନ୍‌ଡିଏ) ଇ-ଟେଣ୍ଡର ସାଇଟ୍ http://eprocure.gov.in/eprocure/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ। ସବିଶେଷ ଆଇଏଫ୍‌ବି ଏବଂ ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ବିଡରମାନେ ଏନ୍‌ଡିଏକୁ କାର୍ଯ୍ୟକାରୀ କରିବା ଆବଶ୍ୟକ। ସମସ୍ତ ସଂଶୋଧନ, ସମୟ ବିସ୍ତାରଣ, ସ୍ପଷ୍ଟୀକରଣ ଇତ୍ୟାଦି କେବଳ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ ଏବଂ ତାହାକୁ ଖବରକାଗଜରେ ପ୍ରକାଶନ କରାଯିବ ନାହିଁ। ସଦ୍ୟତମ ସୂଚନା ପାଇବା ପାଇଁ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ।

ଏସ୍‌ଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍


# ଜାହାଜ ମୁକୁଳାଇବା ପାଇଁ ୧୧୦ କୋଟି ଟଙ୍କା ସର୍ତ୍ତ

### ୨୨୦ କୋଟି ଟଙ୍କାର କୋକେନ ଜବତ ଘଟଣା

କୁଜଙ୍ଗ, ୧୨।୨ (ମନୋଜ ପ୍ରଧାନ)

ପାରାଦୀପ ବନ୍ଦର ପିଆଇସିଟି ବର୍ଥରେ ଲାଗିଥିବା ଏମ୍‌ଭି ଦେବୀ ନାମକ ଜାହାଜରୁ ୨୦୨୩ ନଭେମ୍ବର ୩୦ରେ ୨୨୦ କୋଟି ଟଙ୍କାର କୋକେନ ଜବତ ହୋଇଥିଲା। ଏନେଇ ଜାହାଜକୁ ଜବତ କରିବା ପାଇଁ କଷ୍ଟମ୍ସ ବିଭାଗ କୁଜଙ୍ଗ କୋର୍ଟରେ ଆବେଦନ କରାଯାଇଥିଲା। ତାହାକୁ ଖାରଜ କରିବା ପାଇଁ ଜାହାଜ ମାଲିକଙ୍କ କମ୍ପାନୀ ଏସିଆ ପାଶିଫିକ୍ ଶିପିଂର ୨ ଜଣ ଭିଏତ୍‌ନାମ ପ୍ରତିନିଧି ଡିସେମ୍ବର ୨୭ରେ କୁଜଙ୍ଗ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ପହଞ୍ଚି ଆବେଦନ କରିଥିଲେ। ସୋମବାର କୋର୍ଟ ଏହି ମାମଲାର ଶୁଣାଣି କରି ୧୦କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ସହ ୧୦୦ କୋଟି ଟଙ୍କାର ଇଣ୍ଡିମିଣ୍ଟି ବଣ୍ଡ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଶିଫିକ୍ ଶିପିଂ ଲିମିଟେଡ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ ମକଦ୍ଦମା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଆଶୁତୋଷ ମହାନ୍ତି, ସୌମ୍ୟଜିତ ବିଶ୍ୱାଳ ଓ ଯୁବ ଆଇନଜୀବୀ ବିକାଶ ନାଥ ସହାୟତା କରିଥିଲେ।

ସୂଚନାଯୋଗ୍ୟ, ଉକ୍ତ କୋକେନ ଘଟଣାରେ କଷ୍ଟମ୍ସ ବିଭାଗ ଏପର୍ଯ୍ୟନ୍ତ କୌଣସି ନାବିକଙ୍କୁ ଗିରଫ କରିନାହିଁ। ତେବେ ୨୮ ଜଣ ଭିଏତ୍‌ନାମ ନାଗରିକଙ୍କୁ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ୨୧ ଜଣ ନାବିକ ରହିଛନ୍ତି। ଏଥିସହ ଜାହାଜ ଅଟକ ରଖି ମାମଲା ( ନଂ.୨୬/୨୩) ରୁଜୁ କରିଛି। ପ୍ରାୟ ୨ ମାସ ହେଲା ଏନେଇ ତଦନ୍ତ ଜାରି ରହିଛି।

# ମୁଖାଗ୍ନି ପୂର୍ବରୁ ଜୁଇରେ ଆଖି ଖୋଲିଲେ ମହିଳା

## ପକ୍ଷାଘାତ ସ୍ତ୍ରୀଙ୍କୁ ବଞ୍ଚାଇବାକୁ ସ୍ୱାମୀଙ୍କ ନିବେଦନ

ବ୍ରହ୍ମପୁର, ୧୨।୨ (ତନୁଶ୍ରୀ ନାହାକ/ସ୍ମୃତି ରଞ୍ଜନ ମହାଲିକ)

କଥାରେ ଅଛି, ଦଣ୍ଡେ ନିମିଷେ ଥିଲେ ପ୍ରାଣ, ନେଇ ନ ପାରେ ଜନ୍ତୁରାଣ। ଠିକ୍ ଏମିତି ଏକ ସତ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ବ୍ରହ୍ମପୁରରେ। ଜୁଇରେ ନିଆଁ ଲାଗିବା ପୂର୍ବରୁ ମୃତ ମହିଳା ଜୀବିତ ହୋଇଛନ୍ତି। ବ୍ରହ୍ମପୁର ମହାନଗରର ୨୫ ନଂ. ୱାର୍ଡସ୍ଥିତ ବିଜିପୁର ଶ୍ମଶାନରେ ସୋମବାର ଏଭଳି ଅବିଶ୍ୱସନୀୟ ଘଟଣା ଘଟିଛି। ଜୁଇରୁ ମହିଳାଙ୍କୁ ଘରକୁ ନିଆଯାଇଛି। ସେ ପକ୍ଷାଘାତରେ ପୀଡ଼ିତ ଥିବାରୁ ତାଙ୍କୁ ବଞ୍ଚାଇ ଦେବାକୁ ଆର୍ଥିକ ଅନଟନରେ ଦିନ କାଟୁଥିବା ସ୍ୱାମୀ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ବ୍ରହ୍ମପୁର ମହାନଗରର ୨୮ନଂ ୱାର୍ଡସ୍ଥିତ ଗୁଡସରୋଡ ତ୍ରିନାଥ ମନ୍ଦିର ସାହିର ଶିବରାମ ପାଳ(୫୪) ଓ ସ୍ତ୍ରୀ ବୁଚି ଆମ୍ମା(୫୦) ରୁହନ୍ତି। ସେମାନଙ୍କର କୌଣସି ସନ୍ତାନ ନାହାନ୍ତି। ବୁଚି ଆମ୍ମା ୭ ବର୍ଷ ହେଲା ପକ୍ଷାଘାତରେ ପୀଡ଼ିତ। ଶିବରାମ ବ୍ରହ୍ମପୁର ରେଳ ଷ୍ଟେଶନରେ ଏକ ଜଳଖିଆ ଦୋକାନରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି। ସେଠାରୁ ମିଳୁଥିବା ପ୍ରାପ୍ୟ ସ୍ତ୍ରୀଙ୍କ ଚିକିତ୍ସା ବାବଦରେ ଖର୍ଚ୍ଚ ହୋଇଯାଏ। ଗତ ୧ ତାରିଖ ସନ୍ଧ୍ୟାରେ ବୁଚି ଆମ୍ମା ବହୁ କଷ୍ଟରେ ଉଠି ରୋଷେଇ ଘରକୁ ଚା' କରିବାକୁ ଯାଇଥିବା ବେଳେ କୌଣସି ପ୍ରକାରେ ଗ୍ୟାସ୍‌ରୁ ନିଆଁ ଲାଗି ପୋଡି ହୋଇ ଯାଇଥିଲେ। ପଡୋଶୀମାନେ ତାଙ୍କ ପାଟି ଶୁଣି ଶିବରାମଙ୍କୁ ଖବର ଦେଇଥିଲେ। ପରେ ବୁଚି ଆମ୍ମାଙ୍କୁ ଏମ୍‌କେସିଜି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରିବା ସହ ଇଞ୍ଜେକସନ ଦେଇଥିଲେ। ସାଲାଇନ ଲଗାଇବା ନିମନ୍ତେ ଶିରାପ୍ରଶିରା ଜଣା ନ ପଡ଼ିବାରୁ ଡାକ୍ତର ତାଙ୍କୁ ଘରକୁ ନେଇଯିବା ପାଇଁ କହିଥିଲେ। ତେଣୁ ଶିବରାମ ସ୍ତ୍ରୀଙ୍କୁ ଧରି ଘରକୁ ଆଣି ତାଙ୍କର ସମସ୍ତ ସେବା ଶୁଶ୍ରୁଷା କରୁଥିଲେ। ସୋମବାର ଭୋର ପ୍ରାୟ ସାଢ଼େ ୫ଟାରେ ☞ପୃଷ୍ଠା-୧୧


HONDA




Up to ₹82 000# Benefit on Honda Amaze | Up to ₹1 00 000# Benefit on Honda City e:HEV | Elevate now Available in CSD | Up to ₹88 600# Benefit on Honda City | Best Exchange Value of your existing car

Models available through GeM & CSD. T&C Apply. For more information contact your nearest Honda dealership today.

Honda SENSING INTELLIGENT ADAS TECHNOLOGY | 10 YEAR ANYTIME WARRANTY | Honda Auto Terrace | Honda ProCARE CUSTOMER SERVICE | 8 YEAR WARRANTY LITHIUM ION BATTERY | Scan now to Book or Buy Honda From Home

*Terms and conditions applicable. Benefits available for limited period on select model and in select cities. Stock without benefits is also available. Images and depictions shown above are computer generated/enhanced for illustrative and representational purpose only. Actual colour, feature and any other specification as shown may not be part of standard fitment and may differ from actual product. Appearance of black shade on glass of vehicle is due to lighting effect. All colours, features and specifications are grade specific and subject to change without prior notice. #Standard warranty on lithium-ion battery is 8 years/ 1 60 000 kms (whichever is earlier from the date of first sale of new car). Ω10 year Anytime Warranty is extendable up to the maximum age of 10 years/ 1 20 000 kilometers by renewing every year and is applicable from the date of purchase of car. *Honda SENSING is Honda's exclusive Advanced Driver Assistance System (ADAS) and available in select models/ variants only. Honda SENSING cannot substitute human acumen and vigilance. Honda Cars India Limited urges drivers to follow traffic rules which are meant to keep them safe on roads. For more information, please visit our authorized Honda car dealership or www.hondacarindia.com. For corporate sales enquiry please write to corporatesales@hondacarindia.com

**Krishna Honda**
**Showroom & Workshop:** Beldihi, Rourkela, **PH :** 8657588922

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାଷାବିତ୍ ପ୍ରୟାଗଦତ୍ତ ଜୋଷୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏଏସିସିଆଇ ବିଜନେସ୍ ସମିଟ୍ ଆଣ୍ଡ ଏକ୍ସପୋ ଗ୍ରୀନ କନକ୍ଲେଭ୍, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ପୂର୍ବାହ୍ନ ୧୧ଟା।
- ୧୦ମ ଅନ୍ତର୍ଜାତୀୟ ରେଡିଓ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଭାରତ ରଙ୍ଗ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**ଆଜିର ମ୍ୟାଚ୍(ହକି)**

- ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ, ସମୟ: ସନ୍ଧ୍ୟା ୫ଟା.୩୦
- ସ୍ପେନ୍ ବନାମ ନେଦରଲାଣ୍ଡ୍ସ, ସମୟ: ସନ୍ଧ୍ୟା ୭ଟା.୩୦, ଭେନ୍ୟୁ: କଳିଙ୍ଗ ଷ୍ଟାଡିୟମ।

## ପୁରୀ

- ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ରେଡିଓ ଦିବସ ପାଳନ, ମରୀଚିକୋଟ ଛକ ବଡ଼ଦାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଜିଆଣ୍ଟ ସ୍ପୋର୍ଟିଂ ପକ୍ଷରୁ କ୍ରିକେଟ୍ ପ୍ରତିଯୋଗିତା, ସ୍ଥାନ: ତାଳବଣିଆ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭିତରଛ ମଧୁସୂଦନ ମହାପାତ୍ରଙ୍କ ଦ୍ୱାଦଶତମ ସ୍ମୃତି ସଭା, ସ୍ଥାନ: ଦୋଳମଣ୍ଡପ ସାହି, ସମୟ: ସନ୍ଧ୍ୟା ୬ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା' ନିମାପଡ଼ା ବ୍ଲକ ଅଧୀନ ପଞ୍ଚାୟତ ସ୍ତରୀୟ ସଚେତନ ଶିବିର, ସ୍ଥାନ: ବାହରଣା ପଞ୍ଚାୟତ, ମଠତୋଟା ମେଳଣ ପଡ଼ିଆ, ରେଞ୍ଚଶାସନ ପଞ୍ଚାୟତ, ପଞ୍ଚାୟତ କାର୍ଯ୍ୟାଳୟ, ତମ୍ପାଳୋ ପଞ୍ଚାୟତ, ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନବମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ସର୍ବଭାରତୀୟ ଆମନ୍ତ୍ରିତ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ, ସ୍ଥାନ: ନିମାପଡ଼ା ବାରବାଟୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ବ୍ଲକର ବିଭିନ୍ନ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ, ସ୍ଥାନ: ରାମଦାସପୁରସ୍ଥିତ ଭାରତ ମସଲା କମ୍ପାନୀ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଳିଙ୍ଗ ମାରିଟାଇମ୍ ଏକ୍ସପୋ ଉଦ୍‌ଯାପନୀ ସମାରୋହ, ସ୍ଥାନ: କଟକ ଉପର ବାଲିଯାତ୍ରା ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।
- ଚିନ୍ମୟ ମିଶନ ଓ ଅରୁଣୋଦୟ ନଗର ନାଗରିକ ପରିଷଦ ପକ୍ଷରୁ ଗୀତା ପ୍ରବଚନର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଚନ୍ଦ୍ରଶେଖର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା

## ଖୋର୍ଦ୍ଧା

- ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେଉଳଟାଙ୍ଗୀ, ଖୋର୍ଦ୍ଧା,ସମୟ: ପୂର୍ବାହ୍ନ ୧୦ଟା।
- ସିଦ୍ଧେଶ୍ୱର ଦେବଙ୍କ ପୀଠରେ ସଂକ୍ରାନ୍ତି ଯାତ୍ରା, ସ୍ଥାନ: ଲେଣ୍ଡୋସ୍ଥିତ ପୀଠ, ସମୟ: ସକାଳ ୬ଟା।
- କୋଲୁହାପାଟଣା ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୋଲୁହାପାଟଣା, ବେଗୁନିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ବାଖରାବାଦ ୟୁଥ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ-ବାଖରାବାଦ ଖେଳ ପଡ଼ିଆ, ରୂପ୍‌ସା, ସମୟ: ପୂର୍ବାହ୍ନ ୧୧ଟା।
- ରାଉତପଡ଼ା ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ସ୍ଥାନ: ସମବାୟ ସମିତି କାର୍ଯ୍ୟାଳୟ, ରୂପ୍‌ସା, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ, ସ୍ଥାନ: ୱାର୍ଡ ନଂ, ୨୨ ସଡ଼କ ସାହି ଏବଂ ପ୍ରାକୃତିକ ବିପର୍ଯ୍ୟୟ ଆଶ୍ରୟସ୍ଥଳୀ, ବାରିପଦା, ସମୟ:ମଧ୍ୟାହ୍ନ ୧୨ଟା।
- ଜନଜାତି କ୍ରୀଡ଼ା ମହୋତ୍ସବ, ସ୍ଥାନ: ରାଇରଙ୍ଗପୁର କଚେରୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମୀ ବସ୍ ଚଳାଚଳ ଶୁଭାରମ୍ଭ, ସ୍ଥାନ: ବେତନଟୀ ବସ୍ ଟର୍ମିନାଲ, ସମୟ: ସକାଳ ୬ଟା ।
- ନାରାୟଣ ସେବା ଟ୍ରଷ୍ଟ ପକ୍ଷରୁ ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ବାରିପଦା ଲାଲବଜାରସ୍ଥିତ ମା' ତାରିଣୀଙ୍କ ମନ୍ଦିର, ସମୟ : ଅପରାହ୍ନ ୪ ଟା ୩୦।

## ଭଦ୍ରକ

- ଦୀଲିପ କୁମାର ମଲ୍ଲିକଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା, ସ୍ଥାନ: ଭଦ୍ରକ ବନ୍ତଛକସ୍ଥିତ ତୃପ୍ତିପ୍ଲାଜା, ସମୟ: ପୂର୍ବାହ୍ନ ୧୦ଟା।
- ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା ପାଇଁ ଜିଲାସ୍ତରୀୟ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଆଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭା, ସ୍ଥାନ : ଦଇପୁର ପଞ୍ଚାୟତ, ଧାମନଗର, ସମୟ: ପୂର୍ବାହ୍ନ ୧୧ ଟା।
- ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁରର ଚୁଡ଼ାମଣି , ଶାଶୁଭୁଆଶୁଣୀ ଓ କିଷ୍ମତକୃଷ୍ଣପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମୋ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କିକୋଟ୍ ହାଇସ୍କୁଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା ପାଇଁ ମିନି ମାରାଥନ, ସ୍ଥାନ: ରାୟଗଡ଼ା ରିଲାଏନ୍ସ ସପିଂ ମଲ୍‌ଠାରୁ ଫରେଷ୍ଟ ପାର୍କ, ସମୟ:ସକାଳ ୬ଟା।
- ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୪୫ ।

## ନବରଙ୍ଗପୁର

- ନିର୍ମାଣ ଶ୍ରମିକ ଶିବିର, ସ୍ଥାନ : ଚନ୍ଦାହାଣ୍ଡି, ସମୟ : ଅପରାହ୍ନ ୧ଟା ।

## କୋରାପୁଟ

- ସାଧାରଣ ନିର୍ବାଚନ ନେଇ କଲେଜ ଛାତ୍ରୀଛାତ୍ରଙ୍କୁ ସଚେତନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା.୩୦।
- ଜିଲା ପରିଷଦର ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ , ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସମ୍ବଲପୁର ମହୋତ୍ସବ, ସ୍ଥାନ: ଅଇଁଠାପାଲି ବିର୍ସା ମଇଦାନ, ସମୟ: ସନ୍ଧ୍ୟା ସାଢେ ୬ଟା
- ବୌଦ୍ଧ, ସୋନପୁର, ଲାଞ୍ଜିଗଡ ଓ ସମ୍ବଲପୁର ବିଧାନସଭା ଅଞ୍ଚଳର ଭକ୍ତମାନଙ୍କ ମା' ସମଲେଇଙ୍କ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଦ୍ୱିତୀୟ ସିସିଏଫ୍ଏ ଅଲ୍ ଓଡ଼ିଶା ନକ୍‌ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ: ବରଗଡ ବନାମ ସମ୍ବଲପୁର,ସ୍ଥାନ: ମିଶନ୍ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ ମହରାପଦର ଏବଂ ଓଡ଼ିଆପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଖପ୍ରାଖୋଲ ବ୍ଲକ କରୁଆଁଝର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।

## ରାଉରକେଲା

- ସୂର୍ଯ୍ୟକାନ୍ତ ମେମୋରିଆଲ ଟି-୨୦ କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ସକାଳ ୯ଟା।
- ରାଜ୍ୟପାଳଙ୍କ ରାଉରକେଲା ଗସ୍ତ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ବିପିଯୁଟିର ସମାବର୍ତ୍ତନ ଦିବସ ପାଳନ, ସ୍ଥାନ: ଛେଣ୍ଡ, ସମୟ: ଅପରାହ୍ନ ୨ଟା ୧୫।
- ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ଦିବସ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ସିଆଇଟିୟୁର ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର ୧୬, ଶ୍ରମିକ ଭବନ, ସମୟ: ଅପରାହ୍ନ ୫ଟା ।

## ସୁନ୍ଦରଗଡ଼

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କର୍ମୀଟିକ୍ରା, ଲରାସରା, ସମୟ: ପୂର୍ବାହ୍ନ୧୦ଟା।
- ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀଙ୍କ ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ନୃସିଂହ ଓ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ରଷିପାଲି-ଜଡ଼ା, ସମୟ: ପୂର୍ବାହ୍ନ ୧୧ଟା ୧୦।
- ଭେଡ଼େନ ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟନୀ, ସ୍ଥାନ: ରଞ୍ଜିତା ଷ୍ଟାଡ଼ିୟମ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୋକସରା ବ୍ଲକ ମହିମା ପଞ୍ଚାୟତ ପରିସର ଏବଂ ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ପରିସର, ପୂର୍ବାହ୍ନ: ୧୧ଟା।
- ସାନ୍ଦୁଲ ବ୍ୟାରେଜ ପ୍ରକଳ୍ପର ଲୋକାର୍ପଣ ଉତ୍ସବ, ସାନ୍ଦୁଲ ୟୁଜି ପିଏଲ ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ-ଏମ୍ ରାମପୁର, ସମୟ: ଅପରାହ୍ନ ୪ ଟା୩୦।

## ନୂଆପଡ଼ା

- ସିନାପାଲି ସରସ୍ୱତୀ ଶିଶୁ ମନ୍ଦିର ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ଶିଶୁ ମନ୍ଦିର ପରିସର, ସମୟ: ସକାଳ ୯ ଟା।

## ବୌଦ୍ଧ

- ବୌଦ୍ଧ ବ୍ଲକରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟିକରପଡା ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା
- ହରଭଙ୍ଗା ବ୍ଲକ ରାମଗଡ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରାମଗଡ ହାଟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ବିଭିନ୍ନ ସମସ୍ୟା ନେଇ ଜିଲା ନାଗରିକ କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା
- ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଆର୍‌ଆଇ ଅଫିସ୍ ଘେରାଉ, ସ୍ଥାନ: ବାରକୋଟ ବ୍ଲକ ଶିଙ୍ଗଶାଳ ଆର୍‌ଆଇ ଅଫିସ୍, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ବୀରମହାରାଜପୁର ବ୍ଲକ ଚମ୍ପାପୁର ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଚମ୍ପାପୁର, ସମୟ: ସକାଳ ୮ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଭାଲୁଡୁଙ୍ଗୁରୀ ଖେଳପଡିଆ,ସମୟ: ପୂର୍ବାହ୍ନ ୧୧ଟା।
- ପାତଳୀ ମହୋତ୍ସବର ଚତୁର୍ଥ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର, ସମୟ: ଅପରାହ୍ନ ୫ ଟା।
- ନୂତନ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ମୋ ପଞ୍ଚାୟତ ବିକାଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସୁବଳୟା ପଞ୍ଚାୟତ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ନବାହ୍ନ ପାରାୟଣ ଓ ଚଣ୍ଡିଯଜ୍ଞର ଉଦ୍‌ଯାପନୀ ସମାରୋହ, ସ୍ଥାନ: ବୀରମହାରାଜପୁର ବ୍ଲକ ଘିଚାପାଲି ( ମେଟାକାନି ଛକ), ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ରେଡିଓ ଢେଙ୍କାନାଳ ଲୋକାର୍ପଣ ଉତ୍ସବ, ସ୍ଥାନ: ଶୋଭା ଅନୁଷ୍ଠାନ ପରିସର, ଗେଙ୍ଗୁଟିଆ,ସମୟ:ମଧ୍ୟାହ୍ନ ୧୨ଟା।
- ରେଙ୍ଗାଳି ଦକ୍ଷିଣ କେନାଲ ପ୍ରକଳ୍ପର ୬ହଜାର ହେକ୍ଟର ଆୟକଟ, ଦର୍ପଣୀ ଓ ନରସିଂହପୁର ବ୍ରାଞ୍ଚ କେନାଲ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସଦର ବ୍ଲକ ଶଙ୍କରପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା୩୦।
- ଜିଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ଏବଂ ମାସ୍ କନଭେନଶନ, ସ୍ଥାନ:ପୁରୁଣା ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ୱାର୍ଡ ନଂ ୧, ୧୭, ୧୮ ଓ ୨୧,ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଭିନ୍ନ ବିଭାଗର ସମୀକ୍ଷା,ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଘଟିକା।
- ଜାତୀୟ ରାଜପଥ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ ଟା।

## ଗଞ୍ଜାମ

- ଭାଜପାର ଭାଟକୁମରଡା ମଣ୍ଡଳ ବୈଠକ,ସ୍ଥାନ-ଗାଙ୍ଗଦହଣୀ, ପୁରୁଷୋତ୍ତମପୁର ବ୍ଲକ,ସମୟ-ପୂର୍ବାହ୍ନ ୧୧ଟା।
- ସହରାଞ୍ଚଳ ନବୀନ ଓଡିଶା ସମାରୋହ,ସ୍ଥାନ-ବିଜୁ ମାର୍କେଟ କମ୍ପ୍ଲେକ୍ସ,ସମୟ-ଅପରାହ୍ନ ୫ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାରୀ କି ଡାଲି ଚାଉଳ,
ବ୍ରାହ୍ମଣକୁ ଜାବଡ଼ା।**

ବିଟିପୀ ବା ଦୁଶ୍ଚରିତ୍ରା ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା' ଠାରୁ କାହିଁ କେତେ ଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୁଇ ନାଆରେ ଗୋଡ଼ ଦେଇ
ମଝି ନଈରେ ବୁଡ଼ି ମରିବା।**

ଦୁଇ ନାଆରେ ଯିଏ ଗୋଡ଼ ରଖେ, ସେ କୋଉ କୂଳର ହୋଇପାରି ନ ଥାଏ। କେଉଁ ପଟକୁ ଯାଇ ନ ପାରି ମଝି ଦରିଆରେ ବୁଡ଼ି ମରିବା ସାର ହୋଇଥାଏ। ତେଣୁ ଯେ କୌଣସି ଦ୍ୱନ୍ଦ୍ୱ ମଧ୍ୟରେ ନିଜକୁ ଜଡ଼ିତ ରଖିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା, ସ୍ଥାନ-ବୁଗୁଡ଼ା ବ୍ଲକ ଗୌଡିଆବୋରଦା ପଞ୍ଚାୟତ, ସମୟ- ପୂର୍ବାହ୍ନ ୧୧ଟା
- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ-ବୁଗୁଡା ତଳ ଓଡ଼ିଆ ସାହି, ସମୟ-ସନ୍ଧ୍ୟା ସାଢ଼େ ୭ଟା।
- ରାମଚରିତ ମାନସ ପାରାୟଣ, ସ୍ଥାନ- ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରଘୁନାଥ ମନ୍ଦିର, ସମୟ - ସନ୍ଧ୍ୟା ୬ଟା।

## କନ୍ଧମାଳ

- ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ। ସ୍ଥାନ:ଚଣାପଦର ଯଜ୍ଞ କମିଟି, କ. ନୂଆଗାଁ, ସମୟ: ଅପରାହ୍ନ ୩ଟା।

## ଗଜପତି

- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ-କାଟାମା, ପଞ୍ଚାୟତ ପରିସର, ଗରଡ଼ମା, ପଞ୍ଚାୟତ ପରିସର, ଯୁବ, ପଞ୍ଚାୟତ ପରିସର, ମୋହନା, ସମୟ - ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, କନକପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ବରୀ ବ୍ଲକ ବ୍ରହ୍ମବରଦା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ତ୍ରିବେଣୀ ମେଳା ଓ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଆର୍ତ୍ତେଶ୍ୱର ପୀଠ, ନହଙ୍ଗ, ଡେରାବିଶ, ସମୟ: ରାତି ୮ଟା
- ମା' କ୍ଷେତ୍ରପାଳିନୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସୂର୍ଯ୍ୟପୂଜା ଓ ଯଜ୍ଞୋତ୍ସବ, ସ୍ଥାନ: ମେଳଣ ପଡିଆ, ହରିଅଙ୍କ, ଡେରାବିଶ, ସମୟ: ଅପରାହ୍ନ ୪ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀନାରାୟଣପୁର, ଏଣ୍ଡର ପଞ୍ଚାୟତ କାର୍ଯ୍ୟାଳୟ,ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଡେରାବିଶ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଡେରାବିଶ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କଳାବୁଦା ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ନଡ଼ିଆବରେଇଠାରୁ ନାରଣପୁର ରାସ୍ତା ଉନ୍ନତିକରଣ ଶିଳାନ୍ୟାସ, ସ୍ଥାନ: ନଡ଼ିଆବରେଇ, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ପାଖଡ଼ଠାରୁ ଗରଦପୁର ରାସ୍ତା ଉନ୍ନତିକରଣ ଶିଳାନ୍ୟାସ, ସ୍ଥାନ: ଗରଦପୁର, ସମୟ: ମଧ୍ୟାହ୍ନ ୧୨ଟା।

## ନୟାଗଡ଼

- ସପ୍ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସୂର୍ଯ୍ୟପୂଜା, ସ୍ଥାନ : ବାବା ବିଶ୍ୱନାଥ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ ନୟାଗଡ଼ ପୁରୁଣା ସହର କରଣସାହି ବଡ ମଠ, ସମୟ: ପୂର୍ବାହ୍ନ ୧୦ଟା ।
- ଭାଗବତ ସପ୍ତାହ ଉଦ୍‌ଘାଟନ, ସ୍ଥାନ: ନୟାଗଡ ପୁରୁଣା ସହରର ରାଧାନାଥ କଲୋନୀ, ସମୟ: ସକାଳ ୯ଟା।
- ଜିଲା କୃଷି ମହୋତ୍ସବର ୨ୟ ଦିବସ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଖଳିସାହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଖଳିସାହି ବଡପଡ଼ିଆ, ଖଣ୍ଡପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ସକାଶେ ବିଭିନ୍ନ ସମସ୍ୟା ସାଙ୍ଗକୁ ଅଯଥା ଅର୍ଥ ବ୍ୟୟ କରିବାକୁ ବାଧ୍ୟହେବେ। ଶତ୍ରୁତା କରୁଥିବା ବ୍ୟକ୍ତି ଅସୁବିଧାରେ ପକାଇବାକୁ ଚେଷ୍ଟାକରି ପାରନ୍ତି। କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ରଚନାତ୍ମକ କାମ, ଆନୁଷ୍ଠାନିକ କ୍ଷେତ୍ର ତଥା ସଭାସମିତିରେ ବନ୍ଧୁଙ୍କ ସହ ଆଲୋଚନାରୁ ଆଶ୍ୱସ୍ତି ଲାଭ କରିବେ।

**ବୃଷ** ଶାରୀରିକ ଅସୁସ୍ଥତା ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ଅର୍ଥାଭାବ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ। ରୋହିଣୀ ନକ୍ଷତ୍ର ସକାଶେ ବନ୍ଧୁ ସାମୟିକ ସୁଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣାରୁ ଭାଇ କିମ୍ବା ଭଉଣୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଆଜିର ଯାତ୍ରା, ପ୍ରକାଶନ ତଥା କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନାହିଁ।

**ମିଥୁନ** କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ ରହିବା କାରଣରୁ କଳହ ଲାଗିପାରେ। ଅର୍ଥ ସମ୍ବନ୍ଧୀୟ ଆଲୋଚନା, ଜମିଜମା, ଆନୁଷ୍ଠାନିକ କାମରେ ମାନସିକ ଆଘାତ ପାଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇଲେ ମଧ୍ୟ ଫେରିବା ସମୟରେ ପୂର୍ବର ଆନନ୍ଦ ରହିବନାହିଁ।

**କର୍କଟ** ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଅର୍ଥଲାଭର ସୁବିଧା ଯୋଗାଇଦେବ। ପୁଷ୍ୟା ନକ୍ଷତ୍ର ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ। ଅଭିମାନ କରିଥିବା ସନ୍ତାନ, ପଡ଼ୋଶୀଙ୍କ ଅଭିଯୋଗ ସକାଶେ ଦୁଃଖିତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂରହୋଇଯିବ।

**ସିଂହ** ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ସବୁ କିଛି କ୍ଷଣିକେ ଅପସରିଯିବ। ପୂର୍ବାଫାଲ୍‌ଗୁନୀ ପଡ଼ୋଶୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ବ୍ୟବସାୟିକ କ୍ଷେତ୍ର ଓ ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହି ନ ପାରେ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟରୁ କାର୍ଯ୍ୟ ହାସଲ କରିବେ। ଚିତ୍ରା ନକ୍ଷତ୍ର ସାମୂହିକ କାମରେ ତଥା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ସଭାସମିତିରେ ତଥା ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିଙ୍କ ସହାୟତା କରିବେ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ନାନାଦି କଥା କହିପାରନ୍ତି।

**ତୁଳା** ଆତ୍ମୀୟଙ୍କ ସହଯୋଗରୁ ସମାଧାନର ସୂତ୍ର ବାହାର କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଦୀର୍ଘଦିନର ଅଭିଳାଷ ପୂରଣ ହେବ ଓ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ସ୍ୱାତୀ ନକ୍ଷତ୍ର ମାଲିମକଦ୍ଦମା, ଜମିଜମା ସମସ୍ୟା, ସମାଧାନ ଦିଗକୁ ମୁହାଁଇବ।

**ବିଛା** ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିଶାଖା ନକ୍ଷତ୍ର ଅଫିସ୍‌ରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସକରି ହଇରାଣରେ ପଡ଼ିପାରନ୍ତି। ବିବାହ ପାଇଁ ପ୍ରସ୍ତାବ ସମ୍ପର୍କିତ ଆଲୋଚନାକଲେ ଉପକୃତ ହେବେ। ବିଭିନ୍ନ ପ୍ରତିବନ୍ଧକ ହେତୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଉତ୍ତରାଷାଢ଼ା ନକ୍ଷତ୍ର ଦୀର୍ଘଦିନ ପରେ ଆଜି ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର** ବିଭିନ୍ନ ଦିଗରୁ ପ୍ରତିବନ୍ଧକର ସାମ୍ନାକରି କାମ ହାସଲ କରିବାକୁ ପଡ଼ିବ। ଧନିଷ୍ଠା ନକ୍ଷତ୍ରର ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବା ଫଳରେ କିଛି ସମସ୍ୟା ଆସିବ। ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଦୂରେଇଯିବ। ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**କୁମ୍ଭ** ଅନ୍ୟମନସ୍କ ରହିବା କାରଣରୁ କିଛି ନା କିଛି ବ୍ୟତିକ୍ରମ ଅବଶ୍ୟ ସୃଷ୍ଟିହେବ। ଅଭିମାନକରି ରହିଥିବା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ ଆଶା କରିଥିବା କୌଣସି କାଗଜପତ୍ର ସମ୍ପର୍କିତ ଶୁଭ ସୂଚନା ପାଇବେ। ଶତଭିଷା ନକ୍ଷତ୍ରର ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହୋଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ଢଳିପାରେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ। ସାମାଜିକ ସ୍ତରରେ ଉନ୍ନତିମୂଳକ କାମ ସକାଶେ ଦିନଟି ବହୁତ ଭଲ।

ଆଜି ଫେବୃଆରୀ ୧୩ ତାରିଖ ମଙ୍ଗଳବାର, କୁମ୍ଭ ସଂକ୍ରାନ୍ତି, ମାଘ ଶୁକ୍ଳ ଚତୁର୍ଥୀଯୁକ୍ତ ୫ମୀ, ବିଶ୍ୱ ରେଡିଓ ଦିବସ, ଅହମଦିଆ ସମ୍ପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦଙ୍କ ଜନ୍ମଦିବସ। ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ୫ମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୦ ମି. ଗତେ, ଘ.୧୦।୫୨ ମଧ୍ୟେ, ଘ.୦୧।୦୯ ଗତେ, ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୨।୫୧ ଗତେ, ଘ.୦୪।୧୬ ମ. ମଧ୍ୟେ ରାହୁକାଳ।

# ହାଇକୋର୍ଟରେ ମାମଲା ଖାରଜ

## ମାଟ୍ରିକ୍ ପରୀକ୍ଷାବେଳେ ଆନ୍ତଃସ୍କୁଲ୍ କ୍ରିକେଟ୍ ମ୍ୟାଚ୍‌କୁ ବିରୋଧ

**କଟକ,୧୨।୨ (କାର୍ତ୍ତିକ ସାହୁ):** ମାଟ୍ରିକ୍ ପରୀକ୍ଷାବେଳେ ଆନ୍ତଃସ୍କୁଲ୍ କ୍ରିକେଟ୍ ମ୍ୟାଚ୍‌କୁ ବିରୋଧ କରି ରୁଜୁ ମାମଲାରେ ମ୍ୟାଚ୍ ଆୟୋଜନ ଉପରେ ରହିତାଦେଶ ପ୍ରଦାନ କରିବା ଆବେଦନକୁ ହାଇକୋର୍ଟ ମନା କରିଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ଅରିନ୍ଦମ୍ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ମାମଲାର ଶୁଣାଣି କରି ତାହାକୁ ଖାରଜ କରିଛନ୍ତି ।

ମାମଲାର ବିବରଣୀ ଅନୁସାରେ, ଆସନ୍ତା ୨୦ରୁ ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଏହି ସମୟରେ ଆନ୍ତଃସ୍କୁଲ୍ କ୍ରିକେଟ୍ ମ୍ୟାଚ୍ ଆୟୋଜନ କରାଯାଇଛି। ଏହି ମ୍ୟାଚ୍ ଫେବୃଆରୀ ୭ରୁ ୨୫ ତାରିଖ ଯାଏ ଚାଲିବ। ଏଥିରେ ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଭାଗ ନେଉଛନ୍ତି । ଏଣୁ ମାଟ୍ରିକ୍ ପରୀକ୍ଷା ସମୟରେ ଛାତ୍ରମାନେ ପରୀକ୍ଷା ପ୍ରସ୍ତୁତି କରିବେ ନା ପ୍ରତିଯୋଗିତାରେ ଭାଗ ନେବେ ବୋଲି ଆବେଦନରେ ଦର୍ଶାଯାଇଛି। ତେଣୁ ମ୍ୟାଚ୍ ଆୟୋଜନକୁ ସ୍ଥଗିତ ରଖିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଆବେଦନକାରୀ ହରେରାମ୍ ସାହୁଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଥିଲା। ଏଥିରେ କଟକ ଜିଲା କ୍ରୀଡ଼ା ସଂଘ, ଓଡ଼ିଶା କ୍ରିକେଟ୍ ଆସୋସିଏଶନକୁ ପକ୍ଷଭୁକ୍ତ କରାଯାଇଥିଲା।

# ଜୀ-ସାର୍ଥକର 'ପାର୍ବଣରେ ସୁନାର ବର୍ଷା'

**ବିଜେତା ପାଇଲେ ୨୦ ଗ୍ରାମ୍ ସୁନା**

**ଭୁବନେଶ୍ୱର,୧୨।୨(ଅନୁରାଧା ମହାରଣା):** ଗତ ପାର୍ବଣ ମହୋତ୍ସବରେ ଲୋକପ୍ରିୟ ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକରେ 'ପାର୍ବଣରେ ସୁନାର ବର୍ଷା' ପ୍ରତିଯୋଗିତା ହୋଇଥିଲା। ଲାଲ୍‌ଚାନ୍ଦ ଜୁଏଲର୍ସ ପ୍ରାୟୋଜିତ ଏହି ମେଗା ପ୍ରତିଯୋଗିତା ଅକ୍ଟୋବର ୫ରୁ ନଭେମ୍ବର ୨୦ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୬.୩୦ରୁ ରାତି ୯.୩୦ ମଧ୍ୟରେ ପ୍ରସାରିତ ଧାରାବାହିକ ଦେଖୁଥିବା ସମୟରେ ଟିଭି ସ୍କ୍ରିନରେ ପଚରାଯାଇଥିବା ପ୍ରଶ୍ନର ପ୍ରତିଦିନ ଠିକ୍ ଉତ୍ତର ଦେଇଥିବା ୪୦ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଲାଲଚାନ୍ଦ ଜୁଏଲର୍ସ ପକ୍ଷରୁ ପ୍ରତ୍ୟେକଙ୍କୁ ୧ ଗ୍ରାମ୍ ଓଜନର ସ୍ୱର୍ଣ୍ଣମୁଦ୍ରା ମିଳିଛି। ଏଥିସହ ଜଣେ ମେଗା ବିଜେତାଙ୍କୁ ୨୦ ଗ୍ରାମ ଓଜନର ସ୍ୱର୍ଣ୍ଣମୁଦ୍ରା ଉପହାର ଦିଆଯାଇଛି। ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଉପହାର ପ୍ରଦାନ କରାଯାଇଛି। ଜଗତ୍‌ସିଂପୁରର ଲଲାଟ କିଶୋର ସ୍ୱାଇଁ ମେଗା ବିଜେତା ହୋଇ ୨୦ ଗ୍ରାମର ସ୍ୱର୍ଣ୍ଣମୁଦ୍ରା ଉପହାର ପାଇଛନ୍ତି। ଉତ୍ସବରେ ଜୀ ସାର୍ଥକ ଚ୍ୟାନେଲ ହେଡ୍ ପ୍ରତୀକ ସିଲ୍‌ଙ୍କ ସମେତ ଲାଲଚାନ୍ଦ ଜୁଏଲର୍ସର ଡାଇରେକ୍ଟର ଅଜିତ ହଂସ, ସାଇନାଥ ପଣ୍ଡା ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ମନୋରଞ୍ଜନ ସହ ପରିବାର ଦାୟିତ୍ୱ ମଧ୍ୟରେ ସବୁବେଳେ ଛନ୍ଦିହୋଇ ରହୁଥିବା ମହିଳାମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବାରେ ଏପରି ପ୍ରତିଯୋଗିତା ଏକ ମାଧ୍ୟମ ହେବ ବୋଲି ପ୍ରତୀକ ସିଲ୍ ମତ ଦେଇଥିଲେ ।


INSPIRED BY THE HON'BLE PRIME MINISTER SHRI NARENDRA MODI'S VISION OF
AatmaNirbhar Bharat Abhiyan
JSW GROUP, IN PARTNERSHIP WITH GOVERNMENT OF ODISHA, IS POISED TO REVOLUTIONISE THE MOBILITY SECTOR IN INDIA
SHRI NARENDRA MODI
HON'BLE PRIME MINISTER OF INDIA
SHRI NAVEEN PATNAIK
HON'BLE CHIEF MINISTER OF ODISHA
JSW
Better Everyday
One of The World's Largest Gigafactory (Battery)
Electric Vehicle Manufacturing
Auto Component Manufacturing
Copper Refinery
Lithium Refinery
Total investment of over ₹40,000 Cr
Employment potential of 11,000

ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ

-କୁମ୍ଭ ସଂକ୍ରାନ୍ତି, ବରଦା ଚତୁର୍ଥୀ ଓ ହଳ ନିଷେଧ

# ଅଙ୍ଗଦାନ

ଜୀବନ ପାଇଁ ଉଭୟ ଅଙ୍ଗଦାନ ଓ ପ୍ରତିରୋପଣର ଗୁରୁତ୍ୱ ରହିଛି। ଜଣେ ବ୍ୟକ୍ତିର ଅଙ୍ଗଦାନ ଏକ କିମ୍ବା ଏକାଧିକ ଜୀବନ ବଞ୍ଚାଇଦେଇପାରେ। କିନ୍ତୁ ଭାରତରେ ଏହି କାର୍ଯ୍ୟକ୍ରମରେ ଶିଥିଳତା ଓ ଅସମାନତା ଦେଖାଯାଇଛି। ଗତ ସପ୍ତାହରେ ଲୋକ ସଭାରେ ଅଙ୍ଗଦାନ ଓ ପ୍ରତିରୋପଣ ସମ୍ପର୍କିତ ପ୍ରଶ୍ନଉତ୍ତରରୁ ଏହା ଜଣାପଡ଼ିଛି। ୱାଇଏସ୍ଆର କଂଗ୍ରେସ ପାର୍ଟି ସାଂସଦ କୁରୁଭା ଗୋରାନ୍ତଲା ମାଧବଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଏସ୍.ପି.ସିଂ ବଘେଲଙ୍କ ପ୍ରଦତ୍ତ ତଥ୍ୟ ପୁରୁଷ ଓ ମହିଳାଙ୍କ ମଧ୍ୟରେ ପ୍ରତିରୋପଣ ଅସମାନତାକୁ ସ୍ପଷ୍ଟ କରିଛି। ବଘେଲ କହିଥିଲେ ଯେ, ୧୯୯୫ରୁ ୨୦୨୧ ମଧ୍ୟରେ କରାଯାଇଥିବା ସମସ୍ତ ଅଙ୍ଗ ପ୍ରତିରୋପଣର ୮୦ ପ୍ରତିଶତ ପୁରୁଷଙ୍କଠାରେ ହୋଇଛି। ତଥ୍ୟ ମୁତାବକ ଏହି ସମୟ ମଧ୍ୟରେ ପୁରୁଷଙ୍କଠାରେ ୨୯,୬୯୫ ଥର ଅଙ୍ଗ ପ୍ରତିରୋପଣ କରାଯାଇଥିବାବେଳେ ଏ ଦିଗରେ ମହିଳାଙ୍କ ସଂଖ୍ୟା ଥିଲା ୬୯୪୫, ଯାହାର ଅନୁପାତ ପ୍ରାୟ ୪:୧। ସରକାରଙ୍କ ଦ୍ୱାରା ନ୍ୟାସନାଲ ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ପ୍ରୋଗ୍ରାମ ଆରମ୍ଭ କରାଯାଇ ଲୋକଙ୍କୁ ଅଙ୍ଗଦାନ ଉପରେ ସଚେତନ କରାଯାଉଥିବା ବୋଲି କେନ୍ଦ୍ର କହିଥିଲେ। ଅନ୍ୟ ଏକ ପରିସଂଖ୍ୟାନରୁ ଜଣାପଡ଼େ ଯେ, ଦେଶରେ ମୋଟ ଅଙ୍ଗଦାନ ମଧ୍ୟରୁ ୩୩ ପ୍ରତିଶତ ଜୀବିତ ବ୍ୟକ୍ତି କରିଥାନ୍ତି। ଗୁରୁତ୍ୱପୂର୍ଣ୍ଣ ହେଉଛି, ୫ ଜଣ ଅଙ୍ଗଦାତାଙ୍କ ମଧ୍ୟରେ ୪ ଜଣ ମହିଳା ଥିବାବେଳେ ଅଙ୍ଗ ପ୍ରତିରୋପଣ କରାଯାଉଥିବା ୫ ଜଣଙ୍କ ଭିତରେ ୪ ଜଣ ପୁରୁଷ ଅଛନ୍ତି। ଉଲ୍ଲେଖନୀୟ ଯେ, ଏହି ତଥ୍ୟକୁ ଆଧାରକରି ମାଧବ ପ୍ରଶ୍ନ ଉତ୍ଥାପନ କରିଥିଲେ। ତେବେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଯେଉଁ ଅସମାନତା ତଥ୍ୟ ଦର୍ଶାଇଛନ୍ତି ତାହା କାରଣ ମଧ୍ୟ ବୁଝିବା କଷ୍ଟକର ନୁହେଁ। ଭାରତୀୟଙ୍କ ପରିବାରରେ ଯେ କେହି ଏହା ଅନୁଭବ କରିଥିବେ। ଉଦାହରଣସ୍ୱରୂପ ପରିବାରରେ ଯଦି କୌଣସି ପୁରୁଷଙ୍କର କିଡ୍ନୀ(ବୃକ୍କ) ଖରାପ ହୋଇଯାଇଥାଏ ତେବେ ସେ କ୍ଷେତ୍ରରେ ସେହି ବ୍ୟକ୍ତିଙ୍କର ଭାଇ କିମ୍ବା ପୁଅ କିଡ୍ନୀ ଦେବା ପାଇଁ ଯୋଗ୍ୟ ହୋଇଥିଲେ ମଧ ତାଙ୍କ ସ୍ତ୍ରୀ କିଡ୍ନୀ ଦାନ କରିବା ଦେଖାଯାଏ। ଅନେକ କ୍ଷେତ୍ରରେ ଭଉଣୀ କିମ୍ବା ମା' ମଧ ଅଙ୍ଗଦାନ କରିଥାନ୍ତି। ବିଶେଷକରି ଭାରତୀୟ ସମାଜ ପୁରୁଷପ୍ରାଧାନ୍ୟ। ପୁରୁଷ କେବଳ ପରିବାର ପ୍ରତିପୋଷଣ ଓ ରୋଜଗାରର ଉତ୍ସ ବୋଲି ଧରିନିଆଯାଏ। ସେହି କାରଣରୁ ଅଧିକାଂଶ ପରିବାରରେ ମହିଳାମାନେ ଅଙ୍ଗଦାନ କରିଥାନ୍ତି ଓ ପୁରୁଷମାନେ ତାହାକୁ ଗ୍ରହଣ କରନ୍ତି। କିନ୍ତୁ କୌଣସି ପରିସ୍ଥିତିରେ ପୁରୁଷମାନେ ପରିବାରର ମହିଳାଙ୍କ ପାଇଁ ଅଙ୍ଗଦାନ କରନ୍ତି ନାହିଁ। ଏଭଳି ମାନସିକତା ଯୋଗୁ ଅଙ୍ଗଦାନ ଓ ପ୍ରତିରୋପଣରେ ଅସମାନତା ଉପୁଜିବା ଥୟ।

> ଭାରତରେ ଅଙ୍ଗଦାନ ସ୍ଥିତି ଅତି ପୁରୁଣା ସ୍ତରରେ ରହିଯାଇଛି। ଉତ୍ତରପୂର୍ବାଞ୍ଚଳରେ ଏହା ଅତି ନଗଣ୍ୟ। ସଂଖ୍ୟାଧିକ ଭାରତୀୟ ଅଙ୍ଗଦାନ ସମ୍ପର୍କିତ ନୀତିନିୟମ ଉପରେ ସଚେତନ ନୁହନ୍ତି। ଏହି ଆଇନଗୁଡ଼ିକ ଜଟିଳ ଓ ଅଙ୍ଗଦାନରେ ଦୁର୍ନୀତି ଜଡ଼ିତ ବୋଲି ଲୋକଙ୍କ ଧାରଣା ରହିଛି।

ଭାରତରେ ଅଙ୍ଗଦାନ ଓ ପ୍ରତିରୋପଣ ଅନୁପାତ କେବଳ ଚିନ୍ତାଜନକ ସ୍ଥିତିରେ ନାହିଁ, ବରଂ ଅଙ୍ଗଦାନ ଅପେକ୍ଷାରେ ଥିବା ବ୍ୟକ୍ତିଙ୍କ ତାଲିକାରେ ପ୍ରତି ୧୦ ମିନିଟ୍‌ରେ ଜଣେ ସାମିଲ ହେଉଛନ୍ତି ବୋଲି ବିଶେଷଜ୍ଞମାନେ ସତର୍କ କରିଦେଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଅଙ୍ଗଦାନ ପାଇଁ ଏବେ ଭାରତରେ ୩ ଲକ୍ଷରୁ ଅଧିକ ଲୋକ ଅପେକ୍ଷାରେ ରହିଛନ୍ତି ଓ ସେମାନଙ୍କ ମଧ୍ୟରୁ ପ୍ରତିଦିନ ଅତିକମ୍‌ରେ ୨୦ ଜଣଙ୍କ ମୃତ୍ୟୁ ଘଟୁଛି। ୨୦୨୨ ସୁଦ୍ଧା ସଦ୍ୟ ମୃତ ତଥା ଜୀବିତ ଅଙ୍ଗଦାତାଙ୍କ ସଂଖ୍ୟା ୧୬,୦୪୧ରେ ପହଞ୍ଚିଥିଲା ଓ ଏବେ ଏହା ସାମାନ୍ୟ ବୃଦ୍ଧି ହୋଇଥାଇପାରେ। ତେବେ ଏଥିରେ ପ୍ରତିରୋପଣ ଅପେକ୍ଷାରେ ଥିବା ୧ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଚାହିଦା ପୂରଣ କରିବା ସମ୍ଭବପର ନୁହେଁ। ଉଲ୍ଲେଖନୀୟ ଯେ, ଗତ ଏକ ଦଶନ୍ଧି ହେଲା ଭାରତରେ ପ୍ରତି ୧୦ ଲକ୍ଷରେ ସଦ୍ୟମୃତ ବ୍ୟକ୍ତିଙ୍କ ଅଙ୍ଗଦାନ ପ୍ରତିଶତ ୧ରୁ କମ୍ ରହିଆସିଛି। ଏଣୁ ଦେଶରେ ଥିବା ସମସ୍ତ ସରକାରୀ ମେଡିକାଲ କଲେଜ ଓ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ(ଏଆଇଆଇଏମ୍ଏସ୍)ଗୁଡ଼ିକରୁ ବର୍ଷକୁ ଯଦି ଅତିକମ୍‌ରେ ଜଣେ ମୃତକଙ୍କ ଅଙ୍ଗଗୁଡ଼ିକ ପାଇପାରିବା ତେବେ ପରିସ୍ଥିତିରେ କିଛି ପରିବର୍ତ୍ତନ ଆସିପାରେ। କାରଣ ଜଣେ ମୃତକଙ୍କ ଅଙ୍ଗଦାନ ୮ ଜଣଙ୍କ ଜୀବନ ବଞ୍ଚାଇପାରିବ। ହେଲେ ଭାରତରେ ଅଙ୍ଗଦାନ ସ୍ଥିତି ଅତି ପୁରୁଣା ସ୍ତରରେ ରହିଯାଇଛି। ଉତ୍ତରପୂର୍ବାଞ୍ଚଳରେ ଏହା ଅତି ନଗଣ୍ୟ। ସଂଖ୍ୟାଧିକ ଭାରତୀୟ ଅଙ୍ଗଦାନ ସମ୍ପର୍କିତ ନୀତିନିୟମ ଉପରେ ସଚେତନ ନୁହନ୍ତି। ଏହି ଆଇନଗୁଡ଼ିକ ଜଟିଳ ଓ ଅଙ୍ଗଦାନରେ ଦୁର୍ନୀତି ଜଡ଼ିତ ବୋଲି ଲୋକଙ୍କ ଧାରଣା ରହିଛି। ଅବଶ୍ୟ ରକ୍ତଦାନରେ ବ୍ୟବସାୟିକ ଦିଗ ରହିଛି ଏବଂ ଅନେକ ରକ୍ତଦାନ ଶିବିରରେ ଗ୍ରହଣ କରାଯାଉଥିବା ରକ୍ତ ବିକ୍ରି କରିଦିଆଯାଏ। ସେହିଭଳି ଅଙ୍ଗଦାନରେ ମଧ କିଡ୍ନୀ ଚୋରି ହେବାର ଖବର ସମସ୍ତେ ଜାଣିଛୁ, କାରଣ ସେହି ଅଙ୍ଗଗୁଡ଼ିକ ଉଚ୍ଚ ମୂଲ୍ୟରେ ବିକ୍ରି କରିହୁଏ। ଏହା ବ୍ୟତୀତ ସମାଜରେ ପୁନର୍ଜନ୍ମକୁ ନେଇ ରୂଢ଼ିବାଦୀ ଧର୍ମୀୟ ଚିନ୍ତାଧାରା ମଧ ଅଙ୍ଗଦାନରେ ବାଧକ ସାଜୁଛି। ଏସବୁ ଦୃଷ୍ଟିରୁ ନୀତିନିର୍ଦ୍ଧାରକ ଓ ବିଭିନ୍ନ ସଂସ୍ଥା ବ୍ୟାପକ ସଚେତନତା ସୃଷ୍ଟି କଲେ ଅଙ୍ଗଦାନ ଏବଂ ପ୍ରତିରୋପଣ ସ୍ଥିତିରେ ଉନ୍ନତି ଅଣାଯିବା ସହ ଅନେକାଂଶରେ ଅସମାନତା ଦୂର କରାଯାଇପାରିବ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 3 | 6 | | 9 |
| 5 | | | | | 2 | | | 8 |
| | | 1 | 7 | 4 | | | 5 | |
| | 7 | | | 2 | | | 8 | |
| | 5 | | | 8 | 7 | 3 | | |
| | | | 9 | | | | | |
| | | 7 | | | 5 | 9 | | |
| 1 | | | 8 | | | | | |
| | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହି ସମାଧାନ କରିବାକୁ ହେବ, ଯେଉଁରେ ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 6 | 2 | 5 | 3 | 7 | 1 | 8 |
| 1 | 2 | 5 | 9 | 8 | 7 | 4 | 6 | 3 |
| 3 | 7 | 8 | 4 | 6 | 1 | 9 | 5 | 2 |
| 6 | 1 | 7 | 5 | 9 | 8 | 3 | 2 | 4 |
| 8 | 3 | 9 | 1 | 4 | 2 | 5 | 7 | 6 |
| 2 | 5 | 4 | 7 | 3 | 6 | 1 | 8 | 9 |
| 9 | 4 | 2 | 8 | 7 | 5 | 6 | 3 | 1 |
| 7 | 8 | 3 | 6 | 1 | 9 | 2 | 4 | 5 |
| 5 | 6 | 1 | 3 | 2 | 4 | 8 | 9 | 7 |

ଗତକାଲିର ଉତ୍ତର

# ଅନୁପ୍ରାଣିତ ଜୀବନ



ଡ. ରଜନୀକାନ୍ତ ଖୁଣ୍ଟିଆ

ଦୈନନ୍ଦିନ ବ୍ୟସ୍ତବହୁଳ ଜୀବନରେ ଅସାଧାରଣକୁ ଅଣଦେଖା କରିବା ତଥା ଆମକୁ ଘେରି ରହିଥିବା ପ୍ରେରଣାର ସୂକ୍ଷ୍ମ ଉତ୍ସଗୁଡିକୁ ହରାଇବା ଆମର ନିତିଦିନିଆ ଅଭ୍ୟାସ। ତଥାପି, ଏହା ମଧ୍ୟରେ ପ୍ରେରଣାର ଏକ କ୍ଷୁଦ୍ର ଉତ୍ସର ଅପେକ୍ଷାରେ ଆମେ ସମସ୍ତେ ରହିଥାଉ। ଆଜି ଆମେମାନେ ବୃତ୍ତିଗତ ତଥା ଆର୍ଥିକ ମାଇଲଖୁଣ୍ଟ ହାସଲ କରିବାର ଦୌଡ଼ରେ ନିଜ କାର୍ଯ୍ୟର ପ୍ରକୃତ ମୂଲ୍ୟ ଏବଂ ଜୀବନର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ କରିବାକୁ ଭୁଲିଯାଉ। ଦୀର୍ଘ ଦିନ ଓ କ୍ରମାଗତ ଭାବରେ ଗୋଟିଏ ପ୍ରକାର କାର୍ଯ୍ୟ ଓ ଅଟୋପାଇଲଟ ମୋଡରେ ସାରା ଜୀବନ ଚାଲିଯାଏ। ନିଜ ମୂଲ୍ୟ ଅପେକ୍ଷା ଆମେ ବାହ୍ୟ ଆଶା ଦ୍ୱାରା ପରିଚାଳିତ ହୋଇଥାଉ। ଏହି ଆତ୍ମ-ସଚେତନତା ଓ ଆତ୍ମ-ପ୍ରେରଣା ଉଦ୍ଦେଶ୍ୟମୂଳକ ତଥା ପ୍ରେରଣାଦାୟକ ଜୀବନର ପ୍ରଥମ ସୋପାନ।

ଆତ୍ମପ୍ରେରଣା ଏକ ଶକ୍ତିଶାଳୀ ଉତ୍ସ । ବାହ୍ୟ କାରଣ ଉପରେ ନିର୍ଭର କରିବା ପରିବର୍ତ୍ତେ ନିଜ ଭିତରୁ ପ୍ରେରଣା ଏବଂ ନିଷ୍ଠା ଖୋଜିବା ସହିତ ଏହା ଜଡିତ। ବାହ୍ୟ ପ୍ରେରଣାଦାତା, ଯେପରିକି ଅନ୍ୟମାନଙ୍କ ପ୍ରଶଂସା କିମ୍ବା ପୁରସ୍କାର, ଅସ୍ଥାୟୀ ହୋଇପାରେ। ମାତ୍ର ଆତ୍ମପ୍ରେରଣା ଅଧିକ ସ୍ଥାୟୀ ହେବାର ସମ୍ଭାବନା ଅଧିକ କାରଣ ଏହା ବ୍ୟକ୍ତିଗତ ମୂଲ୍ୟବୋଧ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟର ଭାବନାରୁ ଆସିଥାଏ। ଆତ୍ମପ୍ରେରିତ ବ୍ୟକ୍ତିମାନେ ସେମାନଙ୍କର ଲକ୍ଷ୍ୟ ଅନୁସରଣ ପ୍ରକ୍ରିୟାରେ ପ୍ରାୟତଃ ସନ୍ତୋଷ ପାଆନ୍ତି। ବ୍ୟକ୍ତିଗତ କୃତିତ୍ୱରୁ ଆସୁଥିବା ଅନ୍ତର୍ନିହିତ ପୁରସ୍କାର ବାହ୍ୟ ପୁରସ୍କାର ଅପେକ୍ଷା ଅଧିକ ଅର୍ଥପୂର୍ଣ୍ଣ ହୋଇପାରେ। ଆତ୍ମପ୍ରେରିତ ବ୍ୟକ୍ତିମାନେ ଆହ୍ୱାନର ସମ୍ମୁଖୀନ ହେଲେ ଅଧିକ ସ୍ଥିର ଭାବରେ ଏହାର ନିରାକରଣ ଖୋଜନ୍ତି। ବାଧାବିଘ୍ନକୁ ଦୂର କରିବା, ବିଫଳତାରୁ ଶିଖିବା ଏବଂ ଲକ୍ଷ୍ୟ ଅନୁସରଣରେ ଅବିରତ ରହିବା ପାଇଁ ଆଭ୍ୟନ୍ତରୀଣ ଶକ୍ତି ପ୍ରେରିତ କରେ। ଯେତେବେଳେ ବ୍ୟକ୍ତିମାନେ ନିଜର ଲକ୍ଷ୍ୟ ସ୍ଥିର କରନ୍ତି ଏବଂ ସେଗୁଡିକ ହାସଲ କରିବାକୁ ଚେଷ୍ଟା କରନ୍ତି, ସେମାନେ ନିରନ୍ତର ଶିକ୍ଷା ଏବଂ ଉନ୍ନତିରେ ନିୟୋଜିତ ହୁଅନ୍ତି। ବାହ୍ୟ ପରିସ୍ଥିତି ବଦଳିପାରେ ଏବଂ ବାହ୍ୟ ପ୍ରେରଣାଦାତା ସର୍ବଦା ଉପସ୍ଥିତ ନ ରହିପାରନ୍ତି କିନ୍ତୁ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପ ଖୁଆଇବା ପାଇଁ ଆତ୍ମ-ପ୍ରେରିତ ବ୍ୟକ୍ତିମାନେ ଅଧିକ ସଜ୍ଜିତ ଥାନ୍ତି।

ଛୋଟ ଛୋଟ ସଫଳତା ଓ ବିଜୟରେ ସୌନ୍ଦର୍ଯ୍ୟ ଲୁଚି ରହିଥାଏ। ଆମେ ପ୍ରତିଦିନ ସାମ୍ନା କରୁଥିବା ଛୋଟ ଛୋଟ ବିଜୟ ମଧ୍ୟରେ ଏହା ବସା ବାନ୍ଧନ୍ତି। ଏହି ସୌନ୍ଦର୍ଯ୍ୟକୁ ଖୋଜି ପାରିଲେ ଜୀବନ ପ୍ରେରଣାଦାୟୀ ହୋଇଥାଏ। କାର୍ଯ୍ୟକ୍ଷେତ୍ରରେ ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟକୁ ଉତ୍ତମ ଭାବେ ସମ୍ପାଦନ କରିବା, ଅନ୍ୟମାନଙ୍କ ସହିତ ଏକ ସୁସ୍ଥ ସମ୍ପର୍କର ଅଭ୍ୟାସ ବଜାୟ ରଖିବା, କିମ୍ବା କେବଳ ଏକ ବ୍ୟସ୍ତବହୁଳ ଦିନକୁ ଅନୁଗ୍ରହ ସହିତ ସମାପ୍ତ କରିବା ଇତ୍ୟାଦି ଇତ୍ୟାଦି। ସଫଳତା ଯେ ସର୍ବଦା ବଡ଼ କିମ୍ବା ସ୍ମରଣୀୟ ହେବ ତାହାର କିଛି ଆବଶ୍ୟକତା ନାହିଁ। ପ୍ରତ୍ୟେକ ସଫଳତା, ଯେତେ ନମ୍ର ହେଉନା କାହିଁକି, ସ୍ୱୀକୃତି ପାଇବାକୁ ଯୋଗ୍ୟ। ଏହି ଛୋଟ ବିଜୟକୁ ପାଳନ କରିବାକୁ କିଛି ସମୟ ନିଆଯିବା ଉଚିତ, କାରଣ ଏଗୁଡ଼ିକ ଏକ ପ୍ରେରିତ ଏବଂ ପୂର୍ଣ୍ଣ ଜୀବନର ନିର୍ମାଣକାରୀ ଶୃଙ୍ଖଳ। ଛୋଟ ବିଜୟଗୁଡିକ ପ୍ରେରଣା ଦିଏ ଯେ ପ୍ରତ୍ୟେକ ପଦକ୍ଷେପ, ଯେତେ ଛୋଟ ହେଲେ ମଧ ବ୍ୟକ୍ତିଗତ ସଫଳତା ଏବଂ ପୂର୍ଣ୍ଣତାର ବୃହତ କାହାଣୀର ଏକ ଅର୍ଥପୂର୍ଣ୍ଣ ଅଂଶ।



ନିଜେ ସଫଳ ହେବା ତଥା ଅନ୍ୟମାନଙ୍କୁ ସଫଳତା ପାଇଁ ପ୍ରେରିତ କରିବା ଆଜିର ଦିନର ଅନୁଚିନ୍ତା।

ଅନୁପ୍ରାଣିତ ଜୀବନର ମୂଳରେ କୃତଜ୍ଞତା ରହିଥାଏ। ଆଜିର 'ମୁଁ ସର୍ବସ୍ୱ ଦୁନିଆରେ କାର୍ଯ୍ୟ ହାସଲ ପରେ ଅନ୍ୟକୁ କୃତଜ୍ଞତା ଦେବାକୁ ଆମେ ପଛଘୁଞ୍ଚା ଦେଉ। ଆମ ଜୀବନର କପଡ଼ାରେ ବୁଣା ହୋଇଥିବା ଆଶୀର୍ବାଦକୁ ପ୍ରଶଂସା କରିବାର କ୍ଷମତା ଆମର ରହିବା ଉଚିତ। ମୋ ଜୀବନରେ କିଛି ନାହିଁ କହିବାର ପ୍ରବୃତ୍ତିରୁ ବିରତ ରହିବା ଉଚିତ। ଯେପରିକି ସକାଳୁ ଉଠି ପ୍ରଥମେ ଆଉ ଗୋଟିଏ ଦିନର ଜୀବନ ତଥା ପ୍ରତ୍ୟେକ ନୂତନ ଦିନ ଆଣିଥିବା ସୁଯୋଗ ପାଇଁ ଈଶ୍ୱରଙ୍କୁ କୃତଜ୍ଞତା। ଯାହା ପାଇଁ ଆମେ କୃତଜ୍ଞ, ପ୍ରତ୍ୟେକ ଦିନ ଚିନ୍ତା କରିବାକୁ କିଛି ସମୟ ନିଆଯିବା ଉଚିତ। କୃତଜ୍ଞତା ପ୍ରେରଣାର ଦ୍ୱାରକୁ ଉନ୍ମୁକ୍ତ କରିଥାଏ। କୃତଜ୍ଞତା ସୃଷ୍ଟି କରିବା ହେଉଛି ଏକ ଉତ୍କୃଷ୍ଟ ଅଭ୍ୟାସ ଯାହା ଆମର ସାମଗ୍ରିକ ସୁସ୍ଥତା ଏବଂ ଜୀବନର ଦୃଷ୍ଟିକୋଣ ଉପରେ ସକାରାତ୍ମକ ପ୍ରଭାବ ପକାଇପାରେ। କିନ୍ତୁ ପ୍ରଶ୍ନ ହେଉଛି କିପରି ? କାହାଠାରୁ ପାଇଥିବା କିଛି କୃତଜ୍ଞତାକୁ ଆମେ ନିଜସ୍ୱ ଡାଏରୀରେ ଲିପିବଦ୍ଧ କରି ରଖିପାରିବା। କୃତଜ୍ଞତା ଏକ ନିରନ୍ତର ପ୍ରକ୍ରିୟା ଯାହା ଅଭ୍ୟାସ ଏବଂ ମନୋବୃତ୍ତି ଆବଶ୍ୟକ କରେ। ଏହି କୌଶଳଗୁଡିକ ଜୀବନରେ ଅନ୍ତର୍ଭୁକ୍ତ କରି ଆମେ ଏକ ଅଧିକ ସକାରାତ୍ମକ ଏବଂ କୃତଜ୍ଞ ମାନସିକତା ବିକଶିତ କରିପାରିବା।

ସବୁକିଛିରେ ଭଲ ଖୋଜିବା ହେଉଛି ଏକ ଦୃଷ୍ଟିକୋଣ ଯାହା ସକାରାତ୍ମକତା, ସ୍ଥିରତା ଏବଂ ଜୀବନର ଅନୁଭୂତିକୁ ତ୍ୱରାନ୍ୱିତ କରିଥାଏ। ଅଧିକନ୍ତୁ, ପ୍ରତିକୂଳ ପରିସ୍ଥିତିରେ ମଧ ସକାରାତ୍ମକ ଦିଗଗୁଡ଼ିକୁ ସକ୍ରିୟ ଭାବରେ ଖୋଜିବା ଏବଂ ସ୍ୱୀକାର କରିବା ସହିତ ଏହା ଜଡିତ। ଏହି ମାନସିକତାକୁ ଗ୍ରହଣ କରି, ଆମେମାନେ କୃତଜ୍ଞତା ଏବଂ ଏକ ଅଧିକ ଆଶାବାଦୀ ଦୃଷ୍ଟିକୋଣ ସୃଷ୍ଟି କରନ୍ତି, ଯାହା ମାନସିକ ଏବଂ ଭାବପ୍ରବଣତାରେ ଉନ୍ନତି ଆଣିବାରେ ସହାୟକ ହୋଇପାରେ। ସବୁକିଛିରେ ଭଲ ଖୋଜିବା ଅର୍ଥ ଅସୁବିଧାକୁ ଅଣଦେଖା କରିବା କିମ୍ବା ବାସ୍ତବତାକୁ ଅସ୍ୱୀକାର କରିବା ନୁହେଁ; ବରଂ, ପ୍ରତିକୂଳ ପରିସ୍ଥିତିର ନିରାକରଣ ପାଇଁ ପ୍ରଚେଷ୍ଟା, ଉଦ୍ଦିଷ୍ଟ ଶିକ୍ଷା, କିମ୍ବା ଅଭିବୃଦ୍ଧିର ସୁଯୋଗକୁ ଚିହ୍ନଟ କରିବା ହିଁ ମୂଳ ଲକ୍ଷ୍ୟ ହେବା ଉଚିତ। ଏହି ମାନସିକତା ସଶକ୍ତୀକରଣର ଭାବନା ଏବଂ ଜୀବନର ଆଭିମୁଖ୍ୟ ବଢାଇଥାଏ।

ଉତ୍ସାହ ହେଉଛି ଏକ ଶକ୍ତିଶାଳୀ ଶକ୍ତି ଯାହା ଆମକୁ ଆଗକୁ ବଢାଇଥାଏ। ଯାହା ପ୍ରାଣକୁ ପୁଲକିତ କରେ, ସେଥିରେ ସମୟ ଉତ୍ସର୍ଗ କରିବା ଉଚିତ ଏବଂ ସେହି ଉତ୍ସାହକୁ ଜୀବନର ଅନ୍ୟାନ୍ୟ ଦିଗରେ ବିସ୍ତାର କରିବାକୁ ହେବ। ଆମେ ଯାହା ଭଲ ପାଉ ତାକୁ କରିବା ଓ ଯାହା କରୁ ତାକୁ ଭଲ ପାଇବା ଉଚିତ। ନୈତିକତା ସମ୍ପନ୍ନ କାର୍ଯ୍ୟରେ ନିୟୋଜିତ ହେବା ହିଁ ପ୍ରକୃତ ସନ୍ତୋଷ ପ୍ରଦାନ କରିଥାଏ । ଉତ୍ସାହରୁ ଉତ୍ପନ୍ନ ଶକ୍ତି ସୃଜନଶୀଳତା, ନୂତନତ୍ୱ ଏବଂ ବ୍ୟକ୍ତିଗତ ସନ୍ତୁଷ୍ଟିର ଏକ ଗଭୀର ଭାବନାକୁ ବୃଦ୍ଧି କରେ। ଏକ ଗତିଶୀଳ ଶକ୍ତି ଭାବରେ, ଉତ୍ସାହ କେବଳ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଲକ୍ଷ୍ୟ ଆଡକୁ ଗତି କରେ ନାହିଁ ବରଂ ସକାରାତ୍ମକତାକୁ ଆଲୋକିତ କରେ, ଯାହା ସେମାନଙ୍କ ଆଖପାଖରେ ଥିବା ଲୋକଙ୍କୁ ପ୍ରେରଣା ଦିଏ।

ଉଦ୍ଦେଶ୍ୟ ସହିତ ସମ୍ପୃକ୍ତ ଜୀବନ ହେଉଛି ଏକ ଗଭୀର ଯାତ୍ରା ଯାହା ଅର୍ଥପୂର୍ଣ୍ଣ, ଦିଗଯୁକ୍ତ ଏବଂ ପୂର୍ଣ୍ଣତାର ଭାବନା ଦ୍ୱାରା ଚିହ୍ନିତ। ଏହି ଉଦ୍ଦେଶ୍ୟ ଏକ ମାର୍ଗଦର୍ଶକ ଭାବରେ କାର୍ଯ୍ୟ କରେ ଏବଂ ନିଷ୍ପତ୍ତି ଓ ପ୍ରାଥମିକତା ଜୀବନର ସାମଗ୍ରିକ ଗତିପଥ ଗଠନ କରେ। ବାସ୍ତବରେ, ଏକ ଉଦ୍ଦେଶ୍ୟଚାଳିତ ଜୀବନ ହେଉଛି ପରିବର୍ତ୍ତନଶୀଳ ଏବଂ ପୂର୍ଣ୍ଣ ଯାତ୍ରା ଯାହା ଉଭୟ ବ୍ୟକ୍ତି ଏବଂ ସେମାନଙ୍କ ଚତୁର୍ପାର୍ଶ୍ୱରେ ଥିବା ଲୋକମାନଙ୍କୁ ମଧ ପ୍ରଭାବିତ କରିଥାଏ। ଅନୁପ୍ରାଣିତ ଜୀବନ ଏକ ଲକ୍ଷ୍ୟସ୍ଥଳ ନୁହେଁ ବରଂ ଏକ ନିରନ୍ତର ଯାତ୍ରା – ସାଧାରଣରେ ପ୍ରେରଣା ଖୋଜିବା, କୃତଜ୍ଞତା ପ୍ରଦାନ କରିବା ଏବଂ ଉତ୍ସାହର ସହିତ ଜୀବନ ଯାତ୍ରାକୁ ଅନୁସରଣ କରିବା ପାଇଁ ଏକ ପ୍ରତିବଦ୍ଧତା।

**ସହକାରୀ ପ୍ରାଧ୍ୟାପକ,**
**ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ,**
**ମୋ: ୯୯୩୭୨୮୫୬୭୨**

# ସାମାଜିକ ଗଣମାଧ୍ୟମ ବିବର୍ତ୍ତନର ପ୍ରଭାବ



ସୌରଜିତ ପ୍ରଧାନୀ

ସୋସିଆଲ ମିଡିଆ ପରସ୍ପରକୁ ଯୋଡିବା, ଯୋଗାଯୋଗ କରିବା, ସୂଚନା ଆଦାନ ପ୍ରଦାନ କରିବା ଆଦିରେ ବୈପ୍ଳବିକ ପରିବର୍ତ୍ତନ ଆଣୁଛି। ବର୍ଷ ବର୍ଷ ଧରି ଏହାର ବିବର୍ତ୍ତନ ଯୁବବର୍ଗର ସାମାଜିକୀକରଣ ପ୍ରକ୍ରିୟା, ସେମାନଙ୍କ ସମ୍ପର୍କ, ଆତ୍ମଧାରଣା ଓ ବିଶ୍ୱଦୃଷ୍ଟିକୁ ବେଶ୍ ପ୍ରଭାବିତ କରିଛି। ସ୍ମାର୍ଟ ଫୋନର ଆଗମନ ଏବଂ ଇଣ୍ଟରନେଟ ସଂଯୋଗର ପ୍ରସାର ଦ୍ୱାରା ସାମାଜିକ ଗଣମାଧ୍ୟମର ଉତ୍ଥାନକୁ ସମର୍ଥନ ମିଳିଥିଲା।

ସ୍ମାର୍ଟ ଫୋନ ଏବଂ ଇଣ୍ଟରନେଟ ସଂଯୋଗ ଗାଁ ଏବଂ ଛୋଟ ସହରରେ ପହଞ୍ଚିଥିବାରୁ ଗ୍ରାମାଞ୍ଚଳରେ ରହୁଥିବା ସାଧାରଣ ଲୋକ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ୍ ଆଦି ସୋସିଆଲ ମିଡିଆ ପ୍ଲାଟଫର୍ମ ସଂସ୍ପର୍ଶରେ ଆସିପାରିଛନ୍ତି। ୨୦୦୦ ଦଶକର ପ୍ରାରମ୍ଭରେ 'ସିକ୍ସ ଡିଗ୍ରୀ' ଏବଂ 'ଫ୍ରେଣ୍ଡଷ୍ଟର' ଭଳି ପ୍ଲାଟଫର୍ମ ଆସିବା ପରେ ଅନ୍‌ଲାଇନ ସାମାଜିକ ନେଟ୍‌ୱର୍କର ପରିକଳ୍ପନା ଆରମ୍ଭ ହୋଇଥିଲା। ଏହି ପ୍ଲାଟଫର୍ମଗୁଡ଼ିକ ବ୍ୟବହାରକାରୀଙ୍କୁ ପ୍ରୋଫାଇଲ ତିଆରି କରିବା, ଅନ୍ୟମାନଙ୍କ ସହ ସଂଯୋଗ କରିବା ଏବଂ ବିଷୟବସ୍ତୁ ବାଣ୍ଟିବା ପାଇଁ ସକ୍ଷମ କରିବା ଦ୍ୱାରା ସାମାଜିକ ଗଣମାଧ୍ୟମର ବିବର୍ତ୍ତନର ମୂଳଦୁଆ ପକାଇଥିଲା। ତେବେ ମାଇଁ ସ୍ପେସ୍ ଏବଂ ଫେସ୍‌ବୁକ ଭଳି ପ୍ଲାଟଫର୍ମର ଆବିର୍ଭାବ ହେବା ପର୍ଯ୍ୟନ୍ତ ସୋସିଆଲ ମିଡିଆ ବ୍ୟାପକ ଲୋକପ୍ରିୟତା ହାସଲ କରିପାରି ନ ଥିଲା। ୨୦୦୪ ରେ ଆରମ୍ଭ ହୋଇଥିବା ଫେସ୍‌ବୁକ ସୋସିଆଲ ମିଡିଆ ବିପ୍ଳବରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଯୁଗ ବ୍ୟକ୍ତିଗତ ବ୍ରାଣ୍ଡିଂର ଆରମ୍ଭକୁ ଚିହ୍ନିତ କରିଥିଲା, ଯେଉଁଠାରେ ବ୍ୟକ୍ତିମାନେ ନିଜ ସାଥୀଙ୍କୁ ଏକ ଆକାଂକ୍ଷିତ ଚିତ୍ର ଉପସ୍ଥାପନ କରିବାକୁ ଯତ୍ନର ସହିତ ସେମାନଙ୍କ ଅନ୍‌ଲାଇନ ବ୍ୟକ୍ତିବିଶେଷଙ୍କୁ ତିଆରି କରିଥିଲେ। ଯୁବକମାନଙ୍କର ସାମାଜିକୀକରଣ ପ୍ରକ୍ରିୟାରେ ଏହି ପରିବର୍ତ୍ତନର ପ୍ରଭାବ ଗଭୀର ଥିଲା।

ଇନ୍‌ଷ୍ଟାଗ୍ରାମ୍ ଏବଂ ସ୍ନାପଚାଟ ପରି ଦୃଶ୍ୟ କୈନ୍ଦ୍ରିକ ପ୍ଲାଟଫର୍ମର ଉତ୍ଥାନ ସହିତ ସୋସିଆଲ ମିଡିଆର ବିବର୍ତ୍ତନ ଜାରିରହିଲା। ଏହି ପ୍ଲାଟଫର୍ମଗୁଡ଼ିକ ଲେଖା ଉପରେ ଫଟୋ ଏବଂ ଭିଡିଓ ଭଳି ଦୃଶ୍ୟମାନ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେଇ ଯୋଗାଯୋଗରେ ପରିବର୍ତ୍ତନ ଆଣିଥିଲା। ଯୁବକମାନଙ୍କ ଆତ୍ମସମ୍ମାନ ଏବଂ ସ୍ୱଭାବ ପ୍ରକାଶ ଉପରେ ଭିଜୁଆଲ ମିଡିଆର ପ୍ରଭାବ ସ୍ପଷ୍ଟ ହୋଇଗଲା, ଯେହେତୁ ଲୋକମାନେ ସେମାନଙ୍କ ଅନ୍‌ଲାଇନ ଉପସ୍ଥିତି ବୃଦ୍ଧି କରିବା ପାଇଁ ସୌନ୍ଦର୍ଯ୍ୟ ଏବଂ 'ଫିଲ୍ଟର୍' ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଥିଲେ। ୨୦୦୬ ରେ ଆରମ୍ଭ ହୋଇଥିବା 'ଟୁଇଟର' ମାଇକ୍ରୋବ୍ଲଗିଂର ଧାରଣାକୁ ଲୋକପ୍ରିୟ କରିଥିଲା। ଏହି ପ୍ଲାଟଫର୍ମ ବାସ୍ତବ-ସମୟ ବାର୍ତ୍ତାଳାପ ଏବଂ ଟ୍ରେଣ୍ଡକୁ ପ୍ରୋତ୍ସାହିତ କରିଥିଲା। ସାମାଜିକୀକରଣ ପ୍ରକ୍ରିୟା ଉପରେ 'ଟୁଇଟର'ର ପ୍ରଭାବ ଜନମତ ଗଠନ ଏବଂ ସ୍ୱରର ବିସ୍ତାରରେ ସ୍ପଷ୍ଟ ହୋଇଥିଲା, ଯାହା ଯୁବକମାନଙ୍କୁ ବିଶ୍ୱସ୍ତରୀୟ ଆଲୋଚନା ଏବଂ ସକ୍ରିୟତାରେ ଅଂଶଗ୍ରହଣ କରିବାକୁ ସକ୍ଷମ କରିଥିଲା।

ସାମାଜିକ ଗଣମାଧ୍ୟମ ଅଭୂତପୂର୍ବ ସଂଯୋଗ ଆଣିଥିବା ବେଳେ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ବିଷୟରେ ଚିନ୍ତା ବଢ଼ାଇଛି। ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାରକୁ ଯୁବକମାନଙ୍କ ମଧ୍ୟରେ ଉଦ୍‌ବେଗ, ଅବସାଦ ଏବଂ କମ୍ ଆତ୍ମସମ୍ମାନ ଭଳି ସମସ୍ୟା ସହିତ ଯୋଡ଼ାଯାଇଛି। ଏହା ଯୁବକଙ୍କ ସାମଗ୍ରିକ କଲ୍ୟାଣକୁ ପ୍ରଭାବିତ କରିଥାଏ। ଯୁବକମାନେ କ୍ରମାଗତ ଭାବେ ଫୋନକୁ 'ଲାଇକ' ଏବଂ 'କମେଣ୍ଟ' ପାଇଁ ଯାଞ୍ଚ କରୁଛନ୍ତି। ଏହା ଏକପ୍ରକାର ସାମାଜିକ ବୈଧତା, ଯାହା ସେମାନେ ସମାଜ ତଥା ସେମାନଙ୍କ ସାଥୀମାନଙ୍କଠାରୁ ଚାହୁଁଛନ୍ତି। କମ୍ ସଂଖ୍ୟକ 'ଲାଇକ' ପାଇଥିବା ଯେକୌଣସି ପୋଷ୍ଟ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ ଏବଂ ବାସ୍ତବରେ ଅବସାଦ ସୃଷ୍ଟି କରିପାରେ। ବଡ଼ ହୋଟେଲ, ବିଦେଶ ଆଦି ସ୍ଥାନକୁ ଯାଉଥିବା ସେମାନଙ୍କ ବନ୍ଧୁମାନଙ୍କ ଫଟୋ ଦେଖିଲେ ସେମାନେ ଏକ ନିମ୍ନମାନର 'କମ୍ପ୍ଲେକ୍ସ' ପାଇଥାନ୍ତି।



ସୋସିଆଲ ମିଡିଆର ଆଗମନ ସହିତ ଏକ ସୁଖୀ ବିବାହର ଅର୍ଥ ଭିନ୍ନ ରୂପ ନେଇଛି। ଫେସ୍‌ବୁକ୍ ଯୁଗରେ ଲୋକମାନେ ସ୍ୱୀକୃତି ଏବଂ ପ୍ରଶଂସା ପାଇବା ପାଇଁ ବିବାହ କରୁଛନ୍ତି। ଏଭଳି ମନୋବିଜ୍ଞାନ ବିଭିନ୍ନ ବୃତ୍ତି ଏବଂ ଉଦ୍ୟୋଗର ପୋଷଣରେ ସହାୟକ ହୋଇଛି। ପ୍ରତ୍ୟେକ ସାଧାରଣ ଲୋକ ଆଜି ଜଣେ ପେସାଦାର ଫଟୋଗ୍ରାଫର ଏବଂ ଇଭେଣ୍ଟ ପରିଚାଳକ ବୋଲି ଦାବି କରୁଛନ୍ତି।

ସୋସିଆଲ ମିଡିଆର ବିବର୍ତ୍ତନ ପ୍ରେମ ସମ୍ପର୍କର ପରିଦୃଶ୍ୟକୁ ପୁନଃ ପରିଭାଷିତ କରିଛି। ଅନ୍‌ଲାଇନ ବାର୍ତ୍ତାଳାପ ସାମ୍ନାସାମ୍ନି ଯୋଗାଯୋଗର ପରିପୂରକ, ଯାହା ବ୍ୟକ୍ତିବିଶେଷଙ୍କୁ ଭୌଗୋଳିକ ସୀମା ବାହାରେ ସଂଯୋଗ ରଖିବାକୁ ଅନୁମତି ଦେଇଥାଏ। ତଥାପି ଡିଜିଟାଲ କ୍ଷେତ୍ର ଆହ୍ୱାନ ସୃଷ୍ଟି କରେ। ସରକାରୀ ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ପ୍ରକୃତ, ଅର୍ଥପୂର୍ଣ୍ଣ ସମ୍ପର୍କ ଗଠନ ଉପରେ ସୋସିଆଲ ମିଡିଆ ପ୍ରଭାବ ପକାଇଥାଏ।

'ୟୁଟ୍ୟୁବ୍', 'ଇନ୍‌ଷ୍ଟାଗ୍ରାମ୍' ଏବଂ 'ଟିକ୍‌ଟକ୍' ପରି ପ୍ଲାଟଫର୍ମରେ ପ୍ରଭାବଶାଳୀଙ୍କ ଉତ୍ଥାନ ଆକାଂକ୍ଷୀ ଜୀବନଶୈଳୀ ଉପରେ କେନ୍ଦ୍ରିତ ଏକ ସଂସ୍କୃତିକୁ ଜନ୍ମ ଦେଇଛି। ଯୁବକମାନେ ଅଧିକାଂଶ ପ୍ରଭାବଶାଳୀ ନିର୍ମାତାଙ୍କ ଦ୍ୱାରା ପ୍ରଭାବିତ ହୁଅନ୍ତି, ସେମାନଙ୍କର ଆକାଂକ୍ଷା, ଆଚରଣ ଏବଂ ଏପରିକି ବୃତ୍ତି ପସନ୍ଦକୁ ରୂପ ଦିଅନ୍ତି । ସାମାଜିକୀକରଣ ପ୍ରକ୍ରିୟା ଉପରେ ଏହି ପ୍ରଭାବଶାଳୀ ସଂସ୍କୃତିର ପ୍ରଭାବ ଯଥେଷ୍ଟ, କାରଣ ଏହାର ସାମାଜିକ ନିୟମ ଏବଂ ମୂଲ୍ୟବୋଧ ଗଠନରେ ଯୋଗଦାନ ରହିଥାଏ।

ଯୁବପିଢ଼ିଙ୍କ ମଧ୍ୟରେ ରାଜନୈତିକ ସଚେତନତା ସୃଷ୍ଟି କରିବାରେ ସାମାଜିକ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଟୁଇଟର ଏବଂ ଇନ୍‌ଷ୍ଟାଗ୍ରାମ୍ ପରି ପ୍ଲାଟ୍‌ଫର୍ମ ରାଜନୈତିକ କାର୍ଯ୍ୟକଳାପ ପାଇଁ ଶକ୍ତିଶାଳୀ ଉପକରଣରେ ପରିଣତ ହୋଇଛି, ଯାହା ଯୁବକମାନଙ୍କୁ ସେମାନଙ୍କ ମତାମତ ପ୍ରକାଶ କରିବାକୁ, ଆନ୍ଦୋଳନକୁ ଏକତ୍ରିତ କରିବାକୁ ଏବଂ କର୍ତ୍ତୃପକ୍ଷଙ୍କୁ ଉତ୍ତରଦାୟୀ କରିବାକୁ ଅନୁମତି ଦେଇଥାଏ। ତଥାପି ସୋସିଆଲ ମିଡିଆ ଆମ ଯୁବପିଢ଼ିଙ୍କ ସାମାଜିକୀକରଣ ପ୍ରକ୍ରିୟାକୁ ବଦଳାଇ ଦେଇଛି, ଯାହା ଉଭୟ ସୁଯୋଗ ଏବଂ ଆହ୍ୱାନ ପ୍ରଦାନ କରୁଛି। ଯଦିଓ ଏହା ଅଭୂତପୂର୍ବ ସଂଯୋଗ ଏବଂ ସଶକ୍ତୀକରଣକୁ ସୁଗମ କରିଛି, ଏହା ମାନସିକ ସ୍ୱାସ୍ଥ୍ୟ ପ୍ରାମାଣିକତା ଏବଂ ପ୍ରଭାବଶାଳୀ ସଂସ୍କୃତିର ପ୍ରଭାବ ବିଷୟରେ ମଧ ଚିନ୍ତା ବଢ଼ାଇଛି। ଏହା ସାମାଜିକ ଏବଂ ଆବେଗିକ ଅବସାଦ ମଧ ସୃଷ୍ଟି କରିଛି। ପରିଶେଷରେ ଡିଜିଟାଲ ଯୁଗରେ ଦାୟିତ୍ୱବାନ ଏବଂ ସକାରାତ୍ମକ ଯୋଗଦାନ ଦିଗରେ ଯୁବକମାନଙ୍କୁ ମାର୍ଗଦର୍ଶନ କରିବା ପାଇଁ ସୋସିଆଲ ମିଡିଆର ବିବର୍ତ୍ତନକୁ ବୁଝିବା ଜରୁରୀ।

**ପ୍ଲଟ ନଂ. ୧୩୭, ଜିଲା କେନ୍ଦ୍ର,**
**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର,**
**ମୋ:୯୯୬୭୧୦୨୨୬୪**

## ଏଇ ଭାରତରେ

ପୁରୁଣା ଜିନ୍ସରେ ଆରାମଦାୟକ ସ୍ଲିପିଂ ବ୍ୟାଗ ତିଆରି କରି ତାହାକୁ ଗୃହହୀନ ଲୋକଙ୍କୁ ମାଗଣାରେ ଦେଉଛନ୍ତି ନିର୍ବାଣ ସୋମାନି। ପ୍ରତି ମିନିଟରେ ଅନେକ ଟନ ପୁରୁଣା କନାପଡ଼ି ପରିବେଶ ପ୍ରଦୂଷଣ ଭଳି ନକାରାତ୍ମକ ପ୍ରଭାବ ରୋକିବା ପାଇଁ ଉପାୟ ଚିନ୍ତା କରୁକରୁ ଏହି ବିକଳ୍ପ ପାଇପାରିଥିଲେ ନିର୍ବାଣ। ୨୦୨୨ରେ ନିର୍ବାଣ ମାତ୍ର ୧୫ ବର୍ଷ ବୟସରେ 'ପ୍ରୋଜେକ୍ଟ ଜିନ୍ସ-ବ୍ଲୁ ଟୁ ଗ୍ରୀନ'ଆରମ୍ଭ କରିଥିଲେ। ସେତେବେଳେ ଦିଲ୍ଲୀରେ ରାସ୍ତାକଡ଼ରେ ରହୁଥିବା ଲୋକଙ୍କୁ ପୁରୁଣା ଜିନ୍ସରୁ ସିପିଂ ବ୍ୟାଗ ତିଆରି କରି ବାଣ୍ଟିବା ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ଦିଲ୍ଲୀ-ଏନ୍‌ସିଆର୍, ହିମାଚଳ ପ୍ରଦେଶ, ବେଙ୍ଗାଲୁରୁ, ପୁଣେରେ ୨୦୦୦ ସ୍ଲିପିଂ ବ୍ୟାଗ୍ ବାଣ୍ଟିସାରିଛନ୍ତି। ଏପରି କି ତୁର୍କୀ ଓ ସିରିଆକୁ ୨୦୦ଟି ପଠାଇଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ସେ ୧୨,୦୦୦ ପୁରୁଣା ଜିନ୍ସକୁ ରିସାଇକ୍ଲିଂ କରିସାରିଲେଣି। ଶ୍ରୀରାମ ସ୍କୁଲ, ମୌଲସାରିର ଦ୍ୱାଦଶ ଶ୍ରେଣୀର ଛାତ୍ର ନିର୍ବାଣ ତାଙ୍କ ସାଙ୍ଗ ଓ ପରିବାରରୁ ପୁରୁଣା ଜିନ୍ସ ସଂଗ୍ରହ କରି ପ୍ରଥମ ସ୍ଲିପିଂ ବ୍ୟାଗ ତିଆରି କରିଥିଲେ। ଏବେ ଏହି କାର୍ଯ୍ୟରେ ୧୫ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରତ୍ୟେକ ବ୍ୟାଗ ତିଆରି କରିବା ପାଇଁ ୮୦୦ ଟଙ୍କା ଖର୍ଚ୍ଚ ହେଉଛି ଓ ଦାନରୁ ପାଉଥିବା ଅର୍ଥରେ ଏହା ଭରଣା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ଫେବୃଆରୀ ୧୯୭୫**

- ସମ୍ପତ୍ତି କର ଦାଖଲ କରି ନ ଥିବା ସଂକ୍ରାନ୍ତରେ ରାଜସ୍ଥାନ ଜୟପୁରର ପୂର୍ବତନ ମହାରାଜାଙ୍କ ତିନୋଟି ପ୍ରାସାଦ ଉପରେ ଆୟକର କର୍ମଚାରୀଙ୍କ ଚଢ଼ାଉ।
- ଭାରତ ଓ ଯୁଗୋସ୍ଲୋଭିଆ ମଧ୍ୟରେ ବିଜ୍ଞାନ ଓ କାରିଗରୀ ସହଯୋଗିତା ନେଇ ଏକ ରାଜିନାମା ସ୍ୱାକ୍ଷରିତ।
- ଆତତାୟୀଙ୍କ ଗୁଳିରେ ମାଲାଗାସିର ନୂତନ ରାଷ୍ଟ୍ର-ପ୍ରଧାନ ୪୩ ବର୍ଷ ବୟସ୍କ କର୍ଣ୍ଣେଲ ରିଚାର୍ଡ ରତିସିମାନ୍ଦ୍ରାଭା ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### କଂଗ୍ରେସର ଦୁର୍ବଳତା

ମହାଶୟ,

ଭାରତୀୟ ଜାତୀୟ କଂଗ୍ରେସ ଦେଶର ସର୍ବପୁରାତନ ଦଳ। ଭାରତର ସ୍ୱାଧୀନତା ପ୍ରାପ୍ତି ଓ ଏହାକୁ ଏକ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଏବଂ ସମାଜବାଦୀ ରାଷ୍ଟ୍ରରେ ପରିଣତ କରିବାରେ ଏହି ଦଳ ଅବଦାନର ପଟାନ୍ତର ନାହିଁ। ଏହି ଦଳ ଦେଶକୁ ଶାସନ କରି ଏକତା ସୂତ୍ରରେ ବାନ୍ଧିରଖିଛି। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଥିଲେ ଆଧୁନିକ ଭାରତର ଆଦ୍ୟ ସ୍ଥପତି ଓ ପ୍ରମୁଖ ବିଧାଣି। ଇନ୍ଦିରା ଗାନ୍ଧୀ ଥିଲେ ବିଚକ୍ଷଣ ନେତ୍ରୀ ଓ ସବୁଜ ଏବଂ ଶ୍ୱେତବିପ୍ଳବର କର୍ଣ୍ଣଧାର। ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଥିଲେ ଭାରତର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ଓ ବିଜ୍ଞାନ, ବୈଷୟିକ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟାର ଯୁଗ ପ୍ରବର୍ତ୍ତକ। ପି.ଭି. ନରସିଂହରାଓ ଥିଲେ ମୁକ୍ତ ଅର୍ଥନୀତି ଓ ଉଦାରୀକରଣ ଅର୍ଥନୀତିର ଆବାହକ ଏବଂ ଡ. ମନମୋହନ ସିଂ ଏହି ଅର୍ଥନୀତିକୁ ସଫଳତାର ସହ ପ୍ରୟୋଗ କରିଥିଲେ । ଦୀର୍ଘ ଦଶନ୍ଧିର ଚମତ୍କାର ଉପଲବ୍ଧତାର ଅଧିକାରୀ ହୋଇ ମଧ ନିଜ ସଫଳତାର କାହାଣୀକୁ ଭାରତୀୟ ଭୋଟରଙ୍କ ସମ୍ମୁଖରେ ଉପସ୍ଥାପନ କରିବାରେ ବିଫଳତା କଂଗ୍ରେସ ପରାଜୟର ପ୍ରମୁଖ କାରଣ ହୋଇଛି।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଘରଣୀ କଳିଆ କରି
ଆଜି ତାକୁ ପାଳି ଜ୍ୱର
ବରଷକ ପିଲାଟା ତ
କାନ୍ଦୁ କଫେ ସଡ ସଡ।
-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ଦାଦାବଟି ମାଗି ଯୁବକ ଗିରଫ

ବେଲପଡ଼ା, ୧୨।୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ପୋଲିସ ଦାଦାବାଟି ମାଗିବା ଓ ଦୁର୍ବ୍ୟବହାର କରିବା



ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେହେଲ ମଣ୍ଡଳ ଗ୍ରାମର ଅବନୀକାନ୍ତ ମହାନ୍ତି(୪୦)। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇଦିଆଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୩ ତାରିଖ ଦୀପକ କଲେକ୍ସନ କପଡା ଦୋକାନର ମାଲିକ ଦୀପକ ଠାକୁର ଦୋକାନରେ ଥିଲା ବେଳେ ଅବନୀକାନ୍ତ ସେଠାରେ ପହଞ୍ଚି ଟଙ୍କା ମାଗିବା ସହ ଗଣ୍ଡଗୋଳ କରିଥିଲେ। ପେଟ୍ରୋଲ ଢାଳି ଦୋକାନକୁ ଜଳି ଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଦୋକାନର କିଛି କପଡା ପୋଡିଯାଇଥିବା ବେଳେ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଏହାକୁ ନେଇ ସେ ସମୟରେ ଗ୍ରାମରେ ସମାଧାନ ହୋଇଯାଇଥିଲା। ହେଲେ ଗତ ୧୧ତାରିଖ ଅବନୀକାନ୍ତ ଉକ୍ତ ଦୋକାନକୁ ପୁନର୍ବାର ଯାଇ ଗଣ୍ଡଗୋଳ କରିବା ସହ ଟଙ୍କା ମାଗିଥିଲେ। ଏହାକୁ ନେଇ ସ୍ଥାନୀୟ ଯୁବକମାନେ ତାଙ୍କୁ କାବୁ କରି ଥାନାକୁ ଜଣାଇଥିଲେ। ଦୋକାନ ମାଲିକ ଦୀପକ ଠାକୁରଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(୪୬/୨୪)ରୁଜୁ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦେଓଗାଁ, ୧୨।୨
(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦଶଦିନ ଧରି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଉପମନ୍ୟୁ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରକୁ ଇଂଲିଶ ପ୍ରାଧ୍ୟାପକ ଦେବଦତ୍ତ ଗୁରୁ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ପ୍ରସନ୍ନ କୁମାର ସାହୁ ଆତ୍ମରକ୍ଷା ତାଲିମ ଉପରେ ଛାତ୍ରୀଙ୍କୁ ଅବଗତ କରିଥିଲେ। ପ୍ରଶିକ୍ଷିକାଭାବେ ଅଭିନନ୍ଦା ସରାଫ ଓ ପ୍ରିୟଙ୍କା ମିଶ୍ର ତାଲିମ ପ୍ରଦାନ କରିଥିଲେ। ପରେ ୧୫୭ ଜଣ ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଶେଷରେ ଅଧ୍ୟାପକ ସନ୍ତୋଷ କୁମାର ଜାନୀ ଧନ୍ୟବାଦ ଦେଇଥିଲେ ।

## ବିଦେଶୀ ମଦ ଜବତ, ଜଣେ ଗିରଫ

ବେଲପଡ଼ା, ୧୨।୨
(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା କପାଣୀ ବସଷ୍ଟାଣ୍ଡ ପାଖ ବେହେରା ଢାବାରେ ବେଆଇନ ମଦ କାରବାର ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୧୩ ଲିଟର ବିଦେଶୀ ମଦ ଜବତ କରବା ସହି ଦୋକାନ ମାଲିକ ଦଳଗଞ୍ଜନ ବେହେରା (୫୦)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ପୋଲିସ କହିଛି।

# ବଲାଙ୍ଗୀରରେ ଲକ୍ଷ୍ମୀବସ ଯୋଜନା ଲୋକାର୍ପିତ

- ଆଭାସୀରେ ଲୋକାର୍ପିତ ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ପ୍ରଥମ ପର୍ଯ୍ୟାୟରେ ଗଢ଼ିବ ୨୫ ଲକ୍ଷ୍ମୀବସ
- ଗ୍ରାମୀଣ ଯୋଗାଯୋଗ, ଆର୍ଥିକ ଅଭିବୃଦ୍ଧିରେ ହେବ ବଡ ପରିବର୍ତ୍ତନ

ବଲାଙ୍ଗୀର, ୧୨।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ସୋମବାରଠାରୁ ଲକ୍ଷ୍ମୀବସ ଯୋଜନାର ଶୁଭାରମ୍ଭ ହୋଇଛି। ପଥରଚେପାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟ ପଡିଆରେ ଲକ୍ଷ୍ମୀ ବସ ସେବା ଯୋଜନାକୁ ଅଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଥିଲେ। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଗ୍ରାମାଞ୍ଚଳରେ ଗମନାଗମନ ଏକ ସମସ୍ୟା ହୋଇଥିବାରୁ ଏହି ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଜନସାଧାରଣ ମୁଖ୍ୟତଃ ମହିଳା, ଛାତ୍ରୀଛାତ୍ର ଓ କୃଷକମାନେ ପଞ୍ଚାୟତରୁ ବ୍ଲକ ଏବଂ ବ୍ଲକରୁ ଜିଲା ସଦର ମହକୁମାକୁ କମ୍‌ଖର୍ଚ୍ଚରେ ଏବଂ ସୁବିଧାରେ ଯିବା ଆସିବା କରିପାରିବେ ବୋଲି କହିଥିଲେ। ଏହି ଯୋଜନା ଲୋକଙ୍କୁ ଲୋକଙ୍କ ସହ ଯୋଡିବା ସହ ସାମାଜିକ ଓ ଆର୍ଥିକ କ୍ଷେତ୍ରକୁ ସୁଦୃଢ କରିବ। ପିଲାଙ୍କୁ ବିଦ୍ୟାଳୟ, ରୋଗୀଙ୍କୁ ହସ୍ପିଟାଲ ଓ ଚାଷୀଙ୍କୁ ବଜାର ଯିବାରେ ଲକ୍ଷ୍ମୀ ବସ ବିଶେଷ ସୁବିଧା ଯୋଗାଇବ। ମାତ୍ର ୫ଟଙ୍କା ଦେଇ ଗ୍ରାମାଞ୍ଚଳରୁ ବ୍ଲକ୍‌କୁ ଯିବା ଆସିବା କରିପାରିବେ ବୋଲି କହିଥିଲେ। ଜିଲାର ସମସ୍ତ ବ୍ଲକରେ ୩ଟି ଲେଖାଏ ଲକ୍ଷ୍ମୀବସ ଗଡିବ ବୋଲି ସୂଚନା ଦିଆଯାଇଛି। ଆଭାସୀ କାର୍ଯ୍ୟକ୍ରମକୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପରିଚାଳନା କରିଥିଲେ।



ବଲାଙ୍ଗୀର ପଥରଚେପାଠାରେ ଲକ୍ଷ୍ମୀବସ୍ ଯୋଜନା ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥି।

ଏହି ଉପଲକ୍ଷେ ବଲାଙ୍ଗୀର ପଥରଚେପା ପଡିଆରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ପାଟଣାଗଡ଼ ବିଧାୟକ ସରୋଜ ମେହେର, ଜିଲା ପରିଷଦ ସଭାପତି ଦେବକୀ ସାହୁ ଏବଂ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ମଞ୍ଚାସୀନ ଥିଲେ। ରାଜ୍ୟ ପରିବହନ ମନ୍ତ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ଲକ୍ଷ୍ମୀ ବସସେବା ଜିଲାର ବିକାଶ ରଥକୁ କ୍ଷିପ୍ର କରିବ। ଗ୍ରାମାଞ୍ଚଳରେ ପରିବହନ ସେବା ଉପଲବ୍ଧ ହେବା ଯୋଗୁ ଜଣସାଧାରଣ ସବୁଠୁ ଅଧିକ ଲାଭବାନ ହେବେ। ସବୁ ଯୋଜନା ଭଳି ଏଇ ଯୋଜନାରେ ମଧ୍ୟ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରିଛନ୍ତି। ଛାତ୍ରୀ, ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧ ୫ ଟଙ୍କାରେ ଗାଁରୁ ବ୍ଲକ୍‌କୁ ପହଞ୍ଚି ପାରିବେ ବୋଲି କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଗ୍ରାମାଞ୍ଚଳର ଲୋକଙ୍କୁ ଆତ୍ୟାଧୁନିକ ପରିବହନ ସେବା ଯୋଗାଇବା ଲକ୍ଷ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିବା କହିଥିଲେ। ପାଟଣାଗଡ଼ ବିଧାୟକ ସରୋଜ ମେହେର ଲକ୍ଷ୍ମୀଯୋଜନା ସହ ଜିଲାର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ବକ୍ତା ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ୍‌ଙ୍କ ପ୍ରଶଂସା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓ, ପୌରାଧ୍ୟକ୍ଷା ଲିକା ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ, ଅତିରିକ୍ତ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ, ଅନ୍ୟ ସରକାରୀ ଅଧିକାରୀ ଓ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଏସ୍‌ଏଚ୍‌ଜି ସଦସ୍ୟା, ଜନସାଧାରଣ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀବସ୍ ଯୋଜନା ଉଦ୍‌ଘାଟନ କରିବା ପରେ ଦୁଇଟି ଲକ୍ଷ୍ମୀବସ୍‌ରେ ମିଶନ ଶକ୍ତିର ମହିଳା କର୍ମଚାରୀ, ଏସ୍‌ଏଚ୍‌ଜି ସଦସ୍ୟା, ବିଭିନ୍ନ ବ୍ଲକ୍‌ର ଅଧ୍ୟକ୍ଷା, ଅଧ୍ୟକ୍ଷ ଓ ମଞ୍ଚାସୀନ ଅତିଥିମାନେ ନିକଟସ୍ଥ ବସଷ୍ଟପ୍ ଝାଙ୍କରପାଲି ଗସ୍ତ କରିଥିଲେ। ଜିଲାର ୧୪ଟି ବ୍ଲକ୍‌କୁ ଲକ୍ଷ୍ମୀବସ୍ ସବୁ ପଠାଇ ଦିଆଯାଇଛି। ରୁଟ୍ ଅନୁଯାୟୀ ଏହା ଗଡ଼ିବ ବୋଲି ଆରଟିଓ ରାଜେଶ ମରାଣ୍ଡି କହିଛନ୍ତି।

## ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋଚନା

ଦେଓଗାଁ, ୧୨।୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ମହଲେଇ, ଉଡାର ଓ ସାଲେପାଲି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହଲେଇ ପଞ୍ଚାୟତରେ ଇଓ ବୀରେନ୍ଦ୍ର ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡିକ ଉପରେ ଲୋକଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ସରପଞ୍ଚ ଚିତ୍ତରଞ୍ଜନ ସାହୁ, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଶୁଶିଲ କୁମାର ଚାନ୍ଦ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ଯୋଗଦେଇଥିଲେ। ପ୍ରମୁଖ ମଞ୍ଚାସିନ ଥିଲେ । ସେହିପରି ଉଡାର ପଞ୍ଚାୟତରେ ପିଇଓ ବୀରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ସୁମତୀ ସେଠ, ଜରାସିଂହା ସରପଞ୍ଚ କୁଶମଣି ମେହେର, ସରପଞ୍ଚ ପଞ୍ଚମୀ ଦୀପ, ଉପରଟ୍ଟର ସରପଞ୍ଚ ଯଶୋବନ୍ତୀ ନାଏକ, ଦେଓଗାଁ ପାକ୍ସ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ସମିତି ସଭ୍ୟା କଲ୍ୟାଣୀ ଦଲାଇ, ପ୍ରମୋଦ ବହିଦାର ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଯୋଜନା ଉପରେ ଲୋକଙ୍କୁ ଜଣାଇଥିଲେ। ସାଲେପାଲି ପଞ୍ଚାୟତରେ ଅନସ୍ଥିତ କାର୍ଯ୍ୟକ୍ରମରେ ଇଓ ସୁଦର୍ଶନ ସାଏ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ହାଉସିଂ ବୋର୍ଡ ଅଧ୍ୟକ୍ଷ ସିଂଦେଓ, ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର, ସରପଞ୍ଚ ବଲ୍ଲଭି ସାହୁ ପ୍ରମୁଖ ଯୋଗଦେଇଥିଲେ । ପରେ ସିଂଦେଓ ଜରାସିଂହା ନିବାସୀ ଜିଲା ବିଜେଡି ସମ୍ପାଦକ ଉମାଶଙ୍କର ସିଂଙ୍କ ପିତାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।




ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭାରେ ମଞ୍ଚାସୀନ ଅତିଥି।

# ପୋଲିସର ଜନସମ୍ପର୍କ ଶିବିର

### ସ୍ୱାସ୍ଥ୍ୟ ଶିବିର, କ୍ରିକେଟ ମ୍ୟାଚ, ଲୋକଙ୍କୁ ବିଭିନ୍ନ ଉପକରଣ ବଣ୍ଟନ

ଖପ୍ରାଖୋଲ, ୧୨।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ତଥା ମହରାପଦର ପଞ୍ଚାୟତ ବାଘଝରଣ ଓ ଲାଠୋର ଥାନା ତଥା ରେଙ୍ଗାଲି ପଞ୍ଚାୟତ ଆମବାହାଲି ଗାଁରେ ବଲାଙ୍ଗୀର ପୋଲିସ ସହାୟତାରେ ସୋମବାର ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି।

ଲାଠୋର୍ ଥାନା ତରଫରୁ ଆମବାହାଲି ଗାଁ ଖେଳ ପଡିଆରେ ଅନୁଷ୍ଠିତ ଜନସମ୍ପର୍କ ଶିବିରରେ ଲାଠୋର ଥାନା ଅଧିକାରୀ ରାକେଶ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଡିଏସ୍‌ପି ସୁଦୀପ୍ତ ସାହୁ, ସମ୍ମାନୀତ ଅତିଥି ଉମାକାନ୍ତ ମେହେର, ଏସ୍‌ଆଇ ଦେବାର୍ଜନ ମିର୍ଦ୍ଧା ଯୋଗଦେଇଥିଲେ। ବୃଦ୍ଧାବୃଦ୍ଧଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ ପୋଲିସ ଅଧିକାରୀ। ସେହିପରି ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ଉପକରଣ



ବାଘଝରଣ ଶିବିରରେ ପିଲାଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରାଯାଉଛି।

ବଣ୍ଟନ କରାଯାଇଥିଲା। ଏହି ଅବସରରେ ୟୁଥ ଡୋନର ଗ୍ରୁପ ଓ ମହାନଦୀ ନେତ୍ର ଚିକିତ୍ସାଳୟ ବୀରମହାରାଜପୁର ଦ୍ୱାରା ମାଗଣା ଚକ୍ଷୁ ପରୀକ୍ଷା କରଯାଇଥିଲା। ୪୩ଜଣଙ୍କ ପରୀକ୍ଷା ସହ ୧୭ଜଣଙ୍କୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଚୟନ କରାଯାଇଛି। ଶତାଧିକ ମହିଳା ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରଯାଇଥିଲା। ଏହି ଅବସରରେ ୧୦ଟି ଦଳକୁ ନେଇ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ବର୍ତ୍ତିଆ ଦଳ ଚାମ୍ପିୟନ ଓ ରେଙ୍ଗାଲି ଦଳ ରନର ଅପ ହୋଇଥିଲା। ସମସ୍ତ ଦଳକୁ ଜର୍ସି ପ୍ରଦାନ କରାଯାଇଥିବା ବେଳେ ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ଅତିଥି। ଅନ୍ୟ ମାନଙ୍କ ମଧ୍ୟରେ ଏ ଏସ ଆଇ ଯତୀନ୍ଦ୍ର ବଡାଇ, ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

ସେହିପରି ବାଘଝରଣ ଗାଁ ଖେଳ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଡିଏସ୍‌ପି ସାହୁ, ସମ୍ମାନିତ ଅତିଥି ଏସ୍‌ଆଇ ଲିଙ୍ଗରାଜ କିଷାନ ଯୋଗଦେଇଥିଲେ। ବୃଦ୍ଧାବୃଦ୍ଧଙ୍କୁ କମ୍ବଳ, ସାଲ, ଲାଇଟ, ଛତା, କଳାକାରଙ୍କୁ ବାଦ୍ୟଯନ୍ତ୍ର, ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ସେହିପରି ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। କାନ୍ଦରାଭଟା ଚାମ୍ପିୟନ ଓ କର୍ଲାମାଲ ଦଳ ରନର ଅପ ହୋଇଥିଲେ। ଚମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ଆମ ଓଡ଼ିଶା ନବୀନ ଓଡ଼ିଶା ଲେଖା ଝୋଟବ୍ୟାଗ ବଣ୍ଟନକୁ ବିରୋଧ

ସଇଁତଳା, ୧୧।୨(ରାଖାଲ ପ୍ରସାଦ ଶତପଥୀ)

ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ତରଫରୁ ଖାଉଟୀଙ୍କୁ ଦିଆଯାଉଥିବା ଝୋଟ ବ୍ୟାଗ ବଣ୍ଟନକୁ ଭାଜପା କର୍ମକର୍ତ୍ତାମାନେ ବିରୋଧ କରିଥିଲେ। କେନ୍ଦ୍ର ସରକାର ଗରିବ ହିତାଧିକାରୀଙ୍କୁ ଖାଦ୍ୟ ନିରାପତ୍ତା ଆଇନ ଅନୁଯାୟୀ ମାଗଣାରେ ଚାଉଳ ବଣ୍ଟନ କରୁଥିବାବେଳେ ରାଜ୍ୟସରକାର ଝୋଟ ବ୍ୟାଗରେ ଆମ ଓଡ଼ିଶା ନବୀନ ଓଡ଼ିଶା ଲେଖି ବାଣ୍ଟିବାରମାନେ କ'ଣ ବୋଲି କହିଥିଲେ। ଭାଜପାର ବହୁ କର୍ମକର୍ତ୍ତା ପଞ୍ଚାୟତ ଅଫିସରେ ପହଞ୍ଚି ଏହାକୁ ବିରୋଧ କରିବା ସହ ବ୍ୟାଗ ବଣ୍ଟନ ବନ୍ଦ କରିବାକୁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ମହାନ୍ତିଙ୍କୁ ଅନୁରୋଧ କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଭାଜପା ଜିଲା ସମ୍ପାଦକ ମୁକେଶ ଜୈନ, ନୃସିହ ସିଂ, ଅକ୍ଷୟ ରଣା ପହଞ୍ଚି ପଞ୍ଚାୟତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ବିଡ଼ିଓ ବିନୟ ଭୋଇ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ କୌଣସି ବ୍ୟାଗ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ନାହିଁ ବୋଲି କହିଛନ୍ତି।

## ପୁସ୍ତକପଠନ ନିଷ୍ଠା ପିଲାଙ୍କୁ ଦିଗଦର୍ଶୀ କରିଥାଏ

### ଭ୍ରାମ୍ୟମାଣ ପାଠାଗାର କର୍ମଶାଳା

ଟିଟିଲାଗଡ, ୧୨।୨(ଶରତ ମିଶ୍ର)

ଟିଟିଲାଗଡ଼ ଘଣ୍ଟାସୁନି ଟାଉନ ହାଇସ୍କୁଲ ସଭାଗୃହରେ ବିଦ୍ୟାଶ୍ରୀ ପିଲାଙ୍କ ଭ୍ରାମ୍ୟମାଣ ପାଠାଗାରର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିରାଜିନୀ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଶିଶୁ ସାହିତ୍ୟିକ ଡ.ଯୁଗଳ କିଶୋର ଷଡଙ୍ଗୀ, ମୁଖ୍ୟବକ୍ତା କବି ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ମିଶ୍ର, ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ ଲେଖକ ଜ୍ୟୋତି ପ୍ରକାଶ ଗଡତ୍ୟା। ପାଠାଗାର ପ୍ରତିଷ୍ଠାତା ବୃନ୍ଦାବନ କୁମ୍ଭାର ଭ୍ରାମ୍ୟମାଣ ପାଠାଗାରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପିଲାଙ୍କୁ ଅବଗତ କରାଇ ପୁସ୍ତକ ପଠନ ମନସ୍କ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥି ଓ ବକ୍ତାଗଣ ବିଦ୍ୟାଳୟରେ ଥିବା ଲାଇବ୍ରେରୀ ଓ କ୍ରୟକରି ପୁସ୍ତକ ପଢିବା, ଜ୍ଞାନ ଆହରଣ କରିବାର ନିଷ୍ଠା ପିଲାଙ୍କୁ ଦିଗଦର୍ଶୀ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପୁସ୍ତକ ବଣ୍ଟନ କରାଯାଇଥିଲା। ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ୩ କୃତୀ ପ୍ରତିଯୋଗୀ ଶିବ ପାତ୍ର, ସୌର ଶୋଭନ ରଥ ଓ ସୁଶ୍ରୀ ସୀତା ବଗର୍ତ୍ତୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବି ନାରାୟଣ ପଟ୍ଟନାୟକ ଏତାଦୃଶ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଶିକ୍ଷକ ବିକାଶ ପାଣିଗ୍ରାହୀ ମଞ୍ଚ ପରିଚାଳନା ଓ ଶିକ୍ଷୟିତ୍ରୀ ଶେଫାଳି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡୁର୍ଲା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିମାନେ।

ଖପ୍ରାଖୋଲ, ୧୨।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ଡୁର୍ଲା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭୂପିନ୍ଦ୍ର ବନଗୁଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ଉପଖଣ୍ଡ ମଙ୍ଗଳ ଅଧିକାରୀ ବଂଶୀଧର କିଶାନ, ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଦର୍ଶନ ମେହେର ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଦୟା ସାଗର ମହି ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ନାଗ, ଅର୍ଚ୍ଚନା ସାହୁ, ଗୀତା ବାରିକ,ବର୍ଷା ବାରିକ, ଶିକ୍ଷକ ଲଛମନ କାଲସାଏ, ବୃନ୍ଦାବନ ସେଠଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଭାଜପାର ଗାଁକୁ ଚାଲ ଅଭିଯାନ

### ସାମିଲ ହେଲେ ଶତାଧିକ ଗ୍ରାମବାସୀ, ଅନ୍ୟଦଳର କର୍ମୀ

ବଲାଙ୍ଗୀର, ୧୨।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀର ଚୁଡାପାଲି ମଣ୍ଡଳ ଅଧୀନ ଝାଙ୍କରପାଲି ଗାଁରେ ଭାଜପା ପକ୍ଷରୁ ଗାଁକୁ ଚାଲ ଅଭିଯାନ ପାଇଁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମରେ ଦଳ ପକ୍ଷରୁ ଏକାତ୍ମ ମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ପାଳନ କରାଯିବା ସହ ଆଗାମୀ ନିର୍ବାଚନରେ ଭାଜପା ଯେପରି ସାରା ଦେଶରେ ବହୁମତରେ ବିଜୟ ଲାଭ କରିବ ସେଥିପାଇଁ ସମସ୍ତେ ସଙ୍କଳ୍ପ ନେଇଥିଲେ। ଏହି ଅବସରରେ ଅନ୍ୟ ରାଜନୈତିକ ଦଳର କର୍ମକର୍ତ୍ତା ଓ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ଭାଜପା ନେତା ପୀତାମ୍ବର ଖମାରିଙ୍କ ସଂଯୋଜନା ତଥା ନରେଶ ଅଗ୍ରୱାଲଙ୍କ ସଭାପତିତ୍ୱରେ



ଗାଁକୁ ଚାଲ ଅଭିଯାନରେ ସାମିଲ ନେତା ଓ କର୍ମୀ।

ଅନୁଷ୍ଠିତ ସଭାରେ ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଯୋଗଦେଇ କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାରର କାର୍ଯ୍ୟକାଳରେ ବିକାଶର ଏକ ନୂଆ ଲହର ସୃଷ୍ଟି ହୋଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର କର୍ମକର୍ତ୍ତା ରାଧେଶ୍ୟାମ ସାହୁ, ଜୟକୃଷ୍ଣ ସାହୁ, ସତ୍ୟ ନାରାୟଣ ରାଉତ, ଖିତେଇ ପଟେଲ, ନୀଳମଣି ସେଠ୍, ସନ୍ୟାସୀ ଭୋଇ, ସୁଶାନ୍ତ ପଟେଲ, ପ୍ରହଲ୍ଲାଦ ରଣା, ଜଗଦୀଶ ଥନାପତି, ଦିବ୍ୟ ମେହେର, ଦେବଦତ୍ତ ସେଠ୍, ଗଜେନ୍ଦ୍ର ତ୍ରିପାଠୀ, ଦୀନବନ୍ଧୁ ଜୁଏଡ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ୫୯ଅଭିଯୋଗ

ବେଲପଡ଼ା, ୧୨।୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକରେ ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଉପ ଜିଲାପାଳ ଅମିତ୍ର ନାୟକ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। କାର୍ଯ୍ୟକ୍ରମରେ ୫୯ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୪୦ ବ୍ୟକ୍ତିଗତ ଓ ୧୯ଟି ସାମୂହିକ ଥିଲା। ବେଲପଡ଼ାର ପୂର୍ବତନ ସମିତି ସଭ୍ୟ ଆଲୋକ ବେହେରା ଜଳଯୋଗାଣ ପ୍ରକଳ୍ପର ଅବ୍ୟବସ୍ଥା ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବେଲପଡ଼ା ପଞ୍ଚାୟତ ସରପଞ୍ଚଙ୍କ ଦେହାନ୍ତ ପରେ ନିର୍ବାଚନ ଶୀଘ୍ର କରିବାକୁ ଅନୁରୋଧ କରିଥିଲେ। ଡେପୁଟି କଲେକ୍ଟର ସଚିଦାନନ୍ଦ ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ଚନ୍ଦ୍ର ମହନ୍ତ, ବିଡିଓ ରାଜେଶ ମେହେର, ତହସିଲଦାର ବନବିହାରୀ ହରପାଲ, ଏସ୍‌ଡିପିଓ ସଦାନନ୍ଦ ପୂଜାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତ ଯୋଗୁ ଅଭିଯୋଗ ପାଇଁ ବହୁ ଦୂରଦୂରନ୍ତରୁ ଲୋକେ ନିରାଶ ହୋଇ ଫେରିଥିଲେ।




ଅତିରିକ୍ତ ଜିଲାପାଳଙ୍କୁ ଲୋକେ ସମସ୍ୟା ଅବଗତ କରୁଛନ୍ତି।

# ସମ୍ବଲପୁରକୁ ହରାଇ କଦଳୀପାଲି ଚାମ୍ପିୟନ

### ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ବଲାଙ୍ଗୀର, ୧୨।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆରେ ଫ୍ରେଣ୍ଡସ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳରେ ସମ୍ବଲପୁର ଦଳକୁ ୧-୦ ଗୋଲରେ ପରାସ୍ତ କରି ବରଗଡ ଜିଲାର କଦଳୀପାଲି ଟିମ୍ ଚାମ୍ପିୟନ ହୋଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳର ଶ୍ରେଷ୍ଠ ଖେଳାଳି ଭାବେ କଦଳୀପାଲି ଦଳର ଜିତୁମିର୍ଦ୍ଧା ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଗୋଲକିପର ଭାବେ ସିଦ୍ଧାନ୍ତ ପଧାନ ତଥା ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସମ୍ବଲପୁର ଦଳର ଅମର ଖାଡିଆଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ବିଜୟୀ ଟ୍ରଫି ସହ ୨୦ ହଜାର ଟଙ୍କାର ଅର୍ଥ ପୁରସ୍କାର ଏବଂ ଉପବିଜେତା ଦଳକୁ ରନର ଅପ ଟ୍ରଫି ସହ ୧୫ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ କ୍ଲବ ସଭାପତି ଲୋଟସ ଷଡଙ୍ଗୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ, ସମ୍ମାନୀତ ଅତିଥି ଭାବେ ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକ




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ରିଷିକେଶ ଖିଲାରୀ, ଜିଲା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ ପରିଚାଳକ ସତ୍ୟ ନାରାୟଣ ମାଝି, ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ଗଣମାଧ୍ୟମ ପ୍ରତିନିଧି ଅଖିଳ ଚନ୍ଦ୍ର ହୋତା, କ୍ଲବ ସଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ଓ କୋଷାଧ୍ୟକ୍ଷ ରଞ୍ଜିତ ବେହେରା ମଞ୍ଚାସୀନ ଥିଲେ। ନୀଳ ନାଏକ, ଶଶିକାନ୍ତ ଦାସିଆ, ନରସିଂ ସ୍ୱାମୀ ନାଇଡୁ, ରାଜେନ୍ଦ୍ର ଧରୁଆ ଖେଳ ପରିଚାଳନା କରିଥିଲେ। ସୁନୀଲ ବିଶ୍ୱାଳ ମ୍ୟାଚ କମିସନ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବିଶିଷ୍ଟ କ୍ରୀଡାବିତ ଭାବଗ୍ରାହୀ ରଥ, ଆର୍ନ୍ତଜାତୀୟ ମହିଳା କ୍ରିକେଟ ଖେଳାଳୀ ରୋସନାରା ପରବିନ ଓ କ୍ରୀଡା ସଙ୍ଗଠକ ସ୍ୱର୍ଗତ ଅମନ ନାଗଙ୍କ ସ୍ତ୍ରୀ ସବିତା ନାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ପରିବେଶ ସୁରକ୍ଷା ଆଲୋଚନାଚକ୍ର

**ଅମରପାଲି,୧୨।୨(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସରକାରୀ ବାଳକ ହାଇସ୍କୁଲରେ 'ପରିବେଶ ସୁରକ୍ଷା ଏକ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସୋମବାର ଦିନ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ଯୁବ ଓ ପରିବେଶ କ୍ଲବ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସ୍ମିତା ଭୋଇ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଜ୍ୟୋତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସ୍କୁଲର ଛାତ୍ରମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ କୃତି ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

### ଅଧ୍ୟାପକ, କର୍ମଚାରୀଙ୍କ ପ୍ରତୀକାତ୍ମକ ଧାରଣା

**ଅମରପାଲି,୧୨।୨(ପୀତାମ୍ବର ସାହୁ):** ରାଜ୍ୟ ସଂଗଠନର ନିଷ୍ପତ୍ତି କ୍ରମେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥର ସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୈନିକ ଏକ ଘଣ୍ଟା କାର୍ଯ୍ୟବନ୍ଦ ସହ କଳାବ୍ୟାଜ୍ ପିନ୍ଧି ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟ କରିବା ସହ ପ୍ରତୀକାତ୍ମକ ଧାରଣା ଜାରି ରହିଛନ୍ତି। ଅଧ୍ୟାପକ ଓ କର୍ମଚାରୀ ସଂଘର ୪ ଦଫା ଦାବି ନେଇ ବର୍ଷେ ହେବ ଭୁବନେଶ୍ୱରରେ ଧାରଣା ଦିଆଯାଇଥିଲା। ଗତ ୬ ତାରିଖ ଦିନ ସରକାରଙ୍କ ସହ ଆଲୋଚନା ପରେ ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ସଂଘର ନିଷ୍ପତ୍ତି କ୍ରମେ ରାଜ୍ୟର ୬୬୨ ବର୍ଗର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହା ବିଦ୍ୟାଳୟରେ ପ୍ରତିଦିନ ଏକ ଘଣ୍ଟା କାର୍ଯ୍ୟବନ୍ଦ କରାଯାଉଛି। ପେନସନ ପ୍ରଦାନ, ସମାନ କାମକୁ ସମାନ ଦରମା, ୭ମ ବେତନ ପ୍ରଦାନ ଭଳି ଦାବି ପୂରଣ ନିମନ୍ତେ ଅଧ୍ୟାପକ ଓ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି। ସରକାରଙ୍କ ପକ୍ଷରୁ କୌଣସି ନିଷ୍ପତ୍ତି ନିଆ ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାହେବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି। କଳାପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନଙ୍କ ନେତୃତ୍ୱରେ ଅଧ୍ୟାପକ କିଶୋର ସାହୁ, ସୁଧାଂଶୁ ଶେଖର ପଧାନ, ଅଧ୍ୟାପିକା ପ୍ରତିମା ବାରିକ, ଦେବଜାନୀ ମେଶୁଆ, କର୍ମଚାରୀ ଶାନ୍ତନୁ କୁମାର ପଧାନ, ବାସୁଦେବ ରଣା,ବିପିନ ବିହାରୀ କଳତା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

# ସୁବର୍ଣ୍ଣପୁରରେ ଚାଷୀ ସମାବେଶ



ଚାଷୀ ନେତା ଲିଙ୍ଗରାଜ ପଧାନ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ସୋନପୁର,୧୨।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନ ଆହ୍ୱାନ କ୍ରମେ ବିଶାଳ ଚାଷୀ ସମାବେଶ ସୋନପୁର ରୟାଲପଡିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କୃଷକ ସଂଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ ଅଧ୍ୟକ୍ଷତା କରିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ପଧାନ ସମାବେଶରେ ଯୋଗଦାନ କରି କହିଥିଲେ, କୃଷକ ଶୋଷଣର ଶିକାର ହେଉଛି। ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ପାଉନି। ତେଣୁ କୃଷକଙ୍କ ସ୍ୱାର୍ଥରକ୍ଷା

**ଛତିଶଗଡ ଭଳି ବୋନସ, ଧାନର ଏମ୍ଏସ୍‌ପି ବୃଦ୍ଧି କର**

ପାଇଁ ସମସ୍ତେ ଏକଜୁଟ୍ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ବଲପୁରର ଚାଷୀ ନେତା ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପଧାନ, ଶାନ୍ତନୁ ପଧାନ, ସୁବ୍ରତ ପଧାନ, ତରଣୀ ଭୋଇ, ଝାରସୁଗୁଡାର ଦିଲିପ ବଡେଇ, ବରଗଡର ଅରୁଣ କୁମାର ସାହୁ, ମହେଶ ପଧାନ ଯୋଗଦେଇ ଚାଷୀଙ୍କୁ ସଂଗଠିତ ହୋଇ ନିଜର ହକ୍ ପାଇଁ ଲଢେଇ କରିବାକୁ କହିଥିଲେ। ବରିଷ୍ଠ ଚାଷୀ ନେତା ରାଜେନ୍ଦ୍ର ମିଶ୍ର, ମିତ୍ରବ୍ରତ ମିଶ୍ର ଓ ପ୍ରଦ୍ୟୁମ୍ନ ପାଢୀ ପ୍ରମୁଖ ସମାବେଶରେ ଯୋଗଦେଇ ଛତିଶଗଡ ସରକାରଙ୍କ ଭଳି ଓଡିଶା ସରକାର ଧାନ କୁଇଣ୍ଟାଲ ପ୍ରତି ୯୧୭ଟଙ୍କା ବୋନସ ପ୍ରଦାନ କରିବା, କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ୩୫୦୦ଟଙ୍କାକୁ ବୃଦ୍ଧି କରିବା, ଚାଷୀଙ୍କ କୃଷି ଋଣ ଓ ବିଦ୍ୟୁତ୍ ଦେୟ ଛାଡ, ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଚାଷୀଙ୍କୁ ମାସିକ ୯ ହଜାର ଟଙ୍କା ଭତ୍ତା ପ୍ରଦାନ, ଚାଷୀର ଝିଅପୁଅଙ୍କୁ ମାଗଣା ଶିକ୍ଷା, ଚାଷୀ ମୃତ୍ୟୁଜନିତ ସମ୍ବେଦନଶୀଳ ଘଟଣାରେ ୨୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ଏବଂ ଟୋକନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଦାବି କରିଥିଲେ। ସମାବେଶ ପରେ ଏକ ରାଲି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ୧୧ଦଫା ଦାବି ସମ୍ପର୍କିତ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରା ଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ସ୍ମାରକପତ୍ର ଗ୍ରହଣ କରିଥିଲେ। ଏହି ସମାବେଶରେ ତରଭା ବ୍ଲକ ଅଞ୍ଚଳରୁ ସର୍ବାଧିକ ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା କୃଷକ ସଂଗଠନର ସମ୍ପାଦକ ଚିତ୍ତରଞ୍ଜନ ଗଡତିଆ, ପ୍ରଦୀପ କୁମାର ପୁରୋହିତ, ପଦ୍ମଲୋଚନ ମିଶ୍ର, ନରୋତ୍ତମ ପ୍ରଧାନ, ନରେନ୍ଦ୍ର ଆଚାର୍ଯ୍ୟ, ଭୋଳା ବର୍ମା, ନିରଞ୍ଜନ ତ୍ରିପାଠୀ, ଗଣେଶ୍ୱର ମହାକୁଡ, ସଦାନନ୍ଦ ପାଣିଗ୍ରାହୀ, ବୃନ୍ଦାବନ ମିଶ୍ର ଓ ମାଗୁଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାବେଶରେ ବରଗଡ, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡା ଓ ବୌଦ୍ଧ ଜିଲାର ଚାଷୀ ପ୍ରତିନିଧିମାନେ ଯୋଗଦାନ କରିଥିଲେ ।

### ପୋଲିସ ଫାଟକ ବନ୍ଦ କରିବାରୁ ଉତ୍ତେଜନା, ରାସ୍ତାରୋକୋ

**ସୋନପୁର,୧୨।୨ (ମୃତ୍ୟୁଞ୍ଜୟ ଶତପଥୀ)**

କୃଷକମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ପାଇଁ ଯାଉଥିବା ବେଳେ ପୋଲିସ କାର୍ଯ୍ୟାଳୟ ପରିସରର ଫାଟକକୁ ବନ୍ଦ କରି ଦେଇଥିଲା। ଏପରିକି ଜିଲାପାଳଙ୍କ ବଦଳରେ ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରିବାକୁ ଆନ୍ଦୋଳନକାରୀ ଚାଷୀଙ୍କ ନିକଟକୁ ଆସିଥିଲେ। ଏଥିନେଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଷୀଙ୍କୁ ପ୍ରଶାସନ ସମ୍ମାନ ପ୍ରଦର୍ଶନ କରି ଶିଖୁ ବୋଲି ମତ ପ୍ରକାଶ ପାଇଥିଲା। ଜିଲାପାଳଙ୍କ ଅଫିସ ଫାଟକ ଖୋଲିବା ଦାବିରେ ଆନ୍ଦୋଳନକାରୀ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାକୁ ଅବରୋଧ କରିଥିଲେ। ପ୍ରଶାସନ ଚାଷୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ଥିଲା । ଫାଟକ ଖୋଲିବା ପରେ ଚାଷୀମାନେ କାର୍ଯ୍ୟାଳୟ ସମ୍ମୁଖକୁ ଯାଇ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ହରଭଙ୍ଗାରେ ଜିଲାପାଳଙ୍କ ଜନଶୁଣାଣି ଶିବିର



**ବୌଦ୍ଧ,୧୨।୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଦିନ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଜେ.ସୋନାଲଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ସମୁଦାୟ ୨୬୦ ଗୋଟି ଆପତ୍ତି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୨୪୭ ଗୋଟି ବ୍ୟକ୍ତିଗତ ମାମଲା ଓ ୧୩ ଗୋଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୧ ଜଣଙ୍କୁ ୧୭.୫୦୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା । ଶିବିରରେ ୧୧୩ ଗୋଟି ଅଭିଯୋଗର ତତ୍କାଳ ସାମଧାନ କରାଯାଇଥିଲା । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମାରିୟନସ ମିଞ୍ଜ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଉପଜିଲାପାଳ ରବିନ୍ଦ୍ରନାଥ କହଁର, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଦେମୁହାନ କ୍ରିକେଟ ଦଳ ଚାମ୍ପିୟନ


ଖେଳାଳିଙ୍କ ସହ ଅତିଥି।

**ଖୁଣ୍ଟିଗୋରା, ୧୨।୨(ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବନ୍ଧଗୋରା ଧବଳେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୧୪ତମ ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଖଡଙ୍ଗ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବନ୍ଧଗୋରା କ୍ରିକେଟ ଦଳକୁ ହରାଇ ଦେମୁହାନ କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ପ୍ରଥମେ ଟସ ଜିଣି ଦେମୁହାନ କ୍ରିକେଟ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରତିପକ୍ଷ ବନ୍ଧଗୋରା ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ

**ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ**

ହରାଇ ୧୨୦ ରନ କରି ପରାଜିତ ହୋଇଥିଲେ। ଲମ୍ୱୋଦର ବେହେରା ଓ ଶୁଭମ ସାହୁ ଖେଳ ପରିଚାଳନା କରିଥିବା ବେଳେ ଶଙ୍କର୍ଷଣ ସାହୁ, ପ୍ରଦୀପ ସାହୁ ଓ ସୁଶାନ୍ତ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷକ ସଂଘ ସଭାପତି ନୀଳାଞ୍ଚଳ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଓ ଉପବିଜେତା ଦଳଙ୍କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ରଣା, ଶତ୍ରୁଘ୍ନ ଶତପଥୀ, ଧୀରଜ ଭୋଇ, ମନୋଜ ଦାଶ, ଶତୃଘ୍ନ ରଣା,ଉପେନ୍ଦ୍ର ଭୋଇ, ମକରନ୍ଦ ସାହୁ, ବଂଶୀଧର ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ।

### ପରିକ୍ରମା ପ୍ରକଳ୍ପ ପରିଦର୍ଶନରେ ଯିବା ବେଳେ ଭକ୍ତଙ୍କ ମୃତ୍ୟୁ ଘଟଣା

### ମୃତକ ପରିବାରକୁ ୩ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ


ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୃତକ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

**ବୌଦ୍ଧ,୧୨।୨(ଅଜିତ କୁମାର ବାରିକ)**

ଗତ ୭ ତାରିଖରେ ବୌଦ୍ଧ ନିର୍ବାଚନ ମଣ୍ଡଳୀରୁ ପୁରୀ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଦର୍ଶନ କରିବାକୁ ଯାଉଥିବା ବେଳେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସରସରା ଗ୍ରାମ ପଞ୍ଚାୟତର ଶ୍ରଦ୍ଧାଳୁ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ଅଧାବାଟରେ ମୃତ୍ୟୁ ଘଟିଥିଲା । ସୋମବାର ଦିନ ମୃତକ ପରିବାରକୁ ବୌଦ୍ଧ ବିଧାୟକ ତଥା ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ,ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଭେଟି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଆର୍ଥିକ ରାଶି ପ୍ରଦାନ କରିଥିଲେ । ଏହି ସମୟରେ ଜିଲାପାଳ ଜେ. ସୋନାଲ, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ବିନିକା,୧୨।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାଗୃହ ଠାରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅନ୍ୟା ଦାସ ଓ ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲ ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ସମ୍ବଳିତ ୯୩ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୭୫ଟି, ସାମୁହିକ ଦରଖାସ୍ତ ୧୮ଟି ରହିଥିବା ଜଣାଯାଇଛି । ସେଥିରୁ ୪୧ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବା ବେଳେ ୪ ଜଣଙ୍କୁ ସିଏମଆରଏଫରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଶିବିରରେ ଜଣେ ଦିବ୍ୟାଙ୍ଗ ନାବାଳକଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ସହ ୩ ଚକିଆ ସାଇକେଲ ଓ ଅନ୍ୟ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବସ ପାସ ପ୍ରଦାନ କରାଯାଇଛି । ଅନ୍ୟ ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି । ବିନିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ, ବିନିକା ବ୍ଲକ ଅଧ୍ୟକ୍ଷା ଦିପ୍ତୀ ରେଖା ନନ୍ଦ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୈତ୍ୟ ନାରାୟଣ ପାଢ଼ୀ , ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ , ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜ୍ଜୁନ ଚରଣ ମାଝୀ, ଉପ ଶ୍ରମ ନିର୍ଦ୍ଦେଶକ ଡିଲେଶ୍ୱର ଖାକା , ନିର୍ବାହୀ ଯନ୍ତ୍ରୀ ଟିପିଡବ୍ଲୁଓ ଡିଏଲ ଅଶୋକ କୁମାର ମିଶ୍ର, ବନାଞ୍ଚଳ ଅଧିକାରୀ ଉମ୍ବରୁଧର ପଧାନ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ବିନିକା ସତ୍ୟ ନାରାୟଣ ପ୍ରଧାନ, ତହସିଲଦାର ସୀତାରାମ ଭୋଇ, ଏଏସଆଇ ଅନିଲ ବେହେରାଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ।



ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ପଦାଧିକାରୀ।

## ୧୫୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ବାସଗୃହ ପାଇବାରୁ ବଞ୍ଚିତ ଅଭିଯୋଗ

**ବୌଦ୍ଧ,୧୨।୨(ଅଜିତ କୁମାର ବାରିକ)**

ସରକାର ଗରିବ ହିତାଧିକାରୀଙ୍କୁ ମାଗଣାରେ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେଇ ଆସୁଥିବା ବେଳେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଶଙ୍କୁଲୋଇ ଗ୍ରାମ ପଞ୍ଚାୟତର ୧୪ ଗୋଟି ୱାର୍ଡରେ ବହୁ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ୍ ପଡିଥିବା ନେଇ ସୋମବାର ଦିନ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯାଇଛି । ସୋମବାର ଦିନ ହରଭଙ୍ଗା ବ୍ଲକ ପରିସରରେ ବୌଦ୍ଧର

**ଶଙ୍କୁଲୋଇ ଗ୍ରାମ ପଞ୍ଚାୟତ**

- ଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବାକୁ ଜିଲାପାଳଙ୍କ ନିକଟରେ ଦାବି

ନୂତନ ଜିଲାପାଳ ଜେ.ସୋନାଲଙ୍କ ଅଭିଯୋଗ ଶୁଣାଣି ଶିବିର ହୋଇଥିଲା । ଏଥିରେ ଶଙ୍କୁଲୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପାଣଗଣ୍ଡା ସମାଜର ସଦସ୍ୟ ସନ୍ତୋଷ କୁମାର ବେହେରା ପଞ୍ଚାୟତର ୧୪ ଗୋଟି ୱାର୍ଡରେ ପ୍ରକୃତ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ କରିଥିଲେ । ପଞ୍ଚାୟତର ୧୪ ଗୋଟି ୱାର୍ଡରୁ ପାଖାପାଖି ୧୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ବାସଗୃହ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଚିହ୍ନଟ କରି ଘର ଯୋଗାଇ ଦେବାକୁ ଦାବି କରିଥିଲେ । ଏନେଇ ଜିଲାପାଳ ସୋନାଲ ଅଧିକାରୀମାନଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ବରଗଡ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ବିଜୟୀ

**ସୋନପୁର,୧୨।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଗାନ୍ଧୀପଡିଆରେ ୧୫ତମ ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମଝିପଡା ରାମଧୂନ କ୍ଲବ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ ହେଉଛି। ଉଦ୍‌ଘାଟନୀ ମ୍ୟାଚ୍ ଭୁବନେଶ୍ୱର କିଶୋର କ୍ଲବ ଓ ବରଗଡ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ବହୁତ ସଂଘର୍ଷପୂର୍ଣ୍ଣ ଥିଲା। ବରଗଡ ଦଳ ୩-୨ ଗୋଲରେ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା।

**ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ବରଗଡ ଦଳର ଅଙ୍କିତ ବେହେରାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା । ମ୍ୟାଚ୍‌କୁ ସଞ୍ଜୀବ ସାହୁ, ସଲିଳ ବେହେରା, ଶୁଭାଶିଷ ବେହେରା ଓ ଦିଲୀପ ରାଉତ ପରିଚାଳନା କରିଥିଲେ। ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ, ଏସ୍‌ପି ଯଶ୍ ପ୍ରତାପ ଶ୍ରୀମଲ, ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ ଓ ସେଲ୍ ଟ୍ୟାକ୍ସ ଅଫିସର ବିକାଶ ମହାନ୍ତି ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଚିତ୍ତରଞ୍ଜନ ତରାସିଆ ସଭା ସଂଯୋଜନା କରିଥିଲେ। ପ୍ରଭୁ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ। ରାମଧୂନ କ୍ଲବର ସଭାପତି ରାଜୀବ ସାହୁ, ସମ୍ପାଦକ ପୀୟୁଷ ପଣ୍ଡା, ମନୋରଞ୍ଜନ ତ୍ରିପାଠୀ, ବିକାଶ ପଣ୍ଡା, ସୋମନାଥ ସାହୁ, ରଞ୍ଜୁ ସାହୁ, ବୁବୁନୁ ନାଏକ, ପଦ୍ମନାଭ ପାଢୀ, ଚନ୍ଦନ ବେହେରା, ଚାହତ ମହମ୍ମଦ ଓ ଗୁରୁ ଦଳେଇ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ ।


ଉଭୟ ଦଳର ଖେଳାଳି ଓ ଆୟୋଜକ କ୍ଲବର କର୍ମକର୍ତ୍ତାଙ୍କ ସହିତ ଜିଲାପାଳ।

## ଘିଚାପାଲିକୁ ହରାଇ ମେଣ୍ଡିଲିପାଲି ଚାମ୍ପିୟନ

**୧୦ମ ମା' ମେଟାକାନି କ୍ରିକେଟ ଟୁର୍ନାମେଣ୍ଟ**

**ଅମରପାଲି,୧୨।୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ପଞ୍ଚାୟତର ଘିଚାପାଲି ଖେଳ ପଡ଼ିଆରେ ହେଉଥିବା ୧୦ମ ମା' ମେଟାକାନି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଆୟୋଜକ ଘିଚାପାଲିକୁ ହରାଇ ମେଣ୍ଡିଲିପାଲି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ମେଣ୍ଡିଲିପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୭୯ ରନ କରିଥିଲା। ଜବାବରେ ଘିଚାପାଲି ଦଳ ୬.୩ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ୮୦ ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ମେଣ୍ଡିଲିପାଲି ଦଳ ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୮୮ ରନ କରିଥିଲା। ଜବାବରେ ଘିଚାପାଲି ଦଳ ନିର୍ଦ୍ଧାରିତ ୮ ଓଭରରେ ଗୋଟିଏ ଉଇକେଟ ହରାଇ ୭୨ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ନିର୍ଣ୍ଣାୟକ ସୁପର -୪ ଓଭର ବିଶିଷ୍ଟ ଫର୍ମାଟ ଖେଳ ହୋଇଥିଲା। ଏଥିରେ ମେଣ୍ଡିଲିପାଲି ଦଳ ନିର୍ଦ୍ଧାରିତ ୪ ଓଭରରେ କୌଣସି ଉଇକେଟ ନ ହରାଇ ୫୨ ରନ କରିଥିଲା। ଜବାବରେ ଘିଚାପାଲି ଦଳ ୪ ଓଭର ରେ ୬ ଉଇକେଟ ହରାଇ ୩୨ ରନ କରିଥିଲା। ଦୁଇଟି ଫର୍ମାଟରେ ବିଜୟୀ ହୋଇ ମେଣ୍ଡିଲିପାଲି ଦଳ ଚାମ୍ପିୟନ ହୋଇଥିଲା। ଟିଟୁନ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଗ୍ରାମ ପରିଚାଳନା କମିଟିର ସମ୍ପାଦକ ଶ୍ୟାମ ସୁନ୍ଦର ନନ୍ଦ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟଅତିଥି ଏବଂ ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ବହଳପଦର ସେବା ସମବାୟ ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା, ପୂର୍ବତନ ସରପଞ୍ଚ ରଞ୍ଜିତ ଖେତି ଓ ସ୍ୱେଚ୍ଛାସେବୀ ବୈଷ୍ଣବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମେଣ୍ଡିଲିପାଲିର ଲକି ଗାଇଗରିଆଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ମେଣ୍ଡିଲିପାଲି ଦଳକୁ ନଗଦ ୬ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଘିଚାପାଲି ଦଳକୁ ନଗଦ ୪ ହଜାର ଟଙ୍କା ସହିତ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଫାଇନାଲ ଖେଳକୁ ଟିନୁ ସାହୁ ଓ ବିନାୟକ ଲୁହା ପରିଚାଳନା କରିଥିଲେ । ସୁଶାନ୍ତ ଜଗଦଲା ସ୍କୋରିଂ ଏବଂ କୃତିବାସ ସାହୁ ଓ ଶୁଭମ ଜଗଦଲା ଧାରା ବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ମେଣ୍ଡିଲିପାଲି ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଠିକା ଶ୍ରମିକ ମୃତ

ରାଉରକେଲା,୧୨।୨(ଦିନେଶ ମିଶ୍ର): ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଏସ୍.କେ. ଡିଏଭି ପଲିଟେକ୍ନିକ୍ ନିକଟରେ ବିଦ୍ୟୁତ ବିଭାଗ ପକ୍ଷରୁ କାମ ଚାଲିଥିବାବେଳେ ପୋଲ୍‌ରୁ ଖସିପଡିବାରୁ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅଞ୍ଜୁଲ ହକ୍(୨୦) ଏବଂ ପଶ୍ଚିମବଙ୍ଗ ମାଲଦା ଥାନା ଅନ୍ତର୍ଗତ ବାଲାଟୋଲି ଗ୍ରାମରେ । ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖି ତଦନ୍ତ କରୁଛି। ସୂଚନା ଅନୁସାରେ, ଛେଣ୍ଡ ସ୍ଥିତ ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେଶନ ପାଇଁ ବାସନ୍ତୀ କଲୋନୀ ଅଞ୍ଚଳରେ ସୋମବାର ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମରାମତି କରାଯାଉଥିଲା। ଅପରାହ୍ନ ସାଢେ ୫ଟାରେ ଅଞ୍ଜୁଲ ଏକ ପୁରୁଣାଖୁଣ୍ଟରେ ଚଢ଼ି ତାର ସଂଯୋଗ କରୁଥିବାବେଳେ ହଠାତ ବିଦ୍ୟୁତ ଖୁଣ୍ଟିଟି ଭାଙ୍ଗି ଯାଇଥିଲା। ଫଳରେ ଅଞ୍ଜୁଲ ଖୁଣ୍ଟ ସହିତ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଆଶା, ଆଶାସାଥୀ ସାମ୍ମୁଖ୍ୟର ବାର୍ଷିକ ସମ୍ମିଳନୀ

ରାଉରକେଲା,୧୨।୨(ସଙ୍ଗୀତା ଜେନା): ରାଉରକେଲା ସେକ୍ଟର-୭ସ୍ଥିତ ସିଅର କାର୍ଯ୍ୟାଳୟରେ ରବିବାର ସୁନ୍ଦରଗଡ଼ ଜିଲା ଆଶା ଓ ଆଶାସାଥୀ ସାମ୍ମୁଖ୍ୟର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାର ୧୭ଟି ବ୍ଲକ ଓ ୪ଟି ମ୍ୟୁନିସିପାଲଟିରୁ ସଦସ୍ୟମାନେ ଉପସ୍ଥିତ ଥିଲେ। ସାମ୍ମୁଖ୍ୟର ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ହିନ୍ଦ୍ ମଜଦୁର ସଭା ରାଜ୍ୟ ଉପସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସାହୁ, ସମ୍ପାଦକ ପ୍ରଦୀପ ଦାସ, ଉପଦେଷ୍ଟା ଆନନ୍ଦ ମହାନ୍ତି, ବୈଦ୍ୟନାଥ ଦାସ, ଉପସଭାପତି ପ୍ରମୋଦ ଦାସ, ଶ୍ରମିକ ନେତା ହେମନ୍ତ ବେହୁରିଆ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକାରୀ ସଭାପତି ବାବୁଲି ଦାସ ମଞ୍ଚ ସଂଯୋଜନା କରିଥିଲେ। ସମ୍ପାଦିକା ଝରଣା ମହାରଣା ସମ୍ପାଦକୀୟ ଭାଷଣ ପ୍ରଦାନ କରିଥିଲେ। ଆଶା ଓ ଆଶାସାଥୀଙ୍କୁ ସ୍ଥାୟୀ ଶ୍ରମିକ ମାନ୍ୟତା, ଇଏସ୍‌ଆଇ ଓ ଇପିଏଫ୍ ପ୍ରଦାନ, ଅବସରକାଳୀନ ଭତ୍ତା ଓ କର୍ମ ଅବଧିରେ ମୃତ୍ୟୁ ହେଲେ ସହାୟତା ରାଶି ପ୍ରଦାନ, ୟୁନିଫର୍ମ ଭତ୍ତା ୫ ହଜାର ଟଙ୍କାକୁ ବୃଦ୍ଧି, ବକେୟା ପାଉଣା ପ୍ରଦାନ, ଖାଲିଥିବା ଆଶାସାଥୀ ପଦବୀ ପୂରଣ କରିବା ଆଦି ଦାବି ଦାବି ନେଇ ଶ୍ରମମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସୁନୀତା ସିଂହ, ବିରଜାମଣି ସିଂହ, ସାନ୍ତରା ମହାନନ୍ଦିଆଙ୍କ ସମେତ ଆଶାସାଥୀମାନେ ବକ୍ତବ୍ୟ ଦେଇଥିଲେ। ଝାରସୁଗୁଡ଼ା, ବରଗଡ଼ର ଆଶାସାଥୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସାଙ୍ଗଠନିକ ସମ୍ପାଦକ ପ୍ରକାଶ ସାବତ, ଉର୍ମିଳା ବରୁଆ, ଲତାମଞ୍ଜରୀ ପାଣି, ଲିଜା ମହାରଣା, ମୋନାଲିସା ଲେଙ୍କା, ମୁକ୍ତା ଛତ୍ରିଆ, ଭରତ ସାହୁ, ପାଚିକା ସହାୟିକା ମହାସଂଘର ସନ୍ଧ୍ୟାରାଣୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।


ସମ୍ମିଳନୀରେ ମଞ୍ଚାସୀନ ଶ୍ରମ ମନ୍ତ୍ରୀଙ୍କ ସମେତ ଓ ଅନ୍ୟମାନେ।

# ଗଡୁଛି ମାମଲା, ହେଉନି ସମାଧାନ

ରାଉରକେଲା,୧୨।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉନ୍ନୟନ ବିଭାଗ ଅଧୀନ ଛେଣ୍ଡ ଅଞ୍ଚଳର ଆରଡିଏ କଲୋନୀରେ ଆବଣ୍ଟିତ ବାସଗୃହରେ ଲୋକେ ବ୍ୟବସାୟ କରୁଛନ୍ତି। ଏ ନେଇ ବିଭାଗ ପକ୍ଷରୁ ମାମଲା ରୁଜୁ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ରାଉରକେଲା ଡେଭଲପମେଣ୍ଟ ଅଥରିଟି ପକ୍ଷରୁ ଆରଡିଏ କଲୋନୀରେ ୫ହଜାରରୁ ଅଧିକ ଗୃହ ଆବଣ୍ଟିତ ହୋଇଛି। ଏଥିସହ ବ୍ୟବସାୟ ପାଇଁ ଅନେକ ଦୋକାନ ଗୃହ ମଧ୍ୟ ଆବଣ୍ଟନ କରାଯାଇଛି। ସେହିପରି ଆବଣ୍ଟିତ ଗୃହ ଓ ଦୋକାନ ପରିଚାଳନା ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିୟମ ପ୍ରଣୟନ ହୋଇଛି। ନିୟମ ଅନୁସାରେ, ଯେଉଁମାନଙ୍କୁ ବାସଗୃହ ମିଳିଛି ସେମାନେ କେବଳ ବସବାସ ପାଇଁ ବିନିଯୋଗ କରିପାରିବେ। ସେହି ଗୃହରେ ବାଣିଜ୍ୟ ପ୍ରତିଷ୍ଠାନ ଖୋଲିବାକୁ ବାରଣ କରାଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ହିତାଧିକାରୀମାନଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିୟମ ରହିଛି। ସେହିପରି ଯେଉଁମାନେ ଦୋକାନଗୃହ ପାଇଛନ୍ତି ସେମାନେ କେବଳ ଦୋକାନ ଖୋଲିବେ। ଦୋକାନ ଗୃହକୁ ଅନ୍ୟ କୌଣସି କାମରେ ଉପଯୋଗ କରିପାରିବେ ନାହିଁ। ମାତ୍ର ସହରରେ ଏହି ନିୟମର ଖୁଲମଖୁଲା ଉଲ୍ଲଂଘନ ହେଉଛି। ଅନ୍ୟପଟେ ବିଭାଗ ପକ୍ଷରୁ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କେବଳ ମାମଲା ଦାୟର କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଏହାର ଉଦାହରଣ ଆରଡିଏ କଲୋନୀଠାରୁ ହନୁମାନ ମନ୍ଦିର ରାସ୍ତା ପାର୍ଶ୍ୱବର୍ତ୍ତୀ ଆବଣ୍ଟିତ ଗୃହରେ ଚାଲିଥିବା ଦୋକାନଗୁଡ଼ିକୁ ଦେଖିଲେ ଜଣାପଡେ। ଏଠାରେ ଅଧିକାଂଶ ଗୃହ ଆରଡିଏ ଦ୍ୱାରା ଆବଣ୍ଟିତ। ବସବାସ ପାଇଁ ଦିଆଯାଇଥିବା ଏହି ଗୃହରେ ବେଧଡକ ଭାବେ ବ୍ୟବସାୟ ଚାଲିଛି । ଫଳରେ ଏହି ରାସ୍ତାରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ରାସ୍ତାରେ ସ୍କୁଲକୁ ଯାଉଥିବା ଛୋଟ ଛୋଟ ପିଲା, ମହିଳାମାନେ ବିଶେଷ ପ୍ରଭାବିତ ହେଉଛନ୍ତି। ଏଥିସହିତ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସେହିପରି ଟିକସ ଆୟରେ ମଧ୍ୟ ଏହାର ପ୍ରଭାବ ପଡୁଛି।

ଏହି ଅଞ୍ଚଳର ୬୦ ଫୁଟିଆ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗୃହଗୁଡ଼ିକ ଆର୍‌ଡିଏ ଅଧୀନରେ ରହିଛି। ତେବେ ନିୟମ ଅମାନ୍ୟ କରି ଆର୍‌ଡିଏ ଆବଣ୍ଟିତ ବାସଗୃହରେ ବ୍ୟବସାୟ ପ୍ରତିଷ୍ଠାନ କରାଯାଇଥିବାରୁ ତାକୁ ରୋକିବାରେ



ଆର୍‌ଡିଏ ମାର୍କେଟ ରାସ୍ତାରେ ଆବଣ୍ଟିତ ଗୃହରେ ଦୋକାନ ଖୋଲା ହୋଇଛି।

**ରାଉରକେଲା ଉନ୍ନୟନ ବିଭାଗ**

ବିଭାଗ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଛି। ଏ ନେଇ ବିଭାଗ ତରଫରୁ କେବଳ ୨୫ଶହ ମାମଲା ରୁଜୁ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇପାରିନାହିଁ।

ଏ ନେଇ ଆରଡିଏ କଲୋନୀ ବାସିନ୍ଦା ଉତ୍ତମ ନାୟକ, ଶରତ ଦାସ ଓ ମନୋରଞ୍ଜନ ଦାଶ କୁହନ୍ତି, ଆରଡିଏ କଲୋନୀରେ ୫ ହଜାରରୁ ଊର୍ଦ୍ଧ୍ୱ ଗୃହ ଆବଣ୍ଟିତ ହୋଇଛି। ସ୍ୱତନ୍ତ୍ର କ୍ଲଜ୍ ମଧ୍ୟ ବିଭାଗ ଜାରି ହୋଇଛି। ମାତ୍ର ଏହା ପାଳନ ହେଉନାହିଁ। ବାସଗୃହକୁ ବ୍ୟବସାୟିକ ଭାବେ ବ୍ୟବହାର ହେଉଛି। ହିତାଧିକାରୀ ମୁଖ୍ୟରାସ୍ତା ପାର୍ଶ୍ୱରେ ଦୋକାନ ଖୋଲି ନିଜେ ଉପର ମହଲାରେ ରହୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏ ସମ୍ପର୍କରେ ଆର୍‌ଡିଏ ସଚିବ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଆର୍‌ଡିଏର ଆବଣ୍ଟିତ ଗୃହ ଓ ଦୋକାନ ପାଇଁ ଭିନ୍ନ ଭିନ୍ନ କ୍ଲଜ୍ ରହିଛି। ବାସଗୃହରେ ଦୋକାନ ଖୋଲିବା ଏବଂ ଦୋକାନ ଗୃହରେ ବସବାସ କରିବା ଅବୈଧ। ଆଗକୁ ଏଭଳି ବେଆଇନ କାର୍ଯ୍ୟକଳାପର ତୃଣମୂଳ ସ୍ତରରେ ତର୍ଜମା ହେବ ଓ ବିହିତ ପଦକ୍ଷେପ ନିଆଯିବ ବୋଲି ମଲ୍ଲିକ କହିଥିଲେ।

## ଇସ୍ତଫା ଦେଲେ ମହିଳା କଂଗ୍ରେସ ସଭାନେତ୍ରୀ


ଖବରଦାତା ସମ୍ମିଳନୀରେ ନିରୁପମା ବଳିଆରସିଂହ।

ରାଉରକେଲା,୧୨।୨(ସଙ୍ଗୀତା ଜେନା)

**ରାଉରକେଲା କଂଗ୍ରେସକୁ ଝଟ୍‌କା**

ରାହୁଲ ଗାନ୍ଧୀଙ୍କ ୩ ଦିବସୀୟ ନ୍ୟାୟ ଯାତ୍ରା ଓଡ଼ିଶାରୁ ଯିବା ପରେ ରାଉରକେଲା କଂଗ୍ରେସକୁ ଝଟ୍‌କା ଲାଗିଛି। ରବିବାର ଡିସିସି ସଭାପତି ଭାବେ ରବି ରାୟଙ୍କୁ ନିଯୁକ୍ତି ମିଳିବା ପରେ ସୋମବାର ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ବଳିଆରସିଂହ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ପିସିସି ସଭାପତି ଶରତ ପଟ୍ଟନାୟକ ଓ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନିକଟକୁ ଇସ୍ତଫାପତ୍ର ପଠାଇଛନ୍ତି। ଏ ନେଇ ରାଉରକେଲାର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବଳିଆରସିଂହ ସୂଚନା ପ୍ରଦାନ କରିଛନ୍ତି। ବଳିଆରସିଂହ କହିଛନ୍ତି, ଗାନ୍ଧୀ ପରିବାର ପ୍ରତି ତାଙ୍କର ଭଲ ପାଇବା ଓ ସମ୍ମାନ ସବୁବେଳେ ରହିବ। ଦଳରେ ତାଙ୍କ ପଦବୀର ଗାରିମା ଓ ମର୍ଯ୍ୟାଦା ରହୁନାହିଁ। ଦଳର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ସିଧାସଳଖ କଥାବାର୍ତ୍ତା ହେଲେ ଅନ୍ୟ ନେତାଙ୍କ ସ୍ୱାର୍ଥରେ ଆଞ୍ଚ ଆସୁଛି। ଫଳରେ ଅନେକ ସମୟରେ ସେ ରାଜନୈତିକ ଚକ୍ରାନ୍ତର ଶରବ୍ୟ ହୋଇଛନ୍ତି। ସେ ଜଣେ ସାଧାରଣ ପରିବାରର ମହିଳା ହୋଇଥିବାରୁ କୁଟନୈତିକ ଚିନ୍ତାଧାରା ସମ୍ପନ୍ନ ଦଳରେ ଅଣନିଃଶ୍ୱାସୀ ଅନୁଭବ କରୁଛନ୍ତି। ସେ ଦଳରୁ ଅଲଗା ହୋଇ ଜନସାଧାରଣଙ୍କ ସେବା ଅନାୟାସରେ କରିବେ ବୋଲି ବଳିଆରସିଂହ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।


ଆଇଟିଡିଏ ସମ୍ମିଳନୀ କକ୍ଷରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ।

## ନିର୍ବାଚନ ପାଇଁ ସେକ୍ଟର ଅଫିସର, ପୋଲିସ ପ୍ରଶିକ୍ଷଣ

ରାଉରକେଲା,୧୨।୨(ସଙ୍ଗୀତା ଜେନା)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ରାଉରକେଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କ୍ରମରେ ରବିବାର ରଘୁନାଥପାଲୀ ଓ ସୋମବାର ରାଉରକେଲା ନିର୍ବାଚନ ମଣ୍ଡଳୀରେ ସେକ୍ଟର ଓ ପୋଲିସ ଅଫିସରଙ୍କ ପ୍ରଶିକ୍ଷଣ ଶିବିର ଉଦିତନଗର ସ୍ଥିତ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସେହିପରି ଶନିବାର ବିରମିତ୍ରପୁର ନିର୍ବାଚନମଣ୍ଡଳୀର ଅଫିସରମାନଙ୍କୁ ନେଇ ଉଦିତନଗର ହାଇସ୍କୁଲରେ ପ୍ରଶିକ୍ଷଣ ହୋଇଥିଲା। ପ୍ରଶିକ୍ଷଣରେ ସେକ୍ଟର ଅଫିସରମାନଙ୍କୁ ଜିଲାରେ ନିର୍ବାଚନ ପରିଚାଳନା ସମ୍ପର୍କିତ ବିବରଣୀ ପ୍ରଦାନ କରାଯାଇଥିଲା। ନିର୍ବାଚନ ପୂର୍ବ ଓ ପର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଇଭିଏମ୍ ଓ ଭିଭିପିଏଟି ପରିଚାଳନା ଆଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲାପାଳ ସରୋଜ ମିଶ୍ର, ତହସିଲଦାର ନିବେଦିତା ପ୍ରଧାନ, ବିଶ୍ରା ବିଡ଼ିଓ ଜଗନ୍ନାଥ ହନୁମାନ, କୁଆଁରମୁଣ୍ଡା ବିଡ଼ିଓ ଗଙ୍ଗାରାମ ବୁଡ଼େକ, ଅତିରିକ୍ତ ତହସିଲଦାର ମନିଷା ମଧୁଲିକା ହେମ୍ବ୍ରମ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୋଟ ୮୦ ସେକ୍ଟର ଅଫିସର ଓ ୮୦ ପୋଲିସ ଅଫିସର ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ।

## ଇତିହାସ ବିଭାଗ ଛାତ୍ରୀଛାତ୍ରଙ୍କ କ୍ଷେତ୍ର ପରିଦର୍ଶନ

ରାଉରକେଲା,୧୨।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁଜାତା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଇତିହାସ ବିଭାଗର ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକ ବସ୍ ଯୋଗେ ଝାରସୁଗୁଡାସ୍ଥିତ ବିକ୍ରମ ଖୋଲକୁ ଯାଇ ସେଠାକାର ଅନୁସନ୍ଧାନ କରିବା ସହ ଐତିହାସିକ ତଥ୍ୟ ସଂଗ୍ରହ କରିଥିଲେ। ଅନୁସନ୍ଧାନରେ ପ୍ରାକ ଐତିହାସିକ ଯୁଗର ବସତି ସ୍ଥାପନ ଏବଂ କାନ୍ଥରେ ଲିପିବଦ୍ଧ ଥିବା ଛବିଲିପିର ଗୁଢ ତତ୍ତ୍ୱକୁ ସେମାନେ ଆକଳନ କରିଥିଲେ। କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ ରାଉରକେଲା କଲେଜ ଇତିହାସ ବିଭାଗର ଅଧ୍ୟାପକ ତରଣୀ ନାୟକ, ସ୍ୱାତୀସ୍ମିତା ସାହୁ, ନମିତା ଜେନା ପ୍ରମୁଖ ସାମିଲ ହୋଇଥିଲେ।


କ୍ଷେତ୍ର ପରିଦର୍ଶନରେ ସାମିଲ ଛାତ୍ରୀଛାତ୍ର ଓ ଅଧ୍ୟାପିକା।

## ଆର୍‌ଏସ୍‌ପି ହକି ଦଳ ଚାମ୍ପିୟନ

ରାଉରକେଲା,୧୨।୨(ବିପ୍ଳବ ରଞ୍ଜନ ଦାଶ)

ଏସ୍‌ପିଏସ୍‌ବି ଆନ୍ତଃ ଇସ୍ପାତ କାରଖାନା ହକି ଚାମ୍ପିୟନଶିପ୍‌ରେ ଆର୍‌ଏସ୍‌ପି ହକି ଦଳ ଚାମ୍ପିୟନ ହୋଇଛି। ରାଉରକେଲା ସେକ୍ଟର-୫ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆୟୋଜିତ ଚାମ୍ପିୟନଶିପ୍‌ର ଫାଇନାଲ ମ୍ୟାଚ୍ ସେଲ୍ ହକି ଏକାଡେମୀର ୧୬ଜଣ କ୍ୟାଡେଟଙ୍କୁ ନେଇ ଗଠିତ ହକି ଦଳ ଓ ଟାଟା ଷ୍ଟିଲ ହକି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେଲ୍ ହକି ଏକାଡେମୀ ଦଳ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଟାଟା ଷ୍ଟିଲ ହକି ଦଳକୁ ୩-୨ ଗୋଲରେ ପରାଜିତ କରିଥିଲା। ଲିଗ୍ ମ୍ୟାଚ୍‌ରେ ଉତ୍କୃଷ୍ଟ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ଆର୍‌ଏସ୍‌ପି ଦଳ ଭିଲାଇ ଷ୍ଟିଲ ପ୍ଲାଣ୍ଟ ଦଳକୁ ୫-୦ ଗୋଲ ବ୍ୟବଧାନରେ ଓ ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡକୁ ୫-୦ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସହର ପ୍ରଶାସନ ଏବଂ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପି. କେ. ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନଶିପ୍‌ର ବିଜେତା ଓ ଉପବିଜେତା ହକି ଦଳକୁ ପୁରସ୍କୃତ କରିଥିଲେ। ଏଥିରେ ଟାଉନ ଇଞ୍ଜିନିୟରିଂ ବିଭାଗ ଜିଏମ୍ ଇନ୍‌ଚାର୍ଜ ବି. କେ. ଜୋଜୋ, ପିଏଚ୍‌ଏସ୍‌ଡବ୍ଲ୍ୟୁ କ୍ରୀଡ଼ା ଓ ବିମାନ ବନ୍ଦର ବିଭାଗର ମହାପ୍ରବନ୍ଧକ ଆର. କେ. ବର୍ମାଙ୍କ ସମେତ ଆର୍‌ଏସ୍‌ପିର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟଅତିଥି ଚାମ୍ପିୟନଶିପ୍‌ରେ ସାମିଲ ଦଳମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। କ୍ରୀଡ଼ା ବିଭାଗ ସହକାରୀ ପରିଚାଳକ ରଘୁନନ୍ଦନ ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଭଲ ମଣିଷ ପାଇଁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ ସହ ଚରିତ୍ର ଗଠନ ଆବଶ୍ୟକ

ରାଉରକେଲା,୧୨।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଛେଣ୍ଡ ସ୍ଥିତ ସ୍ଥାନୀୟ ହୃଷୀକେଶ ରାୟ ମହାବିଦ୍ୟାଳୟର ୩୮ତମ ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭବେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡାକ୍ତର ବିଜୟ କୁମାର ବେହେରା ମୁଖ୍ୟଅତିଥି ଓ ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷିକା ଡ. କିଶୋରୀ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ରାଜନୀତି ବିଭାଗ ପ୍ରାଧ୍ୟାପକ ରଜନୀକାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ରସାୟନ ବିଜ୍ଞାନ ପ୍ରାଧ୍ୟାପିକା ଦୀପ୍ତିମୟୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷା ବ୍ୟକ୍ତି ଏବଂ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣେ। ଶିକ୍ଷା ମଣିଷର ଚିନ୍ତା ଓ ଚେତନାରେ ଜାଗରଣ ଭରି ଲକ୍ଷ୍ୟପଥକୁ ପ୍ରଶସ୍ତ କରେ ବୋଲି ମୁଖ୍ୟବକ୍ତା ଦାଶ କହିଥିଲେ। ଏହି ସୁନ୍ଦର ଧରାଧାମରେ ସୁନ୍ଦର ମଣିଷଟିଏ ହେବାକୁ ହେଲେ କେବଳ ରୂପ ସୌନ୍ଦର୍ଯ୍ୟ ବେଶଭୂଷା ପର୍ଯ୍ୟାପ୍ତ ନୁହେଁ, ଏଥିପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ସହିତ ଉତ୍ତମ ଚରିତ୍ର ଗଠନ ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟଅତିଥି ବେହେରା କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପୟସ୍ୱିନୀ ପତ୍ରିକା ଉଦ୍‌ଘାଟିତ ହୋଇଥିଲା। କଲେଜ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଦୀପ କୁମାର ମହାନ୍ତି ମହାବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ, ସଂସ୍କୃତି ସଂସଦର ଉପସଭାପତି ପ୍ରାଧ୍ୟାପିକା ବବିତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଏବଂ ପ୍ରାଧ୍ୟାପକ ହରିଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ପ୍ରାଧ୍ୟାପିକା ପ୍ରାଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଭାଜପାରେ ଯୋଗଦେଲେ ଶତାଧିକ କର୍ମୀ

ବ୍ରଜରାଜନଗର,୧୨।୨(ବିଜୟ ବରାଡ଼)

ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକକର ବାଘମୁଣ୍ଡାଠାରେ ସୋମବାର ଭାଜପାର ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂଙ୍କ ନେତୃତ୍ୱରେ ଶତାଧିକ ଅନ୍ୟ ଦଳର କର୍ମୀ ଭାଜପାରେ ଯୋଗଦେଇଥିଲେ। ରାଜ୍ୟରେ ଦିନକୁ ଦିନ ବଢୁଥିବା ଅତ୍ୟାଚାର, ବେରୋଜଗାରୀ ସମସ୍ୟାରେ ନେଇ ସେମାନେ ଭାଜପାରେ ଯୋଗଦେଇଥିବା କହିଥିଲେ। ଏହି ମିଶ୍ରଣ ପର୍ବରେ ସୁଜିତ ସିଂଙ୍କ ସମେତ ଦିନେଶ ବାନି, ବିରେନ୍ଦ୍ର ପ୍ରଧାନ, ଆକାଶ ବାରିକ, ଜିକେଶ, ରାଜା, ସୁଭେନଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳିତ

ରାଉରକେଲା,୧୨।୨(ବିପ୍ଳବ ରଞ୍ଜନ ଦାଶ)

ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜ ସଭାପତି ସୂର୍ଯ୍ୟମତୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଦୟାନନ୍ଦ ସରସ୍ୱତୀ ଥିଲେ ବେଦ ଉଦ୍ଧାରକ। ନାରୀଶକ୍ତି ଜାଗରଣର ମୁଖ୍ୟ ଉଦ୍‌ଘୋଷକ। ମୁକ୍ତି ଆନ୍ଦୋଳନର ପୁରୋଧା ତଥା ବହୁ ଜାତୀୟବାଦୀ ନେତା ଗଠନର ମୁଖ୍ୟ ବିଦ୍ଧାଣୀ ଥିଲେ। ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଉପାଧ୍ୟାୟ ବେଦମନ୍ତ୍ର ପାଠ କରିଥିବା ବେଳେ ବେଦ ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ ଓ ଶ୍ୟାମମାଳା ଦାସ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କଲେଜ ଅଧ୍ୟକ୍ଷ ଡା. ଉମାକାନ୍ତ ପଣ୍ଡା ସଭାପତିତ୍ୱ କରି ଆର୍ଯ୍ୟ ସମାଜ ଓ ଦୟାନନ୍ଦଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡାକ୍ତର ପରମେଶ୍ୱର ଶତପଥୀ, ଡ. କେଦାର ନାଥ ପାଢୀ, କାଳୀକିଙ୍କର ପଣ୍ଡା, ଉଦ୍ଧବ ପ୍ରଧାନ, ସନ୍ତୋଷ ଲେଙ୍କା ତଥା ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସୁରେନ୍ଦ୍ର ଉପାଧ୍ୟାୟ ଓ ଜ୍ୟୋତ୍ସ୍ନାରାଣୀ ଦାସ ଦୟାନନ୍ଦଙ୍କ ଜୀବନୀ ଆଧାରିତ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶାନ୍ତିପାଠ ହୋଇଥିଲା। ସୂର୍ଯ୍ୟମଣି ବେତ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ହାଇସ୍କୁଲ ରୂପାନ୍ତରଣ, ବଢୁଛି ଉପସ୍ଥାନ

ରାଉରକେଲା,୧୨।୨(ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ସରକାରଙ୍କ ୫-ଟି ପଦକ୍ଷେପ ଅଧୀନ ସ୍ମାର୍ଟସ୍କୁଲ ରୂପାନ୍ତରଣ ଯୋଜନା ଏବେ ରାଉରକେଲା ଓ ବିଶ୍ରା ଶିକ୍ଷାଞ୍ଚଳର ହାଇସ୍କୁଲଗୁଡିକର ରୂପରେଖ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେଇଛି। ଏହି ଯୋଜନାରେ ରାଉରକେଲା ଓ ବିଶ୍ରା ଶିକ୍ଷାଞ୍ଚଳରେ ଥିବା ସମୁଦାୟ ୫୪ଟି ହାଇସ୍କୁଲ ସ୍ମାର୍ଟସ୍କୁଲରେ ରୂପାନ୍ତରଣ ହୋଇ ସାରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ତୃତୀୟ ପର୍ଯ୍ୟାୟରେ ୧୧୨ଟି ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ ହେବାର ଯୋଜନା ରହିଛି। ଏହାଦ୍ୱାରା ସ୍କୁଲଗୁଡିକରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବଢୁଥିବା ଜଣାପଡିଛି।

ସ୍ଥାନୀୟ ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ରାଉରକେଲା ଓ ବିଶ୍ରା ଶିକ୍ଷାଞ୍ଚଳରେ ୨୦୧୯-୨୦ ଆର୍ଥିକ ବର୍ଷରେ ସରକାରୀ ସ୍କୁଲଗୁଡିକର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୪ହଜାର ଥିଲା। ସହରର ୫୪ ହାଇସ୍କୁଲ ସ୍ମାର୍ଟସ୍କୁଲରେ ରୂପାନ୍ତର ହେବା ପରେ ବିଗତ ଶିକ୍ଷାବର୍ଷରେ ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୦ହଜାରରୁ ଅଧିକ ହୋଇଛି। ହାଇସ୍କୁଲଗୁଡିକରେ ଉନ୍ନତମାନର ଶୌଚାଳୟ, ରେଷେଇ ଘର, କ୍ଲାସ ରୁମ, କାର୍ଯ୍ୟାଳୟ, ସ୍ୱଚ୍ଛ ପାଣି ବ୍ୟବସ୍ଥା ସହ ଡେକ୍ସ ଟେବୁଲ ବ୍ୟବସ୍ଥା ଯୋଗୁ ଛାତ୍ରୀଛାତ୍ରଙ୍କୁ ସରକାରୀ ସ୍କୁଲ ପ୍ରତି ଆଗ୍ରହ ବଢାଉଛି ବୋଲି କୁହାଯାଉଛି। ଏ ନେଇ ବିଶ୍ରା ଶିକ୍ଷାଧିକାରୀ ବେଣୁଧର ସ୍ୱାଇଁ କୁହନ୍ତି, ବିଶ୍ରା ଏବଂ ରାଉରକେଲାର ୫୪ଟି ହାଇସ୍କୁଲର ରୂପାନ୍ତରଣ ହେବା ରାଜ୍ୟ ସରକାରଙ୍କ ଏକ ବୈପ୍ଳବିକ ପଦକ୍ଷେପ। ବର୍ତ୍ତମାନ ସହରର ପ୍ରାୟ ସମୁଦାୟ ହାଇସ୍କୁଲ ସ୍ମାର୍ଟସ୍କୁଲରେ ରୂପାନ୍ତରିତ ହୋଇଛି। ଆଗକୁ ଅପର ପ୍ରାଇମେରି ଓ ପରେ ପ୍ରାଇମେରି ସ୍କୁଲଗୁଡିକର ରୂପାନ୍ତରଣ ହେବ। ପ୍ରତି ହାଇସ୍କଲ ରୂପାନ୍ତରଣ ହେବାରେ ୮କୋଟି ବ୍ୟୟ ହୋଇଛି। ଫଳରେ ବର୍ତ୍ତମାନ ପିଲାମାନେ ସରକାରୀ ସ୍କୁଲ ମୁହାଁ ହେବାରେ ଲାଗିଛନ୍ତି। ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ହୋଇଛି ବୋଲି ସ୍ୱାଇଁ କହିଥିଲେ।



ରୂପାନ୍ତରଣ ପରେ ବିଶ୍ରା ସରକାରୀ ହାଇସ୍କୁଲ।

## ସଂକ୍ଷେପରେ

### ଶିକ୍ଷା ହିଁ ସଫଳତାର ମୂଳମନ୍ତ୍ର

ଜମନକିରା, ୧୨।୨
(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ବଡମାଳ ପଞ୍ଚାୟତ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନୀଳମଣି ଝଙ୍କାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ସଫଳତାର ମୂଳମନ୍ତ୍ର ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ସରକାରୀ ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଯୋଗଦେଇ ମନକୁ ଦୃଢ଼ କଲେ ସବୁ କ୍ଷେତ୍ରରେ ବିଜୟ ସୁନିଶ୍ଚିତ ବୋଲି କହିଥିଲେ। ସମିତି ସଭ୍ୟା ଜେମାଦେଇ ମାଝି, ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ବାଘ, ମୋ ସ୍କୁଲ ସଭାପତି କର୍ମୁଚରଣ ବାଘ, ବିଷ୍ଣୁ ଚରଣ ଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନେତ୍ରାନନ୍ଦ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲକ୍ଷ୍ୟ ସ୍ଥିର କଲେ ଭବିଷ୍ୟତରେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଗଜିନ୍ଦ୍ର କୁମାର ପଟେଲ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ କର୍ତ୍ତୀନା କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ୩ ବର୍ଷ ପରେ ମରାମତି ହେବ ୮୦ ବର୍ଷର ପୁରୁଣା ସ୍କୁଲ

ସମ୍ବଲପୁର, ୧୨।୨
(ଭବାନୀ ଶଙ୍କର ଭୋଇ)

ଝୁଝୁମୁରା ବ୍ଲକ କବରାପାଲି ପଞ୍ଚାୟତରେ ଥିବା ୮୦ବର୍ଷ ପୁରୁଣା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୁବ୍‌ଶୀଘ୍ର ମରାମତି ହେବ। ଏ ସମ୍ପର୍କରେ ଝୁଝୁମୁରା ବିଡିଓ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୧୦ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ବିଦ୍ୟାଳୟ ଗୃହର ଶୋଚନୀୟ ଅବସ୍ଥା ଯୋଗୁ ପିଲାଙ୍କ ପାଠ ପଢାରେ ଘୋର ସମସ୍ୟା ସୃଷ୍ଟି ହେଉଥିଲା। ଏହାର ମରାମତି ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ମୌଖିକ ଆଦେଶ ଦିଆଯିବା ପରେ ଠିକାଦାର ଛାତକୁ ଖୋଲି ଦେଇଥିଲେ। ହେଲେ ସରକାରୀ ଆଦେଶ ନ ଥିବା ଓ ଠିକାଦାରଙ୍କୁ କାମ ବାବଦରେ ଟଙ୍କା ନ ମିଳିବାରୁ ତିନିବର୍ଷ ହେବ କାମ ଆଗେଇ ପାରୁ ନ ଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଗତ ଡିସେମ୍ବର ୧୪ରେ ଖବର ପ୍ରକାଶ ପାଇଥିଲା। ସେତେବେଳେ ଝୁଝୁମୁରା ବିଡିଓ ବିଜୟ ସନ୍ଙ୍କୁ ପଚାରିବାରୁ ସେ ଘଟଣାର ଅନୁଧ୍ୟାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରିସ୍ଥଳେ ପ୍ରାଥମିକ ବିଦ୍ୟାଳୟ ମରାମତି ପାଣ୍ଠିରୁ ୪ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବା ବିଡିଓ ସୂଚନା ଦେଇଛନ୍ତି। ତେବେ ଏହି ଅର୍ଥରେ ପୁରା ବିଦ୍ୟାଳୟ ମରାମତି ସମ୍ଭବ ହେଉ ନ ଥିବାରୁ ଗୋଟିଏ ଦୁଇଟି କୋଠାକୁ ପ୍ରଥମେ ମରାମତି କରି ପଢିବା ଉପଯୋଗୀ କରାଯିବ ବୋଲି ସେ କହିଛନ୍ତି।

# ସହର ବାହାରେ ନିର୍ମାଣ ହେଉ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ



ସମ୍ବଲପୁର, ୧୨।୨ (ଭବାନୀ ଶଙ୍କର ଭୋଇ)

## ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଭଙ୍ଗା ନ ଯାଉ

ସମ୍ବଲପୁରର ସର୍ବପୁରାତନ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମର ଆଧୁନିକୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାଢେ ତିନିଶହ କୋଟି ଟଙ୍କା ଘୋଷଣା କରାଯାଇଛି। ଏହି ଷ୍ଟାଡିୟମରେ ଉଭୟ ଫୁଟ୍‌ବଲ ଓ କ୍ରିକେଟ ଖେଳ ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ରହିବ। ପୂର୍ବରୁ ଜିଲା କ୍ରୀଡା ସଂଘ ପକ୍ଷରୁ ନୂତନ ପ୍ୟାଭିଲିୟନ ନିର୍ମାଣ, କବାଡି ଗ୍ୟାଲେରି, ଫ୍ଲଡ ଲାଇଟ ବ୍ୟବସ୍ଥା, କ୍ରିକେଟ ଓ ଫୁଟ୍‌ବଲ ଖେଳ ପାଇଁ ପଡିଆର ବିକାଶ, ଖେଳାଳିଙ୍କ ପାଇଁ ବ୍ୟାୟାମଶାଳା ଆଦି ନିର୍ମାଣ ଲାଗି ପ୍ରସ୍ତାବ ଦିଆଯାଇଥିଲା। ତେବେ ଘୋଷଣା ହୋଇଥିବା ପ୍ରକଳ୍ପରେ କ'ଣ ସବୁ ହେବାକୁ ଯାଉଛି ସେ ବିଷୟରେ ପ୍ରଶାସନ ପକ୍ଷରୁ ଆଲୋଚନା ପରେ ଜଣାପଡିବ ବୋଲି ଜିଲା କ୍ରୀଡାସଂଘ ସମ୍ପାଦକ ସୁନିଲ କୁମାର ସାହୁ କହିଛନ୍ତି। ତେବେ ଆନ୍ତର୍ଜାତୀୟ କ୍ରିକେଟ ଆଦିର ଆୟୋଜନ ଦିଗରେ ବୀର ସୁରେନ୍ଦ୍ର ଷ୍ଟାଡିୟମର ଆଧୁନିକୀକରଣ କେତେଦୂର ସହାୟକ ହେବ ତାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ସହର ଭିତରେ ପୁରୁଣା ଷ୍ଟାଡିୟମର ନବୀକରଣ ବଦଳରେ ସହର ବାହାରେ ଏକ ନୂତନ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରିବାକୁ ଅନେକ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମକୁ ଫୁଟ୍‌ବଲ ଓ କବାଡି ସହ ଅନ୍ୟାନ୍ୟ କ୍ରୀଡା ପ୍ରତିଯୋଗିତା ଆୟୋଜନ ପାଇଁ ବିକଶିତ କରାଯାଇ ଅନ୍ୟତ୍ର ଆଉ ଏକ ଷ୍ଟାଡିୟମ ନିର୍ମାଣ କରାଗଲେ ଜିଲାବାସୀ ଅଧିକ ଉପକୃତ ହୋଇପାରନ୍ତେ ବୋଲି କ୍ରୀଡ଼ା ବିଶେଷଜ୍ଞ ମତ ଦେଇଛନ୍ତି।

## ସେମାନେ କୁହନ୍ତି...

ଦେଶର ଅଧିକାଂଶ ସ୍ଥାନରେ ସହର ବାହାରେ ନୂଆ ଆନ୍ତର୍ଜାତୀୟ ଷ୍ଟାଡିୟମ ନିର୍ମାଣ କରାଯାଉଛି। ବିସିସିଆଇର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଷ୍ଟାଡିୟମ ନିର୍ମାଣ କରାଗଲେ ଆଗକୁ ସମ୍ବଲପୁରରେ ଆନ୍ତର୍ଜାତୀୟ କ୍ରିକେଟ ପ୍ରତିଯୋଗିତା ଆୟୋଜନର ସୁଯୋଗ ମିଳିପାରିବ। ଝାରସୁଗୁଡାରେ ବିମାନ ବନ୍ଦର ସ୍ଥାପନ ହେବା ପରେ ସମ୍ବଲପୁର ପାଇଁ ଅଧିକ ସୁଯୋଗ ସୃଷ୍ଟି ହୋଇଛି। ସମ୍ବଲପୁର ସହରଠାରୁ ୧୦ରୁ ୨୦ କିଲୋମିଟର ଭିତରେ ଶହେ ଏକର ଜାଗାରେ ଷ୍ଟାଡିୟମ ନିର୍ମାଣ ପାଇଁ ଯୋଜନା କରାଯିବା ଦରକାର। ଏହା ହେଲେ ଜଳ ନିଷ୍କାସନ, ଖେଳାଳିଙ୍କ ପାଇଁ ଅଭ୍ୟର୍ଥନା କକ୍ଷ, ଅତ୍ୟାଧୁନିକ ଜିମ ଆଦିର ବ୍ୟବସ୍ଥା କରାଯାଇ ପାରିବ। ପୁଣି ପଡିଆ ବାହାରେ ଆନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ସ୍ୱତନ୍ତ୍ର ପିଚ୍ ସହ ଅଭ୍ୟାସ ପାଇଁ ଚାରି ପାଞ୍ଚଟି ପିଚ ରହିବା ଦରକାର ପଡିଥାଏ। ଏସବୁକୁ ଚିନ୍ତା କଲେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଭବିଷ୍ୟତର ଆବଶ୍ୟକତା ପୂରଣ ଦିଗରେ ସହାୟକ ହେବ ନାହିଁ। ତେଣୁ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମକୁ ଛାଡି ସହରରେ ଆଉ ଏକ ଷ୍ଟାଡିୟମର ନିହାତି ଆବଶ୍ୟକ।

**ସୌରଭ ରାୟ, ଆନ୍ତର୍ଜାତୀୟ କ୍ରିକେଟ ସ୍କୋରର**

ପୁରୁଣାକୁ ନ ଭାଙ୍ଗି ନୂଆ ତଥା ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରାଗଲେ ଭଲ ହେବ। ରାଜ୍ୟରେ ବିଶେଷକରି ସମ୍ବଲପୁରରେ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ନିହାତି ଆବଶ୍ୟକତା ରହିଛି। ବିସିସିଆଇର ଗାଇଡ୍‌ଲାଇନ୍ ଅନୁସାରେ ସହର ବାହାରେ ସାଢେ ତିନିଶହ କୋଟି ଟଙ୍କାରେ ନୂତନ ଷ୍ଟାଡିୟମ ନିର୍ମାଣ କରାଯାଇ ପାରିବ। ବିସିସିଆଇ ମଧ୍ୟ ନୂତନ ଷ୍ଟାଡିୟମ ନିର୍ମାଣ ପାଇଁ ସହଯୋଗ କରୁଛି। ସହର ବାହାରେ ନୂତନ ଷ୍ଟାଡିୟମ ନିର୍ମାଣ ହେଲେ ଭବିଷ୍ୟତର ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହୋଇପାରିବ। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମକୁ ଭାଙ୍ଗିବା, ସେଠାକାର ବିଭିନ୍ନ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରିବାରେ ବହୁ ଅର୍ଥ ଖର୍ଚ୍ଚ ହେବ। ଏହାଛଡା ସହରର ଟ୍ରାଫିକ ବ୍ୟବସ୍ଥା ଓ ପାର୍କିଂ ସମସ୍ୟା ଦୂର କରିବା ସହଜସାଧ୍ୟ ହେବ ନାହିଁ। ତେଣୁ ପୁରୁଣାକୁ ନ ଭାଙ୍ଗି ଅନ୍ୟତ୍ର ନୂଆ ଷ୍ଟାଡିୟମ ନିର୍ମାଣ କରାଗଲେ ଭଲ ହୁଅନ୍ତା।

**ବିରେନ ପରମାର, ରଣଜୀ ଖେଳାଳି**

### ଡିଏଭି ବୁର୍ଲାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ

ସମ୍ବଲପୁର, ୧୨।୨
(ଭବାନୀ ଶଙ୍କର ଭୋଇ)

ବୁର୍ଲା ଆନନ୍ଦ ବିହାରସ୍ଥିତ ଡିଏଭି ବିଦ୍ୟାଳୟରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ ଅବସରରେ ୧୦୮ କୁଣ୍ଡୀୟ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ଏହି ଯଜ୍ଞ ଅନୁଷ୍ଠାନରେ ଅଧ୍ୟକ୍ଷା ରଶ୍ମି ମିଶ୍ର ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଯଜ୍ଞକର୍ମକୁ ପୁରୋହିତ ଭାବେ ଡ. ଶାନ୍ତନୁ କୁମାର ତ୍ରିପାଠୀ ଓ ସୁଶାନ୍ତ ସାହୁ ଦାୟିତ୍ୱ ତୁଲାଇଥିଲେ। ଏଥିରେ ଦ୍ୱାଦଶ ଓ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଥିବା ବିଦ୍ୟାର୍ଥୀଗଣ ଯୋଗଦେଇ ଯଜ୍ଞକର୍ମ ଅନୁଷ୍ଠାନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବେଦମନ୍ତ୍ର, ଓଙ୍କାରଧ୍ୱନି, ବୈଦିକ ମନ୍ତ୍ରପାଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ସଫଳ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରୋହିତ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୈଦିକ ପରମ୍ପରା ପ୍ରତି ଅଙ୍ଗୀକାର ରହିବାକୁ ପରାମର୍ଶ ଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ଅଭୟ କୁମାର ମିଶ୍ର ସଂଯୋଜନା କରିଥିଲେ।



ସୋମବାର ମା' ସମଲେଇଙ୍କୁ ଦର୍ଶନ କରିବାକୁ ଆସିଥିବା ବଲାଙ୍ଗୀର ଜିଲାର ଟିଟିଲାଗଡ ଓ ସୁନ୍ଦରଗଡ ଜିଲାର ରଘୁନାଥପାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ଶ୍ରଦ୍ଧାଳୁମାନେ ।

## ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସମ୍ବଲପୁର, ୧୨।୨
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ରେଳଷ୍ଟେଶନଠାରେ ସୋମବାର ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କୁ ସ୍ୱାଗତ କରାଯାଇଛି। ବିଜେଡି ନେତାମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଶେଷ କରି ଜିଲାରେ ସାଂଗଠନିକ ସ୍ଥିତି ତଥା ଏସ୍‌ଟି, ଏସ୍‌ସି, ଓବିସି, ସଂଖ୍ୟାଲଘୁ ତଥା ସାଧାରଣ ବର୍ଗଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରିତା ନେଇ ଆଲୋଚନା କରାଯାଇଥିଲା। ଆଲୋଚନା ସମୟରେ ଯୁବବିଜେଡି ନେତା ତଥା ସାଂସଦଙ୍କ ସମ୍ବଲପୁର ଜିଲା ପ୍ରତିନିଧି ଆଶିଷ ମହାନନ୍ଦ, ସୁଧିର ପଟ୍ଟନାୟକ, ନରେଶ ଶର୍ମା, ଅନିଲ ପାଣିଗ୍ରାହୀ, ବିକାଶ ତରିଆ, ଅଜୟ ମହାକୁର, ଭଜରାଜ ନାଗ, ଗୋପାଲ ଶର୍ମା, ସୁମନ ରଏ, ଶିବାଶିଷ ନନ୍ଦ, ସହଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଶୃଙ୍ଖଳା ହେଉଛି ସଫଳତାର ଚାବିକାଠି

### ସୁଇଟ୍‌ର ପ୍ରତିଷ୍ଠା ସମାରୋହ ଉଦ୍‌ଯାପିତ




ସୁଇଟ୍‌ର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ସମ୍ବଲପୁର, ୧୨।୨ (ପ୍ରମୋଦ ବହିଦାର): ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଦ୍ୟୋଗିକ ସଂସ୍ଥାନ (ସୁଇଟ୍)ର ପ୍ରତିଷ୍ଠା ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସୁଇଟ୍ ପରିସରସ୍ଥ ଏପିଜେ ଅବଦୁଲ କଲାମ ପ୍ରେକ୍ଷାଳୟରେ ନିର୍ଦ୍ଦେଶକ ବସନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା। ଏମ୍‌ସିଏଲ୍ କାର୍ମିକ ନିର୍ଦ୍ଦେଶକ କେଶବ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର ଜନସାଧାରଣଙ୍କ ସଙ୍କୋଚତା ଓ ସକାରାତ୍ମକ ମନୋଭାବ ସେମାନଙ୍କୁ ବ୍ୟକ୍ତିଗତ ଓ ପେଷାଗତ ଜୀବନକୁ ପ୍ରଭାବିତ କରିବା ସହ ସଫଳତାର ଶୀର୍ଷକୁ ନେଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ନୃପରାଜ ସାହୁ ତାଙ୍କ ବକ୍ତବ୍ୟରେ ଶୃଙ୍ଖଳା ହେଉଛି ସଫଳତାର ଚାବିକାଠି ବୋଲି କହିଥିଲେ। ଏହି ଅବସରରେ ସୁଇଟ୍ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରୀ ସୌମ୍ୟା ସମର୍ପିତା ସାମଲଙ୍କୁ କୁଳପତି-୨୦୨୪ ଓ ବିଭିନ୍ନ ବ୍ରାଞ୍ଚର ଶ୍ରେଷ୍ଠ ଛାତ୍ର ଶ୍ରୀରାମ ସ୍ୱାଇଁ, ଆୟୁଶ କୁମାର ନାଥ, ରାକେଶ କୁମାର ଦାସ ଓ ରୁପେଶ କୁମାର ପାଢୀଙ୍କୁ ଡାଇରେକ୍ଟର-୨୦୨୪ ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରାରମ୍ଭରେ ନିର୍ଦ୍ଦେଶକ ପ୍ରଫେସର ମହାନ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବିଧୁଭୂଷଣ ମିଶ୍ର ମଞ୍ଚାସୀନ ଥିଲେ। ଶେଷରେ ସୁଇଟ୍ ଛାତ୍ର କଲ୍ୟାଣ ଡିନ୍ ଡ. ସୁଦର୍ଶନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## କୁଚିଣ୍ଡାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

କୁଚିଣ୍ଡା, ୧୨।୨ (ବିରଞ୍ଚି ଦର୍ଜୀ)

କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗଦେଇ ୭୪ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୧୮ଟି ଗୋଷ୍ଠୀଗତ ଓ ୫୬ଟି ବ୍ୟକ୍ତିଗତ ରହିଥିଲା। ଏହି ଅବସରରେ ଜିଲାପାଳ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୩ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଓ ଜଣେ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ପ୍ରଦାନ କରିଥିଲେ। ଏଥିରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଆଇଏଏସ୍ ପ୍ରୋବେଶନ ଅଧିକାରୀ ସ୍ନେହା ଅରୁଗୁଲ୍ଲା, ଉପଜିଲାପାଳ ହେମସାଗର ଭୋଇ, ବିଡିଓ ନିରଞ୍ଜନ ସା, ଏସ୍‌ଡିପିଓ ଅମିତାଭ ପଣ୍ଡା, ତହସିଲଦାର ପ୍ରସନ୍ନ ଟେଟେ, ବ୍ଲକ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ଅଭିଯୋଗ ଶୁଣାଣି ପରେ କୁଚିଣ୍ଡା ଉପଖଣ୍ଡସ୍ତରୀୟ ଡାକ୍ତରଖାନା, କୁଚିଣ୍ଡା କଲେଜ ପରିଦର୍ଶନ କରିଥିଲେ। ଶିବିରରେ ଏସ୍ଏଚ୍‌ଜି ପକ୍ଷରୁ ବିଭିନ୍ନ ପ୍ରକାରର ଲଙ୍କା, ଷ୍ଟ୍ରବେରି, ଫିନାଇଲ, ଝୋଟ ବ୍ୟାଗ ପ୍ରଦର୍ଶିତ ଷ୍ଟଲକୁ ଜିଲାପାଳ ବୁଲି ଦେଖିଥିଲେ। ଶିବିର ପରିଚାଳନାରେ ଏବିଡିଓ ସହଦେବ ନନ୍ଦ, ଆକାଉଣ୍ଟ ଅଫିସର ଅଜୟ ବାଗେ, ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ,ବିପିଏମ ଟିପେନସନ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ଜଣେ ଭିନ୍ନକ୍ଷମଙ୍କୁ ଜିଲାପାଳ ଟ୍ରାଇସାଇକେଲ ପ୍ରଦାନ କରୁଛନ୍ତି।

## ଜୟନ୍ତପୁରରେ ପଞ୍ଚାୟତସ୍ତରୀୟ ସଚେତନତା

ସମ୍ବଲପୁର, ୧୨।୨ (ଭବାନୀ ଶଙ୍କର ଭୋଇ)

ଝୁଝୁମୁରା ବ୍ଲକର ଜୟନ୍ତପୁର ପଞ୍ଚାୟତ ଠାରେ ସୋମବାର ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟା କବିତା ସାହୁ, ସରପଞ୍ଚ ଆରତି ତାଣ୍ଡିଆ, ସମିତି ସଭ୍ୟା ଅନିତା ପ୍ରଧାନ, ନାଏବ ସରପଞ୍ଚ ଲଳିତ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଗଣେଶ ତାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଗଣ ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶାରେ ଜୟନ୍ତପୁର ପଞ୍ଚାୟତରେ ହେଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କୁ ଅବଗତ କରାଇଥିଲେ। ସଚେତନତା ପାଇଁ ବିଭିନ୍ନ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା।

## ରାସ୍ତା ନିର୍ମାଣରେ ବିଳମ୍ବ: ଗ୍ରାମବାସୀଙ୍କ ରାସ୍ତାରୋକୋ



ରାସ୍ତାରୋକୋରେ ସାମିଲ ହୋଇଥିବା ଗ୍ରାମବାସୀ।

ଜମନକିରା, ୧୨।୨ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଟିକିବା ଗ୍ରାମପଞ୍ଚାୟତରୁ କ୍ରିମାଲୋଇକୁ ସଂଯୋଗ କରୁଥିବା ରାସ୍ତା ଅତି ଶୋଚନୀୟ ହୋଇପଡିଛି। ଏଥିଯୋଗୁ ଖଇରଢ଼ିହି, କ୍ରିମାଲୋଇ, ବନ୍ଧମାଳ, ରାଙ୍କିବାହାଲ ଓ ବାଦୀବାହାଲ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଲିଖିତ ଅଭିଯୋଗ ସାଙ୍ଗକୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରଚାର ପରେ ରାସ୍ତା ତିଆରି ପାଇଁ ଟେଣ୍ଡର ହୋଇଥିଲା। ଟେଣ୍ଡର କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ୍ୟ ଠିକାଦାର ରାସ୍ତା କାମ ଆରମ୍ଭ ନ କରିବାରୁ ସୋମବାର ରାଙ୍କିବାହାଲ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଫଳରେ ଟିକିବା ଗ୍ରାମ ପଞ୍ଚାୟତରେ ହେଉଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ପିଠା କାର୍ଯ୍ୟକ୍ରମରେ ପଞ୍ଚାୟତ ଲୋକେ ସାମିଲ ହୋଇପାରି ନ ଥିଲେ। ଖବର ପାଇ ଟିକିବା ସରପଞ୍ଚ ମମତା ଭେଙ୍ଗ୍ରା, ସମିତି ସଭ୍ୟା ସ୍ନିଗ୍ଧା ପଟେଲ, ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁ ଓ ଜମନକିରା ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଗ୍ରାମବାସୀ କେବେ ରାସ୍ତା କାମ ଆରମ୍ଭ ହେବ ପ୍ରତିଶ୍ରୁତି ନ ଦେଲେ ରାସ୍ତାରୁ ଉଠିବେନି ବୋଲି ଜିଦ୍ କରିଥିଲେ। ପରେ ଥାନା ଅଧିକାରୀ ସାହୁ ଠିକାଦାରଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରି ୧୦ଦିନ ମଧ୍ୟରେ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ରାସ୍ତାରୁ ଉଠିଥିଲେ। ମାତ୍ର ୧୦ଦିନ ମଧ୍ୟରେ କାମ ଆରମ୍ଭ ନ କଲେ ପୁଣି ରାସ୍ତା ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅପରାହ୍ନ ପ୍ରାୟ ୧ଟାରେ ପଞ୍ଚାୟତରେ ହେଉଥିବା ପିଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

## ଚତୁର୍ଥ ବର୍ଷରେ ବୁର୍ଲାର ଟଙ୍କିକିଆ କ୍ଲିନିକ୍

■ ଆଜିଠାରୁ ୧ଟଙ୍କିଆ ଇସିଜି ଓ ନିବୁଲାଇଜର ସେବା ଆରମ୍ଭ

■ ଏପର୍ଯ୍ୟନ୍ତ ୫୦ ହଜାର ଗରିବ ରୋଗୀଙ୍କୁ ମିଳିଛି ସେବା

ସମ୍ବଲପୁର, ୧୨।୨ (ପ୍ରମୋଦ ବହିଦାର): ବୁର୍ଲାରେ ସଫଳତାର ସହିତ ଚାଲିଥିବା ଟଙ୍କିକିଆ କ୍ଲିନିକ ସୋମବାର ଚତୁର୍ଥ ବର୍ଷରେ ପଦାର୍ପଣ କରିଛି। ବୁର୍ଲା ଭିମ୍ସାରରେ କାର୍ଯ୍ୟରତ ଭେଷଜ ବିଭାଗ ସହକାରୀ ପ୍ରଫେସର ଡା. ଶଙ୍କର ରାମଚନ୍ଦାନୀଙ୍କ ଦ୍ୱାରା ପରିଚାଳିତ ଏହି କ୍ଲିନିକ୍ ରୋଗୀସେବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଗରିବ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ୨୦୨୧ ଫେବୃଆରୀ ୧୨ରେ ଡା. ରାମଚନ୍ଦାନୀ ଏହି କ୍ଲିନିକର ଶୁଭାରମ୍ଭ କରିଥିଲେ।

ଏଠାରେ ପ୍ରତ୍ୟହ ସକାଳ ୭ଟାରୁ ୮ଟା ଓ ସନ୍ଧ୍ୟା ୭ଟାରୁ ରାତି ୮ଟା ପର୍ଯ୍ୟନ୍ତ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଉଛି। ରୋଗୀଙ୍କଠାରୁ ମାତ୍ର ୧ଟଙ୍କା ଫି ନେଇ ସ୍ୱାସ୍ଥ୍ୟ ପରୀକ୍ଷାଠାରୁ ଆରମ୍ଭ କରି ସ୍ଥାନ ବିଶେଷରେ ଔଷଧ ଓ ଆମ୍ବୁଲାନ୍ସ ସେବା ପ୍ରଦାନ କରିଆସୁଛି। ତୃତୀୟବର୍ଷ ପୂର୍ତ୍ତି ଅବସରରେ ଏଠାରେ ହୃଦ୍‌ରୋଗୀ ଓ ଶ୍ୱାସ ରୋଗୀଙ୍କ ପାଇଁ ଯଥାକ୍ରମେ ଇସିଜି ଓ ନିବୁଲାଇଜର ସେବା ୧ ଟଙ୍କା ଫି ବିନିମୟରେ ଯୋଗାଇବା ଆରମ୍ଭ ହୋଇଛି। ସୋମବାର କ୍ଲିନିକରେ ଚତୁର୍ଥବର୍ଷ ପଦାର୍ପଣ ଉତ୍ସବ ପାଳନ କରାଯାଇଥିଲା। ଅତିଥିଭାବେ ଯୋଗଦେଇ ଜଣେ କୁଷ୍ଠରୋଗ ମୁକ୍ତ ମହିଳା ମୀନା ଜାଲ ୧ ଟଙ୍କିଆ ଇସିଜି ଓ ନିବୁଲାଇଜର ସେବା ଉଦ୍‌ଘାଟନ କରିଥିଲେ। ବୁର୍ଲା ଓ ବରଗଡ଼ ସହିତ ଅନ୍ୟ କେତେକ ସ୍ଥାନରେ ମଧ୍ୟ ଡା. ରାମଚନ୍ଦାନୀଙ୍କ ଟଙ୍କିଆ କ୍ଲିନିକ୍ ଚାଲିଛି। ତେବେ ସେ ଭିମ୍ସାରରେ କାର୍ଯ୍ୟରତ ଥିବାରୁ ବୁର୍ଲାରେ ପ୍ରତ୍ୟହ ଏହି କ୍ଲିନିକ ଚାଲିଥିବା ବେଳେ ବରଗଡ଼ ଓ ଅନ୍ୟ ସ୍ଥାନରେ ରୋଗୀମାନଙ୍କୁ ସାପ୍ତାହିକ ସେବା ଯୋଗାଇ ଆସୁଛନ୍ତି।



ପ୍ରତିଷ୍ଠା ଦିବସରେ ଜଣେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଡା. ଶଙ୍କର ରାମଚନ୍ଦାନୀ ।

କ୍ଲିନିକର ମାଲିକ ଡା. ରାମଚନ୍ଦାନୀ କହନ୍ତି, ଏହି କ୍ଲିନିକ ଆଜି ୪ର୍ଥ ବର୍ଷରେ ପାଦାର୍ପଣ କରିଛି। ଯେଉଁ ଉଦ୍ଦେଶ୍ୟରେ ଏହା ଆରମ୍ଭ ହୋଇଥିଲା ତାହା ସଫଳ ହୋଇଥିବାରୁ ଗର୍ବ ଅନୁଭବ କରୁଛି। ବିଗତ ତିନିବର୍ଷ ମଧ୍ୟରେ ଏହି କ୍ଲିନିକ୍‌ରେ ୫୦ ହଜାରରୁ ଅଧିକ ରୋଗୀଙ୍କୁ ୧ ଟଙ୍କାରେ ଚିକିତ୍ସାସେବା ଯୋଗାଇ ଦିଆଯାଇଛି। ପୂର୍ବରୁ କେବଳ ରୋଗୀଙ୍କୁ ଚିକିତ୍ସାସେବା, ଔଷଧ ଓ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଥିଲା। ଗରିବ ହୃଦ୍‌ରୋଗୀ ଓ ଶ୍ୱାସରୋଗୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଇସିଜି ଓ ନିବୁଲାଇଜର ସେବା ଆରମ୍ଭ ହୋଇଛି। ଏହାଦ୍ୱାରା ସେ ଆତ୍ମସନ୍ତୋଷ ଲାଭ କରୁଥିବା କହିଛନ୍ତି।

# ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍‌ରେ ମାନବ ସମ୍ବଳ ଅଭାବ

## ଜଙ୍ଗଲ ମାଫିଆଙ୍କ ବିରୋଧରେ ମନ୍ଥର ହେଉଛି କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୨।୨ (ସତ୍ୟଜିତ୍ ରାଉତ)

ଓଡ଼ିଶା ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ୧୯୭୯ ମସିହାରୁ ସ୍ୱତନ୍ତ୍ର ୱିଙ୍ଗ୍ ଭାବେ ଫରେଷ୍ଟ ୱିଙ୍ଗ୍ କାର୍ଯ୍ୟ କରୁଛି। ରାଜ୍ୟରେ ଜଙ୍ଗଲଜାତ ଦ୍ରବ୍ୟ, ଖଣିଜ ସମ୍ପଦ ଚୋରାଚାଲାଣ ରୋକିବା ଏହି ୱିଙ୍ଗ୍‌ର ମୂଳ କାମ। ଏଥିସହ ଜଙ୍ଗଲ, କୃଷି ଆଦି ସଂକ୍ରାନ୍ତୀୟ ମାମଲାରେ ଭିଜିଲାନ୍ସକୁ ଏହି ୱିଙ୍ଗ୍ ବୈଷୟିକ ପରାମର୍ଶ ମଧ୍ୟ ଦେଇଥାଏ। ତେବେ ଏହି ୱିଙ୍ଗ୍ ଏବେ ମାନବ ସମ୍ବଳ ସମସ୍ୟା ଦେଇ ଗତି କରୁଥିବା ଜଣାପଡ଼ିଛି। ଫଳରେ ଜଙ୍ଗଲ ମାଫିଆଙ୍କ ବିରୋଧରେ ଆବଶ୍ୟକ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରୁ ନ ଥିବା ଅଭିଯୋଗ ହେଉଛି।

ବନ ବିଭାଗ ପକ୍ଷରୁ ଏହି ୱିଙ୍ଗ୍ ପାଇଁ ଅଫିସର ଓ କର୍ମଚାରୀଙ୍କୁ ଡେପୁଟେଶନ୍‌ରେ ପଠାଯାଇଥାଏ। ଭିଜିଲାନ୍ସ ନିର୍ଦ୍ଦେଶାଳୟ ଅଧୀନରେ ଦକ୍ଷିଣାଞ୍ଚଳ ରେଞ୍ଜ ଓ ଉତ୍ତରାଞ୍ଚଳ ରେଞ୍ଜ ରହିଛି। ଦକ୍ଷିଣାଞ୍ଚଳ ରେଞ୍ଜ ଅଧୀନରେ କଟକ, ଭୁବନେଶ୍ୱର, ବ୍ରହ୍ମପୁର ଡିଭିଜନ ରହିଥିବାବେଳେ ଉତ୍ତରାଞ୍ଚଳ ରେଞ୍ଜ ଅଧୀନରେ ସମ୍ବଲପୁର, ବାଲେଶ୍ୱର, କୋରାପୁଟ ଓ ରାଉରକେଲା ଡିଭିଜନ କାର୍ଯ୍ୟ କରୁଛି। ପ୍ରଥମେ କଟକରେ ଏହି ୱିଙ୍ଗ ସ୍ଥାପନ କରାଯିବା ସହ ଜଣେ ଡିଏସ୍‌ପି ର୍‍ୟାଙ୍କ ଅଧିକାରୀଙ୍କୁ ଏହାର ମୁଖ୍ୟ ପଦରେ ଅବସ୍ଥାପିତ କରାଯାଇଥିଲା। ସେହି ସମୟରେ ୱିଙ୍ଗ୍ ୟୁନିଟ୍‌ରେ ଜଣେ ଲେଖାଏ ରେଞ୍ଜର୍, ଫରେଷ୍ଟର ଓ ଗାର୍ଡ ରହିଥିଲେ। ଏହାର କିଛିବର୍ଷ ପରେ ଭିଜିଲାନ୍ସ ଏବଂ ବନ ବିଭାଗ ନିଷ୍ପତ୍ତିକ୍ରମେ, ୱିଙ୍ଗ୍‌ର ରୂପରେଖ ବଦଳାଯାଇ ଜଣେ ଡିସିଏଫ୍‌ଙ୍କ ଅଧୀନରେ ଜଣେ ଫରେଷ୍ଟରଙ୍କ ସମେତ ଦୁଇଜଣ ଗାର୍ଡଙ୍କୁ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସବୁ ଡିଭିଜନ୍‌ରେ ଏହି ୱିଙ୍ଗ୍‌ର ୟୁନିଟ୍ ଖୋଲାଯାଇଥିଲା। ପ୍ରତ୍ୟେକ ୟୁନିଟ୍‌ରେ ଜଣେ ଏସିଏଫ୍ କିମ୍ବା ରେଞ୍ଜର୍, ଜଣେ ଫରେଷ୍ଟର ଓ ଦୁଇଜଣ ଗାର୍ଡଙ୍କୁ ନିଯୁକ୍ତି ଦେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ବଡ଼ କଥା ହେଉଛି, ୬ଟି ଡିଭିଜନ୍ ୟୁନିଟରେ ୱିଙ୍ଗ୍ କେତେକାଂଶରେ କାର୍ଯ୍ୟକ୍ଷମ ଥିବାବେଳେ ରାଉରକେଲାରେ ଏବେ ୟୁନିଟ୍ ନାହିଁ। ଏଥିସହ ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟ ଡିଭିଜନର ୟୁନିଟ୍‌ରେ ଏସିଏଫ୍ କିମ୍ବା ରେଞ୍ଜର ନାହାନ୍ତି। ବାଲେଶ୍ୱର ଏବଂ କଟକ ୟୁନିଟ୍‌ରେ ଫରେଷ୍ଟ ଗାର୍ଡ ନ ଥିବାବେଳେ ଭୁବନେଶ୍ୱର ୟୁନିଟରେ ଫରେଷ୍ଟର ଓ ଗାର୍ଡ ନାହାନ୍ତି। ସେହିପରି ବ୍ରହ୍ମପୁର ଏବଂ କୋରାପୁଟ ୟୁନିଟ୍‌ରେ ଜଣେ ଲେଖାଏ ଫରେଷ୍ଟର ଓ ଗାର୍ଡ ଥିବାବେଳେ ସମ୍ବଲପୁର ୟୁନିଟରେ କେବଳ ଜଣେ ଫରେଷ୍ଟର ଅଛନ୍ତି। ସୂଚନା ଅନୁଯାୟୀ, ଜଙ୍ଗଲଜାତ ଦ୍ରବ୍ୟ ଓ ଖଣିଜ ସମ୍ପଦ ଚୋରା ଚାଲାଣ ଘଟଣାରେ ପ୍ରତିବର୍ଷ ୧୮୦ ମାମଲା ରୁଜୁ କରିବାକୁ ଫରେଷ୍ଟ ୱିଙ୍ଗ୍‌ର ସମସ୍ତ ୟୁନିଟକୁ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ତେବେ ଆବଶ୍ୟକ ସଂଖ୍ୟକ କର୍ମଚାରୀଙ୍କ ଅଭାବ ଯୋଗୁ ୱିଙ୍ଗ୍ ସେହି ପରିମାଣରେ ମାମଲା ରୁଜୁ କରିପାରୁନାହିଁ। ଏପରିକି ଏହି ସମସ୍ୟା ଲାଗି କଟକ ୟୁନିଟ୍‌ରେ କାର୍ଯ୍ୟରତ ଅଫିସର ଓ କର୍ମଚାରୀମାନେ ବାଲେଶ୍ୱର, ବ୍ରହ୍ମପୁର ଏବଂ ଭୁବନେଶ୍ୱର ୟୁନିଟର ଚଢ଼ାଉ ପ୍ରକ୍ରିୟାରେ ସହଯୋଗ କରୁଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ଏହି ୱିଙ୍ଗ୍ ୨୦୧୭ରେ ୯୦, ୨୦୧୮ରେ ୧୨୨, ୨୦୧୯ରେ ୧୪୬, ୨୦୨୦ରେ ୯୬ ଏବଂ ୨୦୨୧ରେ ୮୮ଟି ମାମଲା ରୁଜୁ କରିଥିଲା। ସେହିପରି ଏହି ୱିଙ୍ଗ୍ ୨୦୨୨ରେ ସର୍ବାଧିକ ୧୪୦ ଏବଂ ୨୦୨୩ରେ ୧୧୪ଟି ମାମଲା ରୁଜୁ କରିଛି। ଏ ନେଇ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋୱନ୍ତ ଜେଠ୍ୱା କହିଛନ୍ତି, ଏହି ୱିଙ୍ଗରେ ପଦବୀ ପୂରଣ ଏକ ନିରନ୍ତର ପ୍ରକ୍ରିୟା। ଏ ସଂକ୍ରାନ୍ତରେ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଯେଉଁ ସ୍ଥାନରେ କର୍ମଚାରୀଙ୍କ ଅଭାବ ରହିଛି, ତାହା ଆଗକୁ ପୂରଣ ହୋଇଯିବ ବୋଲି ଜେଠ୍ୱା ପ୍ରକାଶ କରିଛନ୍ତି।

# ବାଣ ଚୋବାଇ ଶିଶୁକନ୍ୟା ଗୁରୁତର

ଘସିପୁରା(ନିରଞ୍ଜନ ସାହୁ)/ ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ)/୧୨।୨

କେନ୍ଦୁଝର ଜିଲା ଆନନ୍ଦପୁର ସୀମାନ୍ତ ମହୁଲଡ଼ିହା ଥାନା ଦୁଆରଶୁଣି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ଶିଶୁ କନ୍ୟା ଖେଳୁଥିବା ସମୟରେ ବାଣକୁ ଚୋବାଇ ଦେବାରୁ ଗୁରୁତର ହୋଇଛନ୍ତି। ଶିଶୁ କନ୍ୟା ଜଣଙ୍କ ହେଲେ ଗ୍ରାମର ପାକନ କୁଦଡ଼ାଙ୍କ ୬ ବର୍ଷର ଝିଅ ଯମୁନା।

ସୂଚନା ଅନୁଯାୟୀ, ଶିଶୁକନ୍ୟା ଜଣଙ୍କ ସାଙ୍ଗମାନଙ୍କ ସହିତ ଘର ଆଗରେ ଖେଳୁଥିଲେ। ସେହି ସମୟରେ ତଳେ ପଡ଼ିଥିବା ଏକ ଅଫୁଟା ବାଣକୁ ପାଟିରେ ଭର୍ତ୍ତି କରି ଚୋବାଇ ଦେଇଥିଲେ। ଫଳରେ ବାଣଟି ପାଟିରେ ଫୁଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଛି।


ଆନନ୍ଦପୁର ଚିକିତ୍ସାଳୟରେ ଶିଶୁକନ୍ୟା।

# ଷ୍ଟ୍ରେଚରରେ ବୁହାହେଲେ ରୋଗୀ

- ରାସ୍ତା ନ ଥିବାରୁ ଆସିପାରିଲାନି ଆମ୍ବୁଲାନ୍ସ
- ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ମୃତ୍ୟୁ

କୁଚିଣ୍ଡା,୧୨।୨(ବିରଞ୍ଚି ଦର୍ଚ୍ଚା)

ରାସ୍ତା ନ ଥିବାରୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ। ପ୍ରାୟ ଅଧ କି.ମି. ଦୂର ଷ୍ଟ୍ରେଚରରେ ରୋଗୀଙ୍କୁ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଗଲା। ପରେ ତାଙ୍କୁ ମେଡିକାଲ ନିଆଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ନିକ୍ତିମାଲ ପଞ୍ଚାୟତ ନାଏକଡିହି ଗ୍ରାମର ଓରାମପଡ଼ାରେ।

ମିଳିଥିବା ସୂଚନା ଅନୁଯାୟୀ, ନାଏକଡିହି ଗ୍ରାମର ଓରାମପଡ଼ା ହେଉଛି ବଣଜଙ୍ଗଲ ଘେରାରେ ଥିବା ଏକ ଛୋଟ ପଡ଼ା। ନାଏକଡିହିରୁ ଓରାମପଡ଼ା ପ୍ରାୟ ୧କି.ମି. ଦୂର ହୋଇଥିଲେ ହେଁ ଏଠାକୁ ଭଲ ରାସ୍ତାଟିଏ ନାହିଁ। ଏହି ପଡ଼ାରେ ପ୍ରାୟ ୮/୧୦ଗୋଟି ଓରାମ ପରିବାର ବସବାସ କରନ୍ତି। ରାସ୍ତା ପାଇଁ ପଡ଼ାବାସୀ ପଞ୍ଚାୟତଠାରୁ ବ୍ଲକ ଓ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅନେକବାର ଗୁହାରି କରିଛନ୍ତି। ହେଲେ ତାଙ୍କ କଥା କେହି ଶୁଣିନାହାନ୍ତି। ଏହି ପଡ଼ାର କୁନୁ ଓରାମ (୪୫)ଙ୍କ ଗୋଡ ଭାଙ୍ଗିଯାଇଥିବାରୁ ଦୀର୍ଘ ୧ବର୍ଷ ହେବ ସେ ରୋଗଗ୍ରସ୍ତ ହୋଇ ଘରେ ପଡିରହିଥିଲେ। ହଠାତ୍ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ରବିବାର ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଡାକିଥିଲେ। ମାତ୍ର ଓରାମପଡାକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସଟି ଅଧାବାଟରେ ଅଟକି ରହିଥିଲା। ପରେ ଆମ୍ବୁଲାନ୍ସ ଷ୍ଟାଫ୍ ଓ ପରିବାର ଲୋକେ ମିଶି ଷ୍ଟ୍ରେଚରରେ କୁନୁଙ୍କୁ ଅଧକି.ମି. ବୋହି ଆଣିଥିଲେ। ସେଠାରୁ ଅପରାହ୍ନରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଝାରସୁଗୁଡ଼ା ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୮ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ କୁନୁଙ୍କ ବିଧବା ସ୍ତ୍ରୀ ଓ ୫ ସନ୍ତାନ ଅଛନ୍ତି। ସୂଚନାଯୋଗ୍ୟ, କିଛିବର୍ଷ ତଳେ ଓରାମପଡ଼ାକୁ ରାସ୍ତା ପାଇଁ ଏକ କଲଭର୍ଟ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ହେଁ କୌଣସି କାରଣରୁ ତାହା ସେହି ଅବସ୍ଥାରେ ପଡିରହିଛି। ରାସ୍ତା ଭଲ ରହିଥିଲେ କୁନୁ ଠିକ୍ ସମୟରେ ଚିକିତ୍ସାସେବା ପାଇଥାନ୍ତେ ଓ ତାଙ୍କ ଜୀବନ ବଞ୍ଚିଯାଇଥାନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।


ଷ୍ଟ୍ରେଚରରେ ରୋଗୀଙ୍କୁ ବୋହି ନିଆଯାଉଛି।

# ଚାଲାଣକାରୀ ଗିରଫ, ବାଘଛାଲ ସହ ବନ୍ଧୁକ ଜବତ

## ଦାରିଙ୍ଗବାଡ଼ିରେ ଏସ୍‌ଟିଏଫ୍ ଚଢ଼ାଉ



ଭୁବନେଶ୍ୱର/ଦାରିଙ୍ଗବାଡ଼ି, ୧୨।୨(ସତ୍ୟଜିତ୍ ରାଉତ/ଅରୁଣ ସାହୁ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ଦାସିଙ୍ଗିବାଡ଼ି ଘାଟି ନିକଟରେ ସୋମବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କଠାରୁ ବାଘଛାଲ ସହ ଦେଶୀ ବନ୍ଧୁକ ଜବତ କରିଛି। ଏହି ଘଟଣାରେ ତାଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ସେ ହେଲେ ଦାରିଙ୍ଗବାଡ଼ି ଥାନା ଅଧୀନ ଗୋହିବାଡ଼ି ଗ୍ରାମର ଘନେଶ୍ୱର ପ୍ରଧାନ। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଘନେଶ୍ୱରଙ୍କୁ କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ପମ୍ପ ହାଉସ୍‌ରୁ ୨ ମୃତଦେହ ଜବତ, ପ୍ରେମ ସମ୍ପର୍କ ଚର୍ଚ୍ଚା

ଉମରକୋଟ, ୧୨।୨ (ସନ୍ତୋଷ ଶତପଥୀ)

ପାଣି ଆସିବାରେ ବିଳମ୍ବ ହେଲା। ଏହାର କାରଣ ଜାଣିବାକୁ ଗାଁ ଲୋକେ ପମ୍ପ ହାଉସ୍ ନିକଟକୁ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚି ଦେଖିବା ବେଳକୁ କବାଟ ଭିତରୁ ବନ୍ଦ ଥିଲା। ଝରକା ବାଟେ ଦେଖିବାରୁ ପମ୍ପ ହାଉସ୍ ଭିତରେ ୨ଟି ମୃତଦେହ ଝୁଲୁଥିଲା। ସୋମବାର ଏପରି ଘଟଣା ନବରଙ୍ଗପୁର ଜିଲା ଉମରକୋଟ ଥାନା ବୁର୍ଜା ଗାଁରେ ଘଟିଛି। ବୁର୍ଜା ପମ୍ପ ହାଉସ୍‌ରୁ ଜଣେ ନାବାଳକ ଓ ଜଣେ ଯୁବତୀଙ୍କ ମୃତଦେହ ମିଳିଛି। ନାବାଳକ ଜଣଙ୍କ ପୂଜାରିଗୁଡ଼ା ଗାଁର ଓ ଯୁବତୀଜଣଙ୍କ ସ୍ଥାନୀୟ ପ୍ରିୟଙ୍କା ଗଣ୍ଡ(୨୦)। ନାବାଳକ ଜଣକ ବୁର୍ଜା ପମ୍ପ ହାଉସ୍‌ରେ ପାଣି ଛାଡ଼ିବା ଦାୟିତ୍ୱରେ ଥିଲେ। ସୂଚନାନୁଯାୟୀ, ସୋମବାର ସକାଳେ ପାଣି ଛାଡ଼ାଯିବାରେ ବିଳମ୍ବ ହୋଇଥିଲା। ଘଟଣା ବିଷୟରେ ଜାଣିବାକୁ ଗ୍ରାମବାସୀ ପମ୍ପ ହାଉସ୍‌ରେ ପହଞ୍ଚି ଥିଲେ। କବାଟ ଭିତର ପଟୁ ବନ୍ଦ ଥିଲା, ଗ୍ରାମବାସୀ ଝରକା ଦେଖିଥିଲେ। ପମ୍ପ ହାଉସ୍‌ରେ ୨ଟି ମୃତଦେହ ଝୁଲୁଥିବା ଦେଖି ଉମରକୋଟ ପୋଲିସକୁ ଖବର ଦେଇଥିଲେ। ଏସ୍ଆଇ ନୀଳିମା ପାଣିଗ୍ରାହୀ, ଅକ୍ଷୟ ମିଶ୍ର ଓ ସୌମେନ୍ଦ୍ର ସେଠ ପହଞ୍ଚି ଉମରକୋଟ ତହସିଲଦାର ମେଘବନ ବାଗଙ୍କ ଉପସ୍ଥିତିରେ ଉମରକୋଟ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପମ୍ପ ହାଉସ୍ କବାଟ ଭାଙ୍ଗି ମୃତଦେହ ତଳକୁ ଓହ୍ଲାଇଥିଲେ। ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଉଭୟ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଉଭୟ ପରିବାର ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ନଂ.୯/୨୪ ଓ ୧୦/୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି ବୋଲି ଏଏସ୍ଆଇ ଅକ୍ଷୟ ମିଶ୍ର ଓ ସୌମେନ୍ଦ୍ର ସେଠ୍ କହିଛନ୍ତି।

# ସ୍ତ୍ରୀଙ୍କ ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ

## ପାରିବାରିକ କଳହର କରୁଣ ପରିଣତି

ଢେଙ୍କିକୋଟ୍,୧୨।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଥାନା ବାଲିପୋଖରୀ ପଞ୍ଚାୟତ ଛୋଟରାୟପୁର ଗ୍ରାମରେ ରବିବାର ରାତିରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ସ୍ତ୍ରୀଙ୍କ ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜେନ ମୁଣ୍ଡା(୩୮)।

ସୂଚନା ଅନୁଯାୟୀ, ରାଜେନ ଏବଂ ତାଙ୍କ ସ୍ତ୍ରୀ ଜେମା ମୁଣ୍ଡା(୩୬) ଗ୍ରାମର ଜଣେ ବ୍ୟକ୍ତିଙ୍କ ଶୁଦ୍ଧି କ୍ରିୟା କାର୍ଯ୍ୟକୁ ଯାଇଥିଲେ। ଜେମା ଘରକୁ ଫେରି ଆସିଥିବା ବେଳେ ରାଜେନ ଡେରିରେ ଫେରିଥିଲେ। ସେତେବେଳକୁ ଜେମା ଶୋଇପଡ଼ିଥିଲେ। ରାଜେନ ଆସି ଜେମାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରିଥିଲେ। ଏଥିରେ ଜେମା ଉତ୍ତ୍ୟକ୍ତ ହୋଇ ରାଜେନଙ୍କୁ ମାଡ଼ ମାରିବା ସହ ଧକ୍କା ମାରିଥିଲେ। ଫଳରେ ଘରର କାନ୍ଥରେ ରାଜେନଙ୍କ ମୁଣ୍ଡ ବାଡ଼େଇ ହୋଇ କାନ ଫାଟି ରକ୍ତସ୍ରାବ ହୋଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ, ଥାନା ଆଇଆଇସି ଅଞ୍ଜନ କୁମାର ପାତ୍ର ସାଇଣ୍ଟିଫିକ୍ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଘଟଗାଁ ଥାନାରେ ଏକ ମାମଲା(ନଂ.୧୦୯/୨୪) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟଚାଲାଣ କରାଯାଇଛି। ଜେମାଙ୍କ ୩ ଝିଅ ଓ ଗୋଟିଏ ପୁଅ ଥିବା ଜଣାପଡ଼ିଛି।

## ଜନ୍ମ ଦିବସ ଉପଲକ୍ଷେ

# ନାଇଟିଙ୍ଗଲ ସରୋଜିନୀ



ସରୋଜିନୀ ନାଇଡୁ, ନାରୀନେତ୍ରୀ, କବୟିତ୍ରୀ ଓ ବାଗ୍ମୀ ଭାବେ ଥିଲେ ବେଶ ପରିଚିତା। ପୁଣି ସେ ଥିଲେ ଦେଶର ପ୍ରଥମ ମହିଳା ରାଜ୍ୟପାଳ ଓ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ। ତାଙ୍କୁ ଭାରତୀୟ ନାଇଟିଙ୍ଗଲ ବୋଲି ଆଖ୍ୟାୟିତ କରାଯାଏ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧିଜୀଙ୍କ ସହଯୋଗୀ ରୂପେ ସରୋଜିନୀଙ୍କ ଅବଦାନ ଅତୁଳନୀୟ। ଜଣେ ଇଂରାଜୀ କବି ରୂପେ ଭାରତୀୟ ଇଂରାଜୀ ସାହିତ୍ୟର ଇତିହାସରେ ତାଙ୍କ ସ୍ଥାନ ସ୍ୱତନ୍ତ୍ର। ୧୮୭୯ ଫେବୃଆରୀ ୧୩ରେ ହାଇଦ୍ରାବାଦରେ ଜନ୍ମ ଗ୍ରହଣ କରିଥିଲେ ସରୋଜିନୀ। ଡ. ଅଘୋରନାଥ ଚଟ୍ଟୋପାଧ୍ୟାୟ ଓ ତାଙ୍କ ସ୍ତ୍ରୀ ବରଦା ସୁନ୍ଦରୀ ଦେବୀଙ୍କ ୮ ସନ୍ତାନ ମଧ୍ୟରୁ ସେ ଥିଲେ ଜ୍ୟେଷ୍ଠ। ବ୍ରାହ୍ମଣ ପରିବାରରେ ଜନ୍ମହୋଇଥିଲେ ମଧ୍ୟ ହାଇଦ୍ରାବାଦ ସହରରେ ବଢ଼ିଥିବାରୁ ସେ ନିଜକୁ ଅଧା ହିନ୍ଦୁ ଅଧା ମୁସଲମାନ ମନେ କରୁଥିଲେ । ପିତା ଅଘୋରନାଥ ଜଣେ ଜ୍ଞାନୀ,ଗୁଣୀ ଓ ପ୍ରକୃତିପ୍ରେମୀ ବ୍ୟକ୍ତି। ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟରେ ସେ ପାରଦର୍ଶିତା ହାସଲ କରିଥିଲେ। ମାତା ବରଦା ସୁନ୍ଦରୀ ମଧ୍ୟ ଜଣେ ଶିକ୍ଷିତା ମହିଳା ଥିଲେ। ସେ ବଙ୍ଗଳା ଭାଷାରେ କବିତା ରଚନା କରୁଥିଲେ। ଉଭୟଙ୍କର ପ୍ରତିଭା ସରୋଜିନୀଙ୍କ ପାଖରେ ଦେଖିବାକୁ ମିଳିଥିଲା।

ଉର୍ଦ୍ଦୁ, ତେଲୁଗୁ, ଇଂରାଜୀ, ପାର୍ସୀ ଓ ବଙ୍ଗଳା ଭାଷାରେ ସେ ଦକ୍ଷତା ହାସଲ କରିଥିଲେ। ୧୯୧୫ରୁ ୧୯୧୮ ପର୍ଯ୍ୟନ୍ତ ସେ ଯୁବଶକ୍ତିକୁ ଜାଗ୍ରତ କରାଇବା ସହ ମହିଳା ସଶକ୍ତୀକରଣ ଉପରେ ସମଗ୍ର ଦେଶ ବୁଲି ବକ୍ତୃତା ଦେଇଥିଲେ। ୧୯୧୬ରେ ଜବାହରଲାଲ ନେହେରୁଙ୍କ ସମ୍ପର୍କରେ ଆସିବାପରେ, ଚମ୍ପାରନ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୧୯ ଜୁଲାଇରେ ନାଇଡୁ ହୋମ୍‌ରୁଲ୍ ଲିଗ୍‌ର ଇଂଲଣ୍ଡ ଦୂତଭାବେ ଅବସ୍ଥାପିତ ହେଲେ। ୧୯୨୦ରେ ଭାରତ ଫେରିଲେ ଓ ଅଗଷ୍ଟ ୧ରେ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ୧୯୨୫ରେ କଂଗ୍ରେସର ଅଧ୍ୟକ୍ଷ ଭାବେ ନିର୍ବାଚିତ ହେଲେ । ୧୯୩୦ ଜାନୁୟାରୀ ୨୬ରେ ମହାତ୍ମା ଗାନ୍ଧୀ ଗିରଫ ହେବାର କିଛି ସମୟ ପରେ ସରୋଜିନୀ ନାଇଡୁଙ୍କୁ ମଧ୍ୟ ଗିରଫ କରାଗଲା ଓ ତାଙ୍କୁ ୧୯୩୧ ଜାନୁୟାରୀ ୩୧ପର୍ଯ୍ୟନ୍ତ ଜେଲରେ ରହିବାକୁ ପଡ଼ିଥିଲା । ଭାରତ ସ୍ୱାଧୀନ ହେବାପରେ ସରୋଜିନୀ ଉତ୍ତର ପ୍ରଦେଶ ତଥା ଭାରତର ପ୍ରଥମ ମହିଳା ରାଜ୍ୟପାଳ ହେଲେ। ଅଧିକାର ପାଇଁ ସଂଗ୍ରାମ ହେଉ କିମ୍ବା ହିନ୍ଦୁ-ମୁସଲମାନ ଏକତା ପ୍ରସଙ୍ଗ ହେଉ ସେ ସର୍ବଦା ନିଷ୍ଠା ଓ ସାହସିକତା ଦେଖାଇଥିଲେ। ସେଥିପାଇଁ ଗାନ୍ଧିଜୀ ତାଙ୍କୁ ଶ୍ରଦ୍ଧାରେ 'ଆଜିର ମୀରାବାଈ' ବୋଲି ଡାକୁଥିଲେ। ୧୯୩୧ରେ ଲଣ୍ଡନ ଗୋଲ ଟେବୁଲ ବୈଠକରେ ଭାରତୀୟ ମହିଳାଙ୍କର ପ୍ରତିନିଧିତ୍ୱ କରିଥିବା ସରୋଜିନୀଙ୍କର ୧୯୪୯ ମସିହା ମାର୍ଚ୍ଚ ୩ରେ ପରଲୋକ ଘଟିଥିଲା। ସରୋଜିନୀଙ୍କ ଇଂରାଜୀ କବିତା ଗ୍ରନ୍ଥ 'ଇଣ୍ଡିଆନ ଡ୍ୟାନ୍‌ସର୍ସ', 'ଦି ଇଣ୍ଡିଆନ ଜିପ୍ସି', 'ଦ କୁଇନ୍ସ ରାଇଭାଲ', 'ନାଇଟ ଫଲ୍ ଇନ୍ ଦ ସିଟ୍ ଅଫ୍ ହାଇଦ୍ରାବାଦ', 'ଟୁ ଇଣ୍ଡିଆ' ଏବଂ 'ଗୁରେଦାନ' ବେଶ ପ୍ରଭାବଶାଳୀ। ଏଥିସହ ତାଙ୍କ ରଚିତ ଦ ଗୋଲ୍ଡେନ ଥ୍ରେସ୍ ହୋଲ୍ଡ -୧୯୦୫, ଦ ବାର୍ଡ ଅବ୍ ଟାଇମ-୧୯୧୨, ଦ ବ୍ରୋକନ୍ ଉଇଙ୍ଗ୍-୧୯୧୭ ଇତ୍ୟାଦି ପୁସ୍ତକ ପ୍ରେରଣାଦାୟୀ ହୋଇ ରହିଛି।

# କମ୍ୟୁନିଟି ରେଡିଓ : ଓଡ଼ିଶା ଉଦାହରଣ

## ଆଜି ବିଶ୍ୱ ରେଡିଓ ଦିବସ

ଭୁବନେଶ୍ୱର, ୧୨।୨(ବନ୍ଦନା ସେଠୀ)



ଶବ୍ଦ, ସ୍ୱର, ସଙ୍ଗୀତ ଏବଂ ସୃଜନଶୀଳତା ଆଦିର ସଙ୍ଗମ ହେଉଛି ରେଡିଓ। ମଣିଷ ଏବଂ ରେଡିଓ ମଧ୍ୟରେ ବହୁ ପୁରୁଣା ସମ୍ପର୍କ ରହିଆସିଛି। ଦିନ ଥିଲା, ଲୋକଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନର ଏକମାତ୍ର ମାଧ୍ୟମ ସାଜିଥିଲା ରେଡିଓ। ମାତ୍ର ସମୟ ସହିତ ତାଳଦେଇ ଜ୍ଞାନକୌଶଳର ପରିସୀମା ବଢିବା ସହ ସମ୍ପର୍କ ସ୍ଥାପନ ତଥା ମନୋରଞ୍ଜନର ଅନେକ ମାଧ୍ୟମ ଉପଲବ୍ଧ ହେଉଛି। ଆଜିର ପ୍ରଚାର ପ୍ରସାର ଯୁଗରେ ରେଡିଓର ଚାହିଦା କିଛିମାତ୍ରାରେ ହ୍ରାସ ପାଇଥିଲେ ବି ଏହାର ଗୁରୁତ୍ୱ କିନ୍ତୁ କମିନାହିଁ। ଏବେ ବି ରାଜ୍ୟର ଅନେକ ଅଞ୍ଚଳ ରହିଛି, ଯେଉଁଠାରେ ଅତ୍ୟାଧୁନିକ ଜ୍ଞାନକୌଶଳ ପହଞ୍ଚି ପାରିନାହିଁ। ସେଭଳି ସ୍ଥାନଗୁଡ଼ିକ ପାଇଁ ରେଡିଓ ହିଁ ଏକମାତ୍ର ଭରସା। ତେବେ ଓଡ଼ିଶାରେ କମ୍ୟୁନିଟି ରେଡିଓ ଷ୍ଟେଶନର ଚାହିଦା ବଢିବାରେ ଲାଗିଛି। ଦେଶରେ ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ କମ୍ୟୁନିଟି ରେଡିଓ ଥିବାବେଳେ ଓଡ଼ିଶାରେ ୩୦ରୁ ଅଧିକ କମ୍ୟୁନିଟି ରେଡିଓ ଷ୍ଟେଶନ ରହିଛି। କମ୍ୟୁନିଟି ରେଡିଓ ମ୍ୟାପ୍ ଦେଖିଲେ, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଅଧିକ କମ୍ୟୁନିଟି ରେଡିଓ ଷ୍ଟେଶନ ରହିଛି। ପଡ଼ୋଶୀ ପଶ୍ଚିମବଙ୍ଗରେ ମାତ୍ର ୫/୬ଟି ହାତଗଣତି କମ୍ୟୁନିଟି ଷ୍ଟେଶନ ଥିବାବେଳେ ଓଡ଼ିଶାର ପ୍ରତ୍ୟେକ ଜିଲାରେ ଷ୍ଟେଶନ ରହିବା ନିହାତି ପକ୍ଷେ ପ୍ରଶଂସନୀୟ। କେବଳ ରାଜ୍ୟ ମଧ୍ୟରେ ନୁହେଁ, ବରଂ ସମଗ୍ର ଦେଶ ପାଇଁ ଓଡ଼ିଶା ଏକ ଉଦାହରଣ ସାଜିଛି ବୋଲି କହିବା ଅତ୍ୟୁକ୍ତି ହେବନାହିଁ। ମୁଖ୍ୟତଃ ୩ ପ୍ରକାରର ରେଡିଓ ବ୍ରଡ୍‌କାଷ୍ଟିଙ୍ଗ୍ ସିଷ୍ଟମ ରହିଛି। ସେଗୁଡ଼ିକ ହେଉଛି ପବ୍ଲିକ୍ ସର୍ଭିସ ବ୍ରଡ୍‌କାଷ୍ଟିଙ୍ଗ୍ ବା ସରକାରୀ ରେଡିଓ ଷ୍ଟେଶନ୍ (ଅଲ୍ ଇଣ୍ଡିଆ ରେଡିଓ), ପ୍ରାଇଭେଟ୍ କମର୍ସିଆଲ ଏଫ୍ଏମ୍ ରେଡିଓ ବା ବେସରକାରୀ ଏଫ୍ଏମ୍ ରେଡିଓ ଏବଂ କମ୍ୟୁନିଟି ରେଡିଓ। କମ୍ୟୁନିଟି ରେଡିଓ ସବୁଠାରୁ କମ୍ ଜାଗାରେ ଏବଂ କମ୍ ଲୋକଙ୍କୁ ନେଇ କାର୍ଯ୍ୟକ୍ଷମ ହୋଇପାରେ, ଯାହା ଏଫ୍ଏମ୍ ମୋଡ୍‌ରେ ବାଜିଥାଏ। ଓଡ଼ିଶାରେ ସର୍ବପ୍ରଥମ କମ୍ୟୁନିଟି ରେଡିଓ ଷ୍ଟେଶନ 'ରେଡିଓ ନମସ୍କାର'। ଏହା ୨୦୧୦ ଫେବୃଆରୀ ୧୨ରେ ସ୍ଥାପନ ହୋଇଥିଲା। ପରେ ପରେ ଭଦ୍ରକରେ ରେଡିଓ ବୁଲ୍‌ବୁଲ୍, ଯାଜପୁରରେ ରେଡିଓ ସ୍ୱରାଜ, କୋରାପୁଟରେ ରେଡିଓ ଢେମ୍‌ସା, ଜଗତ୍‌ସିଂହପୁରରେ ରେଡିଓ ଆଉଟ୍‌ରିଚ୍, ଭୁବନେଶ୍ୱରରେ କଳିଙ୍ଗ ଭାରତୀ ଏବଂ ସୋଆ ଏଫ୍ଏମ୍, କଟକରେ ରେଭେନ୍‌ଶା ରେଡିଓ, ଢେଙ୍କାନାଳରେ ରେଡିଓ ବସୁଧା, ବରଗଡ଼ରେ ରେଡିଓ ଗୁଞ୍ଜନ ଭଳି ବହୁ କମ୍ୟୁନିଟି ରେଡିଓ ଷ୍ଟେଶନ ଗଢିଉଠିଛି। କମ୍ୟୁନିଟି ରେଡିଓ ସାଧାରଣତଃ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା କମ୍ୟୁନିଟି ଏବଂ ଅଞ୍ଚଳ ପାଇଁ ବ୍ରଡକାଷ୍ଟ କରିଥାଏ। କମ୍ ପାୱାର ଟ୍ରାନ୍ସମିଶନ୍ ଥିବାରୁ ଏହା ମାତ୍ର ୧୫ କି.ମି ଦୂର ପର୍ଯ୍ୟନ୍ତ ଶୁଣାଯାଇପାରିବ। ଅଧିକ ଦୂରତାରେ ଏହା କାମ କରେନାହିଁ। ଭାରତରେ ୩ ପ୍ରକାର ସଂସ୍ଥାକୁ କମ୍ୟୁନିଟି ରେଡିଓ ପାଇଁ ଲାଇସେନ୍ସ ମିଳେ। ସେଗୁଡ଼ିକ ହେଲା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ବିଶ୍ୱବିଦ୍ୟାଳୟ। ଶିକ୍ଷାନୁଷ୍ଠାନ ବା ଶିକ୍ଷା ସଂସ୍ଥା (ଉଭୟ ସରକାରୀ ଓ ବେସରକାରୀ) ଏବଂ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ। ଏହା ସମ୍ପୂର୍ଣ୍ଣ ଭାବେ ଅଣଲାଭଦାୟକ ସଂସ୍ଥା ହୋଇଥିବାରୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବା ଲାଭ ପାଇଁ କାମ କରି ନ ଥାଏ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଅନ୍ଧବିଶ୍ୱାସ ଦୂରୀକରଣ, ସରକାରୀ କାର୍ଯ୍ୟକ୍ରମ ଏବଂ ଯୋଜନା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସଚେତନ କରାଇବା ଆଦି କମ୍ୟୁନିଟି ରେଡିଓର ମୁଖ୍ୟ ଲକ୍ଷ୍ୟ। ଏହାର ଲାଇସେନ୍ସ ପାଇଁ ବର୍ଷର ଯେକୌଣସି ସମୟରେ ଆବେଦନ କରାଯାଇପାରିବ। ଆଞ୍ଚଳିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଷ୍ଟେଶନ୍ ସ୍ଥାପନ ହେଉଥିବାରୁ ସମୟକ୍ରମେ ଏହାର ଲୋକପ୍ରିୟତା ବଢିବାରେ ଲାଗିଛି। ରେଡିଓକୁ ଅଧିକ ଜନାଦୃତ କରିବା ପାଇଁ ପ୍ରତିବର୍ଷ ଫେବୃଆରୀ ୧୩କୁ ବିଶ୍ୱ ରେଡିଓ ଦିବସ ଭାବେ ପାଳନ କରାଯାଉଛି।

### ଏମାନେ କୁହନ୍ତି...

#### ଲୋକପ୍ରିୟତା ବଢିଚାଲିଛି



ଭାରତରେ କମ୍ୟୁନିଟି ରେଡିଓ କ୍ଷେତ୍ରରେ ଏବେ ଓଡ଼ିଶା ଆଗରେ ରହିଛି। କମ୍ୟୁନିଟି ରେଡିଓରେ ଗ୍ରାମାଞ୍ଚଳକୁ ପ୍ରାଥମିକତା ଦିଆଯାଉଥିବାରୁ ଏହାର ଲୋକପ୍ରିୟତା ବଢିଚାଲିଛି। ଏଥିରେ ଗୋଷ୍ଠୀ ସହଭାଗିତା ରହୁଛି। ଏହାବ୍ୟତୀତ ଓଡ଼ିଶାର କମ୍ୟୁନିଟି ରେଡିଓ ବିଭିନ୍ନ ଅସୁବିଧା ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। କୋଭିଡ୍ ସମୟରେ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। କମ୍ୟୁନିଟି ରେଡିଓରେ ଏବେ କୃଷି ଓ ପାଣିପାଗ ସୂଚନା ମଧ୍ୟ ଦିଆଯାଉଛି। ସରକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଓ ସ୍ଥାନୀୟ ସମସ୍ୟା ସମାଧାନ କରିବାରେ ଏହା ଏକ ପ୍ରମୁଖ ମାଧ୍ୟମ ପାଲଟିଛି।

**-ନୀହାର ରଞ୍ଜନ ପଣ୍ଡା, କେନ୍ଦ୍ର ନିର୍ଦ୍ଦେଶକ, ରେଡିଓ ଗୁଞ୍ଜନ, ବରଗଡ଼**

#### ସ୍ଥାନୀୟ ଭାଷାକୁ ଗୁରୁତ୍ୱ ଦିଆଯାଉଛି



କମ୍ୟୁନିଟି ରେଡିଓ କ୍ଷେତ୍ରରେ ଓଡ଼ିଶା ଏକ ଉଦାହରଣ ସାଜିପାରିଛି। ଏହା ଏକ ଅଣଲାଭଦାୟକ ଏବଂ ସମ୍ପୂର୍ଣ୍ଣରୂପେ ଜନସେବା ପାଇଁ ଉତ୍ସର୍ଗୀକୃତ ସଂସ୍ଥା। ଶିକ୍ଷାଠାରୁ ସ୍ୱାସ୍ଥ୍ୟ ଏବଂ ସରକାରୀ ଯୋଜନାଠାରୁ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ନେଇ ଅଞ୍ଚଳବାସୀଙ୍କୁ ସଚେତନ କରାଇବା ସହିତ ସେମାନଙ୍କ ସାମଗ୍ରିକ ବିକାଶ ଏହାର ଲକ୍ଷ୍ୟ। ମୋଟାମୋଟି ଭାବେ କହିବାକୁ ଗଲେ ସରକାର ଏବଂ ସମୁଦାୟ ମଧ୍ୟରେ ଏକ ବଳିଷ୍ଠ ମାଧ୍ୟମ ହେଉଛି କମ୍ୟୁନିଟି ରେଡିଓ। ଏଥିସହ କମ୍ୟୁନିଟି ରେଡିଓରେ ସ୍ଥାନୀୟ ଭାଷାକୁ ଗୁରୁତ୍ୱ ଦିଆଯାଉଥିବାରୁ ଏହା ଅଧିକ ଲୋକାଭିମୁଖୀ ହୋଇପାରୁଛି।

**-ସୁବ୍ରତ କୁମାର ପତି, ସେକ୍ରେଟାରି, ଓଡ଼ିଶା କମ୍ୟୁନିଟି ରେଡିଓ ଆସୋସିଏଶନ୍, ଭୁବନେଶ୍ୱର।**

## ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ଜନଜାଗରଣ ସଭା

ଚାନ୍ଦବାଲି,୧୨।୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି କାଳୀପଡ଼ିଆଠାରେ ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ସୋମବାର ପରିଷଦ ସଂଯୋଜକ ପଦ୍ମାକର ଗୁରୁଙ୍କ ଅଧକ୍ଷତାରେ ଜନଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ତଥା ପରିଷଦ ଅଧ୍ୟକ୍ଷ ଡ଼. ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଦୀର୍ଘ ୯୪.୬ କିଲୋମିଟର ରେଳପଥ ଲାଗି ଚଳିତ ରେଳ ବଜେଟ୍‌ରେ ଅନ୍ୟୁନ ୧୧୧୧ କୋଟି ଟଙ୍କା ମଞ୍ଜୁର କରିବା ଲାଗି ପରିଷଦ ପକ୍ଷରୁ ରେଳମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ମାତ୍ର ରେଳମନ୍ତ୍ରୀ ପ୍ରତିଶ୍ରୁତି ପାଳନ ନ କରି ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ପ୍ରତାରିତ କରିଛନ୍ତି ବୋଲି କହିଥିଲେ। ପରିଷଦର ଉପସଭାପତି ତଥା ପିସିସି ସମ୍ପାଦକ ମନୋଜ ବିଶ୍ୱାଳ, କଂଗ୍ରେସ ନେତା ଦିଗମ୍ବର ଦାସ, ସଭ୍ୟ ସତ୍ୟାନନ୍ଦ ରାଉତ ଯୋଗଦେଇ ପ୍ରକଳ୍ପ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକନିକା ବ୍ଲକ୍ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ବ୍ଲକ୍ ସଭାପତି ବୈଲୋଚନ ପଣ୍ଡା, ନଗର ସଭାପତି ବଦ୍ରିନାଥ ନାୟକ, ଶକ୍ତି ପ୍ରତାପ ବିଶ୍ୱାଳ, ସଂଗ୍ରାମ ଦାସ, ବୃନ୍ଦାବନ ମହାଳିକ, ଶିକ୍ଷକ ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରିମାରାଣୀଙ୍କ ସାକ୍ଷ୍ୟ ଗ୍ରହଣ ସରିଲା

ବଲାଙ୍ଗୀର, ୧୨।୨
(ବୀରେନ୍ଦ୍ର କୁମାର ଝାଙ୍କର)

ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ସୋମବାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଶୁଣାଣି ହୋଇଥିଲା। ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ନବବିବାହିତ ସଫ୍ଟୱେର ଇଞ୍ଜିନିୟର ସୌମ୍ୟଶେଖର ସାହୁଙ୍କ ସ୍ତ୍ରୀ ରିମାରାଣୀ ସାହୁ ସାକ୍ଷ୍ୟ ଦେଇଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରୁ ଅପରାହ୍ନ ୧ଟା ୩୦ ମଧ୍ୟରେ ତାଙ୍କ ସାକ୍ଷ୍ୟ ଗ୍ରହଣ ସରିଥିଲା। ସାକ୍ଷ୍ୟ ଗ୍ରହଣ ବେଳେ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ତଥା ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲ ମେହେର ମଧ୍ୟ କୋର୍ଟରେ ହାଜର ହୋଇଥିଲେ। କୋର୍ଟରେ ରିମାରାଣୀ ୨୦୧୮ ଫେବୃଆରୀ ୨୩ର ସେଇ ଦୁଃଖଦ ଘଟଣା ସମ୍ପର୍କିତ ତଥ୍ୟ ରଖିଥିଲେ। ଏହାସହିତ ଅଭିଯୁକ୍ତଙ୍କ ଓକିଲଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ସେ ଦେଇଥିଲେ। କିଭଳି ସେଦିନ ପାର୍ସଲ ବୋମା ବିସ୍ଫୋରଣ ହେଲା ଏବଂ ସେଥିରେ ତାଙ୍କ ନବବିବାହିତ ସ୍ୱାମୀ, ଜେଜେମାଙ୍କ ଜୀବନ ଚାଲିଗଲା ତାହା କହିଥିଲେ। ବିସ୍ଫୋରଣରେ କିଭଳି ସେ ନିଜେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ ଏବଂ ଘଟଣାର ୨୫ ଦିନ ପରେ ତାଙ୍କୁ ହସ୍ପିଟାଲ ଶଯ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁଖବର ଶୁଣିବାକୁ ମିଳିଥିଲା ତାହା ମଧ୍ୟ ଉଲ୍ଲେଖ କରିଥିଲେ। ସୋମବାର ୫୧ତମ ସାକ୍ଷୀ ଭାବେ କୋର୍ଟରେ ରିମାରାଣୀଙ୍କ ସାକ୍ଷ୍ୟ ଗ୍ରହଣ ସରିବା ପରେ ଖୁବ୍‌ଶୀଘ୍ର ଏଇ ମାମଲାର ରାୟ ପ୍ରକାଶ ପାଇବ ବୋଲି ପୀଡ଼ିତ ପରିବାର ଆଶାପ୍ରକାଶ କରିଛନ୍ତି।

ରିମାରାଣୀ ଗଣମାଧ୍ୟମରେ ନିଜ ପ୍ରତିକ୍ରିୟା ରଖି ବିଳମ୍ବ ହୋଇଥିଲେ ମଧ୍ୟ ସେ କୋର୍ଟରୁ ନ୍ୟାୟ ପାଇବେ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ଅଭିଯୁକ୍ତ ଯେଉଁ କାଣ୍ଡ ଭିଆଇଛନ୍ତି ସେଥିରେ ତାଙ୍କୁ ଫାଶୀଦଣ୍ଡ ମିଳିଲେ ବି କମ୍ ହେବ ବୋଲି କହିଥିଲେ। ରିମାରାଣୀଙ୍କ ଶ୍ୱଶୁର ତଥା ମୃତ ସୌମ୍ୟଶେଖରଙ୍କ ପିତା ଅଧ୍ୟାପକ ରବୀନ୍ଦ୍ର ସାହୁ ମଧ୍ୟ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କୋର୍ଟ ଉପରେ ତାଙ୍କର ଆସ୍ଥା ରହିଥିବା କହିଛନ୍ତି। ପାର୍ସଲ ବୋମା ବିସ୍ଫୋରଣ ମାମଲାକୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ଆଶିଷ ଚନ୍ଦନ ପରିଚାଳନା କରୁଛନ୍ତି। ଆଡ୍‌ଭୋକେଟ ଚନ୍ଦନ କହିଛନ୍ତି, ୫୧ ନମ୍ବର ସାକ୍ଷ୍ୟ ଗ୍ରହଣ ଆଜି ସରିଛି। ଆଉ ୧୭ଟି ସାକ୍ଷ୍ୟ ଗ୍ରହଣ ହେବାର ଅଛି। ତେବେ ଆଉ ଅଳ୍ପଦିନ ମଧ୍ୟରେ ଏଇ ମାମଲାର ରାୟ ପ୍ରକାଶ ପାଇବ ସେଇ ଆଶା ରହିଛି ବୋଲି ସେ କହିଛନ୍ତି।

୨୦୧୮ ଫେବୃଆରୀ ୨୩ତାରିଖର ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣା ସମଗ୍ର ଦେଶକୁ ଚହଲାଇ ଦେଇଥିଲା। ପାଟଣାଗଡ଼ ଜବାହରଲାଲ କଲେଜ ଅଧ୍ୟାପକ ରବୀନ୍ଦ୍ର ସାହୁ ଏବଂ ଭଇଁଷା କଲେଜ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଏକମାତ୍ର ପୁତ୍ର ସୌମ୍ୟଶେଖର ସାହୁଙ୍କ ବିବାହ ଉପହାର ଭାବେ ଆସିଥିବା ଏକ ପାର୍ସଲକୁ ଖୋଲିବାବେଳେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର, ଜେଜେମା' ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିବାବେଳେ ନବବିବାହିତା ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ପୁଞ୍ଜିଲାଲ ଏବେ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ବନ୍ଦୀ ଅଛନ୍ତି।



ପାଟଣାଗଡ଼ ଅତିରିକ୍ତ କୋର୍ଟରେ ସାକ୍ଷ୍ୟ ଦେବା ପରେ ରିମାରାଣୀ ସାହୁ ଓ ତାଙ୍କ ଶ୍ୱଶୁର ରବୀନ୍ଦ୍ର ସାହୁ।

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

- କୋର୍ଟଙ୍କୁ ଜଣାଇଲେ ଫେବୃଆରୀ ୨୩ର ବୀଭତ୍ସତା
- ୨୫ ଦିନ ପରେ ହସ୍ପିଟାଲ ଶଯ୍ୟାରେ ସ୍ୱାମୀଙ୍କ ମୃତ୍ୟୁ ଖବର ପାଇଥିଲେ
- ରିମାରାଣୀ କହିଲେ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ବି କମ୍ ହେବ
- କୋର୍ଟରେ ହାଜର ହେଲେ ଅଭିଯୁକ୍ତ ପୁଞ୍ଜିଲାଲ ମେହେର

## ଜିଲାସ୍ତରୀୟ ମା' ସାକମ୍ଭରି ମହୋତ୍ସବ



ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା,୧୨।୨(ମକାରୁ ବେମାଲ)

ନୂଆପଡା ସଦର ଖରିଆର ରୋଡ ମିନି ଷ୍ଟାଡିୟମଠାରେ ଜିଲାସ୍ତରୀୟ ମା' ସକାମ୍ଭରି ମହୋତ୍ସବ ଅନୁଷ୍ଠିତ ହୋଇଛି। ଜିଲା ମାଳି ମରାର ସମାଜ ସଭାପତି ବଳିରାମ ପଟେଲଙ୍କ ଅଧକ୍ଷତରେ ରାଜ୍ୟ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି, ସମ୍ମାନିତ ଅତିଥି କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ବିଶିଷ୍ଟ ଅଥିଥି ଭାବରେ ଯୋଗଦେଇଥିଲେ। ନୂଆପଡା ବ୍ଲକ ଚେୟାରମ୍ୟାନ ତାରେଶ୍ୱରୀ ସାହୁ, ନୂଆପଡା ଏନଏସି ଚେୟାରମ୍ୟାନ ଆଦମ ଖାନ, ଖରିଆର ରୋଡ ଏନଏସି ଚେୟାରମ୍ୟାନ ସୋନିଆ ଜୈନ, ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ଧନି ରାମ ସାହୁ, ସନ୍ଦେଶ ଢୋଲକିଆ, ଘାସିରାମ ମାଝି, ସାରାବଙ୍ଗ ସରପଞ୍ଚ ରଥବାଇ ପଟେଲ, ନିଶାନ୍ତ ଡାଗା, ଶ୍ୟାମ କେଶରୱାନୀ, ସନ୍ଦୀପ ଶର୍ମା, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଯେଞ୍ଚୀରା ପରୀକ୍ଷେତ୍ର ସମ୍ପାଦକ କୁଞ୍ଜ ବିହାରୀ ପଟେଲ ମଞ୍ଚ ପରିଚାଳନା କରି ଥିଲେ। ଆମ ସମାଜ ଆଗକୁ ବଢ଼ିବାକୁ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ, ରାଜନୈତିକ ଉପରେ ଗୁରୁତ୍ୱ ଦେଇ ନାରୀ ନିର୍ଯ୍ୟାତନା, ଅନ୍ଧ ବିଶ୍ୱାସ, କୁସଂସ୍କାର ଉପରେ ରୋକ ଲଗାଇବାକୁ ହେବ। ଏହି ସମାଜ ପ୍ରଥମ ଶିକ୍ଷୟିତ୍ରୀ ହେଉଛନ୍ତି ସାବେତ୍ରୀ ବାଇ ଫୁଲେ। ମାଳି ମରାର ପଟେଲ ସମାଜର ଲୋକମାନଙ୍କ ପାଇଁ ହିଁ ଆମେ ତାଙ୍କ ଉପାର୍ଜିତ ପନିପରିବା ପାଇ ପାରିଛୁ ବୋଲି ଅତିଥି ମତବ୍ୟକ୍ତ କରିଥିଲେ। ଏଥିରେ ଭନତ ରାମ ପଟେଲ, ଅନୁଦରାମ ପଟେଲ, ରାଧେଶ୍ୟାମ ପଟେଲ, ଗୋପାଳ ପଟେଲ, ରାଧେ ପ୍ରକାଶ ପଟେଲ, ଦେବଲାଲ ପଟେଲ, ପୁନିତ ରାମ ପଟେଲ, ଶନ୍ତରାମ ପଟେଲ,ଦେବସିଂ ପଟେଲ, ଅବୋଧ ନାରାୟଣ ପଟେଲ, ଅଭିରାମ ପଟେଲ, ଗୌରୀ ଶଙ୍କର ପଟେଲ ବିନୋଦ ପଟେଲ, ଯୁଧିଷ୍ଠିର ପଟେଲ, ଭକ୍ତ ଚରଣ ପଟେଲ, ଲଛମନ ପଟେଲ, ତୁଳସ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ମଞ୍ଚରେ ପଦ୍ମଶ୍ରୀ ହଳଧର ନାଗ ଉଦ୍‌ବୋଧନ ଦେଉଛନ୍ତି ଏବଂ ଉପସ୍ଥିତ ଅତିଥି।

କୋକସରା,୧୨।୨
(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତଠାରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋକ୍ଷଧି ବାଗ, ବିଶିଷ୍ଟ ଅତିଥି ରୂପେ ପଦ୍ମଶ୍ରୀ ଲୋକକବି ହଳଧର ନାଗ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ଋତୁରାଜ ମାଝି, ନୋଡାଲ ଅଧିକାରୀ କନିଷ୍ଠ ଯନ୍ତ୍ରୀ ଅମ୍ବିକା ମାଝି, ସମିତି ସଭ୍ୟା ପାର୍ବତୀ ବାଗ, ନାଏବ ସରପଞ୍ଚ ଖଗେଶ୍ୱର ବାଣୁଆ, ପୂର୍ବତନ ସରପଞ୍ଚ ବନମାଳୀ ବାଗ ଉପସ୍ଥିତ ରହି ସରକାରଙ୍କ ବିକାଶ, ଲୋକାଭିମୁଖୀ ଯୋଜନା ଉପରେ କହିଥିଲେ। ପଶ୍ଚିମ ଓଡ଼ିଶାର ସଂସ୍କୃତି, ପରମ୍ପରା, ଚଳଣି ମହାନ। ଆମର ଇଷ୍ଟ ଦେବୀ ମା' ସମଲେଇଙ୍କ ମନ୍ଦିର ନୂଆ ରୁପରେଖ କରିଥିବାରୁ ମୁଁ ଓଡିଶା ସରକାର ନବୀନ ପଟ୍ଟନାୟକଙ୍କଠାରେ ଚିରକୃତଜ୍ଞ ବୋଲି ପଦ୍ମଶ୍ରୀ ହଳଧର ନାଗ କହିଥିଲେ। ସ୍ଥାନୀୟ ଛାତ୍ରୀଛାତ୍ର ଓ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା କ୍ଷୀରସିନ୍ଧୁ ବାଣୁଆ କରିଥିବା ବେଳେ ଖଗେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ମିଶନ ଶକ୍ତି ମହିଳା କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଅଙ୍ଗନୱାଡ଼ି କର୍ମୀ ଓ ସରକାରୀ ବିଭାଗର ଷ୍ଟଲରେ ମିଲେଟ ଉତ୍ପାଦିତ ଖାଦ୍ୟ ସାମଗ୍ରୀ ଓ ବିଭିନ୍ନ ଯୋଜନା ବିଷୟରେ ଉପସ୍ଥିତ ଲୋକଙ୍କୁ ସୂଚନା ଦେଇଥିଲେ। ପିଇଓ କିଶୋର ନାଏକ, ଜିଆରଏସ ଶିବ ଗହୀର ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଧନୁଯାତ୍ରାରେ ଉଠିଲା ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗ

**କୋଶଲୀ, ସାନ୍ତାଳୀ ଭାଷାକୁ ସରକାରୀ ଅବହେଳା ଅଭିଯୋଗ କଲେ ନରସିଂହ**

ବଲାଙ୍ଗୀର, ୧୨।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ କୁଟୁମଡୋଲାଠାରେ ଆୟୋଜିତ ଧନୁଯାତ୍ରା ମହୋତ୍ସବରେ ସୋମବାର ରାଜଅତିଥିଭାବେ ଯୋଗଦେଇଥିଲେ ବିଧାୟକ ନରସିଂହ ମିଶ୍ର। କଂସ ଦରବାରରେ ଉପସ୍ଥିତ ସହସ୍ରାଧିକ ଦର୍ଶକଙ୍କ ସମ୍ମୁଖରେ ସେ ରାଜ୍ୟ ସରକାରଙ୍କ ଆଞ୍ଚଳିକ ବୈଷମ୍ୟ ମନୋଭାବ ଉପରେ କହିଥିଲେ। ସେ କହିଥିଲେ ଯେ, ପ୍ରତ୍ୟେକ କ୍ଷେତ୍ରରେ ପଶ୍ଚିମ ଓଡ଼ିଶାକୁ ଅବହେଳା କରାଯାଉଛି। ବର୍ତ୍ତମାନ ଓଡ଼ିଆ ଭାଷା ସମ୍ମିଳନୀ ପ୍ରତି ସରକାର ନେଇଥିବା ପଦକ୍ଷେପରୁ ଆହୁରି ସ୍ପଷ୍ଟ ଜଣାପଡୁଛି ଯେ, ସେମାନେ କେବଳ ରାଜ୍ୟର ଗୋଟିଏ ଅଞ୍ଚଳ ପ୍ରତି ଧ୍ୟାନ ଦେଉଛନ୍ତି। କୋଶଲୀ ଏବଂ ସାନ୍ତାଳି ଭାଷା ମଧ୍ୟ ରାଜ୍ୟର ଏକ ତୃତୀୟାଂଶ ଲୋକ ନିଜର ମାତୃଭାଷା ହିସାବରେ ବ୍ୟବହାର କରନ୍ତି। କିନ୍ତୁ ସରକାର ଏହି ଭାଷା ପ୍ରତି ବୈମାତୃକ ମନୋଭାବ ପୋଷଣ କରି ଏହାର ପ୍ରଚାର ପ୍ରସାର କରୁନାହାନ୍ତି। ସରକାରୀ ଭାଷାରୂପେ ଯେପରି ସ୍ୱୀକୃତି ଲାଭ କରିବେ ସେ ଦିଗରେ ଠୋସ ପଦକ୍ଷେପ ନେଉନାହାନ୍ତି ବୋଲି କହିଥିଲେ। କୋସଲି ଭାଷାକୁ ରାଜ୍ୟର ଦ୍ୱିତୀୟ ସରକାରୀ ଭାଷା ଭାବରେ ସ୍ୱୀକୃତି ଲାଭ ପାଇଁ ନାମକୁ ମାତ୍ର ରାଜ୍ୟ ସରକାର କେନ୍ଦ୍ରକୁ ଏକ ଚିଠି ଲେଖି ଚୁପ୍ ବସିଯାଇଛନ୍ତି । ଏପରି ବୈମାତୃକ ମନୋଭାବ ଆମ ଅଞ୍ଚଳର ଶିକ୍ଷା, ଏହାର ଭିତ୍ତିଭୂମି, କୃଷି, ଜଳସେଚନ, କ୍ରୀଡା ଭିତ୍ତିଭୂମି, ସ୍ୱାସ୍ଥ୍ୟ ସେବା ଓ ଏହାର ଭିତ୍ତିଭୂମିକୁ ନେଇ ମଧ୍ୟ ରହିଛି ବୋଲି କହିଥିଲେ। ରାଜ୍ୟର ପୂର୍ବାଞ୍ଚଳରେ ଥିବା ମନ୍ଦିର ମାନଙ୍କୁ ସରକାର ହଜାର କୋଟି ଟଙ୍କା ଅନୁଦାନ ଦେଉଥିବାବେଳେ ବଲାଙ୍ଗୀରରେ ଅନେକ ପରିମାଣର ଦେବୋତ୍ତର ସମ୍ପତ୍ତି ଥିଲେ ମଧ୍ୟ ଏଠାକୁ ସମୁଦ୍ରକୁ ଶଙ୍ଖେ ଭଳିଆ ଅନୁଦାନ ଦିଆଯାଇଛି । ତେଣୁ ସରକାର ଏପରି ବୈମାତୃକ ମନୋଭାବର ଆଗାମୀ ଦିନରେ ତୀବ୍ର ବିରୋଧ କରାଯିବ ବୋଲି ବିଧାୟକ ମିଶ୍ର କହିଥିଲେ ।

ଅନ୍ୟତମ ବକ୍ତା ଭାବରେ ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର ଚାଷୀ ମାନଙ୍କର ଦୁର୍ଦ୍ଦଶା ଯଥା ଧାନର ଅଭାବୀ ବିକ୍ରି, ସାର ବିହନର ଅଭାବ, ଜଳସେଚନର ଅଭାବ ଏବଂ କୃଷିଭିତ୍ତିକ ଶିଳ୍ପ ଅଭାବ ଉପରେ କହିଥିଲେ । କଂସ ଦରବାରରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଶ୍ରୀଧର ବାରିକ, ପୂର୍ବତନ ବ୍ଲକ ଚେୟାରମ୍ୟାନ ଘାସିରାମ ବେହେରା, ସରପଞ୍ଚ ସଞ୍ଜୟ ଗଡତ୍ୟା ବକ୍ତବ୍ୟ ରଖିଥିଲେ। କଂସ ଭୂମିକାରେ ଅଭିନୟ କରୁଥିବା ସୁଶୀଳ ମେହେରଙ୍କୁ ମୁଖ୍ୟ ଅତିଥି ବିଧାୟକ ମିଶ୍ର ସମ୍ମାନିତ କରିଥିଲେ। ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଥିବା ଏହି କଂସ ଦରବାରର ସୁପରିଚାଳନା ପାଇଁ ସଭାପତି କୈଳାସ ସିଂଦେଓ, ସମ୍ପାଦକ ବିକାଶ ରଞ୍ଜନ ରଥ, ଯୁଗଳ ରଣା, ମହେଶ ବୁଡେକ, ଗୁପ୍ତେଶ୍ୱର ନାଏକ, ରାଧାକାନ୍ତ ନାଏକ, ଘାସିରାମ ପଟେଲ ଏବଂ ଜଗନ୍ନାଥ କମିଟି ସଦସ୍ୟ ସହଯୋଗ କରିଥିଲେ ।



କଂସ ଦରବାରରେ ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖୁଛନ୍ତି।

# ସାଧାରଣ ନିର୍ବାଚନ ପୂର୍ବରୁ ଜିଲାପାଳଙ୍କ ସମୀକ୍ଷା ବୈଠକ

ଭବାନୀପାଟଣା,୧୨।୨
(ଉତ୍ତମ କୁମାର ଦାଶ)

ଭବାନୀପାଟଣା ଓସ୍ୱାନ କକ୍ଷଠାରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଜିଲାରେ ନିର୍ବାଚନ ନିୟୋଜିତ ଅଧିକାରୀଙ୍କୁ ନେଇ ଗୁରୁବାର ସନ୍ଧ୍ୟାରେ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ତ୍ରିଲୋଚନ ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସ, ଡିଆଇଓ ସୁଜିତ୍ ବିଶାଳ, ଜିଲା ଯୋଗାଣ ଅଧିକାରୀ ପବିତ୍ର ସାହୁ, ଆରଟିଓ ଗତିକୃଷ୍ଣ ସାମନ୍ତରାୟ, ଡିଆଇପିଆର୍‌ଓ ମନୋଜ ବେହେରା, ଟିଓ ପ୍ରଜ୍ଞା ପରମିତା ନାୟକ, ତହସିଲଦାର କଳାହାଣ୍ଡି ସୁଭସ୍ମିତା ମିଶ୍ର, ଅତିରିକ୍ତ ଉପଜିଲାପାଳ ଜୟଦେବ ଦାସ, ଡେପୁଟି କଲେକ୍ଟର ରେଭିନ୍ୟୁ ଚିନ୍ମୟ କୁମାର ନାୟକ, ଡେପୁଟି କଲେକ୍ଟର ନିର୍ବାଚନ ଚନ୍ଦ୍ରଦାସ ମହାନନ୍ଦିଆ, ସ୍ମଲ ସେଭିଂ ଅଫିସର ବିବେକାନନ୍ଦ ମହାନନ୍ଦ, ଆସିଷ୍ଟାଣ୍ଟ କଲେକ୍ଟର ମମତା ଦାସ, ଡେପୁଟି କଲେକ୍ଟର ବିକାଶ ରଞ୍ଜନ ଶବର ଓ ଚିତ୍ତରଞ୍ଜନ ମଲ୍ଲିକଙ୍କ ସହ ଆଭାସିରେ ଧର୍ମଗଡ଼ ଉପଜିଲାପାଳ ଧିମନ ଚକମା, ସମସ୍ତ ବିଡିଓ, ଏଆରଓ ଉପସ୍ଥିତ ଥିଲେ। ଜିଲାପାଳ ସମସ୍ତ ପୋଲିଂ ବୁଥରେ ପିଇବା ପାଣି, ଶୌଚାଳୟ, ବିଦ୍ୟୁତ୍, ଦିବ୍ୟାଙ୍ଗଙ୍କ ପାଇଁ ବ୍ୟବସ୍ଥା, ଆସବାବ ପତ୍ରର ବ୍ୟବସ୍ଥା, ସମ୍ବେଦନଶୀଳ ଅଞ୍ଚଳ ମ୍ୟାପିଙ୍ଗ, ରୁଟଚାଟ, ନିର୍ବାଚନ ନିୟୋଜିତ ଅଧିକାରୀଙ୍କୁ ମାଷ୍ଟର ଟ୍ରେନରଙ୍କ ଦ୍ୱାରା ତାଲିମ ପ୍ରଦାନ, ସ୍କାଡ, ଫ୍ଲାଇଂ ସ୍କାଡ, ଷ୍ଟ୍ରଙ୍ଗରୁ, ନିର୍ବାଚନରେ ବ୍ୟବହୃତ ପାଇଁ ଗାଡି ବ୍ୟବସ୍ଥା, ସେକ୍ଟର ଅଧିକାରୀ ଚୟନ ଓ କାର୍ଯ୍ୟଧାରା, ପୋଲିଂ ପାର୍ଟି ପ୍ରେରଣ, ମିଡିଆ ସାର୍ଟିଫିକେସନ ମନିଟରିଂ କମିଟି ଗଠନ ଇତ୍ୟାଦି ଉପରେ ସବିଶେଷ ସମୀକ୍ଷା କରିଥିଲେ। ନିର୍ବାଚନ ଯଥେଷ୍ଟ ପୂର୍ବରୁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ସଫଳ ରୂପେ କାର୍ଯ୍ୟକାରୀ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ପିକ୍‌ଅପ୍ ଭ୍ୟାନ୍ ଓଲଟିବା ଘଟଣା

# ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି, ୫୦ରୁ ଊର୍ଦ୍ଧ୍ୱ ଚିକିତ୍ସାଧୀନ

ଭବାନୀପାଟଣା,୧୨।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ରବିବାର ଅପରାହ୍ନରେ କୃଷି ଶ୍ରମିକଙ୍କୁ ନେଇ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡିବା ଘଟଣାରେ ସୋମବାର ସନ୍ଧ୍ୟା ସୁଦ୍ଧା ୪ଜଣଙ୍କର ମୃତ୍ୟୁ ଘଟିଛି। ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ଏବେ ଜୁନାଗଡ, ଭବାନୀପାଟଣା ମେଡିକାଲ କଲେଜ ଏଣ୍ଡ୍ ହସ୍ପିଟାଲ ଓ ବୁର୍ଲା ଭୀମସାରରେ ଚିକିତ୍ସାଧୀନ ରହିଛନ୍ତି। ରବିବାର ସନ୍ଧ୍ୟାରେ ଧର୍ମଗଡ ଡାକ୍ତରଖାନାରେ ମିଚାଗାଁର ମୋହନ ବିଶ୍ୱାଳ (୫୦) ଓ ଜୁନାଗଡ ଡାକ୍ତରଖାନାରେ ମଞ୍ଜୁଳା ବିଶ୍ୱାଳ(୨୭)ଙ୍କ ମୃତ୍ୟୁ ଘଟିଥିବା ବେଳେ ସୋମବାର ବଲାଙ୍ଗୀର ମେଡିକାଲ କଲେଜରେ ପରମିତା ଚଲାନ (୨୩) ଓ ବୁର୍ଲାରେ ସୁକାନ୍ତି ମାଝି (୩୭)ଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଗୋଟିଏ ଗ୍ରାମର ୪ଜଣଙ୍କ ମୃତ୍ୟୁ ପରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହେବା ସହ ଆତ୍ମୀୟଙ୍କ କାନ୍ଦ ବୋବାଳିରେ ଫାଟି ପଡିଛି ଗାଁ। ସୂଚନାଯୋଗ୍ୟ ଯେ, ରବିବାର ଜୁନାଗଡ ବ୍ଲକ ଆଟିଗାଁ ବଂଶୀବଟପଡା, ବିଶାଳପଡା ଓ ମିଚାଗାଁ ନୂଆପଡାର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଶ୍ରମିକ ନିକଟସ୍ଥ ଗୋଲାମୁଣ୍ଡା ବ୍ଲକ ବୋରଗୁଡାକୁ ଧାନ ରୋଇବା ପାଇଁ ଯାଇଥିଲେ। କାମ ସାରି ସେଠାରୁ ଅପରାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୦୮କେ-୪୧୭୫)ରେ ଫେରୁଥିଲେ। ଡୋକ୍ରିପଡ଼ା ଓ ଚିଲଗାଁ ମଧ୍ୟରେ ପିକ୍‌ଅପ୍ ହଠାତ୍ ଓଲଟି ପଡିଥିଲା। ଏଥିରେ ବସିଥିବା ଶ୍ରମିକମାନେ ଏଣେ ତେଣେ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ଏହି ଦୁର୍ଘଟଣାରେ ଅନେକ ଶ୍ରମିକଙ୍କ ହାତ, ଗୋଡ, ଅଣ୍ଟା ଭାଙ୍ଗିଯାଇଥିବା ସୂଚନା ମିଳିଛି। ପିକ୍‌ଅପ୍ ଭ୍ୟାନ ଦ୍ରୁତ ଗତିରେ ଆସୁଥିବାରୁ ହଠାତ୍ ଚାଳକ ବେକ୍ର ଦେବାରୁ ଏପରି ଦୁର୍ଘଟଣା ହୋଇଥିବା ସ୍ଥାନୀୟ ଲୋକଙ୍କଠୁ ଜଣାପଡିଛି।



ମୃତକଙ୍କ ପରିବାରକୁ ଭେଟୁଛନ୍ତି ଜୁନାଗଡ଼ ବିଧାୟକ।

## ମା'ଙ୍କୁ ଝୁରୁଛି ୨ବର୍ଷର ପୁଅ, ସ୍ୱାମୀ ଯାଇଛନ୍ତି ଦାଦନ ଖଟି

" ଦୁର୍ଘଟଣାରେ ମତ୍ୟୁବରଣ କରିଥିବା ମଞ୍ଜୁଳାଙ୍କ ସ୍ୱାମୀ ନିତ୍ୟା ବିଶ୍ୱାଳ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିବାବେଳେ ଘରେ ରହିଥିବା ଏକମାତ୍ର ୨ବର୍ଷର ପୁଅ ଯୁଗାନ୍ତ ମା'ଙ୍କୁ ଝୁରୁଛି। ଯୁଗାନ୍ତ ଏବେ ଜେଜେମା ଓ ଜେଜେବାପା ପାଖରେ ରହିଛନ୍ତି।

### ବାପାଙ୍କୁ ମୁଖାଗ୍ନି ଦେଇପାରିଲେନି ପୁଅ

ପିକ୍‌ଅପ୍ ଦୁର୍ଘଟଣାରେ ପ୍ରଥମେ ପ୍ରାଣ ହରାଇଥିବା ମୋହନ ବିଶ୍ୱାଳଙ୍କୁ ଏକମାତ୍ର ପୁଅ ଯଶୋବନ୍ତ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିବାବେଳେ ସୋମବାର ମୋହନଙ୍କ ଅନ୍ତିମ ସଂସ୍କାର ସରିଛି। ହେଲେ ପୁଅ ଯଶୋବନ୍ତ ଗାଁକୁ ପହଞ୍ଚି ପାରି ନ ଥିବାରୁ ବାପାଙ୍କ ମୁଖାଗ୍ନି ଦେଇ ପାରିନାହାନ୍ତି। ଏପଟେ ସ୍ୱାମୀ ମୋହନଙ୍କ ମୃତ୍ୟୁ ପରେ ଘରେ ଏକୁଟିଆ ଥିବା ସ୍ତ୍ରୀ ଗୁର ଦୁଃଖରେ ଭାଙ୍ଗିପଡିଛନ୍ତି।

### ଝିଅକୁ ବିବାହ ଦେବା ସ୍ୱପ୍ନ ଅଧୁରା ରହିଲା

ଦୁର୍ଘଟଣାରେ ଏକମାତ୍ର ଝିଅ ପରମିତା ଆଖିବୁଝିଥିବାରୁ ଝିଅର ବିବାହ ଦେବା ସ୍ୱପ୍ନ ମା' ହେମଲତାଙ୍କ ପାଇଁ ଏବେ ଅଧୁରା ରହିଗଲା। ଝିଅର ମୃତ ଶରୀର ଗାଁକୁ ପହଞ୍ଚିବା ପରେ ମା' ହେମଲତା ବାହୁନି ବାହୁନି କାନ୍ଦୁଥିବା ଦେଖିବାକୁ ମିଳିଥିଲା। ଏପରିସ୍ଥଳେ ଏକମାତ୍ର ପୁଅ ବିଜୟ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବାବେଳେ ସେ ମଧ୍ୟ ଭଉଣୀର ଶେଷ ଦର୍ଶନ କରି ପାରିନାହାନ୍ତି।

### ବୋହୁଙ୍କୁ ହରାଇଲେ ଶାଶୁ, ଏପଟେ ପୁଅ, ନାତି ଯାଇଛନ୍ତି ଦାଦନ ଖଟି

ଦୁର୍ଘଟଣାରେ ପ୍ରାଣ ହରାଇଥିବା ସୁକାନ୍ତି ମାଝିଙ୍କ ସ୍ୱାମୀ ମୁକୁନ୍ଦ ମାଝି ଓ ପୁଅ ଦୀପ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବାବେଳେ ଏପଟେ ଘରେ ଥିବା ଶାଶୁ ଡମେନ ବୋହୁଙ୍କ ମୃତ୍ୟୁରେ ଦୁଃଖରେ ଭାଙ୍ଗିପଡିଛନ୍ତି। ଏକୁଟିଆ ଘରେ ବସି ସେ କାନ୍ଦୁଥିବା ଦେଖିବାକୁ ମିଳିଥିଲା।

### ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

ସୋମବାର ଅପରାହ୍ନରେ ମିଚାଗାଁକୁ ଯାଇ ୪ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର। ଏହି ଘଟଣାରେ ସେ ଅତ୍ୟନ୍ତ ମର୍ମାହତ ବୋଲି କହିଥିଲେ। ସେହିପରି ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସମସ୍ତଙ୍କୁ କିପରି ଉତ୍ତମ ସ୍ୱାସ୍ଥ୍ୟ ସେବା ସହ ତାଙ୍କ ପରିବାରକୁ କିପରି ସରକାରୀ ସହାୟତା ପ୍ରଦାନ କରାଯିବ ସେ ନେଇ ଜିଲାପାଳଙ୍କ ସହ କଥା ହୋଇଥିଲେ। ଆଗାମୀ ଦିନରେ ଏଭଳି ଦୁଃଖଦ ଘଟଣା ଯେମିତି ନ ଘଟୁ ସେଥିପାଇଁ ଆରଟିଓଙ୍କ ମାଧ୍ୟମରେ ଜନତାଙ୍କୁ ସଚେତନତା କରାଯିବ ବୋଲି କହିଥିଲେ।

**ଆତ୍ମୀୟଙ୍କ କାନ୍ଦବୋବାଳିରେ ଫାଟି ପଡୁଛି ଗାଁ**



ପରମିତା ଚଲାନ, ମଞ୍ଜୁଳା ବିଶ୍ୱାଳ

### ମୃତକଙ୍କ ସମସ୍ତ ପରିବାର ସଦସ୍ୟ ଯାଇଛନ୍ତି ଦାଦନ ଖଟି

ପିକଅପ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତ ମୋହନଙ୍କ ଏକମାତ୍ର ପୁଅ ଯଶୋବନ୍ତ, ମୃତା ମଞ୍ଜୁଳାଙ୍କ ସ୍ୱାମୀ ନିତ୍ୟା, ସୁକାନ୍ତିଙ୍କ ସ୍ୱାମୀ ମୁକୁନ୍ଦ ଓ ପୁଅ ଦୀପକ ସହ ମୃତା ପରମିତାଙ୍କ ଭାଇ ବିଜୟ ଦାଦନ ଖଟିବାକୁ ତାମିଲନାଡୁକୁ ଯାଇଛନ୍ତି। ସମସ୍ତ ମୃତକଙ୍କ ପରିବାରର ସଦସ୍ୟ ଦାଦନ ଖଟିବାକୁ ବାହାରକୁ ଯାଇଛନ୍ତି। ଏହି ଅଞ୍ଚଳରେ ଏବେ ମଧ୍ୟ ଶହଶହ ଲୋକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିବା ଜଣାପଡିଛି।

### ଖାଁ ଖାଁ ଗାଁ, ଆସିନାହାନ୍ତି କେହି ଆହାତ

ଏହି ଦୁଘଟଣାରେ ଚିକିତ୍ସାଧୀନ ଆହତମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଜଣେ ବି ଘରକୁ ଆସିନାହାନ୍ତି। ଫଳରେ ମିଚାଗାଁ ଏବେ ଖାଁ ଖାଁ ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଶିବ ରାତ୍ରି ପ୍ରସ୍ତୁତି ବୈଠକ

ରିଷିଡ଼ା,୧୨।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା ରିଷିଡା ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଶିବମନ୍ଦିରରେ ଆଗାମୀ ଶିବରାତ୍ରି ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିବରାତ୍ରି ପାଇଁ ଉତ୍ସବ ମୁଖର କରିବା ପାଇଁ ନାମଯଜ୍ଞ, ଯାଗର ଯଜ୍ଞ ଓ ମହାଦୀପ ପ୍ରଜ୍ୱଳନ ଏବଂ ଷୋହଳ ପ୍ରହର ନାମଯଜ୍ଞ ଆୟୋଜନ କରାଯିବା ନେଇ ଆଲୋଚନା ହୋଇଛି। ବୈଠକରେ ମନ୍ଦିର କମିଟି ସଭାପତି ଦିଲୀପ କୁମାର ରଣା, ଉପ ସଭାପତି ପୀତବାସ ସାହୁ, ସମ୍ପାଦକ ଦୁଷ୍ମନ୍ତ କୁମାର ଲେଙ୍କା, ସହ ସମ୍ପାଦକ ଲିପୁନ ରଣା, ଶିବ କେଡିଆ ମହେନ୍ଦ୍ର ପ୍ରଧାନୀ କୈଳାସ ସାହୁ, ମାନୁ ସାହୁ, ନନ୍ଦକିଶୋର ରଣା ଏବଂ ଗ୍ରାମ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଥିଲେ।

### ଗ୍ରାମରକ୍ଷୀ ଲକ୍ଷ୍ମୀଧର ନାଏକଙ୍କ ଦେହାନ୍ତ

ଥୁଆମୂଳ ରାମପୁର,୧୨।୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ସଦରମହୋକୁମାସ୍ଥିତ ତାଲବନ୍ଦପଡାର ଲକ୍ଷ୍ମୀଧର ନାଏକ ଥୁଆମୂଳ ରାମପୁର ଥାନା (ଗଣ୍ଡା)ଙ୍କ (୯୮) ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ଜଣେ ମିଷ୍ଟ ଭାଷୀ ପରୋପକାରୀ ଦୟାଳୁ, ସ୍ନେହମୟ ପୁରୁଷ ଭାବେ ଅଞ୍ଚଳରେ ସୁପରିଚିତ ଥିଲେ। ସେ ଥୁଆମୂଳ ରାମପୁର ଥାନାରେ ଗ୍ରାମରକ୍ଷୀ ଭାବେ କର୍ଯ୍ୟ କରିଆସୁଥିଲେ। ଗତ ଗୁରୁବାର ତାଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### ଜମି ବିବାଦକୁ ନେଇ ଗଣ୍ଡଗୋଳ: ୪ କୋର୍ଟ ଚାଲାଣ

ଖଡ଼ିଆଳ,୧୨।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ବିରିଘାଟ ପଞ୍ଚାୟତ କୁଶମାଲ ଗ୍ରାମରେ ଜମି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଗୋଟିଏ ପରିବାରର ୪ଜଣ କୋର୍ଟ ଚାଲାଣ ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶନିବାର ପୂର୍ବାହ୍ନ ୧୦ଟାରେ ଜମିର ଡିମାର କେସନ ଚାଲିଥିବା ବେଳେ ଗ୍ରାମର ମାଝି ପରିବାର ଚାରି ଜଣ ଇନ୍ଦ୍ର ମାଝି (୩୫), ଭୀଷ୍ମ ମାଝି (୨୫) ପଦ୍ମନ ମାଝି (୬୨) ଓ ଶଶିରାମ ମାଝି (୩୫) ସଂଘବଦ୍ଧ ଭାବେ ମହାନନ୍ଦ ପରିବାରର ଜିତେନ୍ଦ୍ର ମହାନନ୍ଦ (୩୦)ଙ୍କୁ ମରଣାନ୍ତକ ଆକ୍ରମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ସୁବାଷ ମହାନନ୍ଦ ଓ କରୁଣା ମହାନନ୍ଦ ଆହତ ହୋଇଛନ୍ତି। ଦୁଇ ପକ୍ଷରୁ ଅଭିଯୋଗ ହୋଇଛି। ଅଧିକ ତଦନ୍ତ ପରେ ମରଣାନ୍ତକ ଆକ୍ରମଣ କରିଥିବା ପରିବାରର ୪ଜଣଙ୍କୁ କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ରାଜେଶ ଅଗସ୍ତି ପ୍ରକାଶ କରିଛନ୍ତି।

### ନିଖୋଜଙ୍କ ମୃତଦେହ ୪ ଦିନ ପରେ ମିଳିଲା

ନୂଆପଡ଼ା,୧୨।୨(ମକାରୁ ବେମାଲ)

ନୂଆପଡା ଜିଲା ଲଖନା ଥାନା କୁରୁମପୁରି ବିଦ୍ୟୁତ୍ ଷ୍ଟକଚର ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ସୋମବାର ପୋଲିସ ଜବତ କରିଛି। ମୃତକ ହେଲେ କୁରୁମପୁରି ପଞ୍ଚାୟତ ଦଲଦଲି ଗାଁର ଅଶୋକ ବାଗ (୫୯)। ସୂଚନାନୁଯାୟୀ ଅଶୋକ ଗତ



୯ ତାରିଖ ସନ୍ଧ୍ୟା ୬ଟାରେ ପରିବାର ଲୋକଙ୍କୁ ମୁଁ କୁରୁମପୁରିରୁ ଆସୁଛି ବୋଲି କହି ଏକ ବାଇକରେ ବାହାରି ଆଉ ଘରକୁ ନ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ଆତ୍ମୀୟ ଲୋକଙ୍କୁ ମଧ ଫୋନ ଯୋଗେ ପଚାରିବାରୁ କୌଣସି ଖବର ମିଳି ନ ଥିଲା। ଶନିବାର ଲଖନା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୋମବାର ଅପରାହ୍ନରେ ଗାଁର କିଛି ଲୋକ ସେହି ରାସ୍ତା ଦେଇ ଯାଉଥିବା ସମୟରେ ବାଇକରେ ମୃତଦେହ ଲାଗି ରହିଥିବା ଦେଖିବାକୁ ପାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପୋଲିସକୁ ଖବର ଦେବାରୁ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏହା ହତ୍ୟା କି ଆତ୍ମହତ୍ୟା ଅସ୍ପଷ୍ଟ ରହିଛି। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ହତ୍ୟା କି ଆତ୍ମହତ୍ୟା ଜଣାପଡିବ ବୋଲି ଥାନା ଅଧିକାରୀ ଦୁର୍ଗା ମାଧବ ବାଘ କହିଛନ୍ତି।

# ନୂଆପଡ଼ା ଜିଲା ବନ୍ଦ ପାଳନ



ନୂଆପଡ଼ାରେ ଶ୍ରମିକମାନେ ରାସ୍ତା ଅବରୋଧ କରୁଛନ୍ତି।



ଖଡ଼ିଆଳରେ ଆନ୍ଦୋଳନ କରାଯାଉଛି।

ନୂଆପଡ଼ା,୧୨।୨(ମକାରୁ ବେମାଲ)

ନୂଆପଡା ଜିଲାରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଶ୍ରମିକ ମହାସଂଘ ପକ୍ଷରୁ ଦିଆଯାଇଥିବା ସୋମବାର ୮ଘଣ୍ଟିଆ ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି। ସକାଳ ୬ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜିଲା ସଦର ମହକୁମା ସମେତ ଖରିଆର ରୋଡ, ଘାଟିପଡା, କୁରୁମପୁରି, ତରବୋଡ, ଉଦ୍ୟାନବନ୍ଧ, କୋମନା, ଖଡିଆଳ, ବୋଡେନ ଆଦି ସ୍ଥାନରେ ଦୋକାନ, ବଜାର, ସରକାରୀ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ସ୍କୁଲ କଲେଜ ସବୁ ବନ୍ଦ ରହିଥିବା ବେଳେ ସିନାପାଲି ଆଂଶିକ ବନ୍ଦ ରହିଥିଲା। ଯାନବାହନ ବନ୍ଦ ରହିବା ଯୋଗୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ବନ୍ଦ ପାଳନକୁ ଜିଲାର ବିଭିନ୍ନ ଅନୁଷ୍ଠାନ ସମର୍ଥନ ଜଣାଇଥିଲେ। ଜିଲାକୁ ସମ୍ପୂର୍ଣ୍ଣ ଦାଦନ ମୁକ୍ତ, ମଦମୁକ୍ତ, ଦୁର୍ନୀତିମୁକ୍ତ, ଶ୍ରମିକମାନଙ୍କୁ ଉଚିତ ସରକାରୀ ସାହାଯ୍ୟ ମିଳିବା, କେନ୍ଦୁପତ୍ର ତୋଳାଳୀଙ୍କ ବୋନସ ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ଦରମା ବୃଦ୍ଧି ଆଦି ବିଭିନ୍ନ ଦାବି ନେଇ ଶ୍ରମିକ ମହାସଂଘ ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ୮ଘଣ୍ଟିଆ ବନ୍ଦ ଡକାରା ଦିଆଯାଇଥିଲା। ଜିଲାରେ ଦାଦନ ସମସ୍ୟା ଉତ୍କଟ୍ଟ ରୂପ ଧାରଣ କରିବାରେ ଲାଗିଲାଣି। ଜିଲାରେ ବର୍ଷକରେ କେତେ ଗଲେ କେତେ ଘରକୁ ଫେରିଲେ, କେତେ ନିଖୋଜ ଓ କେତେ ଜଣଙ୍କ ମୃତ୍ୟୁ ହେଲା ପ୍ରଶାସନ ଠାରେ ଖବର ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମଣିଷ ବଦଳରେ ମେଶିନ କାମ କରୁଛି। ବର୍ଷ ବର୍ଷ ଅପେକ୍ଷା କଲେ ମଧ ପାଉଣା ମିଳୁନାହିଁ। ଗାଁ ଗାଁରେ ଛତୁଫୁଟିଲା ଭଳି ମଦ କୋଠି ଖୋଲୁଛି। ଅବାକାରୀ କିମ୍ବା ପୋଲିସ ବିଭାଗ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅସାମାଜିକ କାର୍ଯ୍ୟକଳାପ ବଢିବା ସହ ଲୋକେ ସର୍ବସ୍ୱାନ୍ତ ହେଉଛନ୍ତି। ବିଭିନ୍ନ ନିଯୁକ୍ତିରେ ଦୁର୍ନୀତି ବଢି ଚାଲିଛି। ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ରାଜ୍ୟ କ୍ୟାଡର କରାଯାଇଥିବାରୁ ଜିଲାର ଶିକ୍ଷିତ ଯୁବତୀ ଯୁବକ ବଞ୍ଚିତ ହୋଇ ଦାଦନ ଯିବାକୁ ବାଧ ହେଉଛନ୍ତି। ଜିଲାର ନିର୍ମାଣ ଶ୍ରମିକ ମାନଙ୍କ ପଞ୍ଜୀକରଣ ଓ ନବୀକରଣ ଠିକ୍ ସମୟରେ ହେଉ ନ ଥିବାରୁ ଅଧିକାଂଶ ଶ୍ରମିକଙ୍କ କାର୍ଡ ପଞ୍ଜୀକରଣ ରଦ୍ଦ ହେବାକୁ ବସିଲାଣି। କେନ୍ଦୁପତ୍ର ତୋଳାଳୀ ନିଜର ହକ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି। ବିବାହ ସହାୟତା, ଶିକ୍ଷାବୃତ୍ତି, ବୋନସ, ଦୁର୍ଘଟଣା ଜନିତ ସହାୟତା, ମୃତ୍ୟୁକାଳୀନ ସହାୟତା ଇତ୍ୟାଦି ଦାବି ଗୁଡିକ ଅନେକ ଥର ସରକାରଙ୍କଠାରେ ଉପସ୍ଥାପନ କଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି। ତେଣୁ କରି ବନ୍ଦ ପାଳନ ମାଧ୍ୟମରେ ସରକାରଙ୍କୁ ଚେତେଇବା ପାଇଁ ବାଧ ହେଲୁ। ଏହି ସମସ୍ୟା ଉପରେ ସରକାର କୌଣସି ପଦକ୍ଷେପ ନ ନେଲେ ଆଗାମୀ ନିର୍ବାଚନରେ ଏହାର ଜବାବ ଦେବୁ ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି। ଖଡ଼ିଆଳ ଆନ୍ଦୋଳନରେ ଶ୍ରମିକ ନେତ କେଶବ ବେହେରା, ପ୍ରଦୀପ କୁମାର ଦଣ୍ଡସେନା, ରଞ୍ଜନସିଂ ବାରିକ, ଚୈତନ୍ୟ ତାଣ୍ଡିଙ୍କ ସମେତ ଶତାଧିକ ଶ୍ରମିକ ନେତା ସାମିଲ ହୋଇଥିଲେ।

## ସରଗୁଲରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

କର୍ଲାମୁଣ୍ଡା,୧୨।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ. ମାଲପଡା ପଞ୍ଚାୟତ ସରଗୁଲଠାରେ ମାଣ୍ଡିଆ ମଣ୍ଡି ସୋମବାର ଉଦଘାଟିତ ହୋଇଯାଇଛି। ଏହି ଅବସରରେ କଳାହାଣ୍ଡି ଟିଡିସିସି ଏଏମଓ ସୌଭାଗ୍ୟ ସାହୁ, ପୂର୍ବତନ ଶାଖା ପରିଚାଳକ ଚୈତନ୍ୟ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ବରୁଣ ଛତ୍ରିଆ, ବ୍ଲକ ମିଲେଟ ମିଶନ ଯୋଜନା କାର୍ଯ୍ୟକାରୀ ସଂସ୍ଥା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋଶାଇଟି ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଜଗଦୀଶ ପ୍ରସାଦ ରଣା, ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ, ଏଓ ଅରୁଣ ଚନ୍ଦ୍ର ପାଢ଼ୀ, ମାଣ୍ଡିଆ କିଣାବିକା ପରିଚାଳନା ଅନୁଷ୍ଠାନ ଜୟ ଥୁଆମୂଳ ରାମପୁର ଅର୍ଗାନିକ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼ କାର୍ଯ୍ୟ ନିର୍ବାହୀ ଅଧିକାରୀ ମିନା କୁମାରୀ, ହିସାବ ରକ୍ଷକ ମଧୁସୂଦନ ସାହୁ ଯୋଗଦେଇ ମାଣ୍ଡିଆ ମଣ୍ଡି ଉଦଘାଟନ କରିଥିଲେ। ମଣ୍ଡିରେ କିଭଳି ଉତ୍ତମ ମାନର ମାଣ୍ଡିଆ ଆସିବ ସେ ଦିଗରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରପି ଭାନୁମତି ପଧାନ, କମଳ ସୁନା, ଜୀବର୍ଦ୍ଧନ ସାହୁ, ଧ୍ରୁବବନ ବାଗ, ବାଲ୍ମୀକି ଛତ୍ରିଆ,ଚାଷୀ କୃପା ସିନ୍ଧୁ ଛତ୍ରିଆ, କୌଶିକ କୁମାର, ମିନି କେତନ ମହାନନ୍ଦ, ଗରୁଡ଼ ଛତ୍ରିଆ, ପ୍ରଦୀପ କିଶୋର ଛତ୍ରିଆ ସହଯୋଗ କରିଥିଲେ।



ମଣ୍ଡି ଉଦ୍‌ଘାଟନରେ ଉପସ୍ଥିତ ଅତିଥି।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ଲାଞ୍ଜିଗଡ଼,୧୨।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପାହାଡପଦର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଲକ୍ଷ୍ମଣ ମାଝିଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଜିଲା ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ବିଶିଷ୍ଟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ମୁଖ୍ୟବକ୍ତା ଭାବେ ବ୍ଲକ ଏଇ ସାଲଖୁ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବ୍ଲକ ବିଜେଡି ସଭାପତି ହିମାଦ୍ରି ପେଶନିଆ, ବ୍ଲକ ସରପଞ୍ଚ ସଂଘ ସଭାପତି ସାନ୍ଦରୁ ମାଝି, ନାଏବ ସରପଞ୍ଚ ବିଦ୍ୟୁଲତା ବିଭାର, ପାହାଡ ପଦର ସମିତି ସଭ୍ୟ ଜଗଦୀଶ ବେନିଆ ପ୍ରମୁଖ ମଞ୍ଚାସୀନ ଥିଲେ। ପାହାଡ ପଦର ଗ୍ରାମ ରୋଜଗାର ସେବକ ଉଗ୍ରସେନ ବାଗ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ମାର୍ଗଦର୍ଶନ ଦେଇ ଜନ ସଚେତନତା ସୃଷ୍ଟି କରିଥିଲେ। ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପ୍ରାଣୀସମ୍ପଦ, ବିଦ୍ୟୁତ୍ ବିଭାଗ ଷ୍ଟଲମାନ ଖୋଲାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଶିବିରରେ ଜଗଦୀଶ ବେନିଆ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।



ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଖୋଲାଯାଇଥିବା ଷ୍ଟଲ।

## ଘୂର୍ଣ୍ଣିଝଡ଼ରେ ଗଛ ଭାଙ୍ଗିଲା, ଖରାଟିଆ ଚାଷ ନଷ୍ଟ

ନୂଆପଡ଼ା,୧୨।୨(ମକାରୁ ବେମାଲ)

ନୂଆପଡା ଜିଲାର ବିଭିନ୍ନ ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଘୂର୍ଣ୍ଣିଝଡରେ ବଡ ବଡ ଗଛ ଭାଙ୍ଗିବା ସହ କୁଆପଥର ମାଡ଼ରେ ଖରାଟିଆ ଚାଷ ପନିପରିବା ସବୁ ନଷ୍ଟ ହୋଇ ଯାଇଛି। କୋମନା ବ୍ଲକ ମିଛାପାଲି ଅଞ୍ଚଳରେ ବହୁ ଜୋରରେ ପବନ ବୋହିବା ସହ ବର୍ଷା ଓ କୁଆପଥର ମାଡ ହୋଇଛି। ମିଛାପାଲି ସରସ୍ୱତୀ ଶିଶୁ ମନ୍ଦିର ପାଖରେ ଏକ ବଡ ଗଛ ଭାଙ୍ଗି ରାସ୍ତା ଉପରେ ପଡି ଯାଇଥିବାରୁ ସୁନାବେଡା ରାସ୍ତା ୬ ଘଣ୍ଟା ଯାତାୟାତ ବନ୍ଦ ରହିଥିଲା। ମିଛାପାଲିଠାରୁ କୋମଟିମୁଣ୍ଡା, ମିଛାପାଲି, ବାଟିବାହାଲ, ଖମବାହୀ, ମାଳିମୁଣ୍ଡା, ଝଗ୍ରାହୀ, କୋଟ୍ରିବାହାଲି, ଜନ୍ଦ୍ରାମୁଣ୍ଡା, ବୃନ୍ଦାପାଟ,ବିଶିବାହାଲ, ଲିଟିବାହାଲ, ଡୋର୍ଲା, ଛତା ଆଦି ଅଞ୍ଚଳରେ କୁଆପଥର ସହ ବର୍ଷା ହୋଇଛି। କୋମଟିମୁଣ୍ଡା ଠାରୁ ଖଇରଭାଡି ରାସ୍ତାରେ ବଡ ବଡ ଗଛ ସବୁ ଭାଙ୍ଗି ରାସ୍ତା ଉପରେ ପଡିଥିଲା। ଖଇରଭାଡି ଗାଁ ଭିତରେ ବଡ ଗଛ ଭାଙ୍ଗି ରାସ୍ତା ଉପରେ ପଡି ରହିଥିବାରୁ ୩୫୩ ନମ୍ବର ଜାତୀୟ ରାଜପଥକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଅଗ୍ନିଶମ ବିଭାଗ ଖବର ପାଇ ଗଛ ସବୁ କାଟି ବାହାର କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। କୁଆ ପଥର ମାଡରେ ପନିପରିବା, ମୁଗ, ବିରି, ହରଡ, ସେମୀ, ଚଣା ଆଦି ଚାଷ ନଷ୍ଟ ହୋଇଛି। ଆବାସ ଗୃହ ପାଇଁ ଅଧିକାଂଶ ହିତାଧିକାରୀ ଘର ନିର୍ମାଣ କରିବା ପାଇଁ ଇଟା ତିଆରି କରୁଥିଲେ। ବର୍ଷାରେ ଇଟା ସବୁ ଭିଜି ନଷ୍ଟ ହୋଇଯାଇଛି। ହଠାତ ରାତିରେ ବର୍ଷା ହେବାରୁ ଲୋକେ ଜାଣି ନ ପାରି କ୍ଷତି ସହିବାକୁ ପଡିଛି। କ୍ଷୟକ୍ଷତି ଉପରେ ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି।




ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି।

## ବିଦ୍ୟାଳୟ ଖେଳପଡ଼ିଆ ଜମି ଚିହ୍ନଟ ପାଇଁ ଦାବିପତ୍ର

ନୂଆପଡ଼ା,୧୨।୨(ମକାରୁ ବେମାଲ)

ରାଜ୍ୟ ସରକାର କ୍ରୀଡାର ବିକାଶ ପାଇଁ ଇନ୍‌ଡୋର ଷ୍ଟାଡିୟମ, ମିନିଷ୍ଟାଡିୟମ, ଖେଳପଡିଆ ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ନୂଆପଡା ସଦର ବ୍ଲକ ସାଲିହା ପଞ୍ଚାୟତ ଝାଲବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡିଆ ନ ଥିବାରୁ ଜମି ଚିହ୍ନଟ କରିବା ପାଇଁ ଗ୍ରାମବାସୀ ଜିଲାପାଳ ହେମକାନ୍ତ ସାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବହୁ ପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖେଳ ପଡିଆ ନ ଥିବାରୁ ଛାତ୍ରୀଛାତ୍ରମାନେ ଖେଳକୁଦ କିମ୍ବା ଶାରୀରିକ କସରତ କିଛି କରି ପାରୁନାହାନ୍ତି। ଅନେକ ଥର ହେବ ଜିଲା ପ୍ରଶାସନଠାରେ ଅବଗତ କଲେ ମଧ କୌଣସି ସୁଫଳ ମିଳୁନାହିଁ। ବିଦ୍ୟାଳୟକୁ ଲାଗି ଏକ ପଡିଆ ରହିଛି। ଗ୍ରାମବସୀ ଏକ ବୈଠକ କରି ସେଠାରେ ଖେଳ ପଡିଆ ନିର୍ମାଣ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଖେଳ ପଡିଆ ଭାବେ ବ୍ୟବହାର କରି ଛାତ୍ରୀଛାତ୍ରମାନେ ଖେଳକୁଦ କରୁଥିଲେ। ହେଲେ ଦୁଃଖର କଥା ସେହି ପଡିଆ ଜମିକୁ ବନ ବିଭାଗ ନର୍ସରୀ କାର୍ଯ୍ୟ କରି ଚାରା ରୋପଣ କରି ଦେଇଥିବାରୁ ଛାତ୍ରୀଛାତ୍ରମାନେ ଖେଳକୁଦ କରି ପାରୁନାହାନ୍ତ। ଝାଲବାହାଲ, ମାଗୁରପାଣି, ସାଲିହା, କୁଲିଆବନ୍ଧା, ଦର୍ଲିମୁଣ୍ଡା ଆଦି ଅଞ୍ଚଳର ଛାତ୍ରୀଛାତ୍ରମାନେ ବିଭିନ୍ନ ଖେଳରେ ବ୍ଲକ, ଜିଲା ତଥା ରାଜ୍ୟସ୍ତରରେ ପୁରସ୍କୃତ ହୋଇ ଜାତୀୟସ୍ତରେ ମଧ ପହଞ୍ଚିଲେଣ। ଖେଳ ପଡଆର ଭିତ୍ତିଭୂମି ଅଭାବ ଯୋଗୁ ଖେଳର ଉନ୍ନତି ହୋଇ ପାରୁନାହିଁ। ଛାତ୍ରୀଛାତ୍ରଙ୍କ ହିତ ଦୃଷ୍ଟିରେ ଖେଳ ପଡିଆ ପାଇଁ ଜମି ଚିହ୍ନଟ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ବେଦାନ୍ତ ହସ୍ପିଟାଲ ପକ୍ଷରୁ କର୍କଟ ରୋଗ ନିରୂପଣ ଶିବିର

ଲାଞ୍ଜିଗଡ଼,୧୨।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବେଦାନ୍ତ ହସ୍ପିଟାଲରେ କର୍କଟ ରୋଗ ନିରୂପଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶାଖାପାଟଣାସ୍ଥିତ ମହାତ୍ମା ଗାନ୍ଧୀ କେନସର୍ ହସ୍ପିଟାଲର କର୍କଟ ରୋଗ ଚିକିତ୍ସକ ଡା.ଚିତ୍ତ ରଞ୍ଜନ କୁଣ୍ଡୁ ଏବଂ ଲାଞ୍ଜିଗଡ ଜୋନ -୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଶିବିର ଉଦଘାଟନ କରିଥିଲେ। ବେଦାନ୍ତ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ କୁମାର ସାହୁ ଏବଂ ବେଦାନ୍ତ ହସ୍ପିଟାଲ ପରିଚାଳକ ଅମର କୁମାର ମହାନ୍ତି ସୁବିଧା ଯୋଗାଇଥିଲେ। ରୋଗୀ ଦେଖିବା ଏବଂ ସ୍କ୍ରିନିଂ ପାଇଁ ହସ୍ପିଟାଲର ଷ୍ଟାଫ ନର୍ସ ଏବଂ କେନସର୍ ହସ୍ପିଟାଲ ବିଜନେସ ଏକଜିକ୍ୟୁଟିଭ ଅନିଲ କୁମାର ବୈଠାରୁ ସହଯୋଗ କରିଥିଲେ। କର୍କଟ ରୋଗୀଙ୍କୁ ବିଶାଖାପାଟଣାସ୍ଥିତ ମହାତ୍ମା ଗାନ୍ଧୀ କେନସର୍ ହସ୍ପିଟାଲ କିମ୍ବା ନିକଟସ୍ଥ କେନସର୍ ହସ୍ପିଟାଲକୁ ତୁରନ୍ତ ଯାଇ ଚିକିତ୍ସା କରାଇବାକୁ ଉପଦେଶ ଦିଆଯାଇଥିଲା। ନିକଟସ୍ଥ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟକୁ ଯାଇ ଡା. କୁଣ୍ଡୁ ଛାତ୍ରମାନଙ୍କୁ କର୍କଟ ରୋଗ ବିଷୟରେ ବୁଝାଇଥିଲେ। ମୁଖ ଗହର ଏବଂ ସର୍ଭିକାଲ କେନସର୍‌ର ପ୍ରାଥମିକ ଚିକିତ୍ସା ଏବଂ ଏଚପିଭି ଭେକ୍ସିନ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ସଭିଙ୍କୁ ଉତ୍ସାହିତ କରିଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଖଡ଼ିଆଳ,୧୨।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଖାସବାହାଲ ଗ୍ରାମପଞ୍ଚାୟତରେ ସୋମବାର ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ କୁନୁ ଚରଣ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି କିଛି ବର୍ଷ ଭିତରେ ସରକାରୀ ଯୋଜନା ଦ୍ୱାରା ଲୋକଙ୍କ ଜୀବନ ଶୈଳୀ ପରିବର୍ତ୍ତନ ହୋଇଥିବା କହିଥିଲେ। ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଅନ୍ୟତମ ଅତିଥି ଭାବେ ଯୋଗଦେଇଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ତିହାରୁ ନିଆଲ ଆମ ଓଡ଼ିଶା ନବୀନ ଓଡ଼ିଶା ଉପରେ ଆଲୋଚନା କରିଥିଲେ। ଗ୍ରାମ୍ୟ ରୋଜଗାର ସେବକ ଜଗନ୍ନାଥ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଦେବ ବାଗଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ଖୁଦପେଜ ଗ୍ରାମ ପଞ୍ଚାୟତରେ ସରପଞ୍ଚ ଯଶୋଦା ଶତପଥି ସଭାପତିତ୍ୱ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ଗୌତମ ତାଣ୍ଡି ଏବଂ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଯୋଗଦେଇ ବିଭିନ୍ନ ଜନ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବହୁ ପରିବାରକୁ ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ କରାଯାଇଥିଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

### ୧୦୩ ରୁ ୫୭ ତୁରନ୍ତ ସମାଧାନ

କୋକସରା,୧୨।୨
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସ୍ନେହାପ୍ରଭା ମାଝିଙ୍କ ଅଧ୍ୟକ୍ଷତାରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଧର୍ମଗଡ଼ ଉପ ଜିଲାପାଳ ଧିମାନ୍ ଚକମା, ତହସିଲଦାର ନବୀନ କିଶୋର ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସମେତ ଜିଲାର ସମସ୍ତ ବିଭାଗର ଉଚ୍ଚ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ବ୍ଲକର ୨୨ ପଞ୍ଚାୟତରୁ ଅଭିଯୋଗ ନେଇ ଆସିଥିବା ହିତାଧିକାରୀମାନେ ଜିଲାପାଳଙ୍କୁ ଅଭିଯୋଗପତ୍ର ଦାଖଲ କରିଥିଲେ। ଜିଲାପାଳ ଅଭିଯୋଗ ଶୁଣିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୧୦୩ ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ୫୭ ଅଭିଯୋଗ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ସମାଧାନ କରିଥିଲେ ଜିଲାପାଳ। ଶିବିରରେ ଚାଷମାନେ ରବି ଚାଷ ପାଇଁ ଜଳସେଚନ, କୋକସରା ମଣ୍ଡିକୁ ସ୍ୱତନ୍ତ୍ର କରିବା ପାଇଁ ଚାଷୀଙ୍କ ଅଭିଯୋଗ, ଆାସ ଘର, ପିଡିଏସ, ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ସହାୟତା ରାଶି ଭଳି ଅଭିଯୋଗ ହୋଇଥିବା ଜଣାପଡିଛି। କାର୍ଯ୍ୟକ୍ରମ ବ୍ଲକ ବିଏସଏସଓ ଦୀପକ କୁମାର ବେହେରା, ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, ପିଇଓ, ଜିଆରଏସ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।




ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

## ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା

ନୂଆପଡ଼ା,୧୨।୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ମିଛାପାଲି ପଞ୍ଚାୟତ ବରକୋଟଠାରେ ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଏକ ବିଶ୍ୱାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟଙ୍କୁ କେନ୍ଦ୍ର ସରକାର ଆଦିବାସୀ (ଅନୁସୂଚିତ ଜନଜାତି)ରେ ଅନ୍ତର୍ଭୁକ୍ତ କରାଯାଇଥିବାରୁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇ ଧନ୍ୟବାଦ ଅର୍ପଣ କରିଛନ୍ତି। ତାଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁ ଓ ଭାଜପା ନେତୃବୃନ୍ଦଙ୍କୁ କୃତଜ୍ଞତା ଅର୍ପଣ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ କେଶବ ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟଅତିଥି, ମଣ୍ଡଳ ସଭାପତି ବିକ୍ରମ ଆଡବଙ୍ଗ, ସହଦେବ ସାହୁ, କୁନୁ ମାଝି, ଭୁଞ୍ଜିଆ ସମ୍ପ୍ରଦାୟ ଝାଙ୍କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରକାଶ ଥାଉକି ଦୀର୍ଘ ଦିନର ଅପେକ୍ଷା ପରେ କେନ୍ଦ୍ର ସରକାର ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତାରେ ଅନୁମୋଦନ କରିଥିବାରୁ ଭଞ୍ଜିଆ ସମ୍ପ୍ରଦାୟରେ ଖୁସିର ଲହରୀ ଖେଳିଯାଇଛି। ଏହି ସମାବେଶରେ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

## ଅନେକ ବିଭାଗୀୟ କର୍ମଚାରୀ ପଦବୀ ଖାଲି

**କୋକସରା ତହସିଲ କାର୍ଯ୍ୟାଳୟ**

■ ନିରାଶରେ ଫେରୁଛନ୍ତି ଲୋକେ

କୋକସରା,୧୨।୨
(ଦୁଷ୍ମନ୍ତ କୁମାର ପାଟଯୋଶୀ)




କଳାହାଣ୍ଡି ଜିଲା କୋକସରା ତହସିଲ କାର୍ଯ୍ୟାଳୟରେ ଦୀର୍ଘ ୭/୮ ମାସ ହେବ ଅନେକ ବିଭାଗୀୟ କର୍ମଚାରୀ ପଦବୀ ଖାଲି ରହିଛି। ଫଳରେ ଦୈନନ୍ଦିନ ତହସିଲ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ଜନସାଧାରଣ ହଇରାଣ ହେଉଥିବା ଅଭିଯୋଗ ହେଉଥିବା ବେଳେ ମାସ ମାସ ଧରି ଆବେଦନକାରୀ ଛାତ୍ରୀଛାତ୍ର ଓ ଜନସାଧାରଣ ନିରାଶ ହୋଇ ଫେରୁଛନ୍ତି। ସୂଚନା ମତେ ତହସିଲ କାର୍ଯ୍ୟାଳୟରେ ବରିଷ୍ଠ ବିଭାଗରେ ୪ଜଣ କିରାଣୀ ରହିବା ସ୍ଥାନରେ ରହିଛନ୍ତି ମାତ୍ର ୨ଜଣ। କନିଷ୍ଠ ବିଭାଗରେ ୪ ଜଣଙ୍କ ସ୍ଥାନରେ ୩ଜଣ ଓ ୫ଜଣ ପିଅନ ବଦଳ ଜଣେ ମାତ୍ର ପିଅନ ରହିଛନ୍ତି। ପୂର୍ବରୁ ସମସ୍ତ କର୍ମଚାରୀ ଥିଲେ। ହେଲେ ବଦଳି ହେବା ପରେ ଆଉ ସେହି ସ୍ଥାନରେ କେହି ଯୋଗ ଦେଇନାହାନ୍ତି। ଫଳରେ ସାଧାରଣ ଲୋକଙ୍କ ଠିକ୍ ସମୟରେ କାମ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। କୋକସରା ତହସିଲ କାର୍ଯ୍ୟାଳୟ ଅଧୀନରେ କୋକସରା, ଆମପାଣି, ଡ଼ହଗାଁ, କୁସୁମଖୁଣ୍ଟି, କାଶିବାହାଲ, ଲଡୁଗାଁ ଓ ଗୋଟୋମୁଣ୍ଡା ୭ଟି ରାଜସ୍ୱ ସର୍କଲ ରହିଥିବା ବେଳେ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଜମି ରେଜିଷ୍ଟ୍ରେସନ ହେଉଥିବା ହୋଇଥାଏ। ମ୍ୟୁଟେସନ, ଆୟ, ସ୍ଥାୟୀ ବାସିନ୍ଦା, ଜାତିଗତ ପ୍ରମାଣପତ୍ର ସହ ଅନ୍ୟ ଜରୁରୀ ସାର୍ଟିଫିକେଟ ପାଇଁ ଦୈନିକ ଶହ ଶହ ଜନସାଧାରଣ ତହସିଲ କାର୍ଯ୍ୟାଳୟ ଉପରେ ନିର୍ଭର କରୁଥିବା ବେଳେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଆବଶ୍ୟକ ସାର୍ଟିଫିକେଟ ପାଇବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ଏ ନେଇ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀଙ୍କ ପ୍ରତିକ୍ରିୟା ନେବାରୁ ଜିଲା ପ୍ରଶାସନକୁ ଜଣାଇ ଦିଆଯାଇଛି, ହେଲେ ସେମିତି କିଛି ଅଭିଯୋଗ ଆସିନାହିଁ। ଲୋକଙ୍କ କାର୍ଯ୍ୟରେ ସେମିତି କିଛି ବିଳମ୍ବ ହେଉଥିବା ମଧ ଅଭିଯୋଗ ହୋଇନାହିଁ ବୋଲି କହିଛନ୍ତି। ତେବେ ଜିଲା ପ୍ରଶାସନ ଶୀଘ୍ର ଖାଲିଥିବା କର୍ମଚାରୀ ପଦବୀରେ ନିଯୁକ୍ତି ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ପାଇକମାଲ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର

**ପାଇକମାଲ,୧୨।୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ବ୍ଲକ ଅଫିସ ପରିସରସ୍ଥ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ, ବିଡିଓ ପ୍ରଫୁଲ କୁମାର ଅଦୁ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ବିଦ୍ୟୁତ, କ୍ଷୁଦ୍ର ଜଳସେଚନ, ମୋ ଘର, ରାଶନ କାର୍ଡ ଆଦି ବିଷୟରେ ଅଭିଯୋଗ ଆସିଥିଲା। ଶିବିରରେ ମୋଟ ୧୩୨ଟିଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରେ ୧୦୨ଟି ବ୍ୟକ୍ତିଗତ ଏବଂ ୩୦ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା। ତୁରନ୍ତ ଉକ୍ତ ସମସ୍ୟାଗୁଡିକର ସମାଧାନ କରିବାକୁ ଉପଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ବିଷୟ ସମୃଦ୍ଧି ଶିବିର ଉଦ୍‌ଘାଟିତ

**ପାଇକମାଲ,୧୨।୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦ୍ୱିଦିବସୀୟ ବିଷୟ ସମୃଦ୍ଧି ଶିବିର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଆୟୁର୍ବେଦିକ କଲେଜର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶରତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶୁଭ ଉଦ୍‌ଘାଟନ କରିଥିଲେ। ଏବିଇଓ ଧଳେନ୍ଦ୍ର କୁମାର ବାରିକ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏବିଇଓ ରାଧେଶ୍ୟାମ ମେହେର ଓ ସୁଶାନ୍ତ କୁମାର ସାହୁ ମଞ୍ଚାସୀନ ଥିଲେ। ପ୍ରଶିକ୍ଷଣରେ ପାଇକମାଲ ବ୍ଲକର ୧୪୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡୋଲାମଣି ମାହାର, ବ୍ରଜକିଶୋର ଜେନା, ରଞ୍ଜନ ବାଗ ପ୍ରମୁଖ ୧୨ଜଣ ସାଧନ କର୍ମୀ ପ୍ରଶିକ୍ଷଣ ଦେଉଛନ୍ତି। ତ୍ରିଲୋଚନ ନାୟକ ଶିବିର ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**ସୋହେଲା, ୧୨।୨(ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ତବଡ଼ା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ



ପ୍ରଧାନଶିକ୍ଷକ ଲିଙ୍ଗରାଜ ଭୋଇଙ୍କ ରବିବାର ସକାଳେ ପରଲୋକ ହୋଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ଶଯ୍ୟାଶାୟୀ ଥିଲେ। ସେ ଜଣେ ଆଦର୍ଶ, କର୍ତ୍ତବ୍ୟନିଷ୍ଠ ତଥା ଛାତ୍ର ବତ୍ସଳ ଶିକ୍ଷକ ଥିଲେ। ଜଣେ ଇଂରାଜୀ ଶିକ୍ଷକ ଭାବେ ଅଞ୍ଚଳରେ ତାଙ୍କର ସୁନାମ ରହିଥିଲା। ଖବର ପାଇ ସୋହେଲା, ଘେଁସ, ବିଜେପୁର, ପଦ୍ମପୁର, ବରଗଡ଼, ବଲାଙ୍ଗୀର ତଥା ଛତିଶଗଡ଼ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବଡ ପୁଅ ସଞ୍ଜୀବ କୁମାର ମୁଖାଗ୍ନି ଦେଇଥିଲେ।



ବରଗଡ଼ ଜିଲା ପାଇଁ ଆସିଥିବା ଲକ୍ଷ୍ମୀ ବସ୍।

# ଗଡ଼ିଲା ଲକ୍ଷ୍ମୀ ବସ୍, ସମ୍ପର୍କକୁ ସୁଦୃଢ଼ କରିବ

**ବରଗଡ଼,୧୨।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ସୋମବାରଠାରୁ ଲକ୍ଷ୍ମୀ ବସ୍ ଗଡ଼ିବା ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଲକ୍ଷ୍ମୀ ବସ୍ ଚଳାଚଳ ସେବାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଲୋକାର୍ପଣ ସମାରୋହରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ।

ଲକ୍ଷ୍ମୀ ବସ୍ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ବସ୍ ସେବା ଦ୍ୱାରା ସବୁବର୍ଗର ଲୋକେ ଉପକୃତ ହେବେ। ମା'ମାନେ ସହଜରେ, ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ଗାଁରୁ ଗାଁକୁ ଏବଂ ବ୍ଲକ ମୁଖ୍ୟାଳୟକୁ ଯାଇପାରିବେ। ଏହି ସେବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଏବଂ ରୋଗୀଙ୍କୁ ଡାକ୍ତରଖାନାକୁ ତଥା ଚାଷୀଙ୍କୁ ନିଜ ଉତ୍ପାଦିତ ଦ୍ରବ୍ୟ ବଜାରକୁ ନେବାରେ ସହାୟକ ହୋଇପାରିବ। ଏହା ଲୋକଙ୍କୁ ସହିତ ଲୋକଙ୍କୁ ଯୋଡ଼ିବ ଏବଂ ସେମାନଙ୍କ ମଧ୍ୟରେ ଥିବା ସାମାଜିକ, ଅର୍ଥନୈତିକ ସମ୍ପର୍କକୁ ମଜବୁତ୍ କରିବ । ଏହାଦ୍ୱାରା ନୂଆ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସୁନିଶ୍ଚିତ, ସୁରକ୍ଷିତ ଏବଂ ସୁଲଭ ସଂଯୋଗ ନିମିତ୍ତ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ କରାଯାଇଛି। ଯାହାକି ପର୍ଯ୍ୟଟନ ଓ ଆଞ୍ଚଳିକ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ସହିତ ସବୁବର୍ଗର ଲୋକଙ୍କ ସାମାଜିକ, ଅର୍ଥନୈତିକ ମାନଦଣ୍ଡକୁ ଅଧିକରୁ ଅଧିକ ସୁଦୃଢ଼ କରିବ ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଥିଲେ। ବରଗଡ଼ ଜିଲା ପାଇଁ ପ୍ରଥମ ପର୍ଯ୍ୟାୟରେ ୨୧ଲକ୍ଷ୍ମୀ ବସ୍ ଶୁଭାରମ୍ଭ ହୋଇଛି। ସେଥିମଧ୍ୟରୁ ୨୦ ବସ୍ ନିୟମିତ ଚଳାଚଳ କରିବ ଏବଂ ଗୋଟିଏ ବସ୍ ଜରୁରୀ ଯାତ୍ରା ପାଇଁ ଷ୍ଟାଣ୍ଡରେ ରହିବ। ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ଆହୁରି ୫୦ ଲକ୍ଷ୍ମୀ ବସ୍ ଜିଲା ପାଇଁ ଆସିବ ବୋଲି ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ କୁମାର ନାଗଭୂଷଣ, ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝି, ପୌର ନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାର ପ୍ରତ୍ୟେକ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ।

### ଖୁଜେନ ସ୍କୁଲରେ ପାନୀୟ ଜଳସଙ୍କଟ

**ପଦ୍ମପୁର, ୧୨।୨ (ପ୍ରଦୀପ୍ତ ଦାଶ)**

ରାଜବୋଡାସମ୍ବର ବ୍ଲକ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ପାନୀୟ ଜଳସଙ୍କଟ ଦେଖାଦେଇଛି। ବିଦ୍ୟାଳୟ ପରିସରରେ ଏକମାତ୍ର ପୁରୁଣା ନଳକୂଅ ରହିଛି । କିନ୍ତୁ ସେଥିରୁ ପାଣି ବାହାରୁ ନାହିଁ। ଛାତ୍ରୀଛାତ୍ର ପିଇବା ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ପାନୀୟ ଜଳ ପାଇଁ ଗୋଟିଏ ନୂତନ ନଳକୂଅ ଖୋଳିବାକୁ ପରିଚାଳନା କମିଟି, ଅଭିଭାବକମାନେ ଦାବି କରିଛନ୍ତି।

### ଭୈରବୀ ମନ୍ଦିର ନିର୍ମାଣ କାର୍ଯ୍ୟ ପରିଦର୍ଶନ

**ବୌଦ୍ଧ,୧୨।୨( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳ ଜେ.ସୋନାଲ ସୋମବାର ଦିନ ହରଭଙ୍ଗା ବ୍ଲକର ପୁରୁଣାକଟକସ୍ଥିତ ମା' ଭୈରବୀଙ୍କ ମନ୍ଦିର ପରିଦର୍ଶନ କରିବା ସହିତ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି । ଏହାସହିତ ମନ୍ଦିରର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ସମୟସୀମା ମଧ୍ୟରେ କାର୍ଯ୍ୟ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ପରିଦର୍ଶନ ସମୟରେ ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ କୁମାର ପ୍ରଧାନ, ସମିତିସଭ୍ୟ ସରୋଜ ପ୍ରଧାନ, ଗରୁଡ ପ୍ରଧାନ, ଶୈଳେନ୍ଦ୍ର ପ୍ରଧାନ, କନିଷ୍ଠଯନ୍ତ୍ରୀ ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପାନୀୟ ଜଳ ପାଇଁ ରାସ୍ତା ଅବରୋଧ

**ପଦ୍ମପୁର,୧୨।୨(ପ୍ରଦୀପ୍ତ ଦାଶ)**

ଖରା ଆରମ୍ଭ ହୋଇନାହିଁ। ତଥାପି ଏବେଠୁ ଜଳସଙ୍କଟ ଦେଖାଦେଲାଣି। ବରଗଡ଼ ଜିଲା ପଦ୍ମପୁର ସହରର ୩ ନମ୍ବର ୱାର୍ଡରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଲୋକେ ସୋମବାର ପଦ୍ମପୁର-ନୂଆପଡ଼ା ରାସ୍ତା ଅବରୋଧ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁସାରେ, ପଦ୍ମପୁର ସହରର ୩ ନମ୍ବର ୱାର୍ଡରେ ଦୀର୍ଘବର୍ଷ ହେଲା ପାନୀୟ ଜଳସଙ୍କଟ ଲାଗି ରହିଛି। ଗତ ଉପନିର୍ବାଚନ ସମୟରେ ଏଠାରେ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା। ତେବେ ନିର୍ବାଚନ ସରିଲା ପରେ ଜଳଯୋଗାଣ ବନ୍ଦ ହୋଇଗଲା। ଫଳରେ ଲୋକେ ପାଣି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଲେ। ଗତ ୧୦ ଦିନ ତଳେ ୱାର୍ଡବାସୀ କାଉନସିଲର ପ୍ରିୟରଞ୍ଜନ ଭୋଇଙ୍କ ନେତୃତ୍ୱରେ ପଦ୍ମପୁର ଏଡିଏମ୍‌ଙ୍କୁ ଭେଟି ପାଣି ସମସ୍ୟା ସମାଧାନ ପାଇଁ ଦାବି କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ରାସ୍ତା ଅବରୋଧ କରିବାକୁ ସେମାନେ



ମହିଳାମାନେ ପଦ୍ମପୁର ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି ।

ଚେତାବନୀ ଦେଇଥିଲେ। ଫେବୃୟାରୀ ୧୨ ସୁଦ୍ଧା ପ୍ରଶାସନ ପଦକ୍ଷେପ ନେଇ ନ ଥିବାରୁ ୱାର୍ଡବାସୀ ସୋମବାର ଦୁର୍ଗା ମନ୍ଦିର ନିକଟରେ ମୁଖ୍ୟ ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ପାନୀୟ ଜଳ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଏନ୍‌ଏସି ମିଟିଂରେ ଦାବି ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଲୋକେ ଅଭିଯୋଗ କରିଥିଲେ। ମୁଖ୍ୟ ରାସ୍ତା ଅବରୋଧ ଯୋଗୁ ପଦ୍ମପୁର-ନୂଆପଡ଼ା ରାସ୍ତା ଠପ୍ ହୋଇଥିଲା। ଖବର ପାଇ ବିଭାଗୀୟ ଏସ୍‌ଡିଓ ବରଗଡ଼ରୁ ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ୫ ଦିନ ମଧ୍ୟରେ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ତେବେ ଦାବି ପୂରଣ ନ ହେଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ବାର୍ଷିକ କ୍ରୀଡ଼ା, ଯୁବ ମହୋତ୍ସବ ଉଦ୍‌ଯାପିତ

**ପଦ୍ମପୁର,୧୨।୨ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ବୁଧାପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ଯୁବ ମହୋତ୍ସବ ଗ୍ରାମ୍ୟ କମିଟି ସଭାପତି ଡୋଲାମଣି ପଟେଲଙ୍କ ଅଧ୍ୟକ୍ଷତାରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ରଣଜିତ ସିଂ ବରିହା, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସାହୁ, ସରପଞ୍ଚ ଚୈତନ୍ୟ ଲୋହାର, ରାମସିଂ ଭୋଇ, ଏବିଇଓ ଶିବପ୍ରସାଦ ଯୋଷୀ, ଜୟକୁମାର ସାହୁ, ସିଆରସିସି ସନ୍ତୋଷ ବେହେରା, ଦେବାନନ୍ଦ ତୁରିଆ ସମ୍ମାନିତ ଅତିଥି ଏବଂ ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଭିଏସ୍‌ଏସ୍ କ୍ରୀଡ଼ା ସଂସଦ ସଭାପତି ଲୋକନାଥ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ପ୍ରତାପ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ପୌଲସ୍ତି ପ୍ରଧାନ, ଜଗନ୍ନାଥ ସାହୁ, ଅଶୋକ ସାହୁ ଖେଳ ପରିଚାଳନା କରିଥିବା ବେଳେ ପୁରସ୍କାର ବଣ୍ଟନରେ ନୀଳିମା ସୁନା, ପୂଜାରାଣୀ ସାହୁ, ବିରେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଟୁନା ତୁମୁନିଆଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସେମି ଫାଇନାଲରେ ସୋନପୁର

**ଘଣ୍ଟାପଡ଼ା,୧୨।୨(ପ୍ରଭାତ କୁମାର ସାହୁ)**

**ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଦିବସ**

ବୌଦ୍ଧ ଜିଲା କଣ୍ଟାମାଳ ଆଥଲେଟିକ ଆସୋସିଏଶନ ଦ୍ୱାରା ସ୍ଥାନୀୟ କଲେଜ ଖେଳପଡିଆରେ ଆୟୋଜିତ ପ୍ରଥମ ଅଲ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ଚତୁର୍ଥ ଦିବସରେ ସୋନପୁରର ଶ୍ରେୟାଂଶ ସ୍ପୋର୍ଟିଂ ଓ ଫୁଲବାଣୀ ଦଳ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଛି। ଅପରାହ୍ନରେ ଅନୁଷ୍ଠିତ ଖେଳରେ ସୋନପୁର ଦଳର ଆକ୍ରମଣାତ୍ମକ ଖେଳକୁ ସମ୍ମୁଖୀନ କରି ନ ପାରି ଫୁଲବାଣୀ ଦଳ ୫-୦ ଗୋଲ ବ୍ୟବଧାନରେ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛି । ଫଳରେ ଫୁଲବାଣୀକୁ ହରାଇ ଶ୍ରେୟାଂଶ ସ୍ପୋର୍ଟିଂ ଦଳ ସେମିଫାଇନାଲକୁ ପ୍ରବେଶ କରିଛି। ଉକ୍ତ ଖେଳରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଓକିଲ ସଂଘ ସଭାପତି ଦୂତିଆ ଚରଣ ସାହୁ, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ସରକାରୀ ଓକିଲ ସୁରେଶ ଚନ୍ଦ୍ର ରଣା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମନୋଜ ଶର୍ମା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଅଭିଳାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ, ବିକାଶ ସେଠୀ ପ୍ରମୁଖ ମ୍ୟାଚ ରେଫରି ଭାବେ କାର୍ଯ୍ୟ କରିଥିଲେ। ସେହିପରି ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ ମ୍ୟାଚ କମିଶନର ଭାବେ ଖେଳ ନିରୀକ୍ଷଣ କରିଥିଲେ । କଣ୍ଟାମାଳ ଅଞ୍ଚଳର ବହୁ ଖେଳପ୍ରେମୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।



ଖେଳାଳି ଓ ଅନ୍ୟମାନେ।

## ବ୍ୟାଗ ବଣ୍ଟନକୁ ନେଇ ତେଜିଲା ରାଜନୀତି

**ପଞ୍ଚାୟତ ଆଗରେ ବ୍ୟାଗ ପୋଡ଼ିଲେ ଭାଜପା କର୍ମୀ**

**ବୌଦ୍ଧ,୧୨।୨(ଅଜିତ କୁମାର ବାରିକ)**

ସାରା ରାଜ୍ୟରେ ରାଜ୍ୟ ସରକାର ଆମ ଓଡିଶା ନବୀନ ଓଡିଶା ଯୋଜନାରେ ସମସ୍ତ ରେଶନକାର୍ଡଧାରୀଙ୍କୁ ମାଗଣାରେ ଗୋଟିଏ ବଡ ବ୍ୟାଗ ଓ ଗୋଟିଏ ଛୋଟ ବ୍ୟାଗ ପ୍ରଦାନ କରୁଛନ୍ତି । ଏହି ବ୍ୟାଗଗୁଡିକରେ ଆମ ଓଡିଶା ନବୀନ ଓଡିଶା ଲୋଗ ରହିଥିବାରୁ ଏନେଇ ବୌଦ୍ଧ ଜିଲାରେ ଭାଜପା ପକ୍ଷରୁ ପ୍ରତିବାଦ କରାଯିବା ସହ ବ୍ୟାଗଗୁଡିକରେ ନିଆଁ ଲଗାଇ ଦେଇଥିବା ଦେଖିବାକୁ ମିଳିଛି। ସୋମବାର ଦିନ ହରଭଙ୍ଗା ବ୍ଲକ ଲୁଣିବାହାଲ ଗ୍ରାମ ପଞ୍ଚାୟତ ପକ୍ଷରୁ ରେଶନକାର୍ଡ ଧାରୀଙ୍କୁ ଖାଲି ବ୍ୟାଗ ବଣ୍ଟନ କରାଯାଉଥିଲା । ଏହି ଖବର ପାଇ ଭାଜପା କର୍ମୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଘୋର ବିରୋଧ କରିବା ସହ ବ୍ୟାଗରେ କେବଳ ରାଜ୍ୟ ସରକାରଙ୍କ ଫଟୋ କାହିଁକି ରହିବ ବୋଲି ପ୍ରଶ୍ନ କରିଥିଲେ । ଚାଉଳ କେନ୍ଦ୍ର ସରକାର ଦେଉଥିବା ବେଳେ ବ୍ୟାଗରେ କାହିଁକି ଚାଉଳ ଦେଉ ନ ଥିବା ନେଇ ମଧ୍ୟ କର୍ମୀମାନେ ପ୍ରଶ୍ନ କରିଥିଲେ । କର୍ମୀମାନେ ବ୍ୟାଗଗୁଡିକୁ ଆଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୋଡ଼ି ଦେଇଥିବା ଦେଖିବାକୁ ମିଳିଥିଲା । ଆଗାମୀ ଦିନରେ ଯଦି ରାଜ୍ୟ ସରକାର ବ୍ୟାଗ ବଣ୍ଟନ ବନ୍ଦ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଭାଜପା ନେତା ସୁବାସ ପ୍ରଧାନ ପ୍ରକାଶ କରିଛନ୍ତି । ଜିଲାର ବୌଦ୍ଧ ଓ କଣ୍ଟାମାଳ ବ୍ଲକରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳିଛି ।



ଭାଜପା କର୍ମୀମାନେ ବ୍ୟାଗ ପୋଡୁଛନ୍ତି।

# ଏସ୍‌ପିଙ୍କ ଅଫିସ ଆଗରେ ଧାରଣା

**ସାଲେପାଲି ଚାଷୀ ମୃତ୍ୟୁ ଘଟଣା**

- ଅଭିଯୁକ୍ତଙ୍କ ପ୍ରତି ପୋଲିସର କୋହଳ ନୀତି ଅଭିଯୋଗ
- ନ୍ୟାୟ ଦାବି କରୁଥିବା ଚାଷୀଙ୍କ ବିରୋଧରେ ମାମଲା

**ବରଗଡ଼,୧୨।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମରେ ଘଟିଥିବା ଚାଷୀ ମୃତ୍ୟୁ ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି । ପୋଲିସ ମୃତ ଚାଷୀ ସାଧୁ ସାହୁ ଏବଂ ତାଙ୍କ ଶୋକସନ୍ତପ୍ତ ପରିବାରକୁ ନ୍ୟାୟ ଦେବା ବଦଳରେ ଚାଷୀ ମୃତ୍ୟୁ ପାଇଁ ଦାୟୀ ଅଭିଯୁକ୍ତଙ୍କ ପ୍ରତି କୋହଳ ନୀତି ଅବଲମ୍ବନ ସହିତ ସୁରକ୍ଷା ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମୃତ ଚାଷୀଙ୍କୁ ନ୍ୟାୟ ପ୍ରଦାନ ଦାବି କରୁଥିବା ଗ୍ରାମବାସୀଙ୍କ ବିରୋଧରେ ପୋଲିସ ସଙ୍ଗୀନ ଦଫା ଲଗାଇ କାଠଗଡ଼ାରେ ଛିଡ଼ା କରିବାକୁ ଅପପ୍ରୟାସ କରୁଛି । ଏଭଳି ଅଭିଯୋଗ କରି ସାଲେପାଲି ଗ୍ରାମର ଶତାଧିକ ଲୋକ ସୋମବାର ଦିନ ୧୦ଟାରୁ ଜିଲା ପୋଲିସ ମୁଖ୍ୟାଳୟ ଆଗରେ ଧାରଣା ଦେବା



ଜିଲା ପୋଲିସ ମୁଖ୍ୟାଳୟ ଆଗରେ ଚାଷୀଙ୍କ ଧାରଣା ।

ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତିଙ୍କ ସହିତ ଆଲୋଚନା ପରେ ଗ୍ରାମବାସୀ ଅପରାହ୍ନ ପ୍ରାୟ ୪ଟାରେ ଧାରଣାରୁ ଉଠିଥିଲେ । ଏହାସହିତ ଏସ୍‌ପି ପି.ଏସ ମୀନାଙ୍କ ଉଦ୍ଦେଶ୍ୟରେ ଗ୍ରାମବାସୀ ତାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ପ୍ରକାଶ ଯେ, ଗତ ମାସ ୩୦ତାରିଖରେ ଚାଷୀ ସାଧୁଙ୍କୁ ମୁମୂର୍ଷୁ ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଗ୍ରାମର ସୁନାଧର ସାଥୁଆ ଏବଂ ଶିଶିର ପ୍ରଧାନ ଘଟଣାଦିନ ସାଧୁଙ୍କୁ ଘରୁ ବାଇକ୍ ଯୋଗେ ଜବରଦସ୍ତ ଉଠାଇ ନେବା ସହିତ ବିଷ ପିଆଇ ହତ୍ୟା କରିଥିବା ନେଇ ମୃତକଙ୍କ ସ୍ତ୍ରୀ ଭେଡ଼େନ ଥାନାରେ ଏତଲା ଦେଇଥିଲେ। ଏହାସହିତ ଚାଷୀଙ୍କ ମୃତଦେହ ଥାନା ଆଗରେ ରଖି ଘଟଣା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଥିଲେ। ପୋଲିସ ସେତେବେଳେ ମୃତ ଚାଷୀଙ୍କ ସ୍ତ୍ରୀଙ୍କ ଏତଲାକୁ ଭିତ୍ତି କରି ଉକ୍ତ ୨ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୨୩/୨୪) ରୁଜୁ କରିଥିଲା । ତେବେ ଘଟଣାର ୬ଦିନ ପରେ ପୋଲିସ ଅଭିଯୁକ୍ତ ସୁନାଧରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାତ୍ର କୋର୍ଟଚାଲାଣ ବେଳେ ପୋଲିସ ତାଙ୍କ ବିରୋଧରେ ଲାଗିଥିବା ଦଫା ୩୦୨କୁ ୩୦୬ କରିଥିଲା ଏବଂ ଏପର୍ଯ୍ୟନ୍ତ ଅନ୍ୟ ଅଭିଯୁକ୍ତ ଶିଶିରଙ୍କୁ ପୋଲିସ ଗିରଫ କରି ପାରିନାହିଁ ।

ଅପରପକ୍ଷେ ଗିରଫ ଅଭିଯୁକ୍ତ ସୁନାଧରଙ୍କ ଏତଲାକୁ ଭିତ୍ତି କରି ଭେଡ଼େନ ପୋଲିସ ଗ୍ରାମର ୫୪ଜଣଙ୍କ ବିରୋଧରେ ବିଭିନ୍ନ ସଙ୍ଗୀନ ଦଫା ଲଗାଇ ଆଉ ଏକ ମାମଲା ରୁଜୁ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଜାଣିବା ପରେ ଗ୍ରାମରେ ଅସନ୍ତୋଷ ଆହୁରି ବଢ଼ିଥିଲା। ଏହି କ୍ରମରେ ଗ୍ରାମବାସୀ ସଙ୍ଗଠିତ ହୋଇ ଜିଲା ପୋଲିସ ମୁଖ୍ୟାଳୟକୁ ଆସି ଧାରଣାରେ ବସିଥିଲେ। ସେମାନଙ୍କ ବିରୋଧରେ ରୁଜୁ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର କରାଯିବା, ମହାଜନୀ କାରବାରରେ ସମ୍ପୃକ୍ତ ଯୋଗୁ ଅଭିଯୁକ୍ତ ସୁନାଧରଙ୍କ ବିରୋଧରେ ସେ ଦିଗରେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଏବଂ ଭେଡ଼େନ ଥାନାଧିକାରୀ ସେମାନଙ୍କୁ ନାନା ଧମକଚମକ ଦେବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବାରୁ ତାଙ୍କୁ ସେଠାରୁ ବଦଳି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେ ଦିଗରେ ନିଜେ ତର୍ଜମା କରିବେ ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଅତିରିକ୍ତ ଏସ୍‌ପି ମହାନ୍ତି ନିର୍ଭର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ। ଚାଷୀନେତା ରମେଶ ମହାପାତ୍ର, ଭାଜପାର କୁଶ କୁମ୍ଭାର, ଉର୍ଜ୍ଜୁଳ ତାଣ୍ଡି, ସାମାଜିକ କର୍ମୀ ଲିପ୍‌ସିତ୍ ମିଶ୍ର, ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିଲେ ।

# କଲେଜ ଜୀବନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ: ରାଜ୍ୟପାଳ



ରାଜ୍ୟପାଳ ରଘୁବର ଦାସ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

### ଡାଲ୍‌ମିଆ କଲେଜର ୫୧ତମ ବାର୍ଷିକ ଉତ୍ସବ

କୁତ୍ରା, ୧୨।୨ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଡାଲ୍‌ମିଆ କଲେଜର ୫୧ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ରଘୁବର ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଜ ସଫଳ ଜୀବନ ଗଠନ ପାଇଁ ପ୍ରେରଣା ଦେଇଥିଲେ। କଲେଜ ଜୀବନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏବେ ନାହିଁ ତ କେବେ ନାହିଁ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟରର କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, ରାଉରକେଲା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମେଶ୍ୱର ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ କଲେଜ ସଭାପତି ଚିରବ୍ରତ ଦତ୍ତ ପରିଚାଳନା କରିଥିବାବେଳେ ଅଧ୍ୟକ୍ଷା ହିରନ ଲୁଗୁନ ସ୍ୱାଗତ ଭାଷଣ ସହ ବିବରଣୀ ପଠନ କରିଥିଲେ। କଲେଜ ଛାତ୍ରୀ ସ୍ଥିତି ପ୍ରଜ୍ଞା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି, ଏସ୍‌ପି ପ୍ରତ୍ୟୁସ ଦିବାକର, ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ରାଜଗାଙ୍ଗପୁର ବିଧାୟକ ଡ.ରାଜେନ ଏକ୍କା ଉପସ୍ଥିତ ଥିଲେ। ଭଲ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ଚାରିଜଣ ଛାତ୍ରୀଛାତ୍ରଙ୍କୁ ରାଜ୍ୟପାଳ ପୁରସ୍କୃତ କରିଥିଲେ। ପରେ ବିଭିନ୍ନ ନାଚଗୀତ ପରିବେଷଣ ହୋଇଥିଲା। ପ୍ରଥମେ ରାଜ୍ୟପାଳଙ୍କୁ ପାରମ୍ପାରିକ ବାଦ୍ୟଯନ୍ତ୍ର ସହିତ ଏନ୍‌ସିସି ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ କରାଯାଇ ପାଛୋଟି ଅଣାଯାଇଥିଲା। ପରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା।

### ଦେଶ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସୁନ୍ଦରଗଡ଼, ୧୨।୨ (ଜୟନାରାୟଣ ମେଣ୍ଡୁଲି)

ଛାତ୍ରୀଛାତ୍ର ଭଲ ପାଠପଢିବା ସହିତ ଦେଶ ମାତୃକାର ସେବା କରିବା, ସ୍ୱେଚ୍ଛାସେବୀ ମନୋବୃତ୍ତି ରଖି କାର୍ଯ୍ୟ କରିବା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ ଦେଶ ଗଠନରେ ଛାତ୍ରୀଛାତ୍ରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି। ସୋମବାର ସୁନ୍ଦରଗଡ ସରକାରୀ କଲେଜର ୬୬ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, କଲେଜ ପରିଚାଳନା ସମିତିର ସଭାପତି ଡାକ୍ତର ଦିଲୀପ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସାହୁ ସ୍ୱାଗତ ଅଭିଭାଷଣ ଓ ବିବରଣୀ ପାଠ କରିଥିଲେ। ୟୁଜିସି ନେଟ ପରୀକ୍ଷାରେ ସଫଳତା ହାସଲ କରିଥିବା ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଛାତ୍ରୀଛାତ୍ର ଜିତେନ୍ଦ୍ର ସା, ମୋନାଲିସା ପଟେଲ ଓ ଅନିତା ପଧାନ, ଶିକ୍ଷା ବିଭାଗର ଶୁଭମ ସାହୁଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରି ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସହକାରୀ ପ୍ରଫେସର ପ୍ରଦୀପ ସାମନ୍ତରାୟ, ଛାତ୍ର ସଂଘର ଉପସଭାପତି ଆଶୁତୋଷ ଝା ସଭା ପରିଚାଳନା କରିଥିଲେ।

### ନବ ଦାସ ଫାଉଣ୍ଡେଶନ ତରଫରୁ ବାର୍ଷିକ କ୍ରୀଡ଼ା

ସମ୍ବଲପୁର, ୧୨।୨ (ବି.ଶଙ୍କର)

ଶ୍ରୀପୁରା ଗ୍ରାମ ପଞ୍ଚାୟତଠାରେ ନବ ଦାସ ଫାଉଣ୍ଡେଶନ ତରଫରୁ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୦ ଓ ୧୧ ତାରିଖ ଦୁଇଦିନ ଧରି ହୋଇଥିବା ପ୍ରତିଯୋଗିତାରେ ଗ୍ରାମର ଅଙ୍ଗନୱାଡ଼ି, ବାପୁଜୀ ସରକାରୀ ସ୍କୁଲର ଛାତ୍ରଛାତ୍ରୀ, ଯୁବତୀଯୁବକ, ମହିଳା, ବୟସ୍କ ଲୋକେ ଭାଗ ନେଇଥିଲେ। ସବୁ ବର୍ଗର ମୋଟ ୪୦ ଗୋଟି ଖେଳରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଡ. ଦିବ୍ୟ ପ୍ରକାଶ ପଟ୍ଟନାୟକ, ଡ. ଦିବେନ୍ଦୁ କୁମାର ସାହୁ, ପ୍ରଧାନ ଶିକ୍ଷକ ଧନିରାମ ପଟେଲ, ଝାରସୁଗୁଡା ବ୍ଲକ ଅଧ୍ୟକ୍ଷା ଚିତ୍ରେଣି ପଟେଲ, ଜିଲା ପରିଷଦ ସଭ୍ୟ ଦିଗମ୍ବର ଭୋଇ, ତ୍ରିନାଥ ତ୍ରିପାଠୀ, ଶ୍ରୀପୁରା ନବ ପରିବାର ସଦସ୍ୟ, ମା' ସମଲେଶ୍ୱରୀ ମହିଳା ଶକ୍ତି ଦୀପାଳି ସେନାର ସଦସ୍ୟା ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୁବନେତା ବିଶାଳ ଦାସ ମୁଖ୍ୟଅତିଥି ଓ ସରପଞ୍ଚ ଯଶୋବନ୍ତି ପାଣ୍ଡେ, ଅବସପ୍ରାପ୍ତ ଶିକ୍ଷକ ଅକ୍ରୁର ପାଢ଼ୀ, ଦେବେନ୍ଦ୍ର ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ନବ ଦାସ ଫାଉଣ୍ଡେଶନ ଶ୍ରୀପୁରାର ସଂଯୋଜକ ଗଣନାଥ ତ୍ରିପାଠୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଓରିଏଣ୍ଟ ଖେଳପଡିଆରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

ବ୍ରଜରାଜନଗର, ୧୨।୨ (ବିଜୟ ବରାଡ଼)

ଓରିଏଣ୍ଟ ଖେଳପଡିଆରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି କରାଯାଇଛି। ଏହି ମର୍ମରେ ପୂର୍ବତନ ନଗରପାଳ ଜୟନ୍ତ ଦୀକ୍ଷିତଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବ୍ରଜରାଜନଗର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଉପନଗରପାଳ ଗୋପାଳ ସୀତାନି, କାଉନସିଲର ରୁନୁ ବାଗ, ପୂର୍ବତନ କାଉନସିଲର ସତ୍ୟାନନ୍ଦ ଦାସ, ଏନ୍ ଲିଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ ଦର୍ଶାଯାଇଛି, ଓପିଏମ୍ ବନ୍ଦ ପରେ ଏଠାରେ ଥିବା ଖେଳପଡିଆ ଅବସ୍ଥା ଶୋଚନୀୟ ହୋଇଥିଲା। ନଗରପାଳିକା ପଦକ୍ଷେପ ନେବା ଫଳରେ ଏହି ଖେଳପଡିଆ ପୂର୍ବ ସୌନ୍ଦର୍ଯ୍ୟ ଫେରିପାଇବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ବ୍ରଜରାଜନଗରବାସୀ ଅନୁରୋଧ କରିଥିବା ଦର୍ଶାଇଛନ୍ତି।

# ଫୋର୍ବସ୍ ତାଲିକାଭୁକ୍ତ ମହିଳା ମାଦିଲତାଙ୍କୁ ଭେଟିଲେ ରାଜ୍ୟପାଳ

ବଡ଼ଗାଁ, ୧୨।୨ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲାକୁ ତିନି ଦିନିଆ ଗସ୍ତରେ ଆସିଥିବା ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ସୋମବାର ଅପରାହ୍ନରେ ବଡ଼ଗାଁ ଆସିଥିଲେ। ଫୋର୍ବସ୍ ଇଣ୍ଡିଆର ଶକ୍ତିଶାଳୀ ମହିଳା ତାଲିକାଭୁକ୍ତ ହୋଇଥିବା ବଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଦାଣ୍ଡଜମରା ପଞ୍ଚାୟତ ଗରଗଡବାହାଲ ଗ୍ରାମର ଆଶାକର୍ମୀ ମାଦିଲତା କୁଲୁଙ୍କୁ ରାଜ୍ୟପାଳ ସାକ୍ଷାତ କରିଥିଲେ। ରାଜ୍ୟପାଳ ତାଙ୍କ ଘରକୁ ଯାଇ ପହଞ୍ଚିଲା ପରେ ତାଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ହାତ ଧୋଇବାକୁ ଦେଇଥିଲେ। ଏହା ପରେ ତାଙ୍କ ଘରେ ଚା' ପିଇ ସମସ୍ୟା ଓ ସେ କରୁଥିବା ସେବା କାର୍ଯ୍ୟ ଉପରେ ପଚାରିବୁଝିଥିଲେ। ଗରଗଡବାହାଲ ଗ୍ରାମର ଏକ ରାସ୍ତା ଓ ରାଜପଥରୁ ଜରକାପଡା ଗାଁକୁ ଯାଇଥିବା ରାସ୍ତା ସମସ୍ୟା ଉପରେ ଆଶାକର୍ମୀ କୁଲୁ ରାଜ୍ୟପାଳଙ୍କୁ ଜଣାଇଥିଲେ। ଏହା ସହିତ ସେବାମୂଳକ କାର୍ଯ୍ୟ ଉପରେ କହିଥିଲେ। ରାଜ୍ୟପାଳ ସେଠାରେ ଉପସ୍ଥିତ ଥିବା ଜିଲାପାଳ ହର୍ଷଦ ପରାଗ ଗାଭାଲିଙ୍କୁ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ବଡ଼ଗାଁ ବ୍ଲକ୍ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ବଡ଼ଗାଁ ବିଡ଼ିଓ ସୁମତି ପଣ୍ଡା, ଏସ୍‌ପି ପ୍ରତ୍ୟୁଶ ଦିବାକର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଆଶାକର୍ମୀ ମାଦିଲତା କୁଲୁ ୨୦୨୧ ନଭେମ୍ବର ମାସରେ ଫୋର୍ବସ୍ ତାଲିକାରେ ଶକ୍ତିଶାଳୀ ମହିଳା ଭାବେ ତାଲିକାଭୁକ୍ତ ହୋଇଥିଲେ।


ମାଦିଲତା କୁଲୁଙ୍କ ଘରେ ରାଜ୍ୟପାଳ।


ଲୋକକଳା ସ୍ୱାଭିମାନ ଯାତ୍ରାରେ ଅତିଥି ଓ କର୍ମକର୍ତ୍ତା।

# ଜିଲାସ୍ତରୀୟ ଲୋକକଳା ସ୍ୱାଭିମାନ ଯାତ୍ରା

ବଡ଼ଗାଁ, ୧୨।୨ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ଶ୍ରୀ ଜଗନ୍ନାଥ ନାମ ସଙ୍କୀର୍ତ୍ତନ ଲୋକକଳା ପରିଷଦ ପକ୍ଷରୁ ରବିବାର ସଙ୍କୀର୍ତ୍ତନ ଓ ଲୋକକଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଲୋକକଳା ନୃତ୍ୟ କଳାକାର ଯୋଗଦେଇଥିଲେ। ସଙ୍ଗଠନର ରାଜ୍ୟ କାର୍ଯ୍ୟକାରୀ ସଭାପତି ନନ୍ଦ କିଶୋର ସାହୁ, ଗିରିଧାରୀ ବିଶାଳ, ଜିଲା ଉପଦେଷ୍ଟା ପ୍ରତାପ କୁମାର ବେଜି, ଜିଲା ସଭାପତି ବସନ୍ତ ବେହେରା, ଜିଲା ସମ୍ପାଦକ ସୁରେନ୍ଦ୍ର ମିଞ୍ଜ, ଜିଲା ସମ୍ପାଦିକା ଜୈମିନୀ ପୃଷେଟ, ବରଗଡ଼ ଜିଲା ସମ୍ପାଦକ ଜଗନ୍ନାଥ ଷଡ଼ଙ୍ଗୀ, ନାରଣ ସାହୁ, ବଲାଙ୍ଗିର ଜିଲା ସଭାପତି ଅରବିନ୍ଦ ମହାନ୍ତି, ବିଭିନ୍ନ ଜିଲା ଓ ବ୍ଲକ କର୍ମକର୍ତ୍ତା ନାରଦ ସାହୁ, ଡମ୍ବରୁଧର ନାଏକ, ଅର୍ଜୁନ ଅପଟ, ସରୋଜ ମାଝି, ସବିତା ସାହୁ, ଭକ୍ତରାମ ପଟେଲ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥ ନାମ ସଙ୍କୀର୍ତ୍ତନ ଓ ଲୋକକଳାକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲକ୍ଷ ଲକ୍ଷ କଳାକାର ପ୍ରଚାର ପ୍ରସାର ପାଇଁ କଳା ପ୍ରଦର୍ଶନ କରି ଆସୁଛନ୍ତି। ସରକାର ସେମାନଙ୍କୁ କଳାକାର ମାନ୍ୟତା ଦେବା ଓ ପାଞ୍ଚ ଦଫା ଦାବି ପୂରଣ କରିବା ନିମନ୍ତେ ଦାବି ହୋଇଥିଲା। ଏ ନେଇ ସଭାପତି ବାସୁଦେବ ଭଞ୍ଜ ସରକାରଙ୍କ ସହିତ ଯୋଗସୂତ୍ର ରଖିଥିବା କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ସଙ୍କୀର୍ତ୍ତନ ଓ ଲୋକକଳା କଳାକାରଙ୍କୁ କଳାକାର ମାନ୍ୟତା, ପରିଚୟପତ୍ର ପ୍ରଦାନ, ସବୁ ବୟସର କଳାକାରଙ୍କୁ ଭତ୍ତା ପ୍ରଦାନ, ସେମାନଙ୍କ ପୁଅ ଝିଅଙ୍କୁ ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷା, ବିଜୁ ସାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ଆଦି ଦାବି ହୋଇଥିଲା। ଆୟୋଜିତ କମିଟିର ସଭାପତି ସୁମନ୍ତ କିଷାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କର୍ମକର୍ତ୍ତା ଗଣେଶ କିଷାନ, ନିରାକାର କିଷାନ, କୃଷ୍ଣ ଖଡିଆ, ବରୁଣ ନାଏକ, ମହାଦେବ କିଷାନ, ଚିତ୍ତରଞ୍ଜନ ପରୁଆ, ଚନ୍ଦ୍ର କିଷାନ, ପଞ୍ଚମ କିଷାନ, କଳିଙ୍ଗ କେରକେଟା, ନକୁଳ କେରକେଟା, ଦିଲ୍ଲୀପ କିଷାନ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଫୁଲବାରୀ ଗ୍ରାମର ଶ୍ରୀ ସତ୍ୟପୀର ଲୋକକଳା ପରିଷଦ ସେବା ସଂଘ ଓ ଶ୍ରୀଜଗନ୍ନାଥ ନାମ ସଙ୍କୀର୍ତ୍ତନ ଲୋକକଳା ପରିଷଦର ମିଳିତ ଆନୁକୂଲ୍ୟରେ କଳାକାର ସ୍ୱାଭିମାନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୫ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ ମୁଖ୍ୟ ଅତିଥି, ଅଧ୍ୟାପକ ହେମନ୍ତ ପଣ୍ଡା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଗିରିଧାରୀ ବିଶ୍ୱାଳ, ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ଅରୁଣ ଦିକ୍ଷୀତ, ବିଜେଡି ବଡ଼ଗାଁ ବ୍ଲକ ସଭାପତି ଦେବାଶିଷ ମିଶ୍ର, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କ ସହିତ ସାଂସ୍କୃତିକ ସଙ୍ଗଠନର ବିଭିନ୍ନ ଜିଲା ଓ ବ୍ଲକ କର୍ମକର୍ତ୍ତା ଯୋଗଦେଇଥିଲେ।

# ପେନାଲ୍‌ଟି କର୍ନରକୁ ଗୋଲ କରି ନ ପାରିବାରୁ ହାରିଲୁ: ସଭିତା

ରାଉରକେଲା, ୧୨।୨ (ଦିନେଶ ମିଶ୍ର)


ସଭିତା ପୁନିଆ, କ୍ୟାପ୍‌ଟେନ।

ଭାରତ ଦଳ ଶେଷ ପର୍ଯ୍ୟନ୍ତ ଚୀନ ବିପକ୍ଷରେ ଭଲ ଖେଳ ପ୍ରଦର୍ଶନ କରିଥିଲା। ଆମକୁ ଚୀନ ବିପକ୍ଷରେ ୫ଟି ପେନାଲ୍‌ଟି କର୍ନର ସୁଯୋଗ ମିଳିଥିଲା। ଏହାକୁ ଆମେ ଗୋଲରେ ପରିବର୍ତ୍ତନ କରି ପାରି ନ ଥିବାରୁ ହାରିଗଲୁ ବୋଲି ଭାରତ ମହିଳା ଦଳର କ୍ୟାପ୍‌ଟେନ ସଭିତା ପୁନିଆ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଭାରତ ଦଳ ଖେଳ ଆରମ୍ଭରେ ଚୀନ ଉପରେ ଚାପ ପକାଇ ପ୍ରଥମ କ୍ୱାର୍ଟରର ୭ ମିନିଟ୍‌ରେ ସଙ୍ଗୀତା କୁମାରୀ ପ୍ରଥମ ଗୋଲ ମାରି ଆମର ଆତ୍ମବିଶ୍ୱାସ ବଢାଇଥିଲେ। ଆମେ ଚୀନ ଉପରେ ଆକ୍ରମକ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଆମକୁ ମିଳିଥିବା ପେନାଲ୍‌ଟିର ସୁଯୋଗ ଆମେ ହରାଇଛୁ। ମାତ୍ର ଚୀନ ଦଳ ଆମଠାରୁ ନିଶ୍ଚିତ ଭଲ ଖେଳିଛି। ଆମେ ଆଜିର ମ୍ୟାଚ୍‌ରେ କରିଥିବା ତ୍ରୁଟିକୁ ଆଗାମୀ ମ୍ୟାଚ୍‌ରେ ପୁନର୍ବାର କରିବାକୁ ସୁଯୋଗ ଦେବୁନାହିଁ। ଆଗକୁ ଆମକୁ ନେଦରଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ମଜଭୁତ ଦଳ ବିପକ୍ଷରେ ଖେଳିବାକୁ ଅଛି । ତେଣୁ ଭାରତ ଦଳ ଆଗାମୀ ମ୍ୟାଚ୍‌ରେ ନିଶ୍ଚିତ ଭଲ ପ୍ରଦର୍ଶନ କରି ବିଜୟୀ ହେବ ବୋଲି ଅଧିନାୟକ ପୁନିଆ ସୂଚନା ଦେଇଥିଲେ।

# ସବ୍‌ଡେଗା ବ୍ଲକ ଗସ୍ତକଲେ ରାଜ୍ୟପାଳ

ସବ୍‌ଡେଗା, ୧୨।୨ (ଅନନ୍ତ ପଟେଲ)– ସୁନ୍ଦରଗଡ଼ ଜିଲା ସବଡେଗା ବ୍ଲକକୁ ସୋମବାର ରାଜ୍ୟପାଳ ରଘୁବର ଦାସ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ। ପ୍ରଥମେ ସବଡେଗା ବ୍ଲକର ସୁବଲୟା ପଞ୍ଚାୟତର ସମଲେଶ୍ୱରୀ ମନ୍ଦିର ବୁଲି ଦେଖିଥିଲେ। ଅଙ୍ଗନୱାଡି କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ହମୀରପୁର ପଞ୍ଚାୟତର ପଞ୍ଚ ମହଲା ଗ୍ରାମରେ ଚାଷୀମାନଙ୍କ ସହ ବିଭିନ୍ନ ଯୋଜନାରେ ମିଳୁଥିବା ସହାୟତା ବିଷୟରେ କଥାବାର୍ତ୍ତା କରିଥିଲେ। ପରେ କୁରୁମକେଲ ପଞ୍ଚାୟତର କଇଁସରା ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ସବୁ ବୁଲି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେମାନେ ଘର ପାଇ କେତେ ଖୁସି ଘରେ ବିଜୁଳି, ପାଣି ଅଛି କି ନାହିଁ ପଚାରି ବୁଝିଥିଲେ। ଏହା ସହ ସିଲିଣ୍ଡର ଅଛି କି ନାହିଁ, ଘର ତିଆରି ପରେ ବୋନସ ଟଙ୍କା ପାଇଛନ୍ତି କି ନାହିଁ ଏସବୁ ଆଲୋଚନା କରିଥିଲେ। ପରେ କଇଁ ସରା ବସଷ୍ଟାଣ୍ଡ ପାଖରେ ଆୟୋଜିତ ସଭାରେ ଯୋଗ ଦେଇ ଥିଲେ। ଏସ୍‌ଏଚଜି ଗ୍ରୁପର ମହିଳାମାନେ ନିଜ ଗ୍ରୁପରେ ତିଆରି କରୁଥିବା ବିଭିନ୍ନ ଜିନିଷ ଆଣି ଷ୍ଟଲ ଲଗାଇଥିବା ଜିନିଷ ସବୁ ବୁଲି ଦେଖିଥିଲେ ଓ ମହିଳାମାନେ ମାସକୁ କେତେ ରୋଜଗାର କରୁଛନ୍ତି ଓ କଣ ସବୁ ନିୟମ ଅବଲମ୍ବନ କଲେ ଅଧିକ ରୋଜଗାର କରିପାରିବେ, ସାର ଦେଶରେ ତାଙ୍କର ତିଆରି ଜିନିଷର ଚାହିଦା ରହିବା କଥା ସେମିତି କାର୍ଯ୍ୟ କରିବାର ପରାମର୍ଶ ଦେଇଥିଲେ। ସେଠାରୁ ବାବୁଡିହି ଯାଇ ମା ଗୃହ, ଲତଡେଗା ରେ ସିଏଚସି ସେଣ୍ଟର ଦେଖି ସବଡେଗା ଡାକ୍ତରଖାନା ପାରା ମେଡିକାଲ କର୍ମଚାରୀଙ୍କ ସହ ଆଲୋଚନା କରି ସୁନ୍ଦରଗଡକୁ ଫେରିଥିଲେ ।

# ସୁନ୍ଦରଗଡ଼ ଜିଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ

ସୁନ୍ଦରଗଡ଼, ୧୨।୨ (ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲାରେ ଶୁଭାରମ୍ଭ ହୋଇଛି ଲକ୍ଷ୍ମୀ ବସ ସେବା। ସୋମବାର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆମ ଓଡ଼ିଶା ନବୀନ ଓଡ଼ିଶାର ସଂଯୋଜକ ଯୋଗେଶ ସିଂ ସୁନ୍ଦରଗଡ଼ ଜିଲାରେ ଲକ୍ଷ୍ମୀ ବସ ସେବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଜିଲାବାସୀଙ୍କ ତରଫରୁ କୃତଜ୍ଞତା ଜଣାଇଥିଲେ। ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଲକ୍ଷ୍ମୀ ବସ ଯୋଜନା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଆମ ସ୍ୱପ୍ନକୁ ସାର୍ଥକ କରିଛନ୍ତି ଏବଂ ଏହି ଯୋଜନା ଦ୍ୱାରା ମା'ମାନେ ସଶକ୍ତ ହୋଇଛନ୍ତି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ଲକ୍ଷ୍ମୀ ବସ ଆମ ଜୀବନକୁ ସହଜ କରିଛି, ଗାଁର ଅର୍ଥନୀତିକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ସୁନ୍ଦରଗଡ଼ ଜିଲାର ୨୭୯ ପଞ୍ଚାୟତରେ ୬୫ଟି ଲକ୍ଷ୍ମୀ ବସ ଚଳାଚଳ କରିବାର ଯୋଜନା ଅଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦର ବିଧାୟିକା କୁସୁମ ଟେଟେ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିନୟ କୁମାର ଟପ୍ପୋ, ଅଧ୍ୟକ୍ଷ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପାଳିକା ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ଓଡ଼ିଶା ରାଜ୍ୟ ସଡକ ପରବହନ ନିଗମ ଭୁବନେଶ୍ୱରର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦିପ୍ତେସ ପଟ୍ଟନାୟକ, ଜିଲାପାଳ ଡ଼. ପରାଗ ହର୍ଷଦ ଗଭାଲି, ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ସଦର ଉପଜିଲାପାଳ ଦାଶରଥି ସରାବୁ, ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ ଦାସ, ସମସ୍ତ ବିଭାଗୀୟ ଅଧିକାରୀ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବିଷୟ ସମୃଦ୍ଧି ଶିବିର ଉଦ୍‌ଘାଟିତ

ପାଇକମାଲ, ୧୨।୨ (ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦ୍ୱିଦିବସୀୟ ବିଷୟ ସମୃଦ୍ଧି ଶିବିର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଆୟୁର୍ବେଦିକ କଲେଜର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶରତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶୁଭ ଉଦ୍‌ଘାଟନ କରିଥିଲେ। ଏବିଇଓ ଧଳେନ୍ଦ୍ର କୁମାର ବାରିକ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ଧଉରାଅଡ଼ାକୁ ହରାଇ ମନୋହରପୁର ଚାମ୍ପିୟନ

ହେମଗିର, ୧୨।୨ (ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଡୁରୁବଗାଠାରେ ଶିବଶକ୍ତି ୟୁଥ କ୍ଲବ ତରଫରୁ ଚାଲିଥିବା ଚ୍ୟାଲେଞ୍ଜର ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ମନୋହରପୁର ଓ ଧଉରାଅଡା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ପରେ ପେନାଲଟିକରେ ଧଉରାଅଡା ଦଳ ୩ଟି ଗୋଲ କରିଥିବାବେଳେ ମନୋହରପୁର ଦଳ ୪ଟି ଗୋଲା କରି ବିଜୟୀ ହୋଇଥିଲା। ମନୋହରପୁର ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କାଶିନାଥ ରାଉତ, ସରପଞ୍ଚ ଉପେନ୍ଦ୍ର ମଲ୍ଲିକ, ସମିତି ସଭ୍ୟା ଅନୁପମା ମଲ୍ଲିକ, ହେମଗିର ସମିତି ସଭ୍ୟା ମାନସି ଦଜି, ପ୍ରମୋଦ ପତି, ବିଜୟ କୁମାର ନାଏକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଜୟୀ ଦଳକୁ ଟ୍ରଫି ସହିତ ନଗଦ ୩୦ ହଜାର ଟଙ୍କା, ରନର୍ସଅପ୍ ଦଳକୁ ଟ୍ରଫି ସହିତ ନଗଦ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିବଶକ୍ତି ୟୁଥ କ୍ଲବର ସଭାପତି ସୁରେନ୍ଦ୍ର ଡନସେନା, ସମ୍ପାଦକ ହେମନ୍ତ ବାଗ, କୋଷାଧ୍ୟକ୍ଷ ନବକୁମାର ଭୋଇ, ସଦାନନ୍ଦ ରାଉତ, ଯୋଗେଶ୍ୱର ମାଝି, ଡମ୍ବରୁଧର ଧୃଆ ପ୍ରମୁଖ ସଭ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ। ରେଫରୀ ଭାବରେ ଲକ୍ଷ୍ମଣ ସେଠ, ରୁପେନ୍ଦ୍ର କୁମାର ବାଗ, ହୃଦାନନ୍ଦ ଭୋଇ ପ୍ରମୁଖ ପରିଚାଳନା କରିଥିଲେ।

ଚ୍ୟାଲେଞ୍ଜର ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ



ଚ୍ୟାଲେଞ୍ଜର ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଖୁଜେନ ସ୍କୁଲରେ ପାନୀୟ ଜଳସଙ୍କଟ

ପଦ୍ମପୁର, ୧୨।୨ (ପ୍ରଦୀପ୍ତ ଦାଶ)

ରାଜବୋଡାସମ୍ବର ବ୍ଲକ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ପାନୀୟ ଜଳସଙ୍କଟ ଦେଖାଦେଇଛି। ବିଦ୍ୟାଳୟ ପରିସରରେ ଏକମାତ୍ର ପୁରୁଣା ନଳକୂଅ ରହିଛି । କିନ୍ତୁ ସେଥିରୁ ପାଣି ବାହାରୁ ନାହିଁ। ଛାତ୍ରୀଛାତ୍ର ପିଇବା ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ପାନୀୟ ଜଳ ପାଇଁ ଗୋଟିଏ ନୂତନ ନଳକୂଅ ଖୋଳିବାକୁ ପରିଚାଳନା କମିଟି, ଅଭିଭାବକମାନେ ଦାବି କରିଛନ୍ତି।

### ଭୈରବୀ ମନ୍ଦିର ନିର୍ମାଣ କାର୍ଯ୍ୟ ପରିଦର୍ଶନ

ବୌଦ୍ଧ,୧୨।୨( ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳ ଜେ.ସୋନାଲ ସୋମବାର ଦିନ ହରଭଙ୍ଗା ବ୍ଲକର ପୁରୁଣାକଟକସ୍ଥିତ ମା’ ଭୈରବୀଙ୍କ ମନ୍ଦିର ପରିଦର୍ଶନ କରିବା ସହିତ ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି । ଏହାସହିତ ମନ୍ଦିରର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ସମୟସୀମା ମଧ୍ୟରେ କାର୍ଯ୍ୟ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ପରିଦର୍ଶନ ସମୟରେ ମନ୍ଦିର ପରିଚାଳନା କମିଟି ସଭାପତି ସୁରେନ କୁମାର ପ୍ରଧାନ, ସମିତିସଭ୍ୟ ସରୋଜ ପ୍ରଧାନ, ଗରୁଡ ପ୍ରଧାନ, ଶୈଳେନ୍ଦ୍ର ପ୍ରଧାନ, କନିଷ୍ଠଯନ୍ତ୍ରୀ ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ପାଇକମାଳ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର

**ପାଇକମାଳ,୧୨।୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ଅଫିସ ପରିସରସ୍ଥ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ, ବିଡିଓ ପ୍ରଫୁଲ କୁମାର ଅଦୁ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ବିଦ୍ୟୁତ, କ୍ଷୁଦ୍ର ଜଳସେଚନ, ମୋ ଘର, ରାଶନ କାର୍ଡ ଆଦି ବିଷୟରେ ଅଭିଯୋଗ ଆସିଥିଲା। ଶିବିରରେ ମୋଟ ୧୩୨ଟିଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରେ ୧୦୨ଟି ବ୍ୟକ୍ତିଗତ ଏବଂ ୩୦ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା। ତୁରନ୍ତ ଉକ୍ତ ସମସ୍ୟାଗୁଡିକର ସମାଧାନ କରିବାକୁ ଉପଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ବିଷୟ ସମୃଦ୍ଧି ଶିବିର ଉଦ୍‌ଘାଟିତ

**ପାଇକମାଳ,୧୨।୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦ୍ୱିଦିବସୀୟ ବିଷୟ ସମୃଦ୍ଧି ଶିବିର ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଆୟୁର୍ବେଦିକ କଲେଜର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶରତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶୁଭ ଉଦ୍‌ଘାଟନ କରିଥିଲେ। ଏବିଇଓ ଧଳେନ୍ଦ୍ର କୁମାର ବାରିକ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏବିଇଓ ରାଧେଶ୍ୟାମ ମେହେର ଓ ସୁଶାନ୍ତ କୁମାର ସାହୁ ମଞ୍ଚାସୀନ ଥିଲେ। ପ୍ରଶିକ୍ଷଣରେ ପାଇକମାଳ ବ୍ଲକର ୧୫୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡୋଲାମଣି ମାହାର, ବ୍ରଜକିଶୋର ଜେନା, ରଞ୍ଜନ ବାଗ ପ୍ରମୁଖ ୧୨ଜଣ ସାଧନ କର୍ମୀ ପ୍ରଶିକ୍ଷଣ ଦେଉଛନ୍ତି। ତ୍ରିଲୋଚନ ନାୟକ ଶିବିର ପରିଚାଳନା କରିଥିଲେ।

# ଶ୍ରମ ବିଭାଗ କାର୍ଯ୍ୟାଳୟରେ ଗରିବଙ୍କ ଅର୍ଥ ହରିଲୁଟ୍

ଦେବଗଡ଼, ୧୨।୨(ଶଶାଙ୍କ ଶେଖର ଝାଙ୍କର)




- ଦେବଗଡ଼ ଶ୍ରମବିଭାଗ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର
- ବିବାହ, ମୃତ୍ୟୁ ପ୍ରମାଣପତ୍ର ଜାଲକରି ଲକ୍ଷ ଲକ୍ଷ ଟଙ୍କା ହେଉଛି ହେରଫେର
- ତଳଠାରୁ ଉଚ୍ଚ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ସାମିଲ
- ଗରିବ ଶ୍ରମିକଙ୍କଠାରୁ ଅର୍ଥ ହରିଲୁଟ କରୁଛନ୍ତି ଦଲାଲ
- ଉଚ୍ଚସ୍ତରୀୟ ତଦନ୍ତ କରାଯାଉ, ଦଲାଲ ଏବଂ ଅଧିକାରୀମାନଙ୍କ ଉପରେ ଭିଜିଲାନ୍ସ ଚଢ଼ାଉ ହେଉ
- ଅନେକ ଦଲାଲଙ୍କ ନାମରେ ଆସିଛି ଅଭିଯୋଗ

ଶ୍ରମିକମାନଙ୍କ ସମସ୍ୟା ଦୂର ସହ ସେମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ପ୍ରତି ଜିଲାରେ ରହିଛି ଶ୍ରମ ବିଭାଗର କାର୍ଯ୍ୟାଳୟ। ଦେବଗଡ଼ ଜିଲା ପାଇଁ ଦେବଗଡ଼ ସହରରେ ମଧ୍ୟ ରହିଛି ଶ୍ରମ ବିଭାଗ କାର୍ଯ୍ୟାଳୟ। ହେଲେ ଏହି କାର୍ଯ୍ୟାଳୟ ଶ୍ରମିକଙ୍କୁ ସାହାଯ୍ୟ କରିବା ବଦଳରେ ଲୁଟି ଚାଲିଛି। ଏଠାରେ ତଳଠାରୁ ଉପର ପର୍ଯ୍ୟନ୍ତ କର୍ମଚାରୀ ବିଭିନ୍ନ ଅନିୟମିତତା କାର୍ଯ୍ୟ ଚଳାଇଛନ୍ତି। ଶ୍ରମିକମାନେ ବିଭିନ୍ନ ସହାୟତା ରାଶି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ରମ କାର୍ଯ୍ୟାଳୟର କେତେକ କର୍ମଚାରୀ ଦଲାଲମାନଙ୍କ ସହାୟତାରେ ଗରିବ ଶ୍ରମିକଙ୍କ ଅର୍ଥ ହରିଲୁଟ କରିବାରେ ଲାଗିଛନ୍ତି। ଯେଉଁ ଶ୍ରମିକ ମୃତ୍ୟବରଣ କରୁଛନ୍ତି, ସେମାନଙ୍କ ପରିବାରକୁ ମୃତ୍ୟୁଜନିତ ସହାୟତା ରାଶି ଦେବାର ନିୟମ ରହିଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗରୁ ମୃତ୍ୟୁ ପ୍ରମାଣପତ୍ର ଆଣି ଦାଖଲ କରିବା କଥା। କିନ୍ତୁ ଶ୍ରମ କାର୍ଯ୍ୟାଳୟର କେତେକ ଦଲାଲ ମୃତ୍ୟୁ ପ୍ରମାଣପତ୍ର ଯୋଗାଡ଼ କରାଇଦେବା, ଶ୍ରମ ବିଭାଗରୁ ଅର୍ଥ କରାଇଦେବାର ପ୍ରତିଶ୍ରୁତି ଦେଇ ଗରିବ ଶ୍ରମିକ ପରିବାରକୁ ଶୋଷଣ କରୁଛନ୍ତି। ଗରିବ ଶ୍ରମିକ ପରିବାର ଯେଉଁ ସହାୟତା ରାଶି ପାଇବା କଥା ସେହି ସହାୟତା ରାଶିରୁ ଅର୍ଦ୍ଧେକ ଚଞ୍ଚକତା କରି ନେଇଯାଉଛନ୍ତି। ଏଥିରେ ଶ୍ରମ ବିଭାଗର କର୍ମଚାରୀଙ୍କ ହାତ ରହୁଛି। ସେମାନେ ଜାଣୁଥିଲେ ବି କିଛି ପଦକ୍ଷେପ ନେଉନାହାନ୍ତି। ସେହିପରି ଶ୍ରମିକ ପରିବାର ଲାଗି ବିବାହ ସହାୟତା ରାଶି ମଧ୍ୟ ହେରଫେର ହେଉଛି। ବିବାହ ପ୍ରମାଣପତ୍ର ମଧ୍ୟ ଜାଲି କରାଯାଉଛି। ସବୁ ଅନିୟମିତତା କାର୍ଯ୍ୟରେ ଦଲାଲଙ୍କ ସହିତ କାର୍ଯ୍ୟାଳୟ କର୍ମଚାରୀଙ୍କ ହାତ ରହୁଛି। ଶ୍ରମିକ ପରିବାରର ଜଣେ ସଦସ୍ୟ କିଛି ମାସ ତଳେ ଏନେଇ ଜିଲାପାଳ, ୫-ଟି ସଚିବ, ରାଜ୍ୟ ସରକାରଙ୍କ ନିକଟକୁ ଲିଖିତ ଅଭିଯୋଗପତ୍ର ପ୍ରେରଣ କରିଥିଲେ। ଏହି କାର୍ଯ୍ୟାଳୟରେ ହେଉଥିବା ବିଭିନ୍ନ ଅନିୟମିତତା, ଦୁର୍ନୀତି ସମ୍ପର୍କରେ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ଏହାର ଚେର କେତେଦୂର ପର୍ଯ୍ୟନ୍ତ ଲମ୍ବିଛି ତାହା ଜଣାପଡ଼ିବ ବୋଲି ଚର୍ଚ୍ଚା ହେଉଛି। ଦଲାଲ ଓ କର୍ମଚାରୀଙ୍କ ଉପରେ ଭିଜିଲାନ୍ସ ଚଢ଼ାଉ କରି ଯାଞ୍ଚ କଲେ ଅନେକ ରହସ୍ୟ ଜଣାପଡ଼ିବ। କେଉଁମାନେ କେତେ ଅର୍ଥ ଲୁଟୁଛନ୍ତି ତାହା ବି ଜଣାପଡ଼ିବ। ଦେବଗଡ଼ ଜିଲାରୁ ଅନେକ ସମୟରେ ରାଜ୍ୟ ବାହାରକୁ ଶ୍ରମିକ ଯାଉଛନ୍ତି। ହେଲେ ଜିଲାରୁ କେତେ ଶ୍ରମିକ ରାଜ୍ୟ ବାହାରକୁ ଯାଉଛନ୍ତି ତାର ତଥ୍ୟ ବିଭାଗ ପାଖରେ ନାହିଁ। ଜିଲାରୁ ଯେଉଁମାନେ ରାଜ୍ୟ ବାହାରକୁ ଶ୍ରମିକ ଚାଲାଣ କରୁଛନ୍ତି, ସେମାନେ ଶ୍ରମ ବିଭାଗରେ ପଞ୍ଜିକରଣ କରିବା କଥା। କିନ୍ତୁ ଏଠାରେ ବିନା ପଞ୍ଜିକରଣରେ ଶ୍ରମିକ ଚାଲାଣ ହେଉଛି। ଶ୍ରମ କାର୍ଡ ପାଇଁ ମଧ୍ୟ ଅର୍ଥ ନିଆଯାଇଛି। ବିନା ଅର୍ଥରେ ଏଠାରେ କିଛି ବି କାମ ହେଉନାହିଁ। ତେଣୁ ଦେବଗଡ଼ ଶ୍ରମ କାର୍ଯ୍ୟାଳୟ ଉପରେ ଭିଜିଲାନ୍ସ ଚଢ଼ାଉ ହେବାର ଆବଶ୍ୟକତା ଜରୁରୀ ହୋଇପଡ଼ିଛି। ଶ୍ରମ ବିଭାଗର ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ରିଆମାଳରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରିଆମାଳ, ୧୨।୨(ନିରଞ୍ଜନ ବେହେରା)

ଦେବଗଡ଼ ଜିଲା ରିଆମାଳ ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଉକ୍ତ ଶିବିର ଆୟୋଜିତ ହୋଇଥିଲା। ମୋଟ ୨୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଏହାର ସମାଧାନ ଓ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୨୪ଟି ଅଭିଯୋଗରୁ ୧୯ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଅଭିଯୋଗ ଥିଲା। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରିକ୍ଷିତ ସାହୁ, ରିଆମାଳ ବିଡିଓ, ତହସିଲଦାର ଓ ଜିଲା ଏବଂ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ନବ ଦାସ ଫାଉଣ୍ଡେଶନ ତରଫରୁ ବାର୍ଷିକ କ୍ରୀଡ଼ା


କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରଛନ୍ତି।

ସମ୍ବଲପୁର,୧୨।୨( ବି.ଶଙ୍କର)

ଶ୍ରୀପୁରା ଗ୍ରାମ ପଞ୍ଚାୟତଠାରେ ନବ ଦାସ ଫାଉଣ୍ଡେଶନ ତରଫରୁ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୦ ଓ ୧୧ ତାରିଖ ଦୁଇଦିନ ଧରି ହୋଇଥିବା ପ୍ରତିଯୋଗିତାରେ ଗ୍ରାମର ଅଙ୍ଗନୱାଡ଼ି, ବାପୁଜୀ ସରକାରୀ ସ୍କୁଲର ଛାତ୍ରଛାତ୍ରୀ, ଯୁବତୀଯୁବକ, ମହିଳା, ବୟସ୍କ ଲୋକେ ଭାଗ ନେଇଥିଲେ। ସବୁ ବର୍ଗର ମୋଟ ୪୦ ଗୋଟି ଖେଳରେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଡ. ଦିବ୍ୟ ପ୍ରକାଶ ପଟ୍ଟନାୟକ, ଡ. ଦିବେନ୍ଦୁ କୁମାର ସାହୁ, ପ୍ରଧାନ ଶିକ୍ଷକ ଧନିରାମ ପଟେଲ, ଝାରସୁଗୁଡା ବ୍ଲକ ଅଧ୍ୟକ୍ଷା ଚିତ୍ରେଣି ପଟେଲ, ଜିଲା ପରିଷଦ ସଭ୍ୟ ଦିଗମ୍ବର ଭୋଇ, ତ୍ରିନାଥ ତ୍ରିପାଠୀ, ଶ୍ରୀପୁରା ନବ ପରିବାର ସଦସ୍ୟ, ମା’ ସମଲେଶ୍ୱରୀ ମହିଳା ଶକ୍ତି ଦୀପାଳି ସେନାର ସଦସ୍ୟା ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୁବନେତା ବିଶାଳ ଦାସ ମୁଖ୍ୟଅତିଥି ଓ ସରପଞ୍ଚ ଯଶୋବନ୍ତି ପାଣ୍ଡେ, ଅବସରପ୍ରାପ୍ତ ଶିକ୍ଷକ ଅକ୍ରୁର ପାଢ଼ୀ, ଦେବେନ୍ଦ୍ର ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ନବ ଦାସ ଫାଉଣ୍ଡେଶନ ଶ୍ରୀପୁରାର ସଂଯୋଜକ ଗଣନାଥ ତ୍ରିପାଠୀ ପରିଚାଳନା କରିଥିଲେ।

## ବାର୍ଷିକ କ୍ରୀଡ଼ା, ଯୁବ ମହୋତ୍ସବ ଉଦ୍‌ଯାପିତ

ପଦ୍ମପୁର,୧୨।୨ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ବୁଧାପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ଯୁବ ମହୋତ୍ସବ ଗ୍ରାମ୍ୟ କମିଟି ସଭାପତି ଡୋଲାମଣି ପଟେଲଙ୍କ ଅଧ୍ୟକ୍ଷତାରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ରଣଜିତ ସିଂ ବରିହା, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସାହୁ, ସରପଞ୍ଚ ଚୈତନ୍ୟ ଲୋହାର, ରାମସିଂ ଭୋଇ, ଏବିଇଓ ଶିବପ୍ରସାଦ ଯୋଷୀ, ଜୟକୁମାର ସାହୁ, ସିଆରସିସି ସନ୍ତୋଷ ବେହେରା, ଦେବାନନ୍ଦ ତୁରିଆ ସମ୍ମାନିତ ଅତିଥି ଏବଂ ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଭିଏସ୍‌ଏସ୍ କ୍ରୀଡ଼ା ସଂସଦ ସଭାପତି ଲୋକନାଥ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ପ୍ରତାପ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ପୌଲସ୍ତୀ ପ୍ରଧାନ, ଜଗନ୍ନାଥ ସାହୁ, ଅଶୋକ ସାହୁ ଖେଳ ପରିଚାଳନା କରିଥିବା ବେଳେ ପୁରସ୍କାର ବଣ୍ଟନରେ ନୀଳିମା ସୁନା, ପୂଜାରାଣୀ ସାହୁ, ବିରେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଟୁନା ତୁମୁନିଆଁ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ


‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦେବଗଡ଼,୧୨।୨ (ଶଶାଙ୍କ ଶେଖର ଝାଙ୍କର)

‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଆନୁକୂଲ୍ୟରେ ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଲ ଗ୍ରାମପଞ୍ଚାୟତ ସଦର ମହକୁମା ଖେଳପଡ଼ିଆଠାରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଦୟାନିଧି ବେହେରାଙ୍କ ପରିଚାଳନା ଓ କଣ୍ଢେଲ ଗ୍ରାମ ପଞ୍ଚାୟତର ସରପଞ୍ଚ ସବିତା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ବିଶିଷ୍ଟ ଅତିଥି ଭାବେ କଣ୍ଢେଲ ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ବୀଣାପାଣି ସାହୁ ଓ ସମ୍ମାନିତ ଅତିଥି ଭାବେ କଣ୍ଢେଲ କ୍ଲଷ୍ଟରର ସିଆରସିସି ପ୍ରଭାତ କୁମାର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଢେଲ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଲିଲି ମହାନନ୍ଦ, କାର୍ଯ୍ୟକ୍ରମର ନୋଡାଲ ଅଫିସର ସୁଜାତା ସାହୁ, କଣ୍ଢେଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଭୋଳେଶ୍ୱର ସାହୁ ଓ ଏମ୍‌ବିକେ ଜୟନ୍ତୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରାଣୀ ସମ୍ପଦ, ମିଶନ ଶକ୍ତି, ସ୍ୱୟଂ ସହାୟିକା ଗୋଷ୍ଠୀ, ଖାଦ୍ୟ ସୁରକ୍ଷା ବିଭାଗ ଓ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଷ୍ଟଲମାନ ଖୋଲା ଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଣ୍ଢେଲ ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଶେଷରେ ଜଣାଶୁଣା କଳାକାରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଭୋଳେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କଣ୍ଢେଲ ଗ୍ରାମ ପଞ୍ଚାୟତର ସମସ୍ତ ସଦସ୍ୟାସଦସ୍ୟ ଓ କର୍ମଚାରୀ ସହଯୋଗ କରିଥିଲେ।

## ଭାଜପାରେ ଯୋଗଦେଲେ ଶତାଧିକ କର୍ମୀ



ଭାଜପାରେ ଯୋଗଦେବା ଅବସରରେ ଅନ୍ୟ ଦଳର କର୍ମୀ।

ବ୍ରଜରାଜନଗର,୧୨।୨(ବିଜୟ ବରାଡ଼)

ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକକର ବାଘମୁଣ୍ଡାଠାରେ ସୋମବାର ଭାଜପାର ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂଙ୍କ ନେତୃତ୍ୱରେ ଶତାଧିକ ଅନ୍ୟ ଦଳର କର୍ମୀ ଭାଜପାରେ ଯୋଗଦେଇଥିଲେ। ରାଜ୍ୟରେ ଦିନକୁ ଦିନ ବଢୁଥିବା ଅତ୍ୟାଚାର, ବେରୋଜଗାରୀ ସମସ୍ୟାରେ ନେଇ ସେମାନେ ଭାଜପାରେ ଯୋଗଦେଇଥିବା କହିଥିଲେ। ଏହି ମିଶ୍ରଣ ପର୍ବରେ ସୁଜିତ ସିଂଙ୍କ ସମେତ ଦିନେଶ ବାନି, ବିରେନ୍ଦ୍ର ପ୍ରଧାନ, ଆକାଶ ବାରିକ, ଜିକେଶ, ରାଜା, ସୁଭେନଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବ୍ୟାଗ ବଣ୍ଟନକୁ ନେଇ ତେଜିଲା ରାଜନୀତି

ବୌଦ୍ଧ,୧୨।୨(ଅଜିତ କୁମାର ବାରିକ)

ସାରା ରାଜ୍ୟରେ ରାଜ୍ୟ ସରକାର ଆମ ଓଡିଶା ନବୀନ ଓଡିଶା ଯୋଜନାରେ ସମସ୍ତ ରେଶନକାର୍ଡଧାରୀଙ୍କୁ ମାଗଣାରେ ଗୋଟିଏ ବଡ ବ୍ୟାଗ ଓ ଗୋଟିଏ ଛୋଟ ବ୍ୟାଗ ପ୍ରଦାନ କରୁଛନ୍ତି । ଏହି ବ୍ୟାଗଗୁଡ଼ିକରେ ଆମ ଓଡିଶା ନବୀନ ଓଡିଶା ଲୋଗ ରହିଥିବାରୁ ଏନେଇ ବୌଦ୍ଧ ଜିଲାରେ ଭାଜପା ପକ୍ଷରୁ ପ୍ରତିବାଦ କରାଯିବା ସହ ବ୍ୟାଗଗୁଡ଼ିକରେ ନିଆଁ ଲଗାଇ ଦେଇଥିବା ଦେଖିବାକୁ ମିଳିଛି। ସୋମବାର ଦିନ ହରଭଙ୍ଗା ବ୍ଲକ ଲୁଣିବାହାଲ ଗ୍ରାମ ପଞ୍ଚାୟତ ପକ୍ଷରୁ ରେଶନକାର୍ଡ ଧାରୀଙ୍କୁ ଖାଲି ବ୍ୟାଗ ବଣ୍ଟନ କରାଯାଉଥିଲା । ଏହି ଖବର ପାଇ ଭାଜପା କର୍ମୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଘୋର ବିରୋଧ କରିବା ସହ ବ୍ୟାଗରେ କେବଳ ରାଜ୍ୟ ସରକାରଙ୍କ ଫଟୋ କାହିଁକି ରହିବ ବୋଲି ପ୍ରଶ୍ନ କରିଥିଲେ । ଚାଉଳ କେନ୍ଦ୍ର ସରକାର ଦେଉଥିବା ବେଳେ ବ୍ୟାଗରେ କାହିଁକି ଚାଉଳ ଦେଉ ନ ଥିବା ନେଇ ମଧ୍ୟ କର୍ମୀମାନେ ପ୍ରଶ୍ନ କରିଥିଲେ। କର୍ମୀମାନେ ବ୍ୟାଗଗୁଡିକୁ ଆଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୋଡ଼ି ଦେଇଥିବା ଦେଖିବାକୁ ମିଳିଥିଲା । ଆଗାମୀ ଦିନରେ ଯଦି ରାଜ୍ୟ ସରକାର ବ୍ୟାଗ ବଣ୍ଟନ ବନ୍ଦ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଭାଜପା ନେତା ସୁବାସ ପ୍ରଧାନ ପ୍ରକାଶ କରିଛନ୍ତି । ଜିଲାର ବୌଦ୍ଧ ଓ କଣ୍ଟାମାଳ ବ୍ଲକରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳିଛି ।

**ପଞ୍ଚାୟତ ଆଗରେ ବ୍ୟାଗ ପୋଡ଼ିଲେ ଭାଜପା କର୍ମୀ**

## ଓରିଏଣ୍ଟ ଖେଳପଡ଼ିଆରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

ବ୍ରଜରାଜନଗର,୧୨।୨(ବିଜୟ ବରାଡ଼)

ଓରିଏଣ୍ଟ ଖେଳପଡିଆରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି କରାଯାଇଛି। ଏହି ମର୍ମରେ ପୂର୍ବତନ ନଗରପାଳ ଜୟନ୍ତ ଦୀକ୍ଷିତଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବ୍ରଜରାଜନଗର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଉପନଗରପାଳ ଗୋପାଳ ସୀତାନି, କାଉନସିଲର ରୁନୁ ବାଗ, ପୂର୍ବତନ କାଉନସିଲର ସତ୍ୟାନନ୍ଦ ଦାସ, ଏନ୍ ଲିଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ ଦର୍ଶାଯାଇଛି, ଓପିଏମ୍ ବନ୍ଦ ପରେ ଏଠାରେ ଥିବା ଖେଳପଡିଆ ଅବସ୍ଥା ଶୋଚନୀୟ ହୋଇଥିଲା। ନଗରପାଳିକା ପଦକ୍ଷେପ ନେବା ଫଳରେ ଏହି ଖେଳପଡିଆ ପୂର୍ବ ସୌନ୍ଦର୍ଯ୍ୟ ଫେରିପାଇବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ବ୍ରଜରାଜନଗରବାସୀ ଅନୁରୋଧ କରିଥିବା ଦର୍ଶାଇଛନ୍ତି।


ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## କୃଷକ ସଂଘର୍ଷ ସଂଘ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

**ଦାବି ପୂରଣରେ ବିଳମ୍ବର ପ୍ରତିବାଦ**

ଦେବଗଡ଼,୧୨।୨ (ଶଶାଙ୍କ ଶେଖର ଝାଙ୍କର)

ଚାଷ ହେଉଥିବା ସରକାରୀ ଜମିର ପଟ୍ଟା ପ୍ରଦାନ, ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ, ଆଦିବାସୀ ଲୋକଙ୍କୁ ଜଙ୍ଗଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ, ରେଙ୍ଗାଲି ବାସଚ୍ୟୁତଙ୍କୁ ଜମି ପ୍ରଦାନ ଏବଂ ଜମିର କିସମ ପରିବର୍ତ୍ତନ ଆଦି ୫ ଦଫା ଦାବି ପୂରଣରେ ବିଳମ୍ବ ଦେଖାଦେଇଛି। ଏଣୁ ଏହାର ପ୍ରତିବାଦରେ ସୋମବାର ଦେବଗଡ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ବାରକୋଟ ବ୍ଲକ ଅନ୍ତର୍ଗତ ରମ୍ଭେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ରମ୍ଭେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ପଞ୍ଚାୟତ କାର୍ଯ୍ୟାଳୟ


କୃଷକ ସଂଘର୍ଷ ସଂଘ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ଦିଆଯାଉଛି।

ଘେରାଉ କରିଥିଲେ। ଏକ ସପ୍ତାହ ମଧ୍ୟରେ ଉପରୋକ୍ତ ଦାବି ପୂରଣ ନିମନ୍ତେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନ୍ୟଥା ଆଗାମୀ ୧୯ ତାରିଖ କୃଷକ ସଂଘର୍ଷ ସଂଘ ପକ୍ଷରୁ ପୁଣିଥରେ ଆନ୍ଦୋଳନ କରାଯିବ ବୋଲି ଲିଖିତ ଚେତାବନୀ ଦିଆଯାଇଛି। ଏହି ଘେରାଉରେ ଅନ୍ୟମାନଙ୍କ ମଧ୍ୟରେ ସଂଘର୍ଷ ସଂଘର ସମ୍ପାଦକ ଗୁଣନିଧି ବେହେରା, ଚେଣ୍ଡାଳ ଜାଲ, ଲିଙ୍ଗରାଜ ଖୁଣ୍ଟିଆ, ତ୍ରିଲୋଚନ ବେହେରା ଓ ଶଶୀଭୂଷଣ ନାୟକଙ୍କ ସମେତ ରମ୍ଭେଇ ଗ୍ରାମ ପଞ୍ଚାୟତର ବହୁ ଚାଷୀ ଓ କୃଷକ ନେତା ସାମିଲ ଥିଲେ। ଜିଲା କୃଷକ ସଂଘର୍ଷ ସଂଘର ଅଭିଯୋଗ ଅନୁଯାୟୀ ଗତ ୨୦୨୩ ନଭେମ୍ବର ୨୨ରେ ଉପରୋକ୍ତ ୫ ଦଫା ଦାବିନେଇ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଦରଖାସ୍ତ ପ୍ରଦାନ କରାଯାଇଥିଲା। ମାତ୍ର ଅଦ୍ୟାବଧି ଦାବି ପୂରଣ ନେଇ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏଣୁ ଏହାର ପ୍ରତିବାଦରେ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଏଭଳି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିବା ସଂଘର୍ଷ ସଂଘର ସଭାପତି ହେମ୍ବ୍ରମ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।

# କଂଗ୍ରେସରୁ ଅଶୋକ ଚଭନ୍‌ଙ୍କ ଇସ୍ତଫା



**ମୁମ୍ବାଇ, ୧୨।୨:** ଆଗାମୀ ଲୋକ ସଭା ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ରରେ କଂଗ୍ରେସକୁ ପୁଣି ବଡ଼ ଝଟକା ଲାଗିଛି। ବରିଷ୍ଠ ନେତା ମିଲିନ୍ଦ ଦେଓରା ଓ ବାବା ସିଦ୍ଦିକୀଙ୍କ ପରେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ୍। ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ମହା ବିକାଶ ଅଗାଡ଼ି ତରଫରୁ ସିଟ୍ ବୁଝାମଣା ବିଳମ୍ବ ହେଉଥିବା ନେଇ ଗତ କିଛିଦିନ ହେବ ଅସନ୍ତୋଷ ପ୍ରକାଶ କରିଥିଲେ ଅଶୋକ। ତେବେ ସେ କେଉଁ ଦଳରେ ଯୋଗଦେବେ ସେନେଇ କୌଣସି ନିଷ୍ପତ୍ତି ନେଇ ନ ଥିବା ପ୍ରକାଶ କରିଛନ୍ତି। କୌଣସି ଦଳ ସହ ସମ୍ପର୍କ ସ୍ଥାପନ ହୋଇ ନ ଥିବା କହିବା ସହ ଆଗାମୀ କିଛି ଦିନ ମଧ୍ୟରେ ସେ ଏନେଇ ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ରିପୋର୍ଟରୁ ମିଳୁଥିବା ଖବର ଅନୁଯାୟୀ ଅଶୋକ ଖୁବ୍‌ଶୀଘ୍ର ଭାଜପାରେ ଯୋଗ ଦେଇ ରାଜ୍ୟ ସଭା ଟିକେଟ ପାଇବାର ମଧ୍ୟ ସମ୍ଭାବନା ରହିଛି। ନିଜ ଲମ୍ବା ରାଜନୈତିକ କ୍ୟାରିଅରରେ ୪ ଥର ବିଧାୟକ ଓ ୨ ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ଅଶୋକ ୨୦୦୮ରୁ ୨୦୧୦ ଯାଏଁ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲେ।

# କୃଷକ ଆନ୍ଦୋଳନ ପୂର୍ବରୁ ଦିଲ୍ଲୀରେ ୧୪୪ ଧାରା

ନୂଆଦିଲ୍ଲୀ,୧୨।୨

କୃଷକମାନେ ମଙ୍ଗଳବାରଠାରୁ 'ଦିଲ୍ଲୀ ଚଲୋ' ଅଭିଯାନରେ ବାହାରିବାକୁ ଥିବାବେଳେ ଏହା ପୂର୍ବରୁ ଦିଲ୍ଲୀ ପୋଲିସ ସାରା ସହରରେ ଆଗାମୀ ୩୦ ଦିନ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରିଛି। ମାର୍ଚ୍ଚ ୧୨ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଜାତୀୟ ରାଜଧାନୀରେ ଆଇନଶୃଙ୍ଖଳା ବଜାୟ ରଖିବା ସହ ରାଲି, ଶୋଭାଯାତ୍ରା ଏବଂ ରାସ୍ତା ଅବରୋଧକୁ ବନ୍ଦ କରିବା ପାଇଁ ଏଭଳି କଟକଣା ଲାଗୁ ହୋଇଥିବା ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଆରୋରା କହିଛନ୍ତି। କୃଷକମାନଙ୍କ ଶୋଭାଯାତ୍ରା ଦିଲ୍ଲୀରେ ପ୍ରବେଶ କଲେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇବା ସହ ଉପଦ୍ରବ ଓ ହିଂସାକାଣ୍ଡ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। କୃଷକମାନେ ଟ୍ରାକ୍ଟର, ଟ୍ରଲି, ଟ୍ରେଲର ଓ ଅନ୍ୟ ଯାନବାହନରେ ଦିଲ୍ଲୀରେ ପ୍ରବେଶ କଲେ ଯାତାୟାତରେ ପ୍ରତିବନ୍ଧକ ହେବା ସହ ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ପୋଲିସ କମିଶନର କହିଛନ୍ତି।



ସିଙ୍ଘୁ ସୀମା ନିକଟ ୪୪ ନଂ ଜାତୀୟ ରାଜପଥରେ ତାରବାଡ଼ ଲଗାଯାଉଛି।

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଗ୍ୟାରେଣ୍ଟି ପାଇଁ ଆଇନ ଆଣିବା ଦାବିରେ ଉତ୍ତରପ୍ରଦେଶ, ହରିୟାଣା ଏବଂ ପଞ୍ଜାବର କୃଷକ ସଂଗଠନଗୁଡ଼ିକ ଫେବୃଆରୀ ୧୩ରୁ ଦିଲ୍ଲୀ ଚଲୋ ଡାକରା ଦେଇଥିଲେ। ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ସର୍ତ୍ତରେ ଚାଷୀମାନେ ୨୦୨୧ରେ ଆନ୍ଦୋଳନ ପ୍ରତ୍ୟାହାର କରିନେବାକୁ ରାଜି ହୋଇଥିଲେ।

କୃଷକଙ୍କ ଦିଲ୍ଲୀ ଅଭିଯାନ ପୂର୍ବରୁ ପୋଲିସ ସୋମବାର ଗାଜିପୁର ସୀମାରେ ବ୍ୟାରିକେଡ୍ ଲଗାଇଥିଲା। ହରିୟାଣା ସରକାର ରାସ୍ତାରେ ତାରବାଡ଼ ଓ କଣ୍ଟା ପୋତିବାରୁ ପଞ୍ଜାବ ଏବଂ ଭାରତ ମଧ୍ୟରେ ସୀମା ସୃଷ୍ଟି କରନାହିଁ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଥିଲେ। ଦିଲ୍ଲୀରେ ମାସେ ପର୍ଯ୍ୟନ୍ତ ୧୪୪ ଧାରା ରହିଲେ, କୌଣସି ପ୍ରକାର ଆନ୍ଦୋଳନ, ରାଲି, ଶୋଭାଯାତ୍ରା କିମ୍ବା ସଭା ହୋଇପାରିବ ନାହିଁ। ୫ରୁ ଅଧିକ ଲୋକଙ୍କୁ ଏକାଠି ହେବାକୁ ଅନୁମତି ମିଳିବ ନାହିଁ। ଦିଲ୍ଲୀକୁ କୃଷକମାନଙ୍କୁ ଆଣିବା ପାଇଁ କିମ୍ବା ହିଂସାକାଣ୍ଡ ସୃଷ୍ଟି ଉଦ୍ଦେଶ୍ୟରେ ଲାଠି, ଠେଙ୍ଗା, ଖଣ୍ଡା, ବର୍ଚ୍ଛା, ଆଗ୍ନେୟାସ୍ତ୍ର ପରିବହନ ପାଇଁ ଟ୍ରାକ୍ଟର ଟ୍ରଲି କିମ୍ବା ଅନ୍ୟ କୌଣସି ଯାନକୁ ଦିଲ୍ଲୀରେ ପ୍ରବେଶ ଅନୁମତି ମିଳିବ ନାହିଁ।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ତାଙ୍କ ପଞ୍ଜାବ ପ୍ରତିପକ୍ଷ ଭଗୱନ୍ତ ମାନ୍ ସସ୍ତ୍ରୀକ ସୋମବାର ଅଯୋଧ୍ୟାର ରାମମନ୍ଦିରରେ ଭଗବାନ ରାମଙ୍କ ଦର୍ଶନ କରୁଛନ୍ତି।

## ନାସାର 'ଆଇଏମ୍ -୧' ମିଶନ

# ଚନ୍ଦ୍ରରେ ଅବତରଣ କରିବ ନୋଭା-ସି ଲାଣ୍ଡର

ୱାଶିଂଟନ, ୧୨।୨

ଆମେରିକୀୟ ମହାକାଶ ସଂସ୍ଥା ନାସା ନୋଭା-ସି ନାମକ ଏକ ଲାଣ୍ଡରକୁ ଖୁବ୍‌ଶୀଘ୍ର ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁ ଅଞ୍ଚଳରେ ଅବତରଣ କରାଇବାକୁ ଯାଉଛି। ନାସାର 'ଆଇଏମ୍ -୧' ମିଶନ ଅଧୀନରେ ଚନ୍ଦ୍ରପୃଷ୍ଠର ଦକ୍ଷିଣମେରୁରେ ଥିବା 'ମାଲାପର୍ଟ ଏ କ୍ରେଟର'ରେ ନୋଭା-ସି ଲାଣ୍ଡର ସଫ୍ଟ ଲ୍ୟାଣ୍ଡିଂ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଚନ୍ଦ୍ରର ଦକ୍ଷିଣ ମେରୁଠାରୁ ଏହା ପ୍ରାୟ ୩୦୦ କି.ମି. ଦୂରରେ ଅବସ୍ଥିତ। ବୈଜ୍ଞାନିକ ଅଧ୍ୟୟନ ଓ ଉନ୍ନତ ଜ୍ଞାନ କୌଶଳର ଅନ୍ୱେଷଣ 'ମିଶନ ଆଇଏମ୍ -୧'ର ଉଦ୍ଦେଶ୍ୟ ଥିବା ନାସା ସ୍ପଷ୍ଟ କରିଛି। ଭାରତର ଚନ୍ଦ୍ରୟାନ - ୩ ଅବତରଣ ସ୍ଥଳ ଶିବଶକ୍ତି ପଏଣ୍ଟଠାରୁ ଏହି ସ୍ଥାନ ପ୍ରାୟ ୧୫୦୦ କି.ମି. ଦୂରରେ ଅବସ୍ଥିତ।

# ଆସ୍ଥା ଜିତିଲେ ନୀତୀଶ



ପାଟନା,୧୨।୨

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ-ଭାଜପା ସରକାର ସୋମବାର ଅପରାହ୍ନରେ ଗୁରୁତ୍ୱପୂର୍ଣ୍ଣ ଆସ୍ଥା ଭୋଟ ଜିତିନେଇଛି। ଏହା ପୂର୍ବରୁ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଆର୍‌ଜେଡି, କଂଗ୍ରେସ ଏବଂ ବାମଦଳର ସଦସ୍ୟମାନେ ବିଧାନସଭାରେ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ଏନ୍‌ଡିଏ ସରକାରଙ୍କ ସପକ୍ଷରେ ବିରୋଧୀ ଆର୍‌ଜେଡିର ୩ ସଦସ୍ୟଙ୍କ ସମେତ ୧୨୯ ବିଧାୟକ ଭୋଟ ଦେଇଥିଲେ।

ପ୍ରଥମେ ଗୃହରେ ଏକ ପ୍ରସ୍ତାବ ଗୃହୀତ ହୋଇ ବିଧାନସଭା ବାଚସ୍ପତି ପଦରୁ ଆର୍‌ଜେଡିର ଅୱଧ ବିହାରୀ ଚୌଧରୀଙ୍କୁ ବହିଷ୍କାର କରାଯାଇଥିଲା। ଏହା ପରେ ଭାଜପା ସହ ମିଶି ନୂଆ ସରକାର ଗଢ଼ିଥିବା ନୀତୀଶ ବିଧାନସଭାରେ ଆସ୍ଥା ଲୋଡ଼ିଥିଲେ। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ଆସ୍ଥା ଜିତିବା ପାଇଁ ୧୨୨ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ଜେଡିୟୁ, ଭାଜପା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନରାମ ମାନ୍‌ଝିଙ୍କ ଦଳ ସମେତ ଜଣେ ସ୍ୱାଧୀନ ବିଧାୟକଙ୍କୁ ମିଶାଇ ନୀତୀଶଙ୍କ ସରକାର ପଛରେ ୧୨୮ ବିଧାୟକଙ୍କ ସମର୍ଥନ ରହିଥିବା ଦାବି

## ବିରୋଧୀଙ୍କ କକ୍ଷତ୍ୟାଗ

ହୋଇଥିଲା। ଆର୍‌ଜେଡିର ୩ ବିଧାୟକ ପ୍ରହ୍ଲାଦ ଯାଦବ, ଚେତନ ଆନନ୍ଦ ଏବଂ ନୀଲମ ଦେବୀ ଆସ୍ଥା ସପକ୍ଷରେ ଭୋଟ ଦେଇଥିଲେ। ଆସ୍ଥା ଜିତିବା ପରେ ନୀତୀଶ ତାଙ୍କ ପୂର୍ବତନ ଡେପୁଟୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପୂର୍ବରୁ ସରକାରରେ ଥିବା ଆର୍‌ଜେଡି ଦୁର୍ନୀତିରେ ଲିପ୍ତ ଥିଲା। ରାଜ୍ୟରେ ଆଇନ ଶୃଙ୍ଖଳା ନ ଥିଲା। ନୂଆ ଏନ୍‌ଡିଏ ନେତୃତ୍ୱାଧୀନ ସରକାର ଏହାର ତଦନ୍ତ କରିବ ବୋଲି ନୀତୀଶ କହିଛନ୍ତି। ଅନ୍ୟପକ୍ଷରେ ତେଜସ୍ୱୀ ମଧ୍ୟ ନିଜ ବକ୍ତବ୍ୟରେ ନୀତୀଶଙ୍କୁ ଟାର୍ଗେଟ କରିବା ସହ ନିଜକୁ ପୁତୁରା ବୋଲି କହି ସେ ରାଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଟକାଇବେ ବୋଲି କହିଥିଲେ। ସେ ନୀତୀଶଙ୍କୁ କଡ଼ା ଶବ୍ଦରେ ସମାଲୋଚନା କରିବା ସହ ଭାଜପା ତାଙ୍କୁ 'ପଲଟୁ କୁମାର' କହିଥିବା କଥା ମନେ ପକାଇଦେଇଥିଲେ। ଭାଜପା ମହାମେଣ୍ଟ ସରକାରକୁ ଭୟ କରୁଥିଲା। ନୀତୀଶ ଯେ ଆଉ ପଲଟିବେ ନାହିଁ, ଏ ଗ୍ୟାରେଣ୍ଟି ମୋଦି ଦେଇପାରିବେ କି ବୋଲି ତେଜସ୍ୱୀ ପ୍ରଶ୍ନ କରିଥିଲେ। ତେଜସ୍ୱୀଙ୍କ ଭାଷଣ ପରେ ଆର୍‌ଜେଡି, କଂଗ୍ରେସ ଏବଂ ବାମଦଳ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

# ସୌମ୍ୟା ବିଶ୍ୱନାଥନ୍‌ଙ୍କ ୪ ହତ୍ୟାକାରୀଙ୍କୁ ଜାମିନ, ଆଜୀବନ ଜେଲଦଣ୍ଡ ସ୍ଥଗିତ

**ନୂଆଦିଲ୍ଲୀ,୧୨।୨:** ଟିଭି ସାମ୍ବାଦିକା ସୌମ୍ୟା ବିଶ୍ୱନାଥନ୍ ହତ୍ୟା ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ୪ ଅପରାଧୀଙ୍କୁ ଦିଲ୍ଲୀ ହାଇକୋର୍ଟ ସୋମବାର ଜାମିନ ମଞ୍ଜୁର କରିଛନ୍ତି। ଅଦାଲତଙ୍କ ରାୟ ଏବଂ ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରି ରବି କପୁର, ଅମିତ ଶୁକ୍ଲା, ବଲଜିତ ସିଂ ମଲିକ ଏବଂ ଅଜୟ କୁମାର ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏହାର ବିଚାର ଶେଷ ହେବା ପର୍ଯ୍ୟନ୍ତ ଜଷ୍ଟିସ୍ ସୁରେଶ କୁମାର କୈତ ଏବଂ ମନୋଜ ଜୈନଙ୍କ ଖଣ୍ଡପୀଠ ଅପରାଧୀମାନଙ୍କ ଦଣ୍ଡକୁ ସ୍ଥଗିତ ରଖିଛନ୍ତି। ଅପରାଧୀମାନେ ବର୍ତ୍ତମାନ ସୁଦ୍ଧା ୧୪ ବର୍ଷ ଜେଲରେ ରହିସାରିଲେଣି ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ଏକ ଇଂଲିଶ ନ୍ୟୁଜ୍ ଚ୍ୟାନେଲ ପାଇଁ କାମ କରୁଥିବା ସୌମ୍ୟାଙ୍କୁ ୨୦୦୮ ସେପ୍ଟେମ୍ବର ୩୦ରେ ଦକ୍ଷିଣ ଦିଲ୍ଲୀର ନେଲସନ ମାଣ୍ଡେଲା ମାର୍ଗରେ ଗୁଳିକରି ହତ୍ୟା କରାଯାଇଥିଲା। ସ୍ୱତନ୍ତ୍ର ଅଦାଲତ ୨୦୨୩ ନଭେମ୍ବର ୨୬ରେ ୬ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଦୁଇଟି ଆଜୀବନ ଜେଲଦଣ୍ଡ ଶୁଣାଇଥିଲେ। ପଞ୍ଚମ ଅଭିଯୁକ୍ତ ଅଜେୟ ସେଠୀଙ୍କୁ ୩ ବର୍ଷ ଜେଲଦଣ୍ଡ ହୋଇଥିଲା।

# ବିରୋଧୀ ଆସନରେ ବସିବ ଇମ୍ରାନ୍‌ଙ୍କ ଦଳ

ଇସ୍ଲାମାବାଦ,୧୨।୨

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ନିର୍ବାଚନରେ କାହାକୁ ସଂଖ୍ୟାଗରିଷ୍ଠତା ମିଳି ନାହିଁ। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ (ପିଟିଆଇ) ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ମଧ୍ୟ ଏହା ବିରୋଧୀ ଆସନରେ ବସିବାକୁ ନିଷ୍ପତ୍ତି ନେଇଛି। ପିଏମ୍‌ଏଲ୍-ଏନ୍ କିମ୍ବା ପିପିପି ନେତୃତ୍ୱାଧୀନ ସରକାର ସହ ପିଟିଆଇ ମେଣ୍ଟ କରିବ ନାହିଁ ବୋଲି ଏହାର ନେତା ବାରିଷ୍ଟର ଗୋହର ଅଲି ଖାନ୍ ଘୋଷଣା କରିଛନ୍ତି। ସରକାର ଗଢ଼ିବା ପାଇଁ ୨୬୬ ସଦସ୍ୟ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ ଆମର ଯଥେଷ୍ଟ ସଂଖ୍ୟା ନାହିଁ। ପ୍ରତିଦ୍ୱନ୍ଦ୍ୱୀ ପିଏମ୍‌ଏଲ୍-ଏନ୍ କିମ୍ବା ପିପିପି ସହ ପିଟିଆଇ ହାତ ମିଳାଇବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

ନିର୍ବାଚନରେ ଇମ୍ରାନ୍‌ଙ୍କ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ୧୦୧ ଆସନ ଜିତିଥିବାବେଳେ ନୱାଜ ଶରିଫଙ୍କ



ପିଏମ୍‌ଏଲ୍-ଏନ୍ ୭୫, ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି ୫୪ ଆସନ ଜିତିଥିଲା। ମୁତ୍ତାହିଦା କ୍ୱାମି ମୁଭ୍‌ମେଣ୍ଟ-ପାକିସ୍ତାନ (ଏମ୍‌କ୍ୟୁଏମ୍-ପି) ୧୭ ଆସନ ପାଇଥିବାବେଳେ ବାକି ୧୭ ଆସନ ଅନ୍ୟ ଛୋଟ ଦଳଗୁଡ଼ିକୁ ଯାଇଛି। ଏବେ ପିଏମ୍‌ଏଲ୍-ଏନ୍, ପିପିପି ଏବଂ ଏମ୍‌କ୍ୟୁଏମ୍-ପି ମିଳିତ ଭାବେ ସହଭାଗୀ ମେଣ୍ଟ ସରକାର ଗଢ଼ିବାକୁ ଯାଉଥିବା ନୱାଜ କହିଛନ୍ତି। ସରକାରରେ କିଏ କେଉଁ ବିଭାଗ ଓ ପଦବୀ ପାଇବ ତାକୁ ନେଇ ଆଲୋଚନା ଜାରି ରହିଛି।

# ଟିଏମ୍‌ସି ନେତାଙ୍କ ଗିରଫ ଦାବିରେ ଆନ୍ଦୋଳନ ଜାରି

କୋଲକାତା,୧୨।୨(ପି.ଟି.)

ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲାର ସନ୍ଦେଶଖାଲି ବ୍ଲକ୍ ଅଞ୍ଚଳରେ ମହିଳାମାନଙ୍କୁ ଯୌନ ନିର୍ଯାତନା ଓ ସେମାନଙ୍କ ଜମିକୁ ବଳପୂର୍ବକ ଦଖଲ କରିବା ଅଭିଯୋଗରେ ଟିଏମ୍‌ସି ନେତା ଶେଖ୍ ଶାଜାହାନ ଓ ତାଙ୍କ ଗ୍ୟାଙ୍ଗକୁ ଗିରଫ କରିବା ଦାବିରେ ୫ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିବା ୬ ଜଣ ଭାଜପା ବିଧାୟକଙ୍କୁ ଗୃହରୁ ନିଲମ୍ବନ କରାଯାଇଛି। ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ସୋମବାର ଉତ୍ତେଜନାପୂର୍ଣ୍ଣ ସନ୍ଦେଶଖାଲି ବ୍ଲକ୍‌କୁ ଗସ୍ତରେ ଯାଇ ପୀଡ଼ିତା ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ଶାଜାହାନଙ୍କ ବାସଭବନରେ ଚଢ଼ାଉ କରିବାକୁ ଯାଇଥିଲାବେଳେ ସେମାନଙ୍କ ଉପରେ ଆକ୍ରମଣ ହୋଇଥିଲା। ସେବେଠାରୁ ଶାଜାହାନ ଫେରାର ଥିବାବେଳେ ୱାଣ୍ଟେଡ୍ ତାଲିକାରେ ରହିଛନ୍ତି। ରାଜ୍ୟପାଳ ବୋଷ କେରଳ ଗସ୍ତକୁ କାଟଛାଣ୍ଟ କରି ସନ୍ଦେଶଖାଲି ଯାଇଥିବାବେଳେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ଘଟଣାରେ ମର୍ମାହତ ହୋଇଛନ୍ତି। ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ରାଜ୍ୟରେ ଏଭଳି ଘଟଣା ଘଟିବା ବିଶ୍ୱାସ କରିହେଉନାହିଁ ବୋଲି ବୋଷ ଖବରଦାତାମାନଙ୍କୁ କହିଛନ୍ତି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ରାଜ୍ୟପାଳଙ୍କ ଗସ୍ତକୁ ଗୁରୁତ୍ୱ ନ ଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।



ଯୌନ ନିର୍ଯାତନାକାରୀ ଟିଏମ୍‌ସି ନେତା ଶେଖ୍ ଶାଜାହାନଙ୍କ ଗିରଫ ଦାବିରେ ମହିଳାଙ୍କ ବିକ୍ଷୋଭ।

- ସନ୍ଦେଶଖାଲିରେ ମହିଳାଙ୍କୁ ଯୌନ ନିର୍ଯାତନା
- ୬ ଭାଜପା ବିଧାୟକ ଗୃହରୁ ନିଲମ୍ବିତ

ସୋମବାର ରାଜ୍ୟ ବିଧାନସଭାରେ ସନ୍ଦେଶଖାଲି ପ୍ରସଙ୍ଗ ଉଠାଇ ଭାଜପା ବିଧାୟକମାନେ ମମତାଙ୍କୁ ଜବାବ ମାଗିବାରୁ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଭାଜପା ବିଧାୟକମାନେ ଗୃହ ମଧ୍ୟଭାଗରେ ବସିରହି ସ୍ଲୋଗାନ ଦେବାରୁ ବିଧାନସଭାରେ ଅଚଳାବସ୍ଥା ଦେଖାଦେଇଥିଲା। ଶେଷରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ସମେତ ୬ ଜଣ ଭାଜପା ବିଧାୟକଙ୍କୁ ଅଧିବେଶନର ଅବଶିଷ୍ଟ ଦିନ ପାଇଁ ନିଲମ୍ବନ କରାଯାଇଥିଲା।

## ଫୁର୍‌ସତ୍

# ଦଶରଥ ଭୂମିକାରେ ନଜର ଆସିବେ ଅମିତାଭ



ମୁମ୍ବାଇ

ନୀତୀଶ ତିୱାରୀ ତାଙ୍କ ଡ୍ରିମ୍ ପ୍ରୋଜେକ୍ଟ 'ରାମାୟଣ'ରେ ସବୁଠାରୁ ବଡ ଷ୍ଟାରକାଷ୍ଟଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଉଦ୍ୟମ ଚଳାଇଛନ୍ତି। ମାଆ ସୀତା ଭୂମିକାରେ ସେ ସାଇ ପଲ୍ଲବୀଙ୍କୁ ଏବଂ ପ୍ରଭୁ ରାମଙ୍କ ଭୂମିକାରେ ରଣବୀର କପୁରଙ୍କୁ କାଷ୍ଟ କରୁଛନ୍ତି। ଏବେ ଖବର ଆସୁଛି ଯେ ଅମିତାଭ ବଚ୍ଚନ ମଧ୍ୟ ଏହି ଫିଲ୍ମରେ ନଜର ଆସିବେ। ଜୁମ୍ ଏଣ୍ଟରଟେନ୍‌ମେଣ୍ଟର ଏକ ରିପୋର୍ଟ ଅନୁଯାୟୀ ଅମିତାଭ ବଚ୍ଚନ ନୀତୀଶଙ୍କ 'ରାମାୟଣ'ରେ ରାଜା ଦଶରଥଙ୍କ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ସୂଚନାନୁସାରେ, ଏହି ଭୂମିକା ପାଇଁ ଅମିତାଭ ବଚ୍ଚନଙ୍କୁ ଆପ୍ରୋଚ କରାଯାଇଛି। ଏହା ପ୍ରଥମ ଘଟଣା ନୁହେଁ। ବହୁଦିନ ପୂର୍ବେ ବିଗ୍ ବିଙ୍କୁ ରାଜା ଦାଶରଥଙ୍କ ଭୂମିକା ଅଫର ଦିଆଯାଇଥିଲା। ସୂଚନାଯୋଗ୍ୟ, ସଞ୍ଜୟ ଖାନ୍ ଦି ଲିଜେଣ୍ଡ ଅଫ୍ ରାମ ଟାଇଟଲ ସହିତ ଏକ ଚଳଚ୍ଚିତ୍ର ନିର୍ମାଣ କରୁଥିଲେ। ସେତେବେଳେ ମଧ୍ୟ ରାଜା ଦଶରଥଙ୍କ ଭୂମିକା ପାଇଁ ଅମିତାଭଙ୍କ ନିକଟକୁ ଯାଇଥିଲେ। ଏହି ଚଳଚ୍ଚିତ୍ରରେ ରାମ ଭୂମିକାରେ ହ୍ରିତିକ ରୋଶନଙ୍କୁ ଦେଖିବାକୁ ମିଳିଥିଲା। ସଞ୍ଜୟଙ୍କ ପୁଅ ଜାଏଦ ଖାନ୍ ଲକ୍ଷ୍ମଣ ହେବାକୁ ଯାଉଥିଲେ। ତେବେ କୌଣସି କାରଣରୁ ଫିଲ୍ମକୁ ନିର୍ମାଣ କରାଯାଇ ନ ଥିଲା। ଏବେ ଅମିତାଭ ବଚ୍ଚନଙ୍କ ବିଷୟରେ ଖବର ଆସିଛି ଯେ ସେ 'ରାମାୟଣ'ରେ ରାଜା ଦଶରଥ ଭୂମିକାରେ ଅଭିନୟ କରିପାରିବେ ଏବଂ ବିଗ୍ ବି ତୁଳସୀ ପୂଜା କରିବା ସମୟରେ ସୋସିଆଲ ମିଡିଆରେ ଫଟୋ ଶେୟାର କରିଛନ୍ତି। ଏହି ଫଟୋଗୁଡ଼ିକରେ ଅମିତାଭ ତୁଳସୀଙ୍କୁ ଜଳ ଏବଂ କ୍ଷୀର ଦେଉଥିବାର ନଜର ଆସିଛନ୍ତି।

# ଗାଡ଼ି ଚଳାଉଛନ୍ତି ୯୫ ବର୍ଷୀୟା



କୋହିମା

ଶିଖିବାର କୌଣସି ବୟସ ନ ଥାଏ। ଏହି ଅର୍ଥକୁ ସାର୍ଥକ କରୁଥିବା ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଜଣେ ୯୫ ବର୍ଷ ବୟସ୍କା ବୃଦ୍ଧା ଏକ କାର ଚଳାଉଥିବା ନଜର ଆସୁଛନ୍ତି। ଏହି ଭିଡିଓଟିକୁ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନେ ବହୁଳ ଭାବେ ପସନ୍ଦ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏହି ଭିଡିଓକୁ ନାଗାଲାଣ୍ଡ ସରକାରଙ୍କ ମନ୍ତ୍ରୀ ତଥା ଭାଜପା ନେତା ଟେମ୍‌ଜେନ୍ ଇମ୍‌ନା ଆଲୋଙ୍ଗ ଶେୟାର କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଟେମ୍‌ଜେନ୍ ବେଶ୍ ସକ୍ରିୟ ରହୁଥିବା ବେଳେ ତାଙ୍କର ଏହି ପୋଷ୍ଟଟି ଅଳ୍ପ କିଛି ସମୟ ମଧ୍ୟରେ ଭାଇରାଲ ହେବାରେ ଲାଗିଥିଲା। ଏହି ପୋଷ୍ଟରେ ଜଣେ ବୃଦ୍ଧା ବେଶ୍ ଖୁସି ମିଜାଜରେ କାର ଚଳାଉଥିବା ଦେଖାଯାଇଛି। ବୃଦ୍ଧା ଜଣକ କାର୍‌ର ଡ୍ରାଇଭିଂ ସିଟ୍‌ରେ ବସିଥିବାବେଳେ ତାଙ୍କ ନାତି ମଧ୍ୟ ପାଖରେ ରହିଛନ୍ତି। ନାତିଠାରୁ ବୃଦ୍ଧା ମହିଳା ଜଣକ ଗାଡ଼ି ଚଳାଇବା ଶିଖୁଥିବା ନଜର ଆସୁଛନ୍ତି। ଏହି ସମୟରେ ବୃଦ୍ଧା ଜଣକ ନିଜ ନାତିଙ୍କ ସହ ଖୁସିରେ କଥାବାର୍ତ୍ତା ହେଉଛନ୍ତି। ଭିଡିଓରେ ନାତି ଜଣକ ଅନେକ ପ୍ରଶ୍ନ ପଚାରୁଥିବା ବେଳେ ଏହାର ଅତି ମଜାଳିଆ ଢଙ୍ଗରେ ଉତ୍ତର ଦେଉଛନ୍ତି ତାଙ୍କ ଜେଜେ ମା'। ଉଭୟଙ୍କ ମଧ୍ୟରେ ଏହି କଥୋପକଥନକୁ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନେ ବେଶ୍ ପସନ୍ଦ କରୁଛନ୍ତି।

# ବଲିଉଡ୍‌କୁ ଫେରିବେ ବ୍ରହ୍ମାନନ୍ଦମ୍



ମୁମ୍ବାଇ

ଟଲିଉଡ୍‌ର ହାସ୍ୟାଭିନେତା ବ୍ରହ୍ମାନନ୍ଦମ୍ ଦୀର୍ଘ ୨୫ ବର୍ଷର ବ୍ୟବଧାନ ପରେ ପୁଣି ବଲିଉଡ୍‌କୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ସେ ଦୀର୍ଘ ସମୟ ପରେ ଟଲିଉଡ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। 'କିଡ଼ା କୋଲା' ଚଳଚ୍ଚିତ୍ର ସହ ବ୍ରହ୍ମାନନ୍ଦମ୍ ନିକଟରେ ଟଲିଉଡ୍‌କୁ ଫେରିଛନ୍ତି। ତାଙ୍କୁ ଗୁରୁ ରାନ୍ଧୱାଙ୍କ ଚଳଚ୍ଚିତ୍ର 'କୁଛ ଖଟ୍ଟା ହୋ ଜାୟେ'ରେ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ରରେ ଗୁରୁ ନିଜେ ହିରୋ ଭାବରେ ଡେବ୍ୟୁ କରୁଛନ୍ତି। ଏଥିରେ ଅଭିନେତ୍ରୀ ସାଇ ମଞ୍ଜରେକର୍ ମଧ୍ୟ ଅଭିନୟ କରିବେ। ଜି. ଅଶୋକଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ବ୍ରହ୍ମାନନ୍ଦମ୍‌ଙ୍କ ଭୂମିକା ନେଇ ଏପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ। ଫିଲ୍ମ ଦେଖିବା ପରେ ହିଁ ଏହା ଜଣାପଡିବ।

# ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନରେ ବ୍ରାଜିଲ ବିଫଳ

**କାରାକାସ୍, ୧୨।୨ (ପି.ଟି.)**

ଫୁଟବଲର ପାୱାର ହାଉସ୍ ବ୍ରାଜିଲ୍ ଫୁଟବଲ ଦଳ ପ୍ୟାରିସ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ସୋମବାର ଆର୍ଜେଣ୍ଟିନା ୨୩ ବର୍ଷରୁ କମ୍ ଦଳ ନିକଟରୁ ୧–୦ରେ ହାରିବା ସହ ଡିଫେଣ୍ଡିଂ ଚାମ୍ପିୟନ ବ୍ରାଜିଲ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ଦକ୍ଷିଣ ଆମେରିକୀୟ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରୁ ପାରାଗୁଏ ଓ ଆର୍ଜେଣ୍ଟିନା ଯୋଗ୍ୟତା ହାସଲ କରିଛନ୍ତି। ପାରାଗୁଏ

**୨୦ ବର୍ଷରେ ପ୍ରଥମ ଥର ଖେଳିବନି**

**ଆର୍ଜେଣ୍ଟିନାକୁ ଯୋଗ୍ୟତା**

ଟେବୁଲ ଶୀର୍ଷରେ ରହିଥିବା ବେଳେ ଆର୍ଜେଣ୍ଟିନା ଦ୍ୱିତୀୟ ସ୍ଥାନରେ ରହିଛି। କାରାକାସ୍‌ର ଦ ବ୍ରିଗିଡୋ ଇରିଆର୍ଟେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଆର୍ଜେଣ୍ଟିନା ପକ୍ଷରୁ ଲୁସିଆନୋ ଗୋଣ୍ଡୋଉ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ୭୮ତମ ମିନିଟ୍‌ରେ ଭାଲେଣ୍ଟିନୋ ବାର୍ସୋଙ୍କ କ୍ରସ୍‌କୁ ହେଡ୍ କରି ସେ ଏହି ଗୋଲ ଦେଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଭେନେଜୁଏଲାକୁ ୨–୦ରେ ପରାସ୍ତ କରି ପାରାଗୁଏ ଟେବୁଲ ଶୀର୍ଷରେ ରହିଥିଲା। ଆର୍ଜେଣ୍ଟିନା ସହ ମ୍ୟାଚ୍ ଡ୍ର ରଖିଥିବା ବେଳେ ବ୍ରାଜିଲ ବିପକ୍ଷରେ ବିଜୟ ହାସଲ


ବ୍ରାଜିଲର ପରାଜୟ ପରେ ବ୍ରୁନୋ ଗୋମ୍ସ(ବାମ)ଙ୍କୁ ସାନ୍ତ୍ୱନା ଦେଉଛନ୍ତି ଆର୍ଜେଣ୍ଟିନାର ନିକୋଲାସ ଭାଲେଣ୍ଟିନି।

କରିଥିଲା ପାରାଗୁଏ। ଏହି ଦଳରେ କେହି ତାରକା ଖେଳାଳି ନ ଥିଲେ ମଧ୍ୟ ଏହାର ପ୍ରଦର୍ଶନରେ ଫରକ ପଡ଼ି ନ ଥିଲା। ଆର୍ଜେଣ୍ଟିନା କୋଚ୍ ଜାଭିୟର ମାସ୍କେରାନୋ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣେଇଥିବା ବେଳେ ବ୍ରାଜିଲ କୋଚ୍ ରାମୋନ ମେଞ୍ଜେସ୍ ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିଲେ। ପ୍ରଥମାର୍ଦ୍ଧରେ ଆର୍ଜେଣ୍ଟିନା ଚାପ ସୃଷ୍ଟି କରିଥିଲେ ହେଁ ଗୋଲ କରିବାରେ ବିଫଳ ହୋଇଥିଲା।

୨୦ ବର୍ଷ ପରେ ପ୍ରଥମ ଥର ପାଇଁ ବ୍ରାଜିଲ ଫୁଟବଲ ଦଳ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛି। ୨୦୦୪ରେ ଶେଷ ଥର ପାଇଁ ଦଳ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲା। ୧୯୫୨ରେ ପ୍ରଥମ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ବ୍ରାଜିଲ ଦୁଇ ଥର ସ୍ୱର୍ଣ୍ଣ ପଦକ ହାସଲ କରିଛି। ୨୦୧୬ ରିଓ ଏବଂ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ସମର୍ଥ ହୋଇଥିଲା। ଏହା ବ୍ୟତୀତ ଦଳ ୩ ଥର ରୌପ୍ୟ ଓ ୨ ଥର ବ୍ରୋଞ୍ଜ ପଦକ ହାସଲରେ ସମର୍ଥ ହୋଇଛି। ସିନିୟର ବର୍ଗରେ ବିଶ୍ୱ ଚାମ୍ପିୟନ ଆର୍ଜେଣ୍ଟିନା ମଧ୍ୟ ୨ ଥର ଅଲିମ୍ପିକ୍ସ ଚାମ୍ପିୟନ ରହିଛି। ୨୦୦୪ ଏଥେନ୍ସ ଓ ୨୦୦୮ ବେଜିଂ ଅଲିମ୍ପିକ୍ସରେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ୨୦୦୮ରେ ଲିଓନେଲ ମେସି ଏହି ଦଳର ନେତୃତ୍ୱ ନେଇଥିଲେ। ଅନ୍ୟପକ୍ଷରେ ପାରାଗୁଏ ଏହାର ଦ୍ୱିତୀୟ ଅଲିମ୍ପିକ୍ସ ପଦକ ଲକ୍ଷ୍ୟରେ ରହିଛି। ଶେଷ ଥର ପାଇଁ ୨୦୦୪ରେ ଏହା ଆର୍ଜେଣ୍ଟିନା ନିକଟରୁ ପରାଜିତ ହୋଇ ରୌପ୍ୟ ପଦକ ହାସଲ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଅଲିମ୍ପିକ୍ସ ଫୁଟବଲରେ ୨୩ ବର୍ଷରୁ କମ୍ ଦଳକୁ ଖେଳିବାର ସୁଯୋଗ ମିଳିଥାଏ।

**ବିଶ୍ୱ ସନ୍ତରଣ ଚାମ୍ପିୟନଶିପ୍**

## ପାନ୍ ଝାନଲେଙ୍କ ବିଶ୍ୱ ରେକର୍ଡ

**ଦୋହା, ୧୨।୨ (ପି.ଟି.):** କାତାରର ଦୋହାରେ ଅନୁଷ୍ଠିତ ବିଶ୍ୱ ସନ୍ତରଣ ଚାମ୍ପିୟନଶିପର ପ୍ରଥମ ଦିନରେ ବିଶ୍ୱ ରେକର୍ଡ କରିଛନ୍ତି ଚାଇନାର ପାନ୍ ଝାନଲେ। ଅନେକ ଶ୍ରେଷ୍ଠ ଖେଳାଳି ଏହି ଟୁର୍ନାମେଣ୍ଟରେ ଭାଗ ନେଉ ନ ଥିବା ବେଳେ ଚାଇନାର ଯୁବ ଖେଳାଳି ପାନ୍ ଝାନଲେ ବିଶ୍ୱ ରେକର୍ଡ କରିଛନ୍ତି। ୧୦୦ ମିଟର ଫ୍ରି ଷ୍ଟାଇଲ ସନ୍ତରଣରେ ଚାଇନା ୪x୧୦୦ ମିଟର ରିଲେ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ପାନ୍ ଝାନ୍‌ଲେ ୪୬.୮୦ ସେକେଣ୍ଡର ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି। ୨୦୨୨ରେ ରୋମାନିଆର ୧୯ ବର୍ଷୀୟ ଡେଭିଡ୍ ପୋପୋଭିସି ୪୭.୧୩ ସେକେଣ୍ଡର ଟାଇମିଂ ସହ ରେକର୍ଡ ନିଜ ନାମରେ କରିଥିଲେ। ଚାଇନା ରିଲେ ଦଳ ସମୁଦାୟ ୩:୧୧.୦୮ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ନ୍ୟୁଜିଲାଣ୍ଡର ଏରିକା ଫେୟାରୱେଦର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପ୍ରଥମ ନ୍ୟୁଜିଲାଣ୍ଡ ମହିଳା ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ୩:୫୯.୪୪ ସେକେଣ୍ଡର ଟାଇମିଂ ହାସଲ କରିଥିବା ଏରିକା ଚାଇନାର ଲି ବିଙ୍ଗିଜେଙ୍କ ଠାରୁ ୨.୧୮ ସେକେଣ୍ଡ ଆଗୁଆ ରହିଥିଲେ। ପୁରୁଷ ୪୦୦ ମିଟର ଫ୍ରି ଷ୍ଟାଇଲରେ ଦକ୍ଷିଣ କୋରିଆର କିମ ଉ ମିନ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ନେଦରଲାଣ୍ଡ୍ସ ବିଜୟୀ

**ରାଉରକେଲାରେ ମହିଳା ପ୍ରୋ ଲିଗ୍ ଆରମ୍ଭ**


ଆମେରିକା ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ରାଉରକେଲା, ୧୨।୨**
**(ଦିନେଶ ମିଶ୍ର)**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ମହିଳା ହକି ପ୍ରୋ ଲିଗ୍‌ର ଏକାଦଶତମ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଛି। ଏହି ମ୍ୟାଚରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ୍ ନେଦରଲାଣ୍ଡ୍ସ ଓ ଆମେରିକା ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌କୁ ୪–୦ରେ ଜିତି ନେଇଥିଲା ନେଦରଲାଣ୍ଡ୍ସ। ନେଦରଲାଣ୍ଡ୍ସ ଆରମ୍ଭରୁ ଆକ୍ରାମକ ଖେଳ ପ୍ରଦର୍ଶନ କରି ୯ଟି ପେନାଲ୍ଟି କର୍ନର ପାଇଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ନେଦରଲାଣ୍ଡ୍ସର ଫରୱାର୍ଡ ଖେଳାଳି ମୋଇସ ଫ୍ରିକ ମ୍ୟାଚର ଦ୍ୱିତୀୟ କ୍ୱାର୍ଟରର ୧୬ ମିନିଟ୍‌ରେ ପ୍ରଥମ ଗୋଲ୍ ଦେଇଥିଲେ। ୨୧ ମିନିଟ୍ ଓ ଚତୁର୍ଥ କ୍ୱାର୍ଟର୍ସର ୫୬ ମିନିଟ୍‌ରେ ଭାନ୍ ଡର ଏଲଷ୍ଟ ଫେ ଦୁଇଟି ଗୋଲ ଦେଇଥିଲେ। ତୃତୀୟ କ୍ୱାର୍ଟରର ୩୬ ମିନିଟ୍‌ରେ ଆଲବର୍ସ ଫେଲିସ ଦଳ ପକ୍ଷରୁ ୩ୟ ଗୋଲ ଦେଇଥିଲେ। ଡବଲ୍ ଗୋଲ ଦେଇଥିବା ଭାନ୍ ଡର ଏଲଷ୍ଟ ଫେଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।

## ରାଜକୋଟରେ ପହଞ୍ଚିଲା ଇଂଲଣ୍ଡ ଦଳ

**ନୂଆଦିଲ୍ଲୀ, ୧୨।୨ (ପି.ଟି.):** ଏକ ସପ୍ତାହର ବିରତି ପରେ ଇଂଲଣ୍ଡ କ୍ରିକେଟ ଦଳ ପୁଣି ଥରେ ଭାରତରେ ପହଞ୍ଚିଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ମଝିରେ ଇଂଲଣ୍ଡ ଦଳ ଏକ ସପ୍ତାହର ବିରତି ନେଇଥିଲା। ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଆବୁଧାବି ଯାଇଥିଲେ। ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୧୫ ତାରିଖରେ ରାଜକୋଟରେ ଖେଳାଯିବ। ତେଣୁ ଇଂଲଣ୍ଡ ଦଳର ଖେଳାଳି ସୋମବାର ସନ୍ଧ୍ୟାରେ ରାଜକୋଟରେ ପହଞ୍ଚିଛନ୍ତି। ସିରିଜ ବର୍ତ୍ତମାନ ୧–୧ ସ୍ଥିତିରେ ରହିଥିବା ବେଳେ ତୃତୀୟ ମ୍ୟାଚ୍ ରାଜକୋଟରେ ଖେଳାଯିବ। ସିରିଜ ଆରମ୍ଭ ହେବା ପୂର୍ବରୁ ଇଂଲଣ୍ଡ ଆବୁଧାବିରେ ଏହାର ପ୍ରି ସିରିଜ୍ ବେସ୍ କରିଥିଲା। ହାଇଦ୍ରାବାଦରେ ମ୍ୟାଚକୁ ଇଂଲଣ୍ଡ ଜିତିଥିବା ବେଳେ ବିଶାଖାପାଟଣାରେ ଖେଳା ଯାଇଥିବା ମ୍ୟାଚରେ ଭାରତ ବିଜୟୀ ହୋଇଥିଲା। ଦ୍ୱିତୀୟ ଟେଷ୍ଟ ପରେ ୧୦ ଦିନର ବ୍ରେକ୍ ଥିବା ବେଳେ ଇଂଲଣ୍ଡ ଦଳ ଆବୁଧାବିରେ ସମୟ ବିତାଇବାକୁ ନିଷ୍ପତ୍ତି ନେଇଥିଲା। ମଙ୍ଗଳବାର ସକାଳେ ଭ୍ରମଣକାରୀ ଦଳ ଏସ୍‌ସିଏ ଷ୍ଟାଡିୟମରେ ଅଭ୍ୟାସ କରିବ। ଭାରତୀୟ ଖେଳାଳିମାନେ ସୋମବାର ଅପରାହ୍ନରୁ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛନ୍ତି।

## ଓଡ଼ିଶାର ସିଥିଲ କୁମାର ଉପସଭାପତି

**ଟେନିସ୍ ବଲ୍ କ୍ରିକେଟ୍ ମହାସଂଘ କର୍ମକର୍ତ୍ତା ନିର୍ବାଚନ**



ନିର୍ବାଚିତ ହେବାପରେ ସିଥିଲ କୁମାର ପଣ୍ଡାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

**ଭୁବନେଶ୍ୱର, ୧୨।୨ (ତପନ ସ୍ୱାଇଁ)**

ଉତ୍ତରପ୍ରଦେଶର ଗୋରଖପୁରରେ ଭାରତୀୟ ଟେନିସ୍ ବଲ୍ କ୍ରିକେଟ୍ ମହାସଂଘ (ଟିବିସିଏଫ୍ଆଇ)ର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୂତନ କର୍ମକର୍ତ୍ତାମାନେ ୨୦୨୮ ପର୍ଯ୍ୟନ୍ତ ପଦପଦବୀରେ ରହିବେ। ଅଭିନବ ନାଥ ତିୱାରୀ ମହାସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ଆସୋସିଏଶନର ମହାସଚିବ ସିଥିଲ କୁମାର ପଣ୍ଡାଙ୍କ ସମେତ ମହମ୍ମଦ ବାବର, ଦେଶରାଜ କର୍ନୱାଲ, ଗଙ୍ଗାଧରିଆ ଓ ଆର.ଡି. ପ୍ରସାଦ ଉପସଭାପତି ହୋଇଛନ୍ତି। ସେହିପରି ଇମ୍ରାନ୍ ଅହମଦ୍ ଲାରି ସାଧାରଣ ସମ୍ପାଦକ ହୋଇଥିବା ବେଳେ ଚନ୍ଦ୍ରକାନ୍ତ ଝା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମହାସଂଘରେ ୫ ଜଣ ଯୁଗ୍ମ ସମ୍ପାଦକ ଅଛନ୍ତି। ସେମାନେ ହେଲେ ପି. ଗନଭେଲ, ଲୋକେଶ ଶର୍ମା, ସନ୍ଧ୍ୟା ପାଲିକର, କମଳେଶ୍ୱର କଳିତା ଓ ଏନ୍.ରଜିନା ପଧାନ। ସଫିକ୍ ପି., ଲାଲସିନସାଙ୍ଗା ରଲ୍‌ତେ, ଅମିତା ଜି. ଥାପା, ଆର୍.ମୁନିରତ୍ନମ୍ ଓ ସୋଏବ୍ ଖାନ୍ ସଦସ୍ୟ ଅଛନ୍ତି। ଯଶବୀର ସିଂ ଓ ଜେ. ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନରେ ସମସ୍ତ ରାଜ୍ୟ ଓ ଅଂଶଗ୍ରହଣ କରୁଥିବା ସଂଘଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ଆଲୋକ ଦ୍ୱିବେଦୀ ରିଟର୍ନିଂ ଅଫିସର ଦାୟିତ୍ୱ ନିର୍ବାହ କରିଥିଲେ। 'ଟିବିସିଏଫ୍ଆଇ'ର ଉପସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ସିଥିଲଙ୍କୁ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ସଂଘର କର୍ମକର୍ତ୍ତା ଓ ରାଜ୍ୟର ବହୁ ସଂଗଠନ ଶୁଭେଚ୍ଛା ଜଣାଇଛନ୍ତି।

# ଚାଇନାଠୁ ଭାରତ ପୁଣି ହାରିଲା

**ରାଉରକେଲା, ୧୨।୨**
**(ଦିନେଶ ମିଶ୍ର)**

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ସୋମବାର ମହିଳା ହକି ପ୍ରୋ ଲିଗ୍‌ର ଦ୍ୱିତୀୟ ମ୍ୟାଚ୍ ଭାରତ ଓ ଚାଇନା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭାରତକୁ ଚାଇନା ମହିଳା ହକି ଦଳ ୨–୧ ଗୋଲରେ ପରାସ୍ତ କରିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଚରଣ ମ୍ୟାଚରେ ମଧ୍ୟ ଭାରତ ସମାନ ବ୍ୟବଧାନରେ ଚାଇନାଠାରୁ ପରାସ୍ତ ହୋଇଥିଲା। ପୂର୍ବ ପରାଜୟରୁ ଶିକ୍ଷାଲାଭ କରି ନ ପାରିବା ଭାରତ ପାଇଁ ଏଠାରେ ମହଙ୍ଗା ପଡ଼ିଥିଲା। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନ ପାରିବା ମଧ୍ୟ ଦଳକୁ କ୍ଷତି ପହଞ୍ଚାଇବାରେ ଲାଗିଛି। ଭାରତ ଦଳ ଖେଳ ଆରମ୍ଭରୁ ଆକ୍ରମକ ଖେଳ ପ୍ରଦର୍ଶନ କରି ପ୍ରଥମ କ୍ୱାର୍ଟରର ୭ ମିନିଟ୍‌ରେ ଫରୱାର୍ଡ ସଙ୍ଗୀତା କୁମାରୀଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ କରିଥିଲା। ପରେ ଭାରତ ଦଳକୁ ୫ଟି ପେନାଲ୍ଟି କର୍ଣ୍ଣର ମିଳିଥିଲେ ମଧ୍ୟ ଦଳ ଗୋଟିଏ ହେଲେ ଗୋଲରେ ପରିବର୍ତ୍ତନ କରିପାରି ନ ଥିଲା। ଚାଇନା ଦଳ ସଫଳ ପ୍ରତ୍ୟାବର୍ତ୍ତନ


ଭାରତ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

କରି ଭାରତ ଉପରେ ଚାପ ପକାଇ ଖେଳର ପ୍ରଥମ କ୍ୱାର୍ଟରର ୧୪ ମିନିଟ୍ ଓ ଶେଷ କ୍ୱାର୍ଟରର ୫୩ ମିନିଟ୍‌ରେ ଗୁ ବିଙ୍ଗଫେଙ୍ଗ୍ ୨ଟି ଗୋଲ ମାରି ଦଳକୁ ବିଜୟୀ କରାଇଥିଲେ। ଚାଇନା ଦଳକୁ ୪ଟି ପେନାଲ୍ଟି କର୍ଣ୍ଣର ମିଳିଥିବାବେଳେ ଦଳ ସେଥିରୁ ଗୋଟିଏ ପେନାଲଟି ଷ୍ଟ୍ରୋକରେ ଗୋଲ କରିପାରିଥିଲା। ଚାଇନା ପକ୍ଷରୁ ଫରୱାର୍ଡ ଖେଳାଳି ଗୁ ବିଙ୍ଗପେଙ୍ଗଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାଇନା ୫ ମ୍ୟାଚରୁ ୪ର୍ଥ ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଭାରତ ୫ ମ୍ୟାଚରୁ ମାତ୍ର ୧ ବିଜୟ ସହ ୫ମ ସ୍ଥାନରେ ରହିଛି। ଚଳିତ ସିଜନରେ ଅପରାଜେୟ ରହିଥିବା ନେଦରଲାଣ୍ଡ୍ସ ୯ ମ୍ୟାଚରୁ ୯ ବିଜୟ ସହ ୨୭ ପଏଣ୍ଟ ପାଇ ଶୀର୍ଷରେ ନିଜ ସ୍ଥାନକୁ ଦୃଢ଼ କରିଛି।

## ଫେବୃଆରୀ ୨୫ରୁ ନ୍ୟାଶନାଲ ମାରାଥନ

**ନୂଆଦିଲ୍ଲୀ, ୧୨।୨ (ପି.ଟି.):** ଆଥ୍ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ନ୍ୟୁ ଦିଲ୍ଲୀ ମାରାଥନର ୯ମ ସଂସ୍କରଣ ଫେବୃଆରୀ ୨୫ରେ ସ୍ଥାନୀୟ ଜେଏଲ୍ଏନ୍ ଷ୍ଟାଡିୟମରେ ହେବ। ପୁରୁଷ ଓ ମହିଳା ଏଲିଟ୍ ରନରମାନଙ୍କ ମଧ୍ୟରେ ଶ୍ରେଷ୍ଠ ୫ ଫିନିଶରଙ୍କ ଲାଗି ଆର୍ଥିକ ପୁରସ୍କାରର ବ୍ୟବସ୍ଥା କରାଯାଇଛି। ଉଭୟ ପୁରୁଷ ଓ ମହିଳା ମାରାଥନ ବିଜେତାଙ୍କ ଲାଗି ୧.୫ ଲକ୍ଷ ଟଙ୍କା ଲେଖାଏ ଏବଂ ଦ୍ୱିତୀୟ ସ୍ଥାନ ଫିନିଶରମାନଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିବ। ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଫିନିଶରଙ୍କ ଲାଗି ଯଥାକ୍ରମେ ୫୦,୦୦୦ ଟଙ୍କା, ୩୦,୦୦୦ ଟଙ୍କା ଓ ୩୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ରହିଛି। ସୂଚନାଯୋଗ୍ୟ, ଏହି ମାରାଥନ ଏକ ପ୍ୟାରିସ ଅଲିମ୍ପିକ୍ସ କ୍ୱାଲିଫାଇଂ ଇଭେଣ୍ଟ। ପ୍ୟାରିସ ଅଲିମ୍ପିକ୍ସ ମାରାଥନ ରେସ୍ ପାଇଁ ପୁରୁଷ ଓ ମହିଳା କ୍ୱାଲିଫାଇଂ ଟାଇମିଂ ଯଥାକ୍ରମେ ୨ ଘଣ୍ଟା ୮ ମିନିଟ ୧୦ ସେକେଣ୍ଡ ଓ ୨ ଘଣ୍ଟା ୨୬ ମିନିଟ ୫୦ ସେକେଣ୍ଡ ରଖାଯାଇଛି। କୌଣସି ଭାରତୀୟ ମାରାଥନର ଟୋକିଓ ଅଲିମ୍ପିକ୍ସରେ ଦୌଡ଼ି ନାହାନ୍ତି ଏବଂ ପ୍ୟାରିସ ଗେମ୍ସ ପାଇଁ ଏପର୍ଯ୍ୟନ୍ତ କେହି ଯୋଗ୍ୟତା ହାସଲ କରିପାରି ନାହାନ୍ତି।

# ରଣଜୀ ଟ୍ରଫି: ଉତ୍ତରାଖଣ୍ଡଠାରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୧୨।୨**
**(ତପନ ସ୍ୱାଇଁ)**

ଚଳିତ ସିଜନରେ ପ୍ରଦର୍ଶନରେ ସ୍ଥିରତାର ଅଭାବ ଓଡ଼ିଶା ରଣଜୀ ଦଳ ପାଇଁ ମହଙ୍ଗା ପଡ଼ିଛି। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର ଶେଷ ହୋଇଥିବା ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୧୬୨ ରନରେ ଉତ୍ତରାଖଣ୍ଡଠାରୁ ହାରିଯାଇଛି। ୩୭୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୧୪ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ସିଜନର ତୃତୀୟ ପରାଜୟର ସ୍ୱାଦ ଚାଖିଛି ଘରୋଇ ଦଳ। ଭଦୋଦରାରେ ବରୋଦାଠାରୁ ୧୪୭ ରନରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଇନ୍ଦୋରରେ ଅନୁଷ୍ଠିତ ପରବର୍ତ୍ତୀ ମ୍ୟାଚକୁ ମଧ୍ୟପ୍ରଦେଶ ସହ ଡ୍ର ରଖିଥିଲା। ତେବେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଡ୍ରିମ୍ସରେ ଅନୁଷ୍ଠିତ ତୃତୀୟ ମ୍ୟାଚରେ ଜମ୍ମୁ-କଶ୍ମୀରଠାରୁ ଦଳ ୨ ଉଇକେଟରେ ପରାଜିତ ହୋଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ସେହି ଗ୍ରାଉଣ୍ଡରେ ଖେଳିଥିବା ୪ର୍ଥ ମ୍ୟାଚରେ ପ୍ରତିପକ୍ଷ ହିମାଚଳ ପ୍ରଦେଶକୁ ୨୩୮ ରନରେ ହରାଇ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା ଓଡ଼ିଶା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପୁଡୁଚେରୀ ବିପକ୍ଷ ୫ମ ମ୍ୟାଚକୁ ଦଳ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଓଡ଼ିଶା ଦଳ ୬ ମ୍ୟାଚରୁ ୧ ବିଜୟ, ୩ ପରାଜୟ ଓ ୨ ଡ୍ର ସହ ୧୨ ପଏଣ୍ଟ ପାଇ ୮ ଦଳ ବିଶିଷ୍ଟ ଗ୍ରୁପରେ ୭ମ ସ୍ଥାନରେ ରହିଛି। ଓଡ଼ିଶା ଏହାର ଶେଷ ଲିଗ୍ ମ୍ୟାଚ ଦିଲ୍ଲୀ ବିପକ୍ଷରେ ଚଳିତ ମାସ ୧୬ ତାରିଖରୁ ଅରୁଣ


ଦୀପକ ଧପୋଲାଙ୍କୁ ମ୍ୟାଚ ରେଫରି ଅଜୟ ନନ୍ଦଭର କୁଦୁଆ ପୁରସ୍କୃତ କରୁଛନ୍ତି।

ଜେଟଲି ଷ୍ଟାଡିୟମରେ ଖେଳିବ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୧୭/୨ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସରେ ମୋଟ ୨୧୪ ରନକରି ଅଲ୍ଆଉଟ ହୋଇଯାଇଥିଲା। ଶୁଭ୍ରାଂଶୁ ସେନାପତି ସର୍ବାଧିକ ୬୧ ଓ ଦେବବ୍ରତ ପ୍ରଧାନ ୩୭ ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟର ଉତ୍ତରାଖଣ୍ଡ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ବିପକ୍ଷ ବୋଲରଙ୍କ ମଧ୍ୟରେ ଦୀପକ ଧପୋଲା ଚମତ୍କାର ବୋଲିଂ କରି ୭୪ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ମୟଙ୍କ ମିଶ୍ର ଓ ସ୍ୱପ୍ନିଲ ସିଂ ୨ଟି ଲେଖାଏ ଏବଂ କୁନାଲ ଚାଣ୍ଡେଲା ଗୋଟିଏ ଉଇକେଟ ନେଇଥିଲେ। ଧପୋଲା ପ୍ରଥମ ଇନିଂସରେ ମଧ୍ୟ ୩ଟି ଉଇକେଟ ନେଇଥିଲେ। ତେଣୁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୩୪୨। ଓଡ଼ିଶା ପ୍ରଥମ ଇନିଂସ: ୧୬୯। ଉତ୍ତରାଖଣ୍ଡ ଦ୍ୱିତୀୟ ଇନିଂସ: ୨୦୩/୮(ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୧୪/ଅଲ୍ଆଉଟ (ଶୁଭ୍ରାଂଶୁ ସେନାପତି–୬୧, ଦେବବ୍ରତ ପ୍ରଧାନ–୩୭, ଦୀପକ ଧପୋଲା–୩/୭୪, ମୟଙ୍କ ମିଶ୍ର–୨/୨୮, ସ୍ୱପ୍ନିଲ ସିଂ–୨/୨୮, କୁନାଲ ଚାଣ୍ଡେଲା–୧/୮)।

## ଟପ୍ ୧୦୦ରେ ନାଗାଲ

**ନୂଆଦିଲ୍ଲୀ, ୧୨।୨ (ପି.ଟି.):** ଭାରତର ଅଗ୍ରଣୀ ଟେନିସ ଖେଳାଳି ସୁମିତ ନାଗାଲ ସୋମବାର ସଦ୍ୟ ପ୍ରକାଶିତ ଏଟିପି ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ ତାଲିକାରେ ୨୩ ସ୍ଥାନ ପଦୋନ୍ନତି ସହ ଟପ୍ ୧୦୦ରେ ପ୍ରବେଶ କରିଛନ୍ତି। ରବିବାର ଚେନ୍ନାଇ ଓପନ ଜିତିବା ପରେ ନାଗାଲ ର୍‍ୟାଙ୍କିଙ୍ଗ ତାଲିକାରେ ୯୮ତମ ସ୍ଥାନ ଅଧିକାର କରିଛନ୍ତି। ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ତାଲିକାର ନମ୍ବର ୱାନ ସ୍ଥାନରେ ଅଛନ୍ତି। ଗତ ମାସରେ ନାଗାଲ ୩୫ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ଭାବେ ଏକ ଗ୍ରାଣ୍ଡସ୍ଲାମର ପ୍ରଥମ ରାଉଣ୍ଡଠାରେ କାଜାଖସ୍ତାନର ତଥା ବିଶ୍ୱର ୨୭ ନମ୍ବର ଆଲେକ୍‌ଜାଣ୍ଡର ବବ୍‌ଲିକ୍‌ଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ହାରିଯାଇଥିଲେ।

No.C-
No.7056 Dt.09.02.24

**BHUBANESWAR MUNICIPAL CORPORATION**

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

**Bid Reference No. BMC-EE-DD-34/2023-24 dtd.09.02.24**

On behalf of the Commissioner, Bhubaneswar Municipal Corporation, **Superintending Engineer,** Bhubaneswar Municipal Corporation invites **Percentage Rate Bids for the work mentioned in the DTCN** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid / Price Bid / BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN.

1. Total No. of works for which tenders invited: **4 Nos.**
2. Place of Execution: Different locations in Bhubaneswar Municipal Corporation area.
3. Estimated cost of individual work: **Rs.59,80,844/- to Rs.82,40,426/-.**
4. Class of contractor: **'B' Class**
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in **12.02.2024 to 5.00 P.M. on Dt.26.02.2024** for online bidding.
6. Last date & time of bidding online: **Dt.26.02.2024 at 5 P.M.**
7. The technical bid received online will be opened at **11.00 A.M. on Dt.27.02.2024.**
8. Any corrigendum will be displayed in the website https://www.tendersodisha.gov.in.

**By order of Commissioner, BMC**
**Sd./- Superintending Engineer**
**Bhubaneswar Municipal Corporation**

OIPR-13002/11/0274/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କାହ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୫.୧%

ନୂଆଦିଲ୍ଲୀ,୧୨।୨

କ୍ରମାଗତ ଭାବେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ପାଉଛି। ଏପରିକି ୨୦୨୪ ଜାନୁଆରୀରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ହ୍ରାସ ହୋଇ ୫.୧% ହୋଇଛି। ୨୦୨୩ ଡିସେମ୍ବରରେ ଏହି ହାର ୫.୬୯% ଥିଲା ବୋଲି ସୋମବାର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ୨୦୨୪ ଜାନୁଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୮.୩୦% ହୋଇଥିଲାବେଳେ ୨୦୨୩ ଡିସେମ୍ବରରେ ଏହାର ହାର ୯.୫୩% ଥିଲା। ତେବେ ଦରଦାମରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ, ୨୦୨୩ ଡିସେମ୍ବର ତୁଳନାରେ ୨୦୨୪ ଜାନୁଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ହାରରେ ମଧ୍ୟ ସାମାନ୍ୟ ହ୍ରାସ ପାଇଛି। ଅପରପକ୍ଷରେ ମନ୍ତ୍ରଣାଳୟ



ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ ମହଙ୍ଗା ସ୍ଥିତିରେ ଯଦିଓ ସାମାନ୍ୟ ହ୍ରାସ ହୋଇଥିଲେ ସୁଦ୍ଧା ପନିପରିବା ଦରବୃଦ୍ଧି ବର୍ତ୍ତମାନ ସମୟରେ ଚିନ୍ତାର କାରଣ ପାଲଟିଛି। ସେହିପରି ଶାଗ ଓ ପନିପରିବା ଆଦିର ଦର ୨୫%ରୁ ଅଧିକ ରହିଛି। ଏପରିକି ଡାଲିର ଦର ପ୍ରାୟ ୨୦% ରହିଛି। ୨୦୨୩ ଡିସେମ୍ବର ତୁଳନାରେ ଚଳିତ ବର୍ଷ ଜାନୁଆରୀରେ ଡାଲିର ମୁଦ୍ରାସ୍ଫୀତି ହାର ସାମାନ୍ୟ ହ୍ରାସ ଘଟିଛି। ୨୦୨୩ ଡିସେମ୍ବରରେ ଏହାର ହାର ୨୦.୭୩% ଥିଲାବେଳେ ୨୦୨୪ ଜାନୁଆରୀରେ ଡାଲିର ମୁଦ୍ରାସ୍ଫୀତି ହାର ୧୯.୫୪%କୁ ଖସି ଆସିଛି। ବିଶେଷ କରି ପନିପରିବାର ମୁଦ୍ରାସ୍ଫୀତି ହାରରେ ମଧ୍ୟ ସାମାନ୍ୟ ହ୍ରାସ ଘଟିଛି। ୨୦୨୩ ଡିସେମ୍ବରରେ ଏହାର ପରିମାଣ ୨୭.୬୪% ଥିଲା। ଡିସେମ୍ବର ତୁଳନାରେ ଜାନୁଆରୀରେ ଏହାର ହାର ସାମାନ୍ୟ ହ୍ରାସ ହୋଇ ୨୭.୦୩%କୁ ଖସି ଆସିଛି।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜାନୁଆରୀରେ ଶସ୍ୟ ଏବଂ ଆନୁଷଙ୍ଗିକ ଦ୍ରବ୍ୟର ମୁଦ୍ରାସ୍ଫୀତି ହାର ମଧ୍ୟ ହ୍ରାସ ହୋଇ ୭.୮୩% ରହିଛି, ୨୦୨୩ ଡିସେମ୍ବରରେ ଏହାର ହାର ୯.୯୩% ଥିଲା। ୨୦୨୪ ଜାନୁଆରୀରେ ଫଳର ମୁଦ୍ରାସ୍ଫୀତି ହାର ମଧ୍ୟ ହ୍ରାସ ପାଇ ୮.୬୫% ହୋଇଛି, ୨୦୨୩ ଡିସେମ୍ବରରେ ଏହାର ହାର ୧୧.୧୪% ଥିଲା।

ସୂଚନାଯୋଗ୍ୟ, ଦେଶର ଖୁଚୁରା ମୁଦ୍ରାସ୍ଫୀତି ୫% କୁ ଖସି ଆସିଛି। ବର୍ତ୍ତମାନ ଏହି ହାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଟଲରାନ୍ସ ବଣ୍ଡ୍ ମଧ୍ୟରେ ଅଛି କିନ୍ତୁ ଆରବିଆଇର ଲକ୍ଷ୍ୟ ୪%କୁ ଆଣିବା ।

## ଖସିଲା ଶେୟାର ବଜାର

ନୂଆଦିଲ୍ଲୀ,୧୨।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୫୨୩ (୫୨୩.୦୦) ପଏଣ୍ଟ କମି ୭୧,୦୭୨(୭୧,୦୭୨.୪୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୬ (୧୬୬.୪୫) ପଏଣ୍ଟ ହ୍ରାସ ଘଟି ୨୧, ୬୧୬(୨୧,୬୧୬.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ଘଟିଛି।

## ପୂର୍ବ ଭାରତ ବଜାରରେ ଭି ଗାର୍ଡର ନୂତନ ଉତ୍ପାଦ




ଭୁବନେଶ୍ୱର, ୧୨।୨ (ଅଭୟ ଦାଶ)

ଭି ଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ ବା ଭି ଗାର୍ଡ ଇଣ୍ଡିଆର ନୂତନ ଉତ୍ପାଦ 'ଇନସାଇଟ-ଜି' ବର୍ଗର ପ୍ରିମିୟମ ଏବଂ ସ୍ଲିମ ବିଏଲଡିଏସି ଫାନସଗୁଡିକୁ ପୂର୍ବ ଭାରତ ବଜାରରେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ କୋଲକାତାଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ ଡିଲର୍ସ ଏବଂ ଡିଷ୍ଟ୍ରିବ୍ୟୁଟରମାନେ ମଧ୍ୟ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଇନସାଇଟ-ଜି ବର୍ଗର ପ୍ରିମିୟମ ଏବଂ ସ୍ଲିମ ବିଏଲଡିଏସ ୧୨ଟି ଭାରିଆଣ୍ଟ ସହ ଆକର୍ଷଣୀୟ କଲର (ରଙ୍ଗ)ରେ ଉପଲବ୍ଧ ଥିଲାବେଳେ ୫ ଷ୍ଟାର ରେଟିଂ ଏବଂ ୫ ବର୍ଷର ବିଶେଷ ୱାରେଣ୍ଟି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଭି ଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡର ନିର୍ଦ୍ଦେଶକ ତଥା ସିଓଓ ରାମଚନ୍ଦ୍ରନ ଭି କହିଛନ୍ତି ଆମେ ସର୍ବଦା ଗ୍ରାହକଙ୍କ ଚାହିଦା ପୂରଣ ସହିତ ବଜାର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥାଉ। ଏପରିକି ଗୁଣାତ୍ମକ ଉତ୍ପାଦ ପ୍ରସ୍ତୁତ (ନିର୍ମାଣ) କରିବା ସହିତ ଗ୍ରାହକଙ୍କ ନିକଟତର ହେବା ସହିତ ଷ୍ଟେଟ ଅଫ ଦି ଆର୍ଟ ବର୍ଗରେ ଉତ୍ପାଦ ନିର୍ମାଣ କରିଥାଉ। ବିଶେଷ କରି ହରିଦ୍ୱାରାର ରୁରିକି କାରଖାନାରୁ ବିଶେଷ ଭାବେ ଏହି ନୂତନ ଉତ୍ପାଦଗୁଡିକୁ ଗୁଣାତ୍ମକମାନ ଓ ବର୍ଗରେ ପ୍ରସ୍ତୁତ କରାଯାଇଛି।

## ଆଇଓବିର ୮୮ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୧୨।୨

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ୮୮ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଓବିର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏକ ୱାକାଥନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆଇଓବି ବ୍ରହ୍ମପୁର କ୍ଷେତ୍ରର ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ମନୀଷ କୁମାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ସେହିଭଳି ବ୍ୟାଙ୍କର ପ୍ରତିଷ୍ଠା ଉପଲକ୍ଷେ ରକ୍ତଦାନ ଶିବିର, ବୃକ୍ଷରୋପଣ ଏବଂ ୱାକାଥନ୍ ଭଳି କାର୍ଯ୍ୟକ୍ରମର ଆୟୋଜନ ୮୮ତମ ପ୍ରତିଷ୍ଠା ଦିବସ ଅବସରରେ 'ବେଟି ବଞ୍ଚାଅ ବେଟି ପଢ଼ାଅ' ଏବଂ 'ପିଢ଼ିକୁ ସଂଯୋଗ କରୁଥିବା ପ୍ରିଫର୍ଡ ବ୍ୟାଙ୍କ' ଶୀର୍ଷକ ବିଷୟ ଉପରେ ଏହି ୱାକାଥନ୍ ଆୟୋଜନ କରାଯାଇଥିଲା ବୋଲି କହିଥିଲେ। ବ୍ୟାଙ୍କର ବିକାଶ ପାଇଁ ସେ ଗ୍ରାହକମାନଙ୍କ ସହଯୋଗ କାମନା କରିଥିଲେ। ସାରା ଦେଶରେ କରାଯାଇଥିଲା ବୋଲି ମନୀଷ କୁମାର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏଥିସହିତ ସେ ଆଇଓବିର ସମସ୍ତ ଗ୍ରାହକଙ୍କୁ ସେମାନଙ୍କର ସାହାଯ୍ୟ, ସହଯୋଗ ଓ ଭଲ ପାଇବା ପାଇଁ ଧନ୍ୟବାଦ ଜଣାଇଥିଲେ। ସେହିପରି ଆଇଓବିର ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ବେହେରା

## ରବି କିଶନ ଶ୍ୟାମ ଷ୍ଟିଲ୍‌ର ବ୍ରାଣ୍ଡ୍ ଆମ୍ବାସାଡର




ଭୁବନେଶ୍ୱର,୧୨।୨

ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ତଥା ଟିଏମ୍‌ଟି ବାରସର ଉତ୍ପାଦକ ଏବଂ ନିର୍ମାତା 'ଶ୍ୟାମ ଷ୍ଟିଲ୍' (ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜ) ପକ୍ଷରୁ ଜଣାଶୁଣା ଭାରତୀୟ ଅଭିନେତା, ରାଜନେତା ଏବଂ ଚଳଚ୍ଚିତ୍ର ନିର୍ମାତା ରବି କିଶନଙ୍କୁ କମ୍ପାନୀର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ବିଶେଷକରି କମ୍ପାନୀର ବିହାର, ଝାଡଖଣ୍ଡ ଏବଂ ଉତ୍ତରପ୍ରଦେଶ ଭଳି ବଜାରରେ ବ୍ରାଣ୍ଡର ପ୍ରଚାର ପ୍ରସାର ସହିତ ବିଭିନ୍ନ ବର୍ଗର ଉତ୍ପାଦଗୁଡିକୁ ଟିଭିସି ଜରିଆରେ ଗ୍ରାହକଙ୍କ ପାଖରେ ପହଞ୍ଚାଇବାରେ ରବି କିଶନ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଇଛି। ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜର ନିର୍ଦ୍ଦେଶକ ଲଳିତ ବେରିୱାଲା କହିଛନ୍ତି, ଆମେ ରବି କିଶନଙ୍କ ଭଳି ଲୋକପ୍ରିୟ ଏବଂ ବ୍ୟକ୍ତିତ୍ୱଙ୍କ ସହ ଯୋଡି ହୋଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ରବି କିଶନଙ୍କୁ ଶ୍ୟାମ ଷ୍ଟିଲ ପରିବାରକୁ ସ୍ୱାଗତ କରି ଆନନ୍ଦିତ ଥିଲାବେଳେ ସେ ଆମ ଉତ୍ପାଦର ପ୍ରସାର ଓ ପ୍ରଚାର ସହିତ କମ୍ପାନୀର ଉତ୍ପାଦଗୁଡିକୁ ଗ୍ରାହକଙ୍କ ନିକଟତର କରାଇବାରେ କିଶନ ବେଶ୍ ସହାୟକ ହେବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NEW DUPLEX SALE**
Ready to move new 4BHK duplex with Garage near Patia RTO Office, Nandanbihar Land- 1600 sqft, Construction- 2830 sqft, Fixed Price- 1.25Crore
7978450312
9439585947

**ADMISSION OPEN**
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ଜନ୍ମଦିନ ଶୁଭେଚ୍ଛା**



ମଣ୍ଟି ମିଲନ୍ ବିଶ୍ୱାଳ (କାହ୍ନା)
ଷୋଡ଼ଶ ବର୍ଷ ପୂର୍ତ୍ତି ଅବସରରେ ତୋତେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ଜଗତଜନନୀ ମା' ଦୁର୍ଗା ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭାଶୀର୍ବାଦ ସହ: ଅଦ୍ୱୈତ ଚରଣ ବିଶ୍ୱାଳ (ଜେଜେ), ଗୋମତୀ ବିଶ୍ୱାଳ (ଜେଜୀ), ବାପା, ମମି, ବଙ୍ଗଲୋ ବାପା, ଛୋଟମମି, ଓକିଲ ବାପା, କୁନି ମମି ଓ ନେହା, ରିଙ୍କି, ଗୋଲ୍‌ଲି, କୁନୁଦିଦିମାନେ ତଥା ଭଣଜା ମୁନୁର ପ୍ରଣାମ ।
ଧ-୬୭୪୩୩

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଇଆଇଟି ଭୁବନେଶ୍ୱର ସହ ଟାଟା ଷ୍ଟିଲ୍‌ର ବୁଝାମଣା

ଭୁବନେଶ୍ୱର,୧୨।୨

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ବା ଆଇଆଇଟି ଭୁବନେଶ୍ୱର ଏବଂ ଟାଟା ଷ୍ଟିଲ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ନବସୃଜନ, ଗବେଷଣା ଓ ଉଦ୍ୟମିତାକୁ ସୁଦୃଢ଼ କରିବା ଲାଗି ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟମିତା ପାର୍କ ସହିତ ଟାଟା ଷ୍ଟିଲ୍‌ର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଏମ୍‌ଓୟୁ ଅଧୀନରେ ଟାଟା ଷ୍ଟିଲ୍ ଏବଂ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସ୍ଥାପନ କରାଯାଇଥିବା କମ୍ପାନୀ, ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟମିତା ପାର୍କ ପରସ୍ପର ସହ ହାତ ମିଳାଇ ମାଟେରିଆଲ୍‌ସ ପ୍ରୋସେସିଂ ଓ ମଡେଲିଂ, ଶକ୍ତି ଏବଂ ପରିବେଶ ସହିତ ଲୋ କାର୍ବନ ଇସ୍ପାତ ଉତ୍ପାଦନ ଓ ସର୍କୁଲାର ଇକୋନମି ଭଳି ବିଭିନ୍ନ କ୍ଷେତ୍ରରେ ସହଭାଗିତା ଅନ୍ୱେଷଣ କରିବେ। ଉଲ୍ଲେଖଯୋଗ୍ୟ, ଆଇଆଇଟି ଭୁବନେଶ୍ୱରଠାରେ ଅନୁଷ୍ଠିତ ୧୦୦-କ୍ୟୁବ୍ ଷ୍ଟାର୍ଟଅପ୍ କନ୍‌କ୍ଲେଭ୍ ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍‌ର ଏମ୍‌ଡି ତଥା ସିଇଓ ଟି. ଭି. ନରେନ୍ଦ୍ରନ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ତଥା ଗବେଷଣା ଏବଂ ଉଦ୍ୟମିତା ପାର୍କର ଅଧ୍ୟକ୍ଷ ପ୍ରଫେସର ଶ୍ରୀପଦ କର୍ମାଲକରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଏମ୍‌ଡି ତଥା ସିଇଓ ଟି. ଭି. ନରେନ୍ଦ୍ରନ କହିଛନ୍ତି,ଦୀର୍ଘସ୍ଥାୟୀ ଇସ୍ପାତ ପ୍ରସ୍ତୁତି ଓ ଉନ୍ନତ କଞ୍ଚାମାଲ ପାଇଁ ମିଳିତ ଭାବେ ସମାଧାନ ସୃଷ୍ଟି କରିବା ଲାଗି ଆମେ କାମ କରୁଥିବା ବେଳେ ଏହି ଏମ୍‌ଓୟୁ ଆଇଆଇଟି ଭୁବନେଶ୍ୱର ସହିତ ଆମ ସହଯୋଗିତାକୁ ସୁଦୃଢ଼ କରିଛି।


# Classified Everyday

0674-2580101, 2549949



REAL ESTATE

SALE

Book 3BHK, 4BHK premium flat at Saubhagya Nagar, Near Khimji & Narula Sweets, Bhubaneswar. Handover Aug.24. Contact: 9439716901. D-75520

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ଫୁଟ ରାସ୍ତାକୁ ଲାଗି 400-800sqft.ରେ ଜାଗା ବିକ୍ରି ହେଉଛି। 8249693292. D-75200

**କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ SUM-2 (Hospital) ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429.** D-75906

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493




Newly open SPA positively health benefits with relax and refresh with good therapist. 8328803811. D-76101

Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

"Only Ayurvedic body massage & Steam-Bath. 9861550765". D-2495

**Newly open SPA positively health benefits with expert therapist. 9090400507.** D-75198

Newly open SPA positively health benefits with expert therapist. 9040286886. D-75199

Herbal full body massage by smart/expert therapist. Contact- 9124139069. D-75706

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**
By virtue of an affidavit made before the Executive Magistrate, I hitherto known as JAYAPRAKASH MOHANTY S/o Pradeep Kumar Mohanty, resident of Flat No.- 206, Krishna Arcade, Bajrakabati Road, Cuttack -753001, Odisha have changed my name and shall here after be known as JAY PRAKASH MOHANTY for all future purposes. D-2515

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ବାଇଧର ସାହୁ
ଆବିର୍ଭାବ: ୨୨।୦୪।୧୯୩୬
ତିରୋଧାନ: ୧୩।୦୨।୨୦୧୭
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୬୭୬୯୭


## ଗ୍ରୀନ୍ କନ୍‌କ୍ଲେଭ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୨

ଏସିଆନ୍-ଆଫ୍ରିକାନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଏସିସିଆଇ) ଫାଉଣ୍ଡେଶନର ଓଡ଼ିଶା ଚାପ୍ଟର ପକ୍ଷରୁ ଏକ ୩ ଦିନିଆ ଅନ୍ତର୍ଜାତୀୟ ବ୍ୟବସାୟିକ ସମ୍ମିଳନୀ ଏବଂ ଏକ୍ସପୋ 'ଗ୍ରୀନ କନ୍‌କ୍ଲେଭ-୨୦୨୪' ସୋମବାର ଭୁବନେଶ୍ୱରସ୍ଥିତ ମେ ଫେୟାର ଲାଗୁନ୍ ବାଟିକାଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଇଥିଓପିଆର ଆମ୍ବାସାଡର ଦେମେକେ ଆଟ୍‌ନାଫୁ ଆମ୍ବୁଲୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅମର ପଟ୍ଟନାୟକ, ଏମ୍‌ଏସ୍‌ଏମ୍‌ଇର ଯୁଗ୍ମ ନିର୍ଦ୍ଦେଶକ ପବନ କୁମାର ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରପକ୍ଷରେ କେନିଆର ବୋର୍ଡ ଅଫ୍ ଚେୟାରମ୍ୟାନ୍ ଜେମ୍‌ସ ମ୍ୟୁରୁ ସମ୍ମାନିତ ଅତିଥି ଏବଂ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏସିସିଆଇ ଓଡ଼ିଶାର ସଭାପତି ଡ. ଲିତା ମହାପାତ୍ର, ଏଏସିସିଆଇ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଜି ଡି ସିଂ, ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ବିଭାଗୀୟ ପ୍ରମୁଖ ସଚିବ ହେମନ୍ତ ଶର୍ମା, ଷ୍ଟାର୍ଟ ଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଓମ୍‌କାର ରାଏ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ସମ୍ମିଳନୀ ୨୦୨୪ ଫେବୃଆରୀ ୧୪ ପର୍ଯ୍ୟନ୍ତ ମେ ଫେୟାର ଲାଗୁନ୍ ବାଟିକା ଠାରେ ଜାରି ରହିବ।

# ପରୀକ୍ଷା ଥିଲେ...

**ପିଲା ଯଦି ପରୀକ୍ଷା ପାଇଁ ଚାପରେ ରହୁଥାଏ ତେବେ ଅଭିଭାବକମାନେ ସେମାନଙ୍କୁ କିଭଳି ପସ୍ତ କରିବେ ଜାଣିରଖନ୍ତୁ**



- ପିଲାଙ୍କ ପରୀକ୍ଷା ଚିନ୍ତାକୁ କମ୍ କରିବା ପାଇଁ ହେଲେ ସେମାନଙ୍କ ଲାଇଫଷ୍ଟାଇଲ୍ ଯେପରି ପ୍ରଭାବିତ ନ ହେବ ସେଥିପ୍ରତି ଦୃଷ୍ଟିଦିଅନ୍ତୁ। ଅର୍ଥାତ୍ ସେମାନଙ୍କ ଖିଆପିଆ ଓ ଶୋଇବା ଆଦି ବିଭିନ୍ନ ଦିଗ ପ୍ରତି ଅଭିଭାବକମାନେ ଯତ୍ନଶୀଳ ହେବା ଦରକାର। ପରୀକ୍ଷା ସମୟରେ ପିଲାଙ୍କୁ ଘର ଖାଦ୍ୟ ଦିଅନ୍ତୁ। ସେମାନଙ୍କ ଶରୀର ସୁସ୍ଥ ରହିବା ଫଳରେ ମନ ଉପରେ ପ୍ରଭାବ ପଡ଼େ।
- ପାଠପଢ଼ା ସହ ପିଲାଙ୍କୁ କିଛି ସମୟ ମେଡିଟେଶନ କରିବାକୁ କୁହନ୍ତୁ। ଅଳ୍ପ କିଛି ସମୟ ହେଲେ ବି ଏହାଦ୍ୱାରା ମନ ସ୍ଥିର ରହିଥାଏ। ତେଣୁ ପିଲା ଯାହା ପଢ଼ିଥିବେ ସେସବୁ ମନେ ରହିବ।
- ପରୀକ୍ଷା ସମୟରେ ପିଲାମାନେ ଭଲ ନିଦରେ ହିଁ ଶୋଇବା ଦରକାର। ନଚେତ୍ ବହୁ ସମସ୍ୟା ଦେଖା ଦେଇପାରେ। ଦୀର୍ଘଦିନ ଧରି କମ୍ ନିଦରେ ଶୋଇଲେ ପିଲାଙ୍କର ଏକାଗ୍ରତାରେ ସମସ୍ୟା ଦେଖାଦେବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ହୋଇପାରେ। ତେଣୁ ପିଲାଙ୍କୁ ଟାଇମ୍ ମ୍ୟାନେଜମେଣ୍ଟ ବିଷୟରେ ଶିକ୍ଷାଦେବା ଦରକାର। ଫଳରେ ସେମାନେ ପାଠ ପଢ଼ିବା ସହ ଅନ୍ୟ ସବୁ ଦିଗକୁ ମଧ୍ୟ ଦୃଷ୍ଟି ଦେଇପାରିବେ।
- ସବୁଠୁ ବଡ଼ କଥା ହେଉଛି ପିଲାଙ୍କୁ ପରୀକ୍ଷାରେ ଭଲ ନମ୍ବର ରଖିବା ନିମନ୍ତେ ଅଭିଭାବକମାନେ ଆଦୌ ଚାପ ପକାନ୍ତୁ ନାହିଁ। ଏହା ବ୍ୟତୀତ ଅନ୍ୟ ପିଲାଙ୍କ ସହ ତୁଳନା କରି ପରୋକ୍ଷରେ ଚାପ ସୃଷ୍ଟି କରନ୍ତୁ ନାହିଁ।

# ରିଚାର୍ଜ.. ରିଷ୍ଟାର୍ଟ..

**ଏକ ମଧୁର ପ୍ରେମର ଡୋରିରେ ବନ୍ଧା ପତିପତ୍ନୀଙ୍କ ସମ୍ପର୍କ ହେଲେ ବେଳେବେଳେ କେଉଁ ମୁହୂର୍ତ୍ତରେ ହୁଏତ ଦୁର୍ବଳ ହେବାକୁ ଲାଗେ ଏହି ସମ୍ପର୍କ। କିନ୍ତୁ ଛିଡ଼ିଯିବା ପୂର୍ବରୁ ସମ୍ପର୍କର ଡୋରିକୁ ପୁଣି ଥରେ ଯୋଡ଼ିବାକୁ ହେଲେ ସମ୍ପର୍କକୁ କରିନେବାକୁ ହେବ ରିଚାର୍ଜ। ଆଉ ଏହି ମନ୍ତ୍ର ହିଁ ଦାମ୍ପତ୍ୟର ମଧୁରତାକୁ କରିବ ରିଷ୍ଟାର୍ଟ....**



ଅନେକଦିନର ସମ୍ପର୍କରେ ବେଳେବେଳେ ରାଗ ରୁଷା ମାନ ଅଭିମାନ ଏଭଳିଭାବେ ଘର କରି ନେଇଥାଏ ଯେ ଧୀରେ ଧୀରେ ତାହା ଏକ ଦୂରତା ସୃଷ୍ଟିକରି ଦେଇଥାଏ। ଏହି ଦୂରତାକୁ ନିବିଡ଼ତାରେ ପରିଣତ କରିବାକୁ ହେଲେ ପୁଣି ଥରେ ସମ୍ପର୍କକୁ ରିଚାର୍ଜ କରିବାକୁ ହେବ। ଆଉ ଏଇ ରିଚାର୍ଜ କରିବାର ଫର୍ମୁଲା ଜାଣିନେଲେ ପୁଣି ଥରେ ଜୀବନରେ ଭରିଯିବ ମଧୁରତା। ଦାମ୍ପତ୍ୟରେ ମନୋମାଳିନ୍ୟ କିମ୍ବା କଳିଝଗଡ଼ା କିଛି ନୂଆ କଥା ନୁହେଁ। ସମସ୍ତଙ୍କ ଜୀବନରେ ଏମିତି ଅନୁଭବ ତ ନିଶ୍ଚୟ ରହିଥିବ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ। ବରଂ ଏହା ବି ପୁଣି ଥରେ ସମ୍ପର୍କକୁ ନିବିଡ଼ କରିବା ପାଇଁ ରିଚାର୍ଜ ଭଳି କାମ କରିବ। ଜୀବନରେ ଏମିତି ଅନେକ କିଛି ପଦକ୍ଷେପ ଅଛି ଯାହା ସମ୍ପର୍କକୁ ରିଚାର୍ଜ କରିବାରେ ଢେର୍ ସହାୟକ ହୋଇଥାଏ।

**ପୁରୁଣା ଦିନକୁ ମନେପକାନ୍ତୁ:** ସମ୍ପର୍କ ଗଢ଼ାହେବାର ପ୍ରଥମ ଦିନଗୁଡ଼ିକୁ ମନେପକାଇବା ହିଁ ଏକ ରିଚାର୍ଜ କରିବା ଭଳି। ସେ ଦିନସବୁର ରୋମାଞ୍ଚ ଆଉ ମଧୁର ସ୍ମୃତି କେତେ ମଧୁର ତାହା ନିଶ୍ଚିତଭାବେ କେହି ବି ଭୁଲି ନ ଥିବେ। ତେଣୁ ପୁରୁଣା ଦିନର ମୁହୂର୍ତ୍ତ ଓ ସେତେବେଳର କିଛି କଥା ସବୁକୁ ନେଇ ସାଥୀଙ୍କ ସହ ଆଲୋଚନା କରନ୍ତୁ। ପରସ୍ପର ଏସବୁକୁ ମନେପକାଇବା ଫଳରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ମଧୁର ହୋଇପାରିବ।

**ମନ ବୁଝି କାମ:** ମନ ବୁଝି କେହି କିଛି କାମ କଲେ ତାହା ତ ସମସ୍ତଙ୍କୁ ଭଲ ଲାଗେ। ତେଣୁ ସାଥୀଙ୍କୁ ମଧ୍ୟ ଏମିତି କିଛି କାମ ନିଶ୍ଚୟ ଭଲ ଲାଗିବ। ସେ ଚାହିଁବା ଅନୁସାରେ ନିଜକୁ କିଛିଟା ସକାରାତ୍ମକ ପରିବର୍ତ୍ତନ କରିବା କିମ୍ବା ତାଙ୍କ ମନ ଅନୁସାରେ କିଛି କାମ କରିବା ପାଇଁ ପ୍ରତ୍ୟେକେ ଚେଷ୍ଟା କରିବା ଦରକାର। ଅବଶ୍ୟ ଭଲ ବୁଝାମଣା ଥିଲେ ଏମିତି ଅନେକ କିଛି କରିବା ପାଇଁ ପ୍ରେରଣା ଆସିବ, ଯାହା ଉଭୟଙ୍କୁ ଅଧିକ ନିବିଡ଼ କରିପାରିବ।

**ଏକାଠି କିଛି ସମୟ:** ବର୍ତ୍ତମାନର ବ୍ୟସ୍ତ ଲାଇଫଷ୍ଟାଇଲ୍ ଭିତରେ ସମୟ ବାହାରକରିବା ସମସ୍ତଙ୍କ ପାଇଁ ଅତ୍ୟନ୍ତ କଷ୍ଟକର। କିନ୍ତୁ ପତିପତ୍ନୀ ପରସ୍ପର ମଧ୍ୟରେ ଟାଇମ୍ ମ୍ୟାନେଜମେଣ୍ଟ କରିବା ଦରକାର। ଅର୍ଥାତ୍ ସମୟ ବାହାର ନ କରି କିଛି କାମ ପରସ୍ପର ଏକାଠି କରିଲେ ବହୁ ସମସ୍ୟା ସମାଧାନ ହୋଇଥାଏ। କୌଣସି କାମ ଅଟକି ନ ଥାଏ, କିନ୍ତୁ ପରସ୍ପର ସହ ସମୟ ବିତେଇବାର ବି ସୁଯୋଗ ମିଳିଯାଏ। ଏଥିପାଇଁ ନିଜେ ହିଁ ବିଭିନ୍ନ ଉପାୟ ଖୋଜି ବାହାର କରିପାରିବେ।

**ପରିବାର ଲୋକଙ୍କୁ ଗୁରୁତ୍ୱ :** ସାଂସାରିକ ଜୀବନରେ ପରିବାରର ଗୁରୁତ୍ୱ ବହୁତ। ତେଣୁ ପରିବାରର ସମସ୍ତଙ୍କ ପାଇଁ ନିଜ କର୍ତ୍ତବ୍ୟ କରିବାକୁ ଭୁଲନ୍ତୁ ନାହିଁ। ପରିବାର ଲୋକଙ୍କ ପାଇଁ ଭଲପାଇବା ଦେଖିଲେ ସାଥୀ ଜଣକ ଆପେ ଆପେ ହୃଦୟରୁ ଆପଣଙ୍କୁ ଗ୍ରହଣ କରିପାରିବେ। ଆଉ ଭଲପାଇବା ବି ବହୁ ଅଧିକ ହୋଇପାରିବ। ବେଳେବେଳେ ପରିବାର ଲୋକଙ୍କ ବିଷୟରେ ସାଥୀଙ୍କ ସହ କଥା ହୁଅନ୍ତୁ। ସେମାନଙ୍କ ପାଇଁ କିଛି ନୂଆ ଚିନ୍ତା କରି ସାଥୀଙ୍କ ପରାମର୍ଶ ନିଅନ୍ତୁ।

**ଥ୍ରି ସି ଫର୍ମୁଲା:** ଦାମ୍ପତ୍ୟର ପ୍ରେମକୁ ରିଚାର୍ଜ କରିବାକୁ ହେଲେ ତିନୋଟି କଥା ବା ଥ୍ରି ସି ଫର୍ମୁଲାକୁ ନିଶ୍ଚୟ ଗୁରୁତ୍ୱ ଦେବାକୁ ହେବ। ଏହା ହେଉଛି କମିଟ୍‌ମେଣ୍ଟ, କମ୍ପ୍ରୋମାଇଜ୍, କମ୍ୟୁନିକେଶନ। ଅର୍ଥାତ୍ ସାଥୀଙ୍କ ପ୍ରତି ସବୁବେଳେ ବିଶ୍ୱସ୍ତ ରହିବା ସହ କେତେକ କ୍ଷେତ୍ରରେ ନିଜକୁ ଆଡଜଷ୍ଟ କରି ଆଗେଇ ନେବା ଏବଂ ସବୁ ପରିସ୍ଥିତିରେ ଯୋଗାଯୋଗ ରଖିବାକୁ ହେବ। ବାସ୍ତବିକ ଜୀବନରେ ଏସବୁ ସୂତ୍ରକୁ କାର୍ଯ୍ୟରେ ଲଗାଇପାରିଲେ ଦାମ୍ପତ୍ୟର ମଧୁରତା ପ୍ରତ୍ୟେକଙ୍କ ଜୀବନରେ ଖୁସି ଭରିଦେବ।

**ସରପ୍ରାଇଜ୍ ଗିଫ୍ଟ:** ପରସ୍ପରର ଆବଶ୍ୟକତା ପୂରଣ ପାଇଁ ତ ପତିପତ୍ନୀ ସବୁବେଳେ ଚେଷ୍ଟା କରନ୍ତି, ମାତ୍ର କେବେକେବେ କୌଣସି ଜିନିଷ ଉପହାର ଦେବାକୁ ଚେଷ୍ଟା କରନ୍ତୁ। ହୁଏତ ଉପହାର ତାଙ୍କର ଏକ ଆବଶ୍ୟକତା ହୋଇପାରେ। ମାତ୍ର ତାହାକୁ ହଠାତ୍ ଉପହାର ଭଳି ଦେଲେ ସାଥୀଙ୍କୁ ବେଶ୍ ଖୁସି ଲାଗିବ। ଏହା ମଧ୍ୟ ଟିକେ ସ୍ୱତନ୍ତ୍ର ଅନୁଭବ ଆଣିପାରିବ ଆଉ ପରସ୍ପର ମଧ୍ୟରେ ଭଲପାଇବା ବଢ଼ିବ। ତେଣୁ କୌଣସି ଉତ୍ସବ ଥାଉ କି ନ ଥାଉ ସାଥୀଙ୍କୁ କିଛି ସରପ୍ରାଇଜ୍ ଗିଫ୍ଟ ଦେଇ ମନର ଭାବନାକୁ ତାଜା କରନ୍ତୁ।

**ଛୋଟ ନୁହେଁ :** ବେଳେବେଳେ ଜୀବନର ଅନେକ କିଛି ଛୋଟ ଛୋଟ କଥା ବି ବହୁ ଗୁରୁତ୍ୱ ରଖେ। ସମ୍ପର୍କକୁ ନିବିଡ଼ କରିବା ପାଇଁ ଏସବୁ ଦିଗକୁ ଦୃଷ୍ଟି ଦେବାକୁ ହେବ। କାହିଁକିନା ଛୋଟ କଥା ବା କାମଟିଏ ହୃଦୟର ଭାବନାକୁ ଆନ୍ଦୋଳିତ କରିଥାଏ। କେବେ କେବେ ସାଥୀଙ୍କ ପାଇଁ କିଛି ଭଲ ଖାଦ୍ୟ ରୋଷେଇ କରିଦେଲେ ତାଙ୍କୁ ବହୁତ ଭଲ ଲାଗିବ। ରୋଷେଇ ହୋଇଥିବା ଖାଦ୍ୟ ହୁଏତ ତାଙ୍କ ପାଇଁ ନୂଆ ହୋଇ ନ ଥାଇପାରେ। ମାତ୍ର ତାହା ତାଙ୍କୁ ଅଧିକ ଖୁସି ଦେଇପାରିବ। ଏଥିରେ ଆପଣଙ୍କ ସମର୍ପଣ ଭାବକୁ ମଧ୍ୟ ସେ ବୁଝିପାରିବେ। ଠିକ୍ ଏଇଭଳି କେବେକେବେ ଭଲ ପୋଷାକ ପିନ୍ଧିବା, ବିଭିନ୍ନ ଶୃଙ୍ଗାରରେ ନିଜକୁ ସଜେଇବା, ଭଲ ମନରେ କେବେ ପରିହାସପୂର୍ଣ୍ଣ ମଜା କଥା କହିବା, କେଉଁ ସ୍ଥାନକୁ ବୁଲେଇବାକୁ ନେବା, କବିତା ପଢ଼ିବା, ଗୀତ ଗାଇବା ଏମିତି କିଛି କାମ ବି ଦାମ୍ପତ୍ୟ ଜୀବନକୁ ପ୍ରେମଭରା କରିବା ପାଇଁ ରିଚାର୍ଜ ଭଳି କାମ ଦେଇଥାଏ। ଜୀବନରେ ଏମିତି କେଉଁ ସବୁ କଥାର ଅଧିକ ଭଲ ପ୍ରଭାବ ପଡ଼ିବ ସେକଥା ପ୍ରାୟ ସମସ୍ତେ ନିଶ୍ଚୟ ଅନୁଭବ କରିପାରିଥିବେ। ସେହି ଅନୁସାରେ ଟିକିଏ ପ୍ରୟାସ କଲେ ଦାମ୍ପତ୍ୟ ପ୍ରେମ ବେଶ୍ ତାଜା ହୋଇ ଉଠିବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# କାର୍ ଦୁର୍ଘଟଣାରେ ମାରାଥନ ଧାବକଙ୍କ ମୃତ୍ୟୁ



କେଲଭିନ୍ କିପ୍‌ଟମ୍

**ନାଇରୋବି, ୧୨।୨ (ଏପି)** ମାରାଥନ ବିଶ୍ୱ ରେକର୍ଡ ହାସଲକାରୀ କେଲଭିନ୍ କିପ୍‌ଟମ୍‌ଙ୍କର ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଚଳିତବର୍ଷ ହେବାକୁଥିବା ପ୍ୟାରିସ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ପାଇଁ ସେ ମୁଖ୍ୟ ଦାବିଦାର ଥିଲେ। ଅନେକେ ତାଙ୍କୁ ଭବିଷ୍ୟତର ଜଣେ ଲଙ୍ଗ ଡିଷ୍ଟାନ୍ସ ରନିଂ ସୁପରଷ୍ଟାର ବୋଲି କହିଥାନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। କିପଟମ୍ ନିଜେ ଗାଡ଼ି ଚଳାଉଥିଲେ। ଗାଡ଼ିଟି ସଡ଼କରୁ ଏକ ଗର୍ତ୍ତକୁ ଖସିପଡ଼ିବା ସହ ଏକ ଗଛରେ ଯାଇ ପିଟି ହୋଇଥିଲା ବୋଲି ପୋଲିସ କହିଛି। ୨୪ ବର୍ଷୀୟ କିପ୍‌ଟମ୍ ଏକ ଏଲିଟ ମାରାଥନରେ ତୃତୀୟ ପଦାର୍ପଣରେ ବିଶ୍ୱରେକର୍ଡ ଭାଙ୍ଗି ଦେଇଥିଲେ। ଗତ ବର୍ଷ ସିକାଗୋ ମାରାଥନରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଥିଲେ। କେନିଆରେ ଧାବକମାନଙ୍କୁ ସୁପରଷ୍ଟାର ବିବେଚନା କରାଯାଇଥାଏ। ତେଣୁ କିପ୍‌ଟମଙ୍କ ମୃତ୍ୟୁରେ ଦେଶରେ ଶୋକର ଛାୟା ଖେଳିଯାଇଛି। କେନିଆ ରାଷ୍ଟ୍ରପତି ୱିଲିୟମ ରୁଟୋ ଶୋକ ପ୍ରକାଶ କରିଛନ୍ତି। କିପ୍‌ଟମ ଆମର ଭବିଷ୍ୟତ ଥିଲେ ବୋଲି ସେ କହିଛନ୍ତି। କେନିଆ ପଶ୍ଚିମାଞ୍ଚଳ ସହର କାପ୍‌ସାବେଟ୍ ସହର ଉପକଣ୍ଠରେ ଏହି ଦୁର୍ଘଟଣା ଘଟିଥିଲା। ସମୁଦ୍ରପତ୍ତନଠାରୁ ବହୁ ଉଚ୍ଚରେ ଅବସ୍ଥିତ ଏହି ଅଞ୍ଚଳରେ କେନିଆ ଓ ସମଗ୍ର ବିଶ୍ୱର ଶ୍ରେଷ୍ଠ ମାରାଥନ ଧାବକମାନଙ୍କର ଅନ୍ୟତମ ଶ୍ରେଷ୍ଠ ତାଲିମ କେନ୍ଦ୍ର। କିପ୍‌ଟମ ଏହି ଅଞ୍ଚଳରେ ଜନ୍ମଗ୍ରହଣ କରିବାସହ ବାଲ୍ୟକାଳ ବିତାଇଛନ୍ତି। ଏହି ଦୁର୍ଘଟଣାରେ ତାଙ୍କ ବ୍ୟତୀତ ରୱାଣ୍ଡାନ କୋଚ୍ ଜର୍ଭେସ ହାକିଜିମାନାଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଦୁର୍ଘଟଣାଗ୍ରସ୍ତ କାର୍‌ରେ ରହିଥିବା ଅନ୍ୟ ଜଣେ ୨୪ ବର୍ଷୀୟା ମହିଳା ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କିପଟମ୍ ପ୍ରଥମ ବ୍ୟକ୍ତି ଭାବେ ୨ଘଣ୍ଟା ୧ ମିନିଟ୍‌ରୁ କମ୍ ସମୟରେ ମାରାଥନ ରେସ୍ ଶେଷ କରିଛନ୍ତି। ଅକ୍ଟୋବରରେ ଚିକାଗୋରେ ୨:୦୦.୩୫ ଟାଇମିଂରେ ସେ ନିଜ ଦେଶ କେନିଆର ମହାନ ମାରାଥନ ଧାବକ ଏଲିଉଡ୍ କିପ୍‌ଚୋଗେଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ପ୍ୟାରିସ ମାରାଥନ ସ୍ୱର୍ଣ୍ଣ ପାଇଁ ମୁଖ୍ୟତଃ କିପ୍‌ଟମ ଓ କିପଚୋଗେଙ୍କ ମଧ୍ୟରେ ଲଢେଇ ହେବ ବୋଲି ଆଶା କରାଯାଉଥିଲା।


ଲୋକେଶ ରାହୁଲ

# ତୃତୀୟ ଟେଷ୍ଟରୁ ଓହରିଲେ ରାହୁଲ

**ରାଜକୋଟ,୧୨।୨(ପି.ଟି.)** ଭାରତୀୟ ଦଳର ସିନିୟର ଖେଳାଳି ଲୋକେଶ ରାହୁଲ ତୃତୀୟ ଟେଷ୍ଟରୁ ଓହରି ଯାଇଛନ୍ତି। ବିଶାଖାପାଟଣାରେ ଆହତ ହୋଇଥିବା ରାହୁଲ ଫିଟ୍ ହେବାରେ ଅସମର୍ଥ ହେବାରୁ ସୋମବାର ଦେବଦତ୍ତ ପଡିକଲଙ୍କୁ ତାଙ୍କର ବଦଳ ଖେଳାଳି ଘୋଷଣା କରାଯାଇଛି। ରଣଜୀ ଟ୍ରଫିରେ ଚମତ୍କାର ପ୍ରଦର୍ଶନ ଆଧାରରେ ପଡିକଲଙ୍କୁ ଦଳରେ ସାମିଲ କରାଯାଇଛି। ତୃତୀୟ ଟେଷ୍ଟ ପାଇଁ ଉଭୟ ରବୀନ୍ଦ୍ର ଜାଡେଜା ଓ ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରାଯାଇଥିଲା। ତେବେ ଉଭୟ ଖେଳାଳିଙ୍କ ପାଇଁ ସବଜେକ୍ଟ ଟୁ ଫିଟନେସ ଟାର୍ଗେଟ ରହିଥିଲା। ଜାଡେଜା ଫିଟ୍ ହୋଇ ଦଳ ସହ ଯୋଗଦେଇଥିବା ବେଳେ ରାହୁଲ ଏଯାଏ ଫେରି ନାହାନ୍ତି। ଅନ୍ୟପକ୍ଷରେ ଚଳିତ ରଣଜୀ ସିଜନରେ ଚମତ୍କାର ଫର୍ମରେ ରହିଛନ୍ତି ଦେବଦତ୍ତ ପଡିକଲ। ୨୩ ବର୍ଷୀୟ ପଡିକଲ ରଣଜୀ ଟ୍ରଫିରେ ୧୫୧ ରନ୍ ସ୍କୋର କରିଥିଲେ। ଚୟନ କମିଟି ଅଧ୍ୟକ୍ଷ ଅଜିତ୍ ଅଗରକର ଏହି ମ୍ୟାଚ୍‌ରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ପଞ୍ଜାବ ବିପକ୍ଷରେ ୧୯୩ ଓ ଗୋଆ ବିପକ୍ଷରେ ୧୦୩ ରନ୍‌ର ଇନିଂସ ଖେଳିଥିଲେ। କେବଳ ରଣଜୀ ଟ୍ରଫି ନୁହେଁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ମ୍ୟାଚ୍‌ରେ ୧୦୫, ୬୫ ଓ ୨୧ରନ୍ ସ୍କୋର କରିଥିଲେ। ତେବେ ରାହୁଲ ତୃତୀୟ ମ୍ୟାଚ୍‌ରୁ ବାଦ ପଡିଥିବା ବେଳେ ବିସିସିଆଇର ମେଡିକାଲ ଟିମ୍ କିପରି ତାଙ୍କୁ କ୍ଲିୟରାନ୍ସ ଦେଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।





